

ବ୍ରେକ୍‌ଅପ୍ ଗୁଜବ
▶ଭିତର ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-339 ♦BHUBANESWAR ♦WEDNESDAY ♦5 JUNE 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୩୩୯ ♦ଭୁବନେଶ୍ୱର ♦ବୁଧବାର ♦୫ ଜୁନ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


# ଅପ୍ରତ୍ୟାଶିତ ଜନାଦେଶ

## ଏନ୍‌ଡିଏକୁ ବହୁମତ; ସରକାର ଗଢ଼ିବାକୁ 'ଇଣ୍ଡିଆ' ମେଣ୍ଟର କସରତ

■ **ନୂଆଦିଲ୍ଲୀ, ୪।୬ (ଏଜେନ୍ସି):** ୨୦୨୪ ଲୋକସଭା ନିର୍ବାଚନ ଫଳାଫଳକୁ ନେଇ ରହିଥିବା ଦୀର୍ଘ ପ୍ରତୀକ୍ଷାର ଅନ୍ତ ହୋଇଛି। ମଙ୍ଗଳବାର ଅଣ ଆନୁଷ୍ଠାନିକ ଭାବେ ମିଳିଥିବା ଫଳାଫଳ ଅନୁସାରେ ବିଜେପି ନେତୃତ୍ୱ ଏନଡିଏ ମେଣ୍ଟକୁ ବହୁମତ ମିଳିଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ବିଜେପି ଏକାକୀ ୨୪୧ ଆସନରେ ବିଜୟଲାଭ ପଥରେ ଅଗ୍ରସର ରହିଥିଲା ବେଳେ ଏହାର ବହୁ ସହଯୋଗୀ ଦଳ ମଧ୍ୟ ଅନ୍ୟୁନ ୫୦ଟି ଆସନରେ ଅଗ୍ରଣୀ ରହି ବିଜୟ ହାସଲ କରିବାକୁ ଯାଉଛନ୍ତି। ଫଳରେ ଏନଡିଏ ମେଣ୍ଟକୁ ୨୯୨ ଆସନ ମିଳିବା ନିଶ୍ଚିତ ହୋଇଛି। ଅନ୍ୟପକ୍ଷରେ କଂଗ୍ରେସ ନେତୃତ୍ୱ ଇଣ୍ଡିଆ ମେଣ୍ଟକୁ ମଧ୍ୟ ୨୦୧୯ ନିର୍ବାଚନ ତୁଳନାରେ ଯଥେଷ୍ଟ ସଫଳତା ମିଳିଛି। ୨୦୧୯ ନିର୍ବାଚନରେ କଂଗ୍ରେସ ମାତ୍ର ୫୨ ଆସନରେ ବିଜୟୀ ହୋଇଥିଲା ବେଳେ ଚଳିତ ନିର୍ବାଚନରେ ୯୮ ଆସନରେ ବିଜୟୀ ହେବା ନିଶ୍ଚିତ ହୋଇଛି। ସେହିପରି ଇଣ୍ଡିଆ ମେଣ୍ଟକୁ ୨୩୩ ଆସନ ମିଳିବାକୁ ଯାଉଛି। ଏଭଳି ସ୍ଥିତି ଦୁଇ ବୃହତ ଦଳ ଶାସକ ବିଜେପି ଏବଂ ବିରୋଧୀ କଂଗ୍ରେସ ପାଇଁ ଅପ୍ରତ୍ୟାଶିତ ଫଳାଫଳ ଦେଇଛି। ୨୦୧୪ ଏବଂ ୨୦୧୯ରେ କେନ୍ଦ୍ରରେ ସରକାର ଗଠନ ପାଇଁ ଏକକ ସଂଖ୍ୟା ଗରିଷ୍ଠତା ହାସଲ କରିଥିବା ବିଜେପି ନିର୍ବାଚନ ପୂର୍ବରୁ '୪୦୦ ପାର୍' ନାରା ଦେଇଥିଲେ ହେଁ ୨୫୦ ଟପିବାକୁ ସମର୍ଥ ହୋଇ ନାହିଁ। ଏପରିକି ବିଜେପି ଏନଡିଏ ମେଣ୍ଟରେ ରହିଥିବା ନିଜ ସହଯୋଗୀ ଦଳ ସହିତ ମଧ୍ୟ ୩୦୦ ଆସନ ପାର୍ କରିପାରି ନାହିଁ। କିନ୍ତୁ ବିରୋଧୀ ଇଣ୍ଡିଆ ମେଣ୍ଟରେ କଂଗ୍ରେସ ଓ ଏହାର ସହଯୋଗୀ ଦଳ ପୂର୍ବ ନିର୍ବାଚନ ତୁଳନାରେ ଅପ୍ରତ୍ୟାଶିତ ସଫଳତା ହାସଲ କରିଛନ୍ତି। କଂଗ୍ରେସ ଏକାକୀ ୧୦୦ ଆସନ ପାଖାପାଖି ଜିତିବାକୁ ସମର୍ଥ ହୋଇଥିଲା ବେଳେ ଇଣ୍ଡିଆ ମେଣ୍ଟର ଆସନ ସଂଖ୍ୟା ୨୩୦ ଟପିଛି। ଫଳରେ ବିଗତ ଦୁଇଟି ପର୍ଯ୍ୟାୟରେ କେନ୍ଦ୍ରରେ କ୍ଷମତାସୀନ ରହିଥିବା ବିଜେପି ପାଇଁ ଏଥର ବିରୋଧୀ ଇଣ୍ଡିଆ ମେଣ୍ଟ ବଡ଼ ଆହ୍ୱାନ ସୃଷ୍ଟି କରିଛି। ବିଜେପିର ଗଡ଼ କୁହାଯାଉଥିବା ଉତ୍ତର ଭାରତର କିଛି ରାଜ୍ୟରେ ଦଳକୁ ବଡ଼ ଝଟକା ଲାଗିଛି। ▶ପୃଷ୍ଠା-୯

| ମୋଟ ଆସନ |
| --- |
| ୫୪୩ |
| **ଏନ୍‌ଡିଏ** |
| ୨୯୨ |
| **ଇଣ୍ଡିଆ** |
| ୨୩୩ |
| **ଅନ୍ୟାନ୍ୟ** |
| ୧୮ |



"ଏହା ବୃହତ ଗଣତନ୍ତ୍ରର ବିଜୟ। ଦେଶବାସୀଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରିବା ପାଇଁ ବିଜେପି ସବୁ ପ୍ରକାର ଉଦ୍ୟମ କରିବ। ସଂଖ୍ୟା ଗରିଷ୍ଠତା ହାସଲ ପାଇଁ ଓଡ଼ିଶାବାସୀଙ୍କୁ ଧନ୍ୟବାଦ। ଉତ୍ତମ ପ୍ରଶାସନ ଏବଂ ଓଡ଼ିଶାର ଅଭିନବ ସଂସ୍କୃତି ପାଇଁ ଏହା ଏକ ଐତିହାସିକ ବିଜୟ। କଠିନ ପରିଶ୍ରମ କରିଥିବା ଆମର ସମସ୍ତ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ନେଇ ମୁଁ ଗର୍ବିତ।" ନିର୍ବାଚନ ଫଳ ଘୋଷଣା ପରେ ନିଜ ସୋସିଆଲ୍ ମିଡିଆ ଆକାଉଣ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା କହିଛନ୍ତି।

## ରାଜ୍ୟରେ ବିଜେପିକୁ ବହୁମତ

**ବିଜେପି-୭୮, ବିଜେଡି-୫୧**
**କଂଗ୍ରେସ-୧୪, ସିପିଏମ୍-୧**
**ସ୍ୱାଧୀନ ପ୍ରାର୍ଥୀ-୩**

■ **ଭୁବନେଶ୍ୱର, ୪।୬ (ସମିସ):** ଅପ୍ରତ୍ୟାଶିତ ଭାବେ ଉଭୟ ବିଧାନସଭା ଏବଂ ଲୋକସଭା ନିର୍ବାଚନରେ ଚମକପ୍ରଦ ପ୍ରଦର୍ଶନ କରିଛି ରାଜ୍ୟ ବିଜେପି। ବିଧାନସଭାରେ ବିଜେପି ଏକାକୀ ସରକାର ଗଠନ ନିମନ୍ତେ ଆବଶ୍ୟକ ସଂଖ୍ୟା ଗରିଷ୍ଠତା ହାସଲ କରିଛି। ୧୪୭ ବିଧାନସଭା ଆସନରୁ ବିଜେପି ୭୮ ଓ ବିଜେଡି ୫୧ ଆସନରେ ବିଜୟଲାଭ କରିଛି। କଂଗ୍ରେସ ୧୪ଟି ଆସନ ଦଖଲ କରିଥିବାବେଳେ ୩ଟି ଆସନରେ ସ୍ୱାଧୀନ ଓ ଗୋଟିଏ ଆସନରେ ସିପିଆଇ(ଏମ୍) ବିଜୟୀ ହୋଇଛି। ବିଧାନସଭାରେ ବହୁମତ ହାସଲ କରିବାକୁ ୭୪ଟି ଆସନ ଆବଶ୍ୟକ ହେଉଥିବା ବେଳେ ବିଜେପି ୭୮ ଆସନ ଦଖଲ କରିଥିବାରୁ ରାଜ୍ୟରେ ସରକାର ଗଠନ କରିବାକୁ ▶ପୃଷ୍ଠା-୯

### ଏକ ସ୍ୱର୍ଣ୍ଣିମ ଯୁଗର ଅବସାନ

## ସାମାଜିକ ଗଣମାଧ୍ୟମରେ ନବୀନଙ୍କୁ ଝୁରିଲେ ଜନତା

■ **ଭୁବନେଶ୍ୱର, ୪।୬ (ସମିସ):** ଦୀର୍ଘ ୨୪ ବର୍ଷ ଧରି ନବୀନ ବାବୁଙ୍କ ନେତୃତ୍ୱରେ ଓଡ଼ିଶା ସ୍ୱର୍ଣ୍ଣିମ ଅଧ୍ୟାୟ ରଚିଲା। ଅଢ଼େଇ ଦଶନ୍ଧି ତଳେ ଓଡ଼ିଶା କେଉଁଠି ଥିଲା ଆଉ ଆଜି କେଉଁଠି ଅଛି ତାହା ସମସ୍ତେ ଦେଖିପାରୁଛନ୍ତି। ଆଜି ଏକ ଯୁଗର ଅବସାନ ଘଟିଛି। ଓଡ଼ିଶା ନିର୍ବାଚନର ଫଳାଫଳ ଆସିବା ପରେ ଅନେକ ▶ପୃଷ୍ଠା-୯



### ବିଜୟୀ ପ୍ରାର୍ଥୀଙ୍କୁ ଶୁଭେଚ୍ଛା

"ଦଳମତ ନିର୍ବିଶେଷରେ ସମସ୍ତ ବିଜୟୀ ପ୍ରାର୍ଥୀଙ୍କୁ ମୋର ଶୁଭେଚ୍ଛା। ବିଜୁ ଜନତା ଦଳର ସମସ୍ତ କର୍ମୀ ଓ ନେତାଙ୍କ ନିଷ୍ଠାପର ଉଦ୍ୟମ ଓ ତ୍ୟାଗ ପ୍ରତି ମୋର ସମ୍ମାନ ଏବଂ ଧନ୍ୟବାଦ ଜଣାଉଛି।" ଆଜି ନିର୍ବାଚନ ଫଳାଫଳ ଆସିବା ପରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ନିଜ ପ୍ରତିକ୍ରିୟାରେ ଏହା ଜଣାଇଛନ୍ତି।




# କେଉଁଠି କାହାକୁ କେତେ ଭୋଟ୍

## ଲୋକସଭା ଆସନ | ବିଧାନସଭା ଆସନ

### ବଲାଙ୍ଗୀର

ବିଜେତା: ସଙ୍ଗୀତା ସିଂଦେଓ — ଭୋଟ୍: ୬୧୭୭୪୪
ନିକଟତମ ପ୍ରତିଦ୍ୱନ୍ଦ୍ୱୀ: ସୁରେନ୍ଦ୍ର ସିଂ ଭୋଇ — ଭୋଟ୍: ୪୮୫୦୮୦
ମୋଟ୍ ଭୋଟର ୧୭୮୧୧୬୪
(ଅଘୋଷିତ)

ଲୋକସଭା ଆସନ: ବଲାଙ୍ଗୀର — ବିଧାନସଭା ଆସନ: ବୀରମହାରାଜପୁର, ସୋନପୁର, ଲୋଇସିଂହା, ପାଟନାଗଡ଼, ବଲାଙ୍ଗୀର, ଟିଟିଲାଗଡ଼, କଣ୍ଟାବାଞ୍ଜି — ଦ୍ୱିତୀୟ ପର୍ଯ୍ୟାୟ ମେ ୨୦

| ବିଧାନସଭା ଆସନ | ବିଜେତା | ଭୋଟ୍ | ନିକଟତମ ପ୍ରତିଦ୍ୱନ୍ଦ୍ୱୀ | ଭୋଟ୍ |
|---|---|---|---|---|
| ବୀରମହାରାଜପୁର | ରଘୁନାଥ ଜଗଦଲା | ୮୫୬୮୦ | ପଦ୍ମନାଭ ବେହେରା | ୬୩୭୩୪ |
| ସୋନପୁର | ନିରଞ୍ଜନ ପୂଜାରୀ | ୯୮୨୦୨ | ପ୍ରମୋଦ ମହାରଥୀ | ୮୨୯୬୩ |
| ଲୋଇସିଂହା | ମୁକେଶ ମହାଲିଙ୍ଗ | ୮୩୩୯୩ | ନୀହାର ରଞ୍ଜନ ବେହେରା | ୬୫୧୨୩ |
| ପାଟଣାଗଡ଼ | କନକବର୍ଦ୍ଧନ ସିଂଦେଓ | ୯୩୮୨୩ | ସରୋଜ କୁମାର ମେହେର | ୯୨୪୬୬ |
| ବଲାଙ୍ଗିର | କଳିକେଶ ସିଂଦେଓ | ୮୫୨୭୫ | ସମରେନ୍ଦ୍ର ମିଶ୍ର | ୭୨୮୫୬ |
| ଟିଟିଲାଗଡ଼ | ନବୀନ କୁମାର ଜୈନ | ୯୬୮୫୪ | ଟୁକୁନି ସାହୁ | ୮୦୪୫୫ |
| କଣ୍ଟାବାଞ୍ଜି | ଲକ୍ଷ୍ମଣ ବାଗ | ୯୦୮୭୬ | ନବୀନ ପଟ୍ଟନାୟକ | ୭୪୫୩୨ |

### କନ୍ଧମାଳ

ବିଜେତା: ସୁକାନ୍ତ ପାଣିଗ୍ରାହୀ — ଭୋଟ୍: ୪୧୬୪୧୫
ନିକଟତମ ପ୍ରତିଦ୍ୱନ୍ଦ୍ୱୀ: ଅଚ୍ୟୁତାନନ୍ଦ ସାମନ୍ତ — ଭୋଟ୍: ୩୯୫୦୪୪
ମୋଟ୍ ଭୋଟର ୧୩୨୬୮୬୫

ଲୋକସଭା ଆସନ: କନ୍ଧମାଳ — ବିଧାନସଭା ଆସନ: ବାଲିଗୁଡ଼ା, ଘୁ. ଉଦୟଗିରି, ଫୁଲବାଣୀ, କନ୍ଧମାଳ, ବୌଦ୍ଧ, ଦଶପଲ୍ଲା, ଭଞ୍ଜନଗର — ଦ୍ୱିତୀୟ ପର୍ଯ୍ୟାୟ ମେ ୨୦

| ବିଧାନସଭା ଆସନ | ବିଜେତା | ଭୋଟ୍ | ନିକଟତମ ପ୍ରତିଦ୍ୱନ୍ଦ୍ୱୀ | ଭୋଟ୍ |
|---|---|---|---|---|
| ବାଲିଗୁଡ଼ା | ଚକ୍ରମଣି କହଁର | ୪୩୫୮୬ | ଉପେନ୍ଦ୍ର ପ୍ରଧାନ | ୪୧୯୧୫ |
| ଘୁ.ଉଦୟଗିରି | ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ | ୫୩୫୩୦ | ମାନଗୋବିନ୍ଦ ପ୍ରଧାନ | ୪୫୬୭୩ |
| ଫୁଲବାଣୀ | ଉମା ଚରଣ ମଲ୍ଲିକ | ୫୩୯୦୦ | ଜୟଶ୍ରୀ କହଁର | ୫୨୦୪୨ |
| କନ୍ଧମାଳ | କନ୍ହେଇ ଚରଣ ଡାଙ୍ଗ | ୬୮୩୫୬ | ମହୀଧର ରଣା | ୬୨୨୦୭ |
| ବୌଦ୍ଧ | ସରୋଜ କୁମାର ପ୍ରଧାନ | ୬୨୪୯୪ | ପ୍ରଦୀପ କୁମାର ଅମାତ | ୫୯୭୨୯ |
| ଦଶପଲ୍ଲା | ରମେଶ ଚନ୍ଦ୍ର ବେହେରା | ୬୨୦୩୯ | ରାଘବ ମଲ୍ଲିକ | ୫୫୬୪୩ |
| ଭଞ୍ଜନଗର | ପ୍ରଦ୍ୟୁମ୍ନ କୁମାର ନାୟକ | ୮୩୮୨୨ | ବିକ୍ରମ କେଶରୀ ଆରୁଖ | ୬୭୪୯୮ |

### କେନ୍ଦୁଝର

ବିଜେତା: ଅନନ୍ତ ନାୟକ — ଭୋଟ୍: ୫୭୩୯୨୩
ନିକଟତମ ପ୍ରତିଦ୍ୱନ୍ଦ୍ୱୀ: ଧନୁର୍ଜୟ ସିଦୁ — ଭୋଟ୍: ୪୭୬୮୮୧
ମୋଟ୍ ଭୋଟର ୧୫୬୯୫୨୯

ଲୋକସଭା ଆସନ: କେନ୍ଦୁଝର — ବିଧାନସଭା ଆସନ: ତେଲକୋଇ, ଘସିପୁରା, ଆନନ୍ଦପୁର, ପାଟଣା, କେନ୍ଦୁଝର, ଚମ୍ପୁଆ, କରଞ୍ଜିଆ — ତୃତୀୟ ପର୍ଯ୍ୟାୟ ମେ ୨୫

| ବିଧାନସଭା ଆସନ | ବିଜେତା | ଭୋଟ୍ | ନିକଟତମ ପ୍ରତିଦ୍ୱନ୍ଦ୍ୱୀ | ଭୋଟ୍ |
|---|---|---|---|---|
| ତେଲକୋଇ | ଡ. ଫକୀରମୋହନ ନାୟକ | ୮୩୮୧୮ | ମାଧବ ସର୍ଦ୍ଦାର | ୭୪୩୭୯ |
| ଘସିପୁରା | ବଦ୍ରିନାରାୟଣ ପାତ୍ର | ୮୨୫୧୬ | ସୌମ୍ୟରଞ୍ଜନ ପଟ୍ଟନାୟକ | ୬୮୭୦୫ |
| ଆନନ୍ଦପୁର | ଅଭିମନ୍ୟୁ ସେଠୀ | ୭୧୬୫୧ | ଜୟଦେବ ଜେନା | ୬୦୬୮୫ |
| ପାଟଣା | ଅଖିଳ ଚନ୍ଦ୍ର ନାଏକ | ୯୭୦୪୧ | ଜଗନ୍ନାଥ ନାଏକ | ୫୯୦୬୨ |
| କେନ୍ଦୁଝର | ମୋହନ ମାଝୀ | ୮୭୮୧୫ | ମୀନା ମାଝୀ | ୭୬୨୩୮ |
| ଚମ୍ପୁଆ | ସନାତନ ମହାକୁଡ଼ | ୧୦୩୧୨୦ | ମୁରଲୀ ମନୋହର ଶର୍ମା | ୬୩୧୨୬ |
| କରଞ୍ଜିଆ | ପଦ୍ମଚରଣ ହାଇବ୍ରୁ | ୬୫୩୫୭ | ବାସନ୍ତୀ ହେମ୍ବ୍ରମ | ୩୫୮୫୮ |

### ଢେଙ୍କାନାଳ

ବିଜେତା: ରୁଦ୍ରନାରାୟଣ ପାଣି — ଭୋଟ୍: ୫୯୮୭୨୧
ନିକଟତମ ପ୍ରତିଦ୍ୱନ୍ଦ୍ୱୀ: ଅବିନାଶ ସାମଲ — ଭୋଟ୍: ୫୨୨୧୫୪
ମୋଟ୍ ଭୋଟର ୧୫୦୭୫୮୯

ଲୋକସଭା ଆସନ: ଢେଙ୍କାନାଳ — ବିଧାନସଭା ଆସନ: ଢେଙ୍କାନାଳ, ହିନ୍ଦୋଳ, କାମାକ୍ଷାନଗର, ପରଜଙ୍ଗ, ପାଲଲହଡ଼ା, ତାଳଚେର, ଅନୁଗୋଳ — ତୃତୀୟ ପର୍ଯ୍ୟାୟ ମେ ୨୫

| ବିଧାନସଭା ଆସନ | ବିଜେତା | ଭୋଟ୍ | ନିକଟତମ ପ୍ରତିଦ୍ୱନ୍ଦ୍ୱୀ | ଭୋଟ୍ |
|---|---|---|---|---|
| ଢେଙ୍କାନାଳ | କୃଷ୍ଣଚନ୍ଦ୍ର ପାତ୍ର | ୦୦୦ | ସୁଧୀର କୁମାର ସାମଲ | ୦୦୦ |
| ହିନ୍ଦୋଳ | ସୀମାରାଣୀ ନାୟକ | ୯୭୭୯୫ | ମହେଶ ସାହୁ | ୮୫୯୬୮ |
| କାମାକ୍ଷାନଗର | ଶତ୍ରୁଘ୍ନ ଜେନା | ୮୪୫୮୯ | ପ୍ରଫୁଲ୍ଲ କୁମାର ମଲ୍ଲିକ | ୭୯୯୨୭ |
| ପରଜଙ୍ଗ | ବିଭୂତି ଭୂଷଣ ପ୍ରଧାନ | ୧୦୦୫୯୫ | ନୃସିଂହ ଚରଣ ସାହୁ | ୬୮୪୩୩ |
| ପାଲଲହଡ଼ା | ଅଶୋକ ମହାନ୍ତି | ୭୧୫୬୦ | ମୁକେଶ କୁମାର ପାଲ | ୬୩୯୯୭ |
| ତାଳଚେର | ବ୍ରଜକିଶୋର ପ୍ରଧାନ | ୭୫୬୭୧ | କାଳନ୍ଦି ଚରଣ ସାମଲ | ୪୩୪୯୯ |
| ଅନୁଗୁଳ | ପ୍ରତାପ ଚନ୍ଦ୍ର ପ୍ରଧାନ | ୮୮୮୬୮ | ସଂଯୁକ୍ତା ସିଂହ | ୦୦୦ |

### କଟକ

ବିଜେତା: ଭର୍ତ୍ତୃହରି ମହତାବ — ଭୋଟ୍: ୫୩୧୬୦୧
ନିକଟତମ ପ୍ରତିଦ୍ୱନ୍ଦ୍ୱୀ: ସଂତ୍ରୁପ୍ତ ମିଶ୍ର — ଭୋଟ୍: ୪୭୪୫୨୪
ମୋଟ୍ ଭୋଟର ୧୫୫୦୨୯୬

ଲୋକସଭା ଆସନ: କଟକ — ବିଧାନସଭା ଆସନ: ବଡ଼ମ୍ବା, ବାଙ୍କୀ, ଆଠଗଡ଼, ବାରବାଟି-କଟକ, ଚୌଦ୍ୱାର-କଟକ, କଟକ ସଦର, ଖଣ୍ଡପଡ଼ା — ତୃତୀୟ ପର୍ଯ୍ୟାୟ ମେ ୨୫

| ବିଧାନସଭା ଆସନ | ବିଜେତା | ଭୋଟ୍ | ନିକଟତମ ପ୍ରତିଦ୍ୱନ୍ଦ୍ୱୀ | ଭୋଟ୍ |
|---|---|---|---|---|
| ବଡ଼ମ୍ବା | ବିଜୟ କୁମାର ଦଳବେହେରା | ୮୬୦୧୮ | ଦେବୀ ପ୍ରସାଦ ମିଶ୍ର | ୬୨୫୩୯ |
| ବାଙ୍କୀ | ଦେବୀ ରଞ୍ଜନ ତ୍ରିପାଠୀ | ୬୯୨୧୪ | ତୁଷାରକାନ୍ତ ଚକ୍ରବର୍ତ୍ତୀ | ୫୨୧୮୮ |
| ଆଠଗଡ଼ | ରଣେନ୍ଦ୍ର ପ୍ରତାପ ସ୍ୱାଇଁ | ୮୬୦୦୬ | ଅଭୟ କୁମାର ବାରିକ | ୮୨୪୨୨ |
| ବାରବାଟୀ-କଟକ | ସୋଫିଆ ଫିରଦୋସ | ୫୩୩୩୯ | ପୂର୍ଣ୍ଣଚନ୍ଦ୍ର ମହାପାତ୍ର | ୪୫୩୩୮ |
| ଚୌଦ୍ୱାର-କଟକ | ସୌଭିକ ବିଶ୍ୱାଳ | ୭୨୩୨୫ | ନୟନ କିଶୋର ମହାନ୍ତି | ୫୪୫୦୯ |
| କଟକ ସଦର | ପ୍ରକାଶ ଚନ୍ଦ୍ର ସେଠୀ | ୭୯୫୪୨ | ଚନ୍ଦ୍ରସାରଥୀ ବେହେରା | ୭୫୬୩୩ |
| ଖଣ୍ଡପଡ଼ା | ଦୁଷ୍ମନ୍ତ କୁମାର ସ୍ୱାଇଁ | ୭୫୫୫୭ | ସାବିତ୍ରୀ ପ୍ରଧାନ | ୬୮୨୧୪ |

### ଭୁବନେଶ୍ୱର

ବିଜେତା: ଅପରାଜିତା ଷଡ଼ଙ୍ଗୀ — ଭୋଟ୍: ୫୧୨୫୧୯
ନିକଟତମ ପ୍ରତିଦ୍ୱନ୍ଦ୍ୱୀ: ମନ୍ମଥ ରାଉତରାୟ — ଭୋଟ୍: ୪୭୭୩୬୭
ମୋଟ୍ ଭୋଟର ୧୬୩୪୬୫୪

ଲୋକସଭା ଆସନ: ଭୁବନେଶ୍ୱର — ବିଧାନସଭା ଆସନ: ଜୟଦେବ, ଭୁବନେଶ୍ୱର (ମଧ୍ୟ), ଭୁବନେଶ୍ୱର (ଉତ୍ତର), ଏକାମ୍ର-ଭୁବନେଶ୍ୱର, ଜଟଣୀ, ବେଗୁନିଆ, ଖୋର୍ଦ୍ଧା — ତୃତୀୟ ପର୍ଯ୍ୟାୟ ମେ ୨୫

| ବିଧାନସଭା ଆସନ | ବିଜେତା | ଭୋଟ୍ | ନିକଟତମ ପ୍ରତିଦ୍ୱନ୍ଦ୍ୱୀ | ଭୋଟ୍ |
|---|---|---|---|---|
| ଜୟଦେବ | ନବକିଶୋର ମଲ୍ଲିକ | ୭୬୭୯୦ | ଅରବିନ୍ଦ ଢାଲି | ୫୫୩୧୭ |
| ଭୁବନେଶ୍ୱର ମଧ୍ୟ | ଅନନ୍ତ ନାରାୟଣ ଜେନା | ୫୩୭୫୯ | ଜଗନ୍ନାଥ ପ୍ରଧାନ | ୫୩୭୨୨ |
| ଭୁବନେଶ୍ୱର ଉତ୍ତର | ସୁଶାନ୍ତ ରାଉତ | ୬୮୧୭୯ | ପ୍ରିୟଦର୍ଶୀ ମିଶ୍ର | ୬୬୮୩୬ |
| ଏକାମ୍ର ଭୁବନେଶ୍ୱର | ବାବୁ ସିଂ | ୭୪୬୯୩ | ଅଶୋକ ଚନ୍ଦ୍ର ପଣ୍ଡା | ୬୯୬୮୮ |
| ଜଟଣୀ | ବିଭୂତି ଭୂଷଣ ବଳବନ୍ତରାୟ | ୬୮୧୭୨ | ବିଶ୍ୱରଞ୍ଜନ ବଡ଼ଜେନା | ୪୨୯୪୧ |
| ବେଗୁନିଆ | ପ୍ରଦୀପ କୁମାର ସାହୁ | ୯୦୯୬୪ | ପ୍ରକାଶ ଚନ୍ଦ୍ର ବିଜୁଳି | ୪୩୧୫୦ |
| ଖୋର୍ଦ୍ଧା | ପ୍ରଶାନ୍ତ ଜଗଦେବ | ୮୦୫୮୪ | ରାଜେନ୍ଦ୍ର ସାହୁ | ୭୧୯୬୬ |

### ପୁରୀ

ବିଜେତା: ସମ୍ବିତ ପାତ୍ର — ଭୋଟ୍: ୬୨୯୩୩୦
ନିକଟତମ ପ୍ରତିଦ୍ୱନ୍ଦ୍ୱୀ: ଅରୂପ ପଟ୍ଟନାୟକ — ଭୋଟ୍: ୫୨୪୬୨୧
ମୋଟ୍ ଭୋଟର ୧୫୬୧୯୩୪
(ଅଘୋଷିତ)

ଲୋକସଭା ଆସନ: ପୁରୀ — ବିଧାନସଭା ଆସନ: ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ, ପିପିଲି, ଚିଲିକା, ରଣପୁର, ନୟାଗଡ଼ — ତୃତୀୟ ପର୍ଯ୍ୟାୟ ମେ ୨୫

| ବିଧାନସଭା ଆସନ | ବିଜେତା | ଭୋଟ୍ | ନିକଟତମ ପ୍ରତିଦ୍ୱନ୍ଦ୍ୱୀ | ଭୋଟ୍ |
|---|---|---|---|---|
| ପୁରୀ | ସୁନୀଲ କୁମାର ମହାନ୍ତି | ୭୪୭୦୯ | ଜୟନ୍ତ କୁମାର ଷଡ଼ଙ୍ଗୀ | ୬୯୫୩୧ |
| ବ୍ରହ୍ମଗିରି | ଉପାସନା ମହାପାତ୍ର | ୯୫୬୮୩ | ଉମାକାନ୍ତ ସାମନ୍ତରାୟ | ୮୫୯୫୩ |
| ସତ୍ୟବାଦୀ | ଓମ୍‌ପ୍ରକାଶ ମିଶ୍ର | ୮୭୨୯୪ | ସଞ୍ଜୟ ଦାସବର୍ମା | ୬୯୫୮୬ |
| ପିପିଲି | ଆଶ୍ରିତ ପଟ୍ଟନାୟକ | ୯୯୩୧୦ | ରୁଦ୍ର ପ୍ରତାପ ମହାରଥୀ | ୮୪୧୪୮ |
| ଚିଲିକା | ପୃଥ୍ୱୀରାଜ ହରିଚନ୍ଦନ | ୮୩୨୬୪ | ରଘୁନାଥ ସାହୁ | ୭୮୬୯୮ |
| ରଣପୁର | ସୁରମା ପାଢ଼ୀ | ୮୧୪୩୯ | ସତ୍ୟନାରାୟଣ ପ୍ରଧାନ | ୬୫୮୯୫ |
| ନୟାଗଡ଼ | ଅରୁଣ ସାହୁ | ୮୧୯୫୯ | ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ | ୮୧୫୨୦ |

# ରାଜ୍ୟବାସୀଙ୍କୁ ବିଜେଡିର କୃତଜ୍ଞତା

**ଭୁବନେଶ୍ୱର, ୪।୬(ସମିସ):** ନିର୍ବାଚନରେ ପରାଜୟ ସତ୍ତ୍ୱେ ରାଜ୍ୟବାସୀଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛି ବିଜୁ ଜନତା ଦଳ। ଗତ ୨୪ ବର୍ଷ ଧରି ବିଜେଡିକୁ ରାଜ୍ୟବାସୀ ସେବାର ସୁଯୋଗ ଦେଇଥିବାରୁ ଦଳ ଧନ୍ୟବାଦ ଜଣାଇଛି ଏବଂ ଜନମତକୁ ମତାପାତି

- ୨୪ ବର୍ଷ ଧରି ସେବାର ସୁଯୋଗ ଦେଇଥିବାରୁ ଧନ୍ୟବାଦ
- ଆଗାମୀ ଦିନରେ ବିଜେଡି ଜାରି ରଖିବ ନିରନ୍ତର ସେବା
- ବିଜୟ ନିମନ୍ତେ ବିଜେପିକୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ



ସ୍ୱୀକାର କରିଛି। ଏହା ସହ ଆଗାମୀ ଦିନରେ ବିଜେଡି ରାଜ୍ୟବାସୀଙ୍କ ନିରନ୍ତର ସେବା କରିବ ବୋଲି ମଧ୍ୟ ପ୍ରତିବଦ୍ଧତା ଘୋଷଣା କରିଛି। ଦଳର ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ଡ.ସସ୍ମିତ ପାତ୍ର, ସାଧାରଣ ସମ୍ପାଦକ ତଥା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଓ ମୁଖପାତ୍ର ତଥା ସାଂସଦ ସୁଲତା ଦେଓ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟବାସୀଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଆଜି ନିର୍ବାଚନ ଫଳାଫଳ ଆସିବା ପରେ ବିଜେଡିର ରାଷ୍ଟ୍ରୀୟ ପ୍ରବକ୍ତା ତଥା ରାଜ୍ୟସଭା ସାଂସଦ ଡ଼ ସସ୍ମିତ ପାତ୍ର କହିଛନ୍ତି ଯେ ଗତ ୨୪ ବର୍ଷ ଧରି ସେବା କରିବା ଲାଗି ବିଜୁ ଜନତା ଦଳକୁ ସୁଯୋଗ ଦେଇଥିବାରୁ ଓଡ଼ିଶାବାସୀଙ୍କ ନିକଟରେ ଆମେ ଚିର ଋଣୀ। ଏହି ନିର୍ବାଚନରେ ମଧ୍ୟ ଓଡ଼ିଶାବାସୀ ବିଜୁ ଜନତା ଦଳକୁ ଆଶୀର୍ବାଦ କରିଛନ୍ତି। ମୋଟ ଭୋଟର ୪୦%ରୁ ଉର୍ଦ୍ଧ୍ୱ ଭୋଟ ବିଜୁ ଜନତା ଦଳକୁ ମିଳିଛି। ୫୦ରୁ ୫୧ଟି ଆସନରେ ବିଜୁ ଜନତା ଦଳକୁ ଜୟଯୁକ୍ତ କରାଇଥିବାରୁ ଆମେ ସାଧୁବାଦ ଜଣାଉଛୁ। ଏହି ଅବସରରେ ଆମେ ଭାରତୀୟ ଜନତା ପାର୍ଟିକୁ ମଧ୍ୟ ଅଭିନନ୍ଦନ ଜଣାଉଛୁ। ଆଗାମୀ ଦିନରେ ଓଡ଼ିଶା।ବାସୀ ବିଜୁ ଜନତା ଦଳକୁ ଯେଉଁ ଭୂମିକାରେ ଦେଖିବାକୁ ଚାହିଁଛନ୍ତି, ଓଡ଼ିଶାର ସର୍ବାଙ୍ଗୀଣ ବିକାଶ ପାଇଁ ଯେଉଁ ଦାୟିତ୍ୱ ଦେଇଛନ୍ତି ଏହି ଆସ୍ଥା ଅତୁଟ ରଖିବୁ ବୋଲି ଡ଼ ପାତ୍ର କହିଛନ୍ତି।

ସାଂସଦ ମାନସ ରଞ୍ଜନ ମଙ୍ଗରାଜ କହିଛନ୍ତି ଯେ ୨୪ ବର୍ଷ ଧରି ରାଜ୍ୟର ଜନସାଧାରଣ ବିଜୁ ଜନତା ଦଳ ଓ ଏହାର ସଭାପତି ନବୀନ ପଟ୍ଟନାୟକଙ୍କୁ ଯେଉଁ ଆକୁଣ୍ଠ ସମର୍ଥନ ଏବଂ ସହଯୋଗ ଦେଇ ଆସିଛନ୍ତି ସେଥିପାଇଁ ଆମେ ଯେତେ ଧନ୍ୟବାଦ ଦେଲେ ବି କମ୍ ହେବ। ସେଥିପାଇଁ ଆମେ କୃତଜ୍ଞ। ଏତେ ଦିନ ଧରି ଆମେ ଯପରି ଭାବେ ଓଡ଼ିଶାବାସୀଙ୍କ ସେବା କରି ଆସୁଥିଲୁ ସେହିପରି ସେବା କରି ଚାଲିବୁ ବୋଲି ଶ୍ରୀ ମଙ୍ଗରାଜ ପ୍ରକାଶ କରିଛନ୍ତି।

ରାଜ୍ୟସଭା ସାଂସଦ ସୁଲତା ଦେଓ କହିଥିଲେ, ସାଢ଼େ ଚାରି କୋଟି ଓଡ଼ିଶାବାସୀ ଆମ ଉପରେ ଯେଉଁ ଆସ୍ଥା ରଖିଥିଲେ ତାହା ଅତୁଟ ରଖିବା ପାଇଁ ଆମେ ସବୁମତେ ଉଦ୍ୟମ କରିଛୁ। ଆମକୁ ଯେଉଁ ଦାୟିତ୍ୱ ଦେଲେ ତାହା ଅକ୍ଷରେ ଅକ୍ଷରେ ପାଳନ କରି ଆସିଛୁ ଏବଂ ଆଗକୁ ମଧ୍ୟ ଅନୁରୂପ ପ୍ରତିବଦ୍ଧତାର ସହ ରାଜ୍ୟବାସୀଙ୍କ ସୁଖ ଦୁଃଖରେ ଛିଡ଼ା ହୋଇଥିବୁ ବୋଲି ଶ୍ରୀମତୀ ଦେଓ କହିଛନ୍ତି।

# ୨୦ ଲୋକସଭା ଆସନରେ ବିଜେପି ବିଜୟୀ

**ଭୁବନେଶ୍ୱର, ୪।୬(ସମିସ):** ବିଧାନସଭା ପରି ଲୋକସଭାରେ ମଧ୍ୟ ଅବିଶ୍ୱନୀୟ ସଫଳତା ହାସଲ କରିଛି ରାଜ୍ୟ ବିଜେପି। ମୋଟ ୨୧ଟି ଲୋକସଭା ଆସନ ମଧ୍ୟରୁ ଦଳ ୯ଟିରେ ବିଜୟ ଲାଭ କରିଥିବା ବେଳେ ୧୧ଟି ଆସନରେ ଆଗୁଆ ରହିଛି। ଗତ ଲୋକସଭା ନିର୍ବାଚନରେ ୧୨ଟି ଆସନରେ ବିଜୟ ଲାଭ କରିଥିବା ବିଜେଡି ଚଳିତ

## କୋରାପୁଟରେ କଂଗ୍ରେସର ସପ୍ତଗିରିଙ୍କ ବାଜିମାତ୍

ନିର୍ବାଚନରେ ଗୋଟିଏ ବି ଲୋକସଭାରେ ବିଜୟୀ ହୋଇପାରିନାହିଁ। ଅପରପକ୍ଷେ ଗତ ଲୋକସଭା ନିର୍ବାଚନ ପରି କଂଗ୍ରେସ ଚଳିତଥର ମଧ୍ୟ କୋରାପୁଟ ଲୋକସଭା ଆସନରେ ବିଜୟ ଲାଭ କରିଛି। ଏଠାରେ ଦଳୀୟ ପ୍ରାର୍ଥୀ ସପ୍ତଗିରି ଉଲ୍ଲାକା କ୍ରମାଗତ ଦ୍ୱିତୀୟ ଥର ପାଇଁ ଏଠାରୁ ବିଜୟୀ ହୋଇଛନ୍ତି।

ଚଳିତ ଲୋକସଭା ନିର୍ବାଚନରେ ବହୁ ଆସନରେ ହେଭିୱେଟଙ୍କ ମଧ୍ୟରେ କଡ଼ା ଲଢ଼େଇ ଦେଖିବାକୁ ମିଳିଥିଲା। ସବୁ ପୂର୍ବାନୁମାନ ଓ ଆକଳନକୁ ଭୁଲ ସାବ୍ୟସ୍ତ କରି ବିଜେପି ଓଡ଼ିଶାରେ ଅପ୍ରତ୍ୟାଶିତ ସଫଳତା ହାସଲ କରିଛି। ବିଜେଡି ବିଜୟୀ ହେବାର ଆକଳନ କରାଯାଇଥିବା ଆସନଗୁଡ଼ିକୁ ମଧ୍ୟ ବିଜେପି କମ୍ ବ୍ୟବଧାନରେ ଛଡ଼ାଇ ନେଇଛି। ଯାଜପୁର ଆସନରେ ବିଜେଡି ପ୍ରାର୍ଥୀ ଶର୍ମିଷ୍ଠା ସେଠୀ ବିଜୟୀ ହୋଇଥିବା କୁହାଯାଉଥିଲେ ହେଁ ଶେଷରେ ତାଙ୍କୁ ମଧ୍ୟ ପରାଜୟର ମୁହଁ ଦେଖିବାକୁ ପଡ଼ିଛି।

ଆସ୍କାରେ ବିଜେପିର ଅନୀତା ଶୁଭଦର୍ଶିନୀ ୬୩୬୧୬ ଭୋଟରେ ବିଜୟୀ ହୋଇଛନ୍ତି। ବାଲେଶ୍ୱରରେ ପ୍ରତାପ ଷଡ଼ଙ୍ଗୀ ୯୩୩୧୯ ଭୋଟରେ ବିଜୟୀ ହୋଇଥିବାବେଳେ ବରଗଡ଼ରେ ପ୍ରଦୀପ ପୁରୋହିତ ୨.୩୨ ଲକ୍ଷ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ବ୍ରହ୍ମପୁରରେ ପ୍ରଦୀପ ପାଣିଗ୍ରାହୀ ୧.୧୮ ଲକ୍ଷ ଭୋଟ ବ୍ୟବଧାନରେ ଓ ଭଦ୍ରକରେ ଅଭିମନ୍ୟୁ ସେଠୀ ପ୍ରାୟ ୭୦ ହଜାର ବ୍ୟବଧାନରେ ବିଜୟଲାଭ କରିଛନ୍ତି। ଭୁବନେଶ୍ୱରରେ ଅପରାଜିତା ଷଡ଼ଙ୍ଗୀ ୩୬୮୪୩ ଭୋଟରେ ଓ ବଲାଙ୍ଗୀରରେ ସଙ୍ଗୀତା ସିଂହଦେଓ ୧.୦୧୬ ଲକ୍ଷ ଭୋଟରେ ବିଜୟୀ ହୋଇଛନ୍ତି।

କଟକରେ ଭର୍ତ୍ତୃହରି ମହତାବ ୩୭ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ବିଜୟ ଲାଭ କରିଛନ୍ତି। ଢ଼େଙ୍କାନାଳରେ ରୁଦ୍ରନାରାୟଣ ପାଣି ପାଖାପାଖି ୫୪ ହଜାର ଭୋଟରେ ଓ ଜଗତସିଂହପୁରରେ ବିଭୁପ୍ରସାଦ ତରାଇ ୩୫ ହଜାର ଭୋଟରେ ବିଜୟଲାଭ କରିଛନ୍ତି। ସମ୍ବଲପୁରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୧.୧୯ ଲକ୍ଷରୁ ଅଧିକ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ଅନ୍ୟପକ୍ଷରେ ପୁରୀରୁ ବିଜେପି ପ୍ରାର୍ଥୀ ଡ. ସମ୍ବିତ ପାତ୍ର, ସୁନ୍ଦରଗଡ଼ରେ ଜୁଏଲ ଓରାମ, କେନ୍ଦୁଝରରେ ଅନନ୍ତ ନାଏକ, କଳାହାଣ୍ଡିରେ ମାଳବିକା ଦେବୀ, କନ୍ଧମାଳରେ ସୁକାନ୍ତ ପାଣିଗ୍ରାହୀ, ମୟୂରଭଞ୍ଜରେ ନବଚରଣ ମାଝି, ନବରଙ୍ଗପୁରରେ ବଳଭଦ୍ର ମାଝି ମଧ୍ୟ ବିଜୟ ଲାଭ କରିଥିବା ନେଇ ଘୋଷଣା କରାଯାଇଛି। ଭୋଟ ସେୟାରରେ ମଧ୍ୟ ବିଜେଡିଠାରୁ ଆଗରେ ରହିଛି ବିଜେପି।

# ସୁଖୋଇ ଫାଇଟର୍ ଜେଟ୍ ଦୁର୍ଘଟଣାଗ୍ରସ୍ତ

**ନାସିକ, ୪।୬(ଏଜେନ୍ସି):** ମହାରାଷ୍ଟ୍ରର ନାସିକ ନିକଟସ୍ଥ ସିରସଗାଓଁ ନାମକ ଗ୍ରାମରେ ଆଜି ଏକ ସୁଖୋଇ-୩୦ ଏମ୍କେଆଇ ଫାଇଟର୍ ଜେଟ୍ ଦୁର୍ଘଟଣାଗ୍ରସ୍ତ ହୋଇ ବିଲ ମଧ୍ୟକୁ ଖସିପଡ଼ିଛି। ଉଭୟ ପାଇଲଟ୍ ଓ କୋ-ପାଇଲଟ୍ ଅତ୍ୟାଧୁନିକ ଇଜେକ୍ଟ ସିଷ୍ଟମ୍ ଉପଯୋଗରେ ବର୍ତ୍ତିଯାଇଛନ୍ତି। ଦୁଇ ଇଞ୍ଜିନ୍ ବିଶିଷ୍ଟ ସୁଖୋଇ-୩୦ ଫାଇଟର୍ ଜେଟ୍ ଖସିପଡ଼ିବା ପରେ ସେଥିରେ ନିଆଁ ଲାଗିଯାଇଥିଲା। ହିନ୍ଦୁସ୍ତାନ ରୋନଟିକ୍ସ ଲିଃ(ଏଚ୍ଏଏଲ୍) ରେ ରକ୍ଷଣାବେକ୍ଷଣ ଓ ମରାମତି ପରେ ସୁଖୋଇ-୩୦ ଓଜାର୍ ଏୟାର୍ ବେସ୍ରୁ ଟେଷ୍ଟ ଫ୍ଲାଇଟ୍ରେ ବାହାରିଥିଲା। ସୁଖୋଇ-୩୦ ଏମ୍କେଆଇ ଫାଇଟର୍ ଜେଟ୍ରେ ବୈଷୟିକ ତ୍ରୁଟି ଦେଖାଦେଇଥିବା ପାଇଲଟ୍ ରିପୋର୍ଟ କରିଥିଲେ ଓ ତା'ର କିଛି ସମୟ ପରେ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# ଓଡ଼ିଶାବାସୀଙ୍କ ପାଖରେ ଆମେ କୃତଜ୍ଞ: ଶାହ

**ଭୁବନେଶ୍ୱର,୪।୬(ସମିସ):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପବିତ୍ର ଭୂମିର ସେବା କରିବାର ସୁଯୋଗ ବିଜେପିକୁ ଦେଇଥିବାରୁ ମୁଁ ଓଡ଼ିଶାବାସୀଙ୍କୁ ହୃଦୟରୁ କୃତଜ୍ଞତା ଜଣାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ହାସଲ ହୋଇଥିବା ଏହି ବିଜୟ 'ବିକଶିତ ଭାରତ, ବିକଶିତ ଓଡ଼ିଶା'ର ସଂକଳ୍ପକୁ ସାକାର କରିବ। ମୁଁ ରାଜ୍ୟବାସୀଙ୍କୁ ନିଶ୍ଚିତ କରୁଛି ଯେ ଓଡ଼ିଆ ଅସ୍ମିତା, ଓଡ଼ିଆ ଭାଷା, ଓଡ଼ିଆ ସଂସ୍କୃତି ଏବଂ ଓଡ଼ିଆ ସାହିତ୍ୟକୁ ପ୍ରୋତ୍ସାହିତ କରି ବିଜେପି ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ଉତ୍ସର୍ଗୀକୃତ କାର୍ଯ୍ୟ କରିବ।

# ସାଢ଼େ ୪ କୋଟି ଓଡ଼ିଆଙ୍କ ବିଜୟ: ଧର୍ମେନ୍ଦ୍ର ପ୍ରଧାନ

**ଭୁବନେଶ୍ୱର, ୪।୬(ସମିସ):** ଓଡ଼ିଶାରେ ଆଜି ଏକ ନୂଆ ଇତିହାସ ଲେଖାଯାଇଛି। ଏହି ବିଜୟ କେବଳ ବିଜେପିର ନୁହେଁ ବରଂ ସାଢ଼େ ୪ କୋଟି ଓଡ଼ିଆଙ୍କ ବିଜୟ ବୋଲି ସମ୍ବଲପୁର ଲୋକସଭାର ବିଜୟୀ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସମ୍ବଲପୁର ଲୋକସଭାର ଜନସାଧାରଣଙ୍କ ସମେତ ଓଡ଼ିଶାବାସୀଙ୍କୁ ବିଜେପିକୁ ପୂର୍ଣ୍ଣ ବହୁମତରେ ଆଶୀର୍ବାଦ କରିଥିବାରୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ, ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ବିଜେପି କାର୍ଯ୍ୟକର୍ତ୍ତାମାନଙ୍କୁ କୃତଜ୍ଞତା ଜଣାଇବା ସହ ବିଜୟୀ ପ୍ରାର୍ଥୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମେତ ଦଳର ନେତୃମଣ୍ଡଳୀ ଓଡ଼ିଶାର ସେବା କରିବା ପାଇଁ ରାଜ୍ୟର ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏକବିଂଶ ଶତାବ୍ଦୀରେ ଓଡ଼ିଶାକୁ ଏକ ଅଗ୍ରଣୀ ଅଞ୍ଚଳକୁ ଗଢ଼ି ତୋଳିବା ପାଇଁ ଆମ ରାଷ୍ଟ୍ରୀୟ ନେତୃତ୍ୱଙ୍କ ସହ ରାଜ୍ୟ ନେତୃତ୍ୱଗଣ ଲୋକଙ୍କୁ ଅନୁରୋଧ କରିଥିଲେ। ଏହି ଅନୁରୋଧ ଉପରେ ସହମତି ପ୍ରକାଶ କରି ବିଜେପିକୁ ସେବା କରିବାର ସୁଯୋଗ ଦେଇଥିବାରୁ ଓଡ଼ିଶାବାସୀଙ୍କୁ ଭକ୍ତିପୂର୍ଣ୍ଣ କୃତଜ୍ଞତା ଜ୍ଞାପନ କରୁଛି ବୋଲି ସେ କହିଛନ୍ତି।

# ପ୍ରଣବଙ୍କ ଶୁଭେଚ୍ଛା, ଧନ୍ୟବାଦ ଦେଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୪।୬(ସମିସ):** ସମ୍ବଲପୁର ସଂସଦୀୟ କ୍ଷେତ୍ରରୁ ବିଜୟଲାଭ କରିଥିବା ଧର୍ମେନ୍ଦ୍ର ପ୍ରଧାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ତାଙ୍କର ପ୍ରତିପକ୍ଷ ତଥା ବିଜେଡି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ। ନିର୍ବାଚନରେ ବିଜୟ ପାଇଁ ପ୍ରଣବ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ସମ୍ବଲପୁରର ସର୍ବାଙ୍ଗୀନ ବିକାଶ ପାଇଁ ସେ ସାଂସଦ ଭାବେ ନିରନ୍ତର କାର୍ଯ୍ୟ କରିବେ ବୋଲି ଆଶାପ୍ରକାଶ କରିଛନ୍ତି। 'ଏକ୍ସ' ଯୋଗେ ପ୍ରଣବ ପ୍ରକାଶ ଦାସଙ୍କ ଏହି ପୋଷ୍ଟରେ ଉତ୍ତର ଦେଇ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ପ୍ରଣବ ପ୍ରକାଶ ଦାସଙ୍କୁ ଶୁଭେଚ୍ଛା ପାଇଁ ଧନ୍ୟବାଦ ଦେଇଛନ୍ତି। ଗଣତନ୍ତ୍ରରେ ଜୟ ପରାଜୟ ରହିଛି; ଜନତା ହିଁ ଜନାର୍ଦ୍ଦନ। ସ୍ୱଚ୍ଛ ଓ ସୁନ୍ଦର ସମ୍ବଲପୁର ଗଠନ ସହ ବିକଶିତ ଓଡ଼ିଶା ଗଢ଼ିବା ପାଇଁ ବିଜେପି ପ୍ରତିଶ୍ରୁତିବଦ୍ଧ ବୋଲି ନିଜ ଉତ୍ତରରେ ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି।

# ଜିତିଲେ ୬ ମନ୍ତ୍ରୀ; ୧୧ ପରାଜିତ

**ଭୁବନେଶ୍ୱର, ୪।୬(ସମିସ):** ଚଳିତ ନିର୍ବାଚନରେ ରାଜ୍ୟ ସରକାରଙ୍କ ୬ ଜଣ ମନ୍ତ୍ରୀ ନିଜର ଆସନ ବଜାୟ ରଖିଛନ୍ତି। ତେବେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୧୧ ଜଣ ମନ୍ତ୍ରୀଙ୍କୁ ପରାଜୟ ମୁହଁ ଦେଖିବାକୁ ପଡ଼ିଛି। ସେହିପରି ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଅନ୍ୟ ଜଣେ ମନ୍ତ୍ରୀଙ୍କ ପୁଅ ମଧ୍ୟ ପରାଜୟ ବରଣ କରିଛନ୍ତି।

କ୍ୟାବିନେଟ୍ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କାମାକ୍ଷାନଗର ଆସନରୁ ବିଜେପି ପ୍ରାର୍ଥୀ ଶତ୍ରୁଘ୍ନ ଜେନାଙ୍କଠୁ ୪୬୨୧ଖଣ୍ଡ ଭୋଟରେ ପରାଜିତ ହୋଇଛନ୍ତି। ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଭଞ୍ଜନଗର ଆସନରୁ ବିଜେପିର ପ୍ରଦ୍ୟୁମ୍ନ କୁମାର ନାୟକଙ୍କଠୁ ୧୬୩୨୪ଖଣ୍ଡ ଭୋଟରେ ପରାଜିତ ହୋଇଛନ୍ତି। ସେହିପରି ବୌଦ୍ଧ ଆସନରୁ ବିଜେପିର ସରୋଜ ପ୍ରଧାନଙ୍କ ଠାରୁ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ୨୭୬୫ଖଣ୍ଡ ଭୋଟରେ ପରାସ୍ତ ହୋଇଥିବା ବେଳେ ମନ୍ତ୍ରୀ ସୁଦାମ ମାର୍ଣ୍ଡି ମୟୂରଭଞ୍ଜ ଲୋକସଭା ଆସନରୁ ବିଜେପିର ନବଚରଣ ମାଝୀଙ୍କଠୁ ୨ଲକ୍ଷରୁ ଅଧିକ ଭୋଟ ବ୍ୟବଧାନରେ ପରାଜିତ ହୋଇଛନ୍ତି।

ମହାକାଳପଡ଼ା ଆସନରୁ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ବିଜେପିର ଦୁର୍ଗାପ୍ରସନ୍ନ ନାୟକଙ୍କଠୁ ୩୩୫୨୬ଖଣ୍ଡ ଭୋଟରେ ପରାଜିତ ହୋଇଛନ୍ତି। ମନ୍ତ୍ରୀ ଟୁକୁନି ସାହୁ ମଧ୍ୟ ଟିଟିଲାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପରାଜିତ ହୋଇଛନ୍ତି। ବିଜେପିର ନବୀନ ଜୈନଙ୍କ ଶ୍ରୀମତୀ ସାହୁଙ୍କୁ ୧୭୩୯ ୯ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ସୁକିନ୍ଦା ଆସନରୁ ବିଜେପିର ପ୍ରଦୀପ ବଳସାମନ୍ତଙ୍କଠୁ ପରାଜିତ ହୋଇଥିବା ବେଳେ ମନ୍ତ୍ରୀ ରୀତା ସାହୁ ବିଜେପୁର ଆସନରୁ ବିଜେପିର ସନତ ଗଡ଼ତିଆଙ୍କଠୁ ୧୦୦୬୬ଖଣ୍ଡ ଭୋଟରେ ପରାସ୍ତ ହୋଇଛନ୍ତି। ଭୁବନେଶ୍ୱର-ଏକାମ୍ର ଆସନରୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବିଜେପିର ବାବୁ ସିଂଙ୍କଠୁ ୫୦୦୫ଖଣ୍ଡ ଭୋଟ୍ ବ୍ୟବଧାନରେ ପରାଜିତ ହୋଇଛନ୍ତି। ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ବିଷମକଟକ ଆସନରୁ ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ନୀଳମାଧବ ହିକ୍କାଙ୍କଠୁ ୯୪୦୩ଖଣ୍ଡ ଭୋଟ୍ ବ୍ୟବଧାନରେ ପରାଜିତ ହୋଇଛନ୍ତି। ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କରଞ୍ଜିଆ ଆସନରୁ ପରାଜିତ ହୋଇଛନ୍ତି। ବିଜେପିର ପଦ୍ମଚରଣ ହାଇବ୍ରୁ ୨୯୪୯ ୯ଖଣ୍ଡ ଭୋଟରେ ଶ୍ରୀମତୀ ହେମ୍ବ୍ରମଙ୍କୁ ପରାଜିତ କରିଛନ୍ତି। ମନ୍ତ୍ରୀ ଉଷା ଦେବୀ ନିଜେ ନିର୍ବାଚନ ଲଢୁ ନ ଥିବା ବେଳେ ତାଙ୍କ ବଦଳରେ ତାଙ୍କ ପୁଅ ଚିନ୍ମୟାନନ୍ଦ ସ୍ୱରୂପଦେବ ଚିକିଟି ଆସନରୁ ବିଜେଡି ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିଲେ। ସେଠାରୁ ବିଜେପିର ମନୋରଞ୍ଜନ ଦ୍ୟାନସାମନ୍ତରାୟଙ୍କଠୁ ସେ ପରାଜିତ ହୋଇଛନ୍ତି। ତେବେ ତେବେ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ରାଜେନ୍ଦ୍ର ଢ଼ୋଲକିଆ, ପ୍ରତାପ କେଶରୀ ଦେବ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଶାରଦା ପ୍ରସାଦ ନାୟକ, ତୁଷାରକାନ୍ତି ବେହେରା ଓ ଅଶ୍ୱିନୀ କୁମାର ପାତ୍ର ପ୍ରମୁଖ ନିଜ ଆସନ ବଜାୟ ରଖିବାକୁ ସକ୍ଷମ ହୋଇଛନ୍ତି।

# କଂଗ୍ରେସ ପ୍ରଦର୍ଶନରେ ଉନ୍ନତି

**ଭୁବନେଶ୍ୱର, ୪।୬(ସମିସ):** ରାଜ୍ୟରେ ବଢ଼ିଲା କଂଗ୍ରେସ ବିଧାୟକଙ୍କ ସଂଖ୍ୟା। ରାଜ୍ୟରେ ୨୦୧୯ ନିର୍ବାଚନ ତୁଳନାରେ ଚଳିତ ନିର୍ବାଚନରେ କଂଗ୍ରେସ ୫ଟି ଅଧିକ ଆସନ ଦଖଲ କରିବାକୁ ସକ୍ଷମ ହୋଇଛି। ଅନ୍ୟପକ୍ଷରେ କୋରାପୁଟରୁ ସପ୍ତଗିରି ଉଲ୍ଲାକା ରାଜ୍ୟରୁ ଏକମାତ୍ର କଂଗ୍ରେସ ସାଂସଦ ଭାବରେ ବିଜୟୀ ହୋଇଛନ୍ତି। ସପ୍ତଗିରି ଉଲ୍ଲାକା ୪ ଲକ୍ଷ ୭୧ ହଜାର ୩୯୩ ଭୋଟ୍ ପାଇଥିବା ବେଳେ ୧ ଲକ୍ଷ ୪୭୭୭୪ ବ୍ୟବଧାନରେ ବିଜେଡି କୌଶଲ୍ୟା ହିକ୍କକାଙ୍କୁ ପରାସ୍ତ କରିଛନ୍ତି। ୨୦୧୯ରେ କଂଗ୍ରେସର ମାତ୍ର ୯ ଜଣ ବିଧାୟକ ବିଜୟୀ ହୋଇଥିବା ବେଳେ ଚଳିତ ଥର ଏହା ୧୪କୁ ବୃଦ୍ଧି ପାଇଛି। ଗତ ନିର୍ବାଚନ ଉପକୂଳ ଓଡ଼ିଶାରେ ଦଳ ଖାତା ଖୋଲି ପାରି ନ ଥିବା ବେଳେ ଏଥର ବାସୁଦେବପୁର ଆସନରୁ କଂଗ୍ରେସ ପ୍ରାର୍ଥୀ ଅଶୋକ କୁମାର ଦାସ ବିଜୟୀ ହୋଇଛନ୍ତି। ସେ ୬୭୮୪୩ ଭୋଟ ପାଇଛନ୍ତି ଓ ବିଜେଡିର ବିଷ୍ଣୁବ୍ରତ ରାଉତରାୟଙ୍କଠାରୁ ମାତ୍ର ୬୩୧ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସେହିପରି ରାଜଗାଙ୍ଗପୁର ଆସନରୁ ସିଏସ୍ ରାଜନ ଏକ୍କା ପୁନର୍ବାର ନିର୍ବାଚିତ ହୋଇଛନ୍ତି ଓ କଟକ ବାରବାଟୀ ଆସନରୁ ବିଧାୟକ ମହମ୍ମଦ ମୋକୀମ୍ଙ୍କ ଝିଅ ସୋଫିଆ ଫିର୍ଦୋସ୍ ବିଜୟୀ ହୋଇଛନ୍ତି। ଏହି ୩ ଟି ଆସନକୁ ଛାଡ଼ି ବାକି ସମସ୍ତ ୧୦ ଟି ଆସନ କଂଗ୍ରେସ ଦକ୍ଷିଣ ଓଡ଼ିଶାରୁ ଦଖଲ କରିଛି। ଭବାନୀପାଟଣା ଆସନରୁ କଂଗ୍ରେସର ବରିଷ୍ଠ ନେତା ଭକ୍ତ ଦାସଙ୍କ ପୁଅ ସାଗର ଚରଣ ଦାସ ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷରେ କଂଗ୍ରେସର ବରିଷ୍ଠ ନେତା ତାରା ପ୍ରସାଦ ବାହାନୀପତି ଲଗାତାର ତୃତୀୟ ଥର ପାଇଁ ଜୟପୁର ଆସନରୁ ବିଧାୟକ ଭାବେ ବିଜୟୀ ହୋଇଛନ୍ତି। ଏହା ବ୍ୟତୀତ ଜି ଉଦୟଗିରିରୁ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ସାନଖେମୁଣ୍ଡିରୁ ରମେଶ ଜେନା, ମୋହନାରୁ ଦାଶରଥୀ ଗମାଙ୍ଗୋ, ଗୁଣୁପୁରରୁ ସତ୍ୟଜିତ ଗମାଙ୍ଗୋ, ବିଷମକଟକରୁ ନିଳମାଧବ ହିକ୍କକା, ରାୟଗଡ଼ାରୁ କଡରକା ଅପଲ୍ଲସ୍ୱାମୀ, ଲକ୍ଷ୍ମୀପୁରରୁ ପବିତ୍ର ସାଉଁଟା, ପଟାଙ୍ଗୀ ରାମଚନ୍ଦ୍ର କାଡାମ ଓ ଚିତ୍ରକୋଣ୍ଡାରୁ ମଙ୍ଗୁ ଖିଲ ପ୍ରମୁଖ ନିର୍ବାଚିତ ହୋଇଛନ୍ତି।

# ଭୋଟ ହାର: ବିଧାନସଭାରେ ବିଜେଡି, ଲୋକସଭାରେ ବିଜେପି ଆଗୁଆ

**ଭୁବନେଶ୍ୱର,୪।୬(ସମିସ):** ରାଜ୍ୟରେ ଏକକ ସଂଖ୍ୟା ଗରିଷ୍ଠ ଦଳ ଭାବରେ ଉଭା ହୋଇଛି ବିଜେପି। ମ୍ୟାଜିକ୍ ନମ୍ବର ୭୪ ଅତିକ୍ରମ କରି ବିଜେପି ରାଜ୍ୟରେ ସରକାର ଗଠନ ନିମନ୍ତେ

- ବିଧାନସଭାରେ ବିଜେଡିକୁ ୪୦.୧୯%, ବିଜେପିକୁ ୪୦.୦୧% ଭୋଟ
- ଲୋକସଭାରେ ବିଜେପିକୁ ୪୫.୪୨% ଓ ବିଜେଡିକୁ ୩୭.୫୦ ପ୍ରତିଶତ
- କଂଗ୍ରେସକୁ ବିଧାନସଭାରେ ୧୩.୩୧% ଓ ଲୋକସଭାରେ ୧୨.୪୪%

ସମର୍ଥ ହୋଇଛି। ଅପରପକ୍ଷରେ ଲୋକସଭାରେ ୨୧ ଆସନରୁ ୧୯ ଆସନରେ ବିଜୟୀ ହୋଇଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିଧାନସଭା ଭୋଟ ହାରରେ ବିଜେପିଠାରୁ ବିଜେଡି ଆଗରେ ରହିଛି। ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ସୂଚନା ଅନୁସାରେ ବିଧାନସଭାରେ ବିଜେଡିକୁ ୪୦.୧୯% ଭୋଟ ଓ ବିଜେପିକୁ ୪୦.୦୧% ଭୋଟ ମିଳିଛି। ସେହିପରି ଲୋକସଭାରେ ବିଜେପିକୁ ୪୨.୪୨% ଓ ବିଜେଡିକୁ ୩୭.୫% ଭୋଟ ମିଳିଛି। ଅନ୍ୟପକ୍ଷରେ କଂଗ୍ରେସ ବିଧାନସଭାରେ ମାତ୍ର ୧୨.୪୪% ଭୋଟ ସଂଗ୍ରହ କରିବାକୁ ସକ୍ଷମ ହୋଇଛି।

ବିଧାନସଭାରେ ବିଜେଡିଠାରୁ ମାତ୍ର ୦.୧୮% କମ୍ ଭୋଟ ପାଇଥିବା ସତ୍ତ୍ୱେ ଯଥେଷ୍ଟ ଅଧିକ ଆସନରେ ବିଜେପି ବିଜୟୀ ହେବାକୁ ସକ୍ଷମ ହୋଇଛି। ବିଜେଡି ୫୧ଟି ବିଧାନସଭା ଆସନରେ ବିଜୟୀ ବା ଅଗ୍ରଣୀ ରହିଥିବାବେଳେ ବିଜେପି ୨୭ଟି ଅଧିକ ଆସନ ଅର୍ଥାତ୍ ୭୮ଟି ବିଧାନସଭା ଆସନରେ ଅଗ୍ରଣୀ ବା ବିଜୟୀ ରହିଛି। ଅନ୍ୟପକ୍ଷରେ ଲୋକସଭା ନିର୍ବାଚନରେ ବିଜେପି ୪୫.୪୨% ଭୋଟ ସହ ୨୦ଟି ଲୋକସଭା କ୍ଷେତ୍ରରେ ବିଜୟୀ ହୋଇଛି।




# କେଉଁ ରାଜ୍ୟରେ କାହାକୁ କେତେ ?




## ଉତ୍ତରପ୍ରଦେଶ: ଆସନ ସଂଖ୍ୟା ୮୦



| ଦଳ | ଆସନ |
|---|---|
| ବିଜେପି | ୩୩ |
| କଂଗ୍ରେସ | ୦୬ |
| ସମାଜବାଦୀ ପାର୍ଟି | ୩୭ |
| ବିଏସପି | ୦୦ |
| ଆରଏଲଡି | ୦୨ |

## ମହାରାଷ୍ଟ୍ର: ଆସନ ସଂଖ୍ୟା ୪୮



| ଦଳ | ଆସନ |
|---|---|
| ବିଜେପି | ୧୦ |
| କଂଗ୍ରେସ | ୧୩ |
| ଏନସିପି (ଶରଦ) | ୦୭ |
| ଶିବସେନା(ସିନ୍ଦେ) | ୦୭ |
| ଶିବସେନା(ଉଦ୍ଧବ) | ୦୯ |

## ପଞ୍ଜାବ: ଆସନ ସଂଖ୍ୟା ୧୨



| ଦଳ | ଆସନ |
|---|---|
| ବିଜେପି | ୦୦ |
| କଂଗ୍ରେସ | ୦୭ |
| ଆପ୍ | ୦୩ |
| ଅକାଳୀ ଦଳ | ୦୧ |

## ଜମ୍ମୁ-କାଶ୍ମୀର: ଆସନ ସଂଖ୍ୟା ୦୫



| ଦଳ | ଆସନ |
|---|---|
| ବିଜେପି | ୦୨ |
| କଂଗ୍ରେସ | ୦୦ |
| ଜେକେଏନ୍ | ୦୨ |
| ସ୍ୱାଧୀନ | ୦୧ |

## କର୍ଣ୍ଣାଟକ: ଆସନ ସଂଖ୍ୟା ୨୮



| ଦଳ | ଆସନ |
|---|---|
| ବିଜେପି | ୧୭ |
| କଂଗ୍ରେସ | ୦୯ |
| ଜେଡି(ଏସ୍) | ୦୨ |

## ତାମିଲନାଡୁ: ଆସନ ସଂଖ୍ୟା ୩୯



| ଦଳ | ଆସନ |
|---|---|
| ବିଜେପି | ୦୦ |
| କଂଗ୍ରେସ | ୦୯ |
| ଡିଏମକେ | ୨୨ |

## ଓଡ଼ିଶା : ଆସନ ସଂଖ୍ୟା ୨୧



| ଦଳ | ଆସନ |
|---|---|
| ବିଜେପି | ୨୦ |
| ବିଜେଡି | ୦୦ |
| କଂଗ୍ରେସ | ୦୧ |

## ରାଜସ୍ଥାନ: ଆସନ ସଂଖ୍ୟା ୨୫



| ଦଳ | ଆସନ |
|---|---|
| ବିଜେପି | ୧୪ |
| କଂଗ୍ରେସ | ୦୮ |
| ଅନ୍ୟଦଳ | ୦୩ |

## ହିମାଚଳ ପ୍ରଦେଶ : ଆସନ ସଂଖ୍ୟା ୦୪



| ଦଳ | ଆସନ |
|---|---|
| ବିଜେପି | ୦୪ |
| କଂଗ୍ରେସ | ୦୦ |

## ଉତ୍ତରାଖଣ୍ଡ : ଆସନ ସଂଖ୍ୟା ୦୫



| ଦଳ | ଆସନ |
|---|---|
| ବିଜେପି | ୦୫ |
| କଂଗ୍ରେସ | ୦୦ |

## ମେଘାଳୟ : ଆସନ ସଂଖ୍ୟା ୦୨



| ଦଳ | ଆସନ |
|---|---|
| ବିଜେପି | ୦୧ |
| ଅନ୍ୟ ଦଳ | ୦୧ |

## ତ୍ରିପୁରା : ଆସନ ସଂଖ୍ୟା ୦୨



| ଦଳ | ଆସନ |
|---|---|
| ବିଜେପି | ୦୨ |
| କଂଗ୍ରେସ | ୦୦ |

## ଗୋଆ : ଆସନ ସଂଖ୍ୟା ୦୨



| ଦଳ | ଆସନ |
|---|---|
| ବିଜେପି | ୦୧ |
| କଂଗ୍ରେସ | ୦୧ |

## ମଧ୍ୟପ୍ରଦେଶ : ଆସନ ସଂଖ୍ୟା ୨୯



| ଦଳ | ଆସନ |
|---|---|
| ବିଜେପି | ୨୯ |
| କଂଗ୍ରେସ | ୦୦ |

## ବିହାର: ଆସନ ସଂଖ୍ୟା ୪୦



| ଦଳ | ଆସନ |
|---|---|
| ବିଜେପି | ୧୨ |
| କଂଗ୍ରେସ | ୦୩ |
| ଜେଡିୟୁ | ୧୨ |
| ଆରଜେଡି | ୦୪ |

## କେରଳ: ଆସନ ସଂଖ୍ୟା ୨୦



| ଦଳ | ଆସନ |
|---|---|
| ବିଜେପି | ୦୧ |
| କଂଗ୍ରେସ | ୧୪ |
| ମୁସଲିମ ଲିଗ୍ | ୦୨ |
| ସିପିଆଇ(ଏମ) | ୦୧ |
| ଅନ୍ୟ | ୦୨ |

## ଝାଡ଼ଖଣ୍ଡ: ଆସନ ସଂଖ୍ୟା ୧୪



| ଦଳ | ଆସନ |
|---|---|
| ବିଜେପି | ୦୮ |
| କଂଗ୍ରେସ | ୦୨ |
| ଜେଏମଏମ | ୦୩ |
| ଏଜେଏସୟୁ | ୦୧ |

## ଆନ୍ଧ୍ର ପ୍ରଦେଶ : ଆସନ ସଂଖ୍ୟା ୨୫



| ଦଳ | ଆସନ |
|---|---|
| ବିଜେପି | ୦୩ |
| କଂଗ୍ରେସ | ୦୦ |
| ଟିଡିପି | ୧୬ |
| ୱାଇଏସଆର୍ | ୦୪ |

## ତେଲଙ୍ଗାନା: ଆସନ ସଂଖ୍ୟା ୧୭



| ଦଳ | ଆସନ |
|---|---|
| ବିଜେପି | ୦୮ |
| କଂଗ୍ରେସ | ୦୮ |
| ଅନ୍ୟ | ୦୧ |

## ପଶ୍ଚିମବଙ୍ଗ : ଆସନ ସଂଖ୍ୟା ୪୨



| ଦଳ | ଆସନ |
|---|---|
| ବିଜେପି | ୧୨ |
| କଂଗ୍ରେସ | ୦୧ |
| ଟିଏମସି | ୨୯ |

## ଦିଲ୍ଲୀ: ଆସନ ସଂଖ୍ୟା ୦୭



| ଦଳ | ଆସନ |
|---|---|
| ବିଜେପି | ୦୭ |
| କଂଗ୍ରେସ | ୦୦ |
| ଆପ୍ | ୦୦ |

## ଆସାମ: ଆସନ ସଂଖ୍ୟା ୧୪



| ଦଳ | ଆସନ |
|---|---|
| ବିଜେପି | ୦୯ |
| କଂଗ୍ରେସ | ୦୩ |
| ଏଜିପି | ୦୧ |

## ହରିୟାଣା : ଆସନ ସଂଖ୍ୟା ୧୦



| ଦଳ | ଆସନ |
|---|---|
| ବିଜେପି | ୦୫ |
| କଂଗ୍ରେସ | ୦୫ |

## ଅରୁଣାଚଳ ପ୍ରଦେଶ : ଆସନ ସଂଖ୍ୟା ୦୨



| ଦଳ | ଆସନ |
|---|---|
| ବିଜେପି | ୦୨ |
| କଂଗ୍ରେସ | ୦୦ |

## ନାଗାଲାଣ୍ଡ : ଆସନ ସଂଖ୍ୟା ୦୧



| ଦଳ | ଆସନ |
|---|---|
| ବିଜେପି | ୦୦ |
| କଂଗ୍ରେସ | ୦୧ |

## ମଣିପୁର : ଆସନ ସଂଖ୍ୟା ୦୨



| ଦଳ | ଆସନ |
|---|---|
| ବିଜେପି | ୦୦ |
| କଂଗ୍ରେସ | ୦୨ |

## ଗୁଜରାଟ : ଆସନ ସଂଖ୍ୟା ୨୬



| ଦଳ | ଆସନ |
|---|---|
| ବିଜେପି | ୨୫ |
| କଂଗ୍ରେସ | ୦୧ |

## ଛତିଶଗଡ଼ : ଆସନ ସଂଖ୍ୟା ୧୧



| ଦଳ | ଆସନ |
|---|---|
| ବିଜେପି | ୧୦ |
| କଂଗ୍ରେସ | ୦୧ |

## ମିଜୋରାମ : ଆସନ ସଂଖ୍ୟା ୦୧



| ଦଳ | ଆସନ |
|---|---|
| ଜେପିଏମ୍ | ୦୧ |

## ସିକିମ : ଆସନ ସଂଖ୍ୟା ୦୧



| ଦଳ | ଆସନ |
|---|---|
| କ୍ରାନ୍ତିକାରୀ ମୋର୍ଚ୍ଚା | ୦୧ |

## ମିଥ୍ୟା ସାବ୍ୟସ୍ତ ହେଲା ସବୁ ଏକ୍‌ଜିଟ୍ ପୋଲ୍

ପୁଣିଥରେ ଏକ୍‌ଜିଟ୍ ପୋଲ୍ ବିଫଳ ହୋଇଛି। ଲୋକସଭା ନିର୍ବାଚନକୁ ନେଇ ହୋଇଥିବା ସମସ୍ତ ଏକ୍‌ଜିଟ ପୋଲ (ବୁଥ୍ ବାହୁଡ଼ା ମତ) ଭୁଲ୍ ସାବ୍ୟସ୍ତ ହୋଇଛି। ଏହି ଆକଳନ ଓଲଟା ହୋଇଯାଇଛି। ଅଧିକାଂଶ ଏକ୍‌ଜିଟ ପୋଲ ଏନ୍‌ଡିଏକୁ ୩୬୦ରୁ ୩୯୦ ଆସନ ଦେଇଥିଲେ। ମାତ୍ର ଏନ୍‌ଡିଏ ୩୦୦ ପାର୍ କରିପାରି ନାହିଁ। ୨୦୧୪ ଏବଂ ୨୦୧୯ରେ ମିଳିଥିବା ଆସନ ତୁଳନାରେ ଏହି ମେଣ୍ଟ ପଛରେ ରହିଛି। ସେହିପରି ଏକ୍‌ଜିଟ ପୋଲ ଗୁଡିକ 'ଇଣ୍ଡି'କୁ ଯେତିକି ଆସନ ଦେଇଥିଲେ ତା ଠାରୁ ଅଧିକ ଆସନ ଏହି ବିରୋଧୀ ମେଣ୍ଟ ପାଇଛି। ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ, ରାଜସ୍ଥାନ ଭଳି ରାଜ୍ୟକୁ ନେଇ କରାଯାଇଥିବା ଆକଳନ ମଧ୍ୟ ଭୁଲ୍ ହୋଇଛି। ୟୁପିରେ ଏହା ସମ୍ପୂର୍ଣ୍ଣ ଓଲଟା ହୋଇଯାଇଛି। ଏବେ ଆମ ଆଦମୀ ପାର୍ଟି (ଆପ୍) ନେତା ବଡ଼ ଦାବି କରିଛନ୍ତି। ଭୁଲ୍ ଆକଳନକୁ ନେଇ ଏକ୍‌ଜିଟ ପୋଲଗୁଡିକ କ୍ଷମା ମାଗନ୍ତୁ ବୋଲି କହିଛନ୍ତି।

## ନିର୍ବାଚନ ପୂର୍ବରୁ ବିଜେପିକୁ ଆସିଥିବା ୮୦% ନେତା ପରାଜିତ

ନୂଆଦିଲ୍ଲୀ, ୪।୬ (ଏଜେନ୍ସି): ଚଳିତ ଲୋକସଭା ନିର୍ବାଚନରେ ଦଳ ବଦଳେଇଥିବା ନେତାଙ୍କୁ ଜନତା ନା କହିଛନ୍ତି। ନିର୍ବାଚନ ପୂର୍ବରୁ ଅତିକମ୍‌ରେ ଅନ୍ୟ ଦଳର ୨୫ ନେତା ବିଜେପିରେ ସାମିଲ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୨୦ ଜଣ ହାରି ଯାଇଛନ୍ତି। ସେହିପରି ଦଳ ବଦଳ କରି କଂଗ୍ରେସ ଟିକଟରୁ ନିର୍ବାଚନ ଲଢ଼ିଥିବା ୭ ଜଣଙ୍କ ମଧ୍ୟରୁ ମାତ୍ର ୨ ଜଣ (୨୮%) ବିଜୟୀ ହୋଇଛନ୍ତି। ଅନ୍ୟ ଦଳରେ ସାମିଲ ହୋଇଥିବା ନେତାଙ୍କ ମଧ୍ୟ ସମାନ ସ୍ଥିତି ରହିଛି। ଅନ୍ୟଦଳରୁ ଆସି ବିଜେପି ହାରିଥିବା ନେତାଙ୍କ ମଧ୍ୟରେ ସୁଶୀଲ କୁମାର ରିଙ୍କୁ (ଜଳନ୍ଧର), ଅଶୋକ ତନୱର (ସିର୍ସା), ରଣଜିତ ସିଂହ ଚୌତାଲା (ହିସାର), ତାପସ ରାୟ (କୋଲକାତା ଉତ୍ତର), ପରନିତ କୌର (ପଟିୟାଲା), ଡ. ଜ୍ୟୋତି ମିର୍ଦ୍ଧା (ନାଗୌର), ସୀତା ସୋରେନ (ଦୁମକା) ସାମିଲ ଅଛନ୍ତି। ଦଳ ବଦଳାଇ ବିଜେପିକୁ ଆସିଥିବା ପ୍ରତି ୫ରୁ ୪ ଜଣ ପ୍ରାର୍ଥୀ ହାରିଛନ୍ତି।

## ଅଯୋଧ୍ୟାରେ ବିଜେପି ହାରିଲା

ଫୈଜାବାଦ ଲୋକସଭା ଆସନର ବିଜେପି ପ୍ରାର୍ଥୀ ଲାଲୁ ସିଂହ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସମାଜବାଦୀ ପାର୍ଟି ପ୍ରାର୍ଥୀ ଅବଦେଶ୍ ପ୍ରସାଦଙ୍କଠାରୁ ୫୪୩୫୨ ଭୋଟ ବ୍ୟବଧାନରେ ହାରିଯାଇଛନ୍ତି। ଫୈଜାବାଦ ସଂସଦୀୟ କ୍ଷେତ୍ରରେ ରହିଛି ଅଯୋଧ୍ୟା ଓ ରାମ ମନ୍ଦିର। ସୁବିଶାଳ, ସୁରମ୍ୟ ରାମ ମନ୍ଦିର ନିର୍ମାଣ ଓ ନବନିର୍ମିତ ମନ୍ଦିରରେ ରାମଲାଲାଙ୍କ ପ୍ରତିମାର ପ୍ରାଣପ୍ରତିଷ୍ଠା ଉତ୍ସବ ବିଜେପିର ଅନ୍ୟତମ ମୁଖ୍ୟ ନିର୍ବାଚନ ପ୍ରସଙ୍ଗ ଥିଲା। ଅଯୋଧ୍ୟାରେ ବିଜେପି ହାରିବ ବୋଲି କେହି କଳ୍ପନା କରିନଥିଲେ। ଫୈଜାବାଦ ସଂସଦୀୟ କ୍ଷେତ୍ରର ମୁସଲିମ୍ ଭୋଟ ଭାଗ ନହୋଇ ସମାଜବାଦୀ ପ୍ରାର୍ଥୀଙ୍କୁ ମିଳିବାରୁ ବିଜେପି ହାରିଛି ବୋଲି କୁହାଯାଉଛି।

## କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ପରାସ୍ତ



୨୦୧୯ ନିର୍ବାଚନରେ କଂଗ୍ରେସର ଅଭେଦ୍ୟ ଦୁର୍ଗ କୁହାଯାଉଥିବା ଆମେଥି ଲୋକସଭା ଆସନରେ ରାହୁଲ ଗାନ୍ଧୀଙ୍କୁ ହରାଇ ଜିୟାଣ୍ଟ ସ୍ଲେୟର୍ ମାନ୍ୟତା ପାଇଥିବା କେନ୍ଦ୍ର ମନ୍ତ୍ରୀ ସ୍ମୃତି ଇରାନୀ ତାଙ୍କ କଂଗ୍ରେସ ପ୍ରତିଦ୍ୱନ୍ଦ୍ୱୀ କିଶୋରୀଲାଲ ଶର୍ମାଙ୍କଠାରୁ ହାରିଯାଇଛନ୍ତି। ଶର୍ମା ପ୍ରାୟ ୧ଲକ୍ଷ ଭୋଟ ବ୍ୟବଧାନରେ ସ୍ମୃତିଙ୍କୁ ହରାଇଛନ୍ତି। ତାଙ୍କୁ ହାଲୁକା ଭାବିବା ସ୍ମୃତିଙ୍କୁ ମହଙ୍ଗା ପଡ଼ିଛି। ସ୍ମୃତି ଓ ତାଙ୍କ ସମର୍ଥକମାନେ ଶର୍ମାଙ୍କୁ ଗାନ୍ଧୀ ପରିବାରର ଗୁମସ୍ତା ଓ ପ୍ରକ୍ସି ପ୍ରାର୍ଥୀ ବୋଲି କହୁଥିଲେ।

## ହାରିଲେ ଓମାର ଓ ମେହବୁବା



ଜମ୍ମୁ-କାଶ୍ମୀରର ଅନନ୍ତନାଗ-ରଜୌରୀ ସଂସଦୀୟ କ୍ଷେତ୍ରର ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି(ପିଡିପି) ପ୍ରାର୍ଥୀ ମେହବୁବା ମୁଫତି ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଜମ୍ମୁ-କାଶ୍ମୀର ନ୍ୟାସନାଲ କନଫରେନ୍ସ (ଜେକେଏନସି) ପ୍ରାର୍ଥୀ ମିଆଁ ଅଲତାଫ୍ ଅହମ୍ମଦଙ୍କଠାରୁ ହାରିଯାଇଛନ୍ତି। ସେହିଭଳି ବାରମୂଲା ସଂସଦୀୟ କ୍ଷେତ୍ରର ଜେକେଏନ୍‌ସି ପ୍ରାର୍ଥୀ ଓମାର ଅବଦୁଲ୍ଲା ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସ୍ୱାଧୀନ ପ୍ରାର୍ଥୀ ଶେଖ ଅବଦୁଲ୍ ରସିଦଙ୍କଠାରୁ ଲକ୍ଷାଧିକ ଭୋଟ ବ୍ୟବଧାନରେ ହାରିଯାଇଛନ୍ତି। ଜେଲ୍‌ରେ ଥାଇ ସେ ନିର୍ବାଚନ ଲଢ଼ି ଓମାର ଅବଦୁଲ୍ଲାଙ୍କୁ ପରାସ୍ତ କରିପାରିଛନ୍ତି।

## ଦୁଷ୍କର୍ମ ଅଭିଯୁକ୍ତ ପ୍ରଜ୍ୱଳଙ୍କ ପଦ ଗଲା



ଦୁଷ୍କର୍ମ ଅଭିଯୁକ୍ତ କର୍ଣ୍ଣାଟକର ହାସନ ସଂସଦୀୟ କ୍ଷେତ୍ରର ସାଂସଦ ପ୍ରଜ୍ୱଳ ରେଭନ୍ନା ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଶ୍ରେୟସ ପଟେଲଙ୍କଠାରୁ ୪୨ହଜାର୬୪୯ ଭୋଟ ବ୍ୟବଧାନରେ ହାରିଯାଇଛନ୍ତି। ହାସନ ସଂସଦୀୟ କ୍ଷେତ୍ରରେ ୧୩ଲକ୍ଷ ୫୫ ହଜାର ଭୋଟର ଭୋଟ ଦେଇଥିଲେ। ଶ୍ରେୟସଙ୍କୁ ୬ଲକ୍ଷ ୭୨ହଜାର୯୮୮ ଖଣ୍ଡ ଭୋଟ ମିଳିଥିବା ବେଳେ ପ୍ରଜ୍ୱଳ ପାଇଛନ୍ତି ୬ଲକ୍ଷ ୩୦ହଜାର ୩୩୯ ଖଣ୍ଡ ଭୋଟ।

## ହାରିଲେ ଗୃହ ରାଷ୍ଟ୍ରମନ୍ତ୍ରୀ ଟେନି



କୃଷକଙ୍କ ଅସନ୍ତୋଷ ବିଜେପି ପାଇଁ ଭାରି ସାବ୍ୟସ୍ତ ହୋଇଛି। ଲୋକସଭା ନିର୍ବାଚନରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରା ଟେନି ଲଖିପୁର ଖେରି ଆସନରୁ ହାରି ଯାଇଛନ୍ତି। ସମାଜବାଦୀ ପାର୍ଟି ପ୍ରାର୍ଥୀ ଉତ୍କର୍ଷ ବର୍ମା ଏଠାରୁ ବିଜୟୀ ହୋଇଛନ୍ତି। ସେ ୩୩ ହଜାରୁ ଅଧିକ ଭୋଟରେ ଟେନିଙ୍କୁ ହରାଇଛନ୍ତି। ଟେନି ୫, ୨୧, ୯୫୪ ଏବଂ ବର୍ମା ୫, ୫୫, ୨୭୦ ଭୋଟ ପାଇଛନ୍ତି। ଏହି ଆସନ ୨୦୨୧ରୁ ସାରା ବିଶ୍ୱରେ ଚର୍ଚ୍ଚାରେ ରହିଥିଲା। ସେହି ବର୍ଷ କେନ୍ଦ୍ରମନ୍ତ୍ରୀଙ୍କ ପୁଅ ଆଶିଷ ଆନ୍ଦୋଳନ କରୁଥିବା ଚାଷୀଙ୍କ ଉପରେ ଗାଡ଼ି ଚଢ଼ାଇ ଦେଇଥିଲେ। ଏଥିରେ ୮ ଜଣଙ୍କ ମୃତ୍ୟୁ ହୋଇଥିଲା।

### ଦୁଇ ସହଯୋଗୀ ଦଳୀୟ ନେତାଙ୍କ ଉପରେ ସମସ୍ତଙ୍କ ଦୃଷ୍ଟି

# ନାୟକ ସାଜିବେ ନୀତୀଶ-ନାଇଡୁ !

ନୂଆଦିଲ୍ଲୀ, ୪।୬ (ଏଜେନ୍ସି)





ଦେଶର ସବୁଠାରୁ ବଡ଼ ନିର୍ବାଚନର ଫଳାଫଳ ଆସି ସାରିଛି। ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ୨୯୪ ଆସନରେ ଆଗରେ ଚାଲିଛି। ଏହି ମେଣ୍ଟ କ୍ରମାଗତ ତୃତୀୟ ଥର ପାଇଁ ସରକାର ଗଠନ କରିବାକୁ ଯାଉଛି। ମାତ୍ର ୨୦୧୪ ଏବଂ ୨୦୧୯ ନିର୍ବାଚନ ଭଳି ଚଳିତ ଥର ବିଜେପି ବହୁମତ ହାସଲ କରିପାରି ନାହିଁ। କିନ୍ତୁ ଏହି ନିର୍ବାଚନ 'ଏନ୍' କୈନ୍ଦ୍ରିକରୁ ଆରମ୍ଭ ହୋଇଥିଲା ଏବଂ ଏଥିରେ ମଧ୍ୟ ଶେଷ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁ ନିର୍ବାଚନର କେନ୍ଦ୍ରରେ ଥିଲେ। ମୁଖ୍ୟମନ୍ତ୍ରୀ ହେବା ପରେ ଚନ୍ଦ୍ରବାବୁ ବିଧାନସଭା ଯିବେ ବୋଲି ଶପଥ କରିଥିଲେ। ଏବେ ତାହା ସତ୍ୟ ହେବାକୁ ଯାଉଛି।ଏବେ କ୍ଷମତା ଏନଡିଏର ୨ ବଡ଼ ସହଯୋଗୀ ନୀତୀଶ କୁମାର ଏବଂ ଚନ୍ଦ୍ରବାବୁ ନାଇଡୁଙ୍କ ହାତରେ ରହିବ। ନରେନ୍ଦ୍ର ମୋଦୀଙ୍କ ତୃତୀୟ ପାଳି ଏହି ଦୁଇ ଜଣଙ୍କ ଉପରେ ନିର୍ଭର କରୁଛି। ଯଦି ସରକାର ଗଠନ ହୁଏ ତେବେ ଏଥିରେ ଉଭୟଙ୍କ ଆଭିମୁଖ୍ୟକୁ ପ୍ରାଧାନ୍ୟ ଦିଆଯିବ। ତେଣୁ ବିଜେପି ନିଜର ପ୍ରମୁଖ ଏଜେଣ୍ଡା କାର୍ଯ୍ୟକାରୀ କରିପାରିବ ନାହିଁ ବୋଲି କୁହାଯାଉଛି। ସନ୍ଧ୍ୟା ସୁଦ୍ଧା ବିଜେପି ୨୩୯ ଆସନରେ ଆଗୁଆ ଅଛି। ଟିଡିପି ୧୬ ଏବଂ ଜେଡିୟୁ ୧୨ଟି ଆସନରେ ଆଗେଇଛି। ବହୁମତ ପାଇଁ ୨୭୨ ଆସନ ଆବଶ୍ୟକ। ଏଭଳି ସ୍ଥିତିରେ ଏହି ଦଳମାନଙ୍କ ମଧ୍ୟରେ କ୍ଷମତା ବଣ୍ଟନ କଲେ ୮୯% ବିଜେପି ହାତରେ ଏବଂ ଜେଡିୟୁ ଓ ଟିଡିପି ପାଖରେ ୫.୫ ପ୍ରତିଶତ ଲେଖାଏଁ ଶକ୍ତି ରହିବ। ଦେଖିବାକୁ ଏହି କ୍ଷମତା ବହୁତ କମ୍ ହୋଇଥିଲେ ମଧ୍ୟ ସରକାର ଭୁଶୁଡ଼େଇବାକୁ ଯଥେଷ୍ଟ। ନୀତୀଶ କୁମାର ବାରମ୍ବାର ସହଯୋଗୀ ବଦଳାଇବାର ରେକର୍ଡ ରହିଛି। ତେଣୁ ସ୍ଥିତିକୁ ଦେଖି ବିରୋଧୀ ମେଣ୍ଟ ମଧ୍ୟ ସକ୍ରିୟ ହୋଇଯାଇଛି। ପ୍ରଧାନମନ୍ତ୍ର ମୋଦୀ ନିଜେ ଟିଡିପି ମୁଖ୍ୟ ଚନ୍ଦ୍ରବାବୁ ନାଇଡୁଙ୍କ ସହ କଥା ହୋଇଛନ୍ତି। ସେହିପରି ବିହାର ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ବିଜେପି ଅଧ୍ୟକ୍ଷ ତଥା ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ପହଞ୍ଚିଛନ୍ତି। ମାତ୍ର ସେ ନୀତୀଶଙ୍କୁ ସାକ୍ଷାତ କରିପାରି ନାହାନ୍ତି। ଏହାର ଦିନକ ପୂର୍ବରୁ ନୀତୀଶ କୁମାର ଦିଲ୍ଲୀରେ ପ୍ରଧାନମନ୍ତ୍ରୀଙ୍କୁ ଭେଟିଥିଲେ। ଏବେ ସମ୍ରାଟ ନୀତୀଶଙ୍କୁ ନ ଭେଟିବାକୁ ନେଇ କଳ୍ପନାଜଳ୍ପନା ଲାଗି ରହିଛି। ଏହା ମଧ୍ୟରେ ଆରଜେଡି ଦାବି କରିଛି ଯେ ନୀତୀଶ ପ୍ରତିଶୋଧର ରାଜନୀତି ସପକ୍ଷରେ ନାହାନ୍ତି। ସେ କୌଣସି ବଡ଼ ନିଷ୍ପତ୍ତି ନେଇପାରନ୍ତି। କିନ୍ତୁ ଜେଡିୟୁର ପ୍ରତିଷ୍ଠାତା ସଦସ୍ୟ ତଥା ସାଧାରଣ ସମ୍ପାଦକ କେସି ତ୍ୟାଗୀ ଏହି ସବୁ ଅନୁମାନକୁ ଖାରଜ କରିଦେଇଛନ୍ତି। ନୀତୀଶ ଏନଡିଏ ସହ ରହିବେ ବୋଲି କହିଛନ୍ତି।

ସୂଚନାଯୋଗ୍ୟ ଯେ ଟିଡିପି ପୂର୍ବରୁ ମଧ ଏନ୍‌ଡିଏରେ ସାମିଲ ଥିଲା। ୨୦୧୪ ବିଜେପି ଏବଂ ଟିଡିପି ମିଳିତ ଭାବେ ଲଢ଼ିଥିଲେ। ୨୦୧୮ରେ ଟିଡିପି ଏନ୍‌ଡିଏରୁ ବାହାରି ଆସିଥିଲା। ଏହା ପରେ ମୋଦୀ ଏବଂ ନାଇଡୁଙ୍କ ମଧ୍ୟରେ ବିବାଦ ଚରମରେ ପହଞ୍ଚି ଯାଇଥିଲା। ସ୍ଥିତି ଏପରି ହୋଇଥିଲା ଯେ ଆନ୍ଧ୍ରପ୍ରଦେଶରେ ଗସ୍ତରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ଟିଡିପିର କୌଣସି ମନ୍ତ୍ରୀ ଯାଇ ନ ଥିଲେ। କିନ୍ତୁ ଏ ସବୁକୁ ଭୁଲାଇ ଚଳିତ ବର୍ଷ ମାର୍ଚ୍ଚ ୯ରେ ଟିଡିପି ପୁଣି ଏନଡିଏରେ ସାମିଲ ହୋଇଥିଲା। ଏହା ପଛରେ ନାଇଡୁଙ୍କ ବ୍ୟକ୍ତିଗତ କାରଣ ଥିଲା। ସେ ଦୁର୍ନୀତି ମାମଲାରେ କେନ୍ଦ୍ରୀୟ ଏଜେନ୍ସିର କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ଲାଗି ଏପରି କରିଥିବା କୁହାଯାଉଛି। କିନ୍ତୁ ମୁସଲମାନଙ୍କୁ ସଂରକ୍ଷଣକୁ ଦେବାକୁ ନେଇ ଦୁଇ ଦଳ ମଧ୍ୟରେ ପାର୍ଥକ୍ୟ ରହିଛି।

## ମୋଦୀ-ଶାହାଙ୍କୁ ଦେଶ ଚାହୁଁନି: ରାହୁଲ

ଦେଶ ମୋଦୀ-ଶାହଙ୍କୁ ଚାହୁଁନାହିଁ। ଏହି ଲଢ଼େଇ ସମ୍ବିଧାନ ବଞ୍ଚାଇବା ପାଇଁ ଥିଲା। ଯେତେବେଳେ କଂଗ୍ରେସର ବ୍ୟାଙ୍କ ଖାତା ଜବତ ଏବଂ ୨ ଜଣ ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରାଗଲା, ସେତେବେଳେ ସମ୍ବିଧାନ ବଞ୍ଚାଇବା ପାଇଁ ଲଢ଼େଇ କରିବାକୁ ନିଷ୍ପତ୍ତି ନେଇଥିଲୁ। ଭାରତର ଜନତା ସମ୍ବିଧାନ ଏବଂ ଗଣତନ୍ତ୍ରଙ୍କୁ ବଞ୍ଚାଇ ଦେଇଛନ୍ତି। ଦେଶର ଶୋଷିତ ଏବଂ ଗରିବ ଲୋକେ ନିଜର ଅଧିକାର ପାଇଁ 'ଇଣ୍ଡି' ସହ ଛିଡ଼ା ହୋଇଛନ୍ତି। କଂଗ୍ରେସ ମୁଖ୍ୟାଳୟରେ ମଙ୍ଗଳବାର ସାମ୍ବାଦିକ ସମ୍ମିଳନୀ କରି ଦଳୀୟ ସାଂସଦ ରାହୁଲ ଗାନ୍ଧୀ ଏହି ମନ୍ତବ୍ୟ ଦେଇଛନ୍ତି। ବୁଧବାର ହେବାକୁ ଥିବା ମେଣ୍ଟ ବୈଠକରେ ସରକାର ଗଠନ କିମ୍ବା ବିରୋଧୀ ଆସନରେ ବସିବା ନେଇ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି। ଏଥିରେ ଟିଡିପି ଏବଂ ଜେଡିୟୁ ସହ ଆଲୋଚନା କରାଯିବ କି ନାହିଁ ନିଷ୍ପତ୍ତି ନିଆଯିବ। ସେହିପରି ସରକାର ଗଠନର ଯୋଜନା ବିଷୟରେ ପଚାରିବାରୁ ଏ ବିଷୟରେ କିଛି କହିବେ ନାହିଁ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି।

**ମେଣ୍ଟ ବୈଠକରେ ଜେଡିୟୁ-ଟିଡିପି ଉପରେ ନିଷ୍ପତ୍ତି**

## ଦେଢ଼ ଲକ୍ଷ ଭୋଟ ବ୍ୟବଧାନରେ ଜିତିଲେ ମୋଦୀ



ବାରାଣସୀ,୪।୬(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତୃତୀୟ ଥର ପାଇଁ ବାରାଣସୀ ଆସନରୁ ବିଜୟୀ ହୋଇଛନ୍ତି। ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଅଜୟ ରାୟଙ୍କୁ ପ୍ରାୟ ଦେଢ ଲକ୍ଷରୁ ଅଧିକ ଭୋଟ୍‌ରେ ପରାଜିତ କରିଛନ୍ତି। ମୋଦୀଙ୍କୁ ୬ ଲକ୍ଷ ୧୨ ହଜାର ୯ ୭୦ ଭୋଟ୍ ମିଳିଥିଲା ବେଳେ ଅଜୟ ରାୟଙ୍କୁ ୪ ଲକ୍ଷ ୬୦ ହଜାର ୪୫୭ ଭୋଟ ମିଳିଛି। କ୍ରମାଗତ ତୃତୀୟ ଥର ପାଇଁ ମୋଦୀ ଏହି ଆସନରୁ ବିଜୟୀ ହୋଇଛନ୍ତି। ୨୦୧୯ ନିର୍ବାଚନରେ ମୋଦୀ ଏହି ଆସନରେ ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲଙ୍କୁ ପ୍ରାୟ ୪ ଲକ୍ଷ ଭୋଟ ବ୍ୟବଧାନରେ ହରାଇ ବିଜୟୀ ହୋଇଥିଲେ।

## ୟୁପିରୁ ସର୍ବାଧିକ ଭୋଟରେ ଜିତିଲେ ରାହୁଲ



ନୂଆଦିଲ୍ଲୀ,୪।୬(ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧୀ ରାଏବରେଲିରୁ ବୃହତ ବିଜୟ ହାସଲ କରିଛନ୍ତି। ସେ ବିଜେପିର ଦିନେଶ ପ୍ରତାପ ସିଂହଙ୍କୁ ୩ ଲକ୍ଷ ୫୦ ହଜାରୁ ଅଧିକ ଭୋଟରେ ହରାଇଛନ୍ତି। ସେ ବଂଶଗତ ଆସନକୁ ବଜାୟ ରଖିବାରେ ସକ୍ଷମ ହୋଇଛନ୍ତି। ଏହା ସହିତ ସେ ୟୁପିର ସର୍ବାଧିକ ବ୍ୟବଧାନରେ ବିଜୟୀ ହେବାର ରେକର୍ଡ ନିଜ ନାମରେ କରିଛନ୍ତି। ୨୦୦୪ରୁ ସୋନିଆ ଗାନ୍ଧୀ ଏହି ଆସନରୁ ଲଢ଼ି ଆସୁଥିଲେ। କିନ୍ତୁ ଚଳିତ ଥର ସେ ରାଜ୍ୟସଭାକୁ ଯାଇ ପୁଅ ପାଇଁ ଏହି ଆସନ ଛାଡ଼ିଥିଲେ। ସେ ରାଏବରେଲିରେ ପୁଅକୁ ଆପଣମାନଙ୍କୁ ସମର୍ପି ଦେଲି ବୋଲି କହିଥିଲେ।

## ଇନ୍ଦୋରରେ ୩ ନୂଆ ନିର୍ବାଚନ ରେକର୍ଡ

ଇନ୍ଦୋର, ୪।୬(ଏଜେନ୍ସି): ମଧ୍ୟପ୍ରଦେଶର ଇନ୍ଦୋର ଲୋକସଭା ଆସନର ବିଜେପି ପ୍ରାର୍ଥୀ ଶଙ୍କର ଲାଲୱାନୀ ୧୨ଲକ୍ଷରୁ ଅଧିକ ଭୋଟ ପାଇଛନ୍ତି ଯାହା ଏକ ନୂଆ ରେକର୍ଡ। ଏଥିପୂର୍ବରୁ କେହି ଲୋକସଭା ପ୍ରାର୍ଥୀ ଏତେ ଅଧିକ ଭୋଟ ପାଇନାହାନ୍ତି। ପୂର୍ବରୁ କେହି ପ୍ରାର୍ଥୀ ପାଇଥିବା ସର୍ବାଧିକ ଭୋଟ ସଂଖ୍ୟା ଥିଲା ୧୦ଲକ୍ଷ ୬୮ ହଜାର। ଲାଲୱାନୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସଞ୍ଜୟ ସୋଲାଙ୍କିଙ୍କୁ ୯ଲକ୍ଷରୁ ଅଧିକ ଭୋଟ ବ୍ୟବଧାନରେ ହରାଇଛନ୍ତି ଯାହା ଏକ ନୂଆ ରେକର୍ଡ। ପୂର୍ବରୁ ସବୁଠାରୁ ବଡ଼ ଭୋଟ ବ୍ୟବଧାନ ଥିଲା ୬ଲକ୍ଷ ୯୦ ହଜାର। ପୁଣି ଇନ୍ଦୋରରେ ୨ଲକ୍ଷରୁ ଅଧିକ ସଂଖ୍ୟକ ଭୋଟର ନୋଟା ବିକଳ୍ପକୁ ବାଛିବା ହେଉଛି ଆଉ ଏକ ନୂଆ ରେକର୍ଡ। ଏହି ପରି ଇନ୍ଦୋର ଆଜି ତିନିଟି ନୂଆ ନିର୍ବାଚନ ରେକର୍ଡ ପ୍ରତିଷ୍ଠା କରିଛି। ଲୋକସଭା ନିର୍ବାଚନ-୨୦୨୪ରେ ନନ୍ ଅଫ୍ ଦି ଏବେଭ୍ ବା ନୋଟା ତା'ର ଉପସ୍ଥିତି ଜାହିର କରିଛି। ଇନ୍ଦୋର ଲୋକସଭା ଆସନର କଂଗ୍ରେସ ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାରର ଶେଷ ଦିବସରେ ନିଜ ନାମାଙ୍କନ ପ୍ରତ୍ୟାହାର କରିନେଇ ବିଜେପିରେ ଯୋଗଦେବାରୁ ସେ ଆସନରେ କଂଗ୍ରେସର କେହି ପ୍ରାର୍ଥୀ ରହିଲେ ନାହିଁ। ତେଣୁ କଂଗ୍ରେସ ନୋଟା ବଟନ୍ ଦବାଇବାକୁ ନିଜ ସମର୍ଥକ ଓ ସାଧାରଣ ଭୋଟରଙ୍କୁ ନିବେଦନ କରିଥିଲା। ଇନ୍ଦୋରରେ ନୋଟା ନୂଆ ରେକର୍ଡ ପ୍ରତିଷ୍ଠା କରିଛି। ୨ଲକ୍ଷ ୧୬ ହଜାରରୁ ଅଧିକ ଭୋଟର ନୋଟା ବଟନ୍ ଦବାଇ କୌଣସି ପ୍ରାର୍ଥୀ ପସନ୍ଦର ନୁହଁନ୍ତି ବୋଲି ମତ ଦେଇଛନ୍ତି। ଇନ୍ଦୋରରେ ନୋଟା ଦ୍ୱିତୀୟ ସ୍ଥାନରେ ରହି ବିଜେପି ପ୍ରାର୍ଥୀ ଶଙ୍କର ଲାଲୱାନୀଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ହୋଇପାରିଛି। ୨୦୧୯ ଲୋକସଭା ନିର୍ବାଚନରେ ବିହାରର ଗୋପାଳଗଞ୍ଜ(ସଂରକ୍ଷିତ) ଲୋକସଭା ଆସନରେ ନୋଟା ଭୋଟ ସଂଖ୍ୟା ଥିଲା ୫୧ହଜାର ୬୬୦। ୨୦୧୪ ଲୋକସଭା ନିର୍ବାଚନରେ ତାମିଲନାଡୁର ନୀଲଗିରି ଲୋକସଭା ଆସନରେ ନୋଟା ଭୋଟ ସଂଖ୍ୟା ଥିଲା ୪୬ହଜାର ୫୫୯।

୨୦୧୩ରୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ନିର୍ବାଚନ କମିସନ ଲୋକସଭା ଓ ବିଧାନସଭା ନିର୍ବାଚନରେ ଇଭିଏମରେ ପ୍ରାର୍ଥୀମାନଙ୍କ ନାମ ଓ ନିର୍ବାଚନ ପ୍ରତୀକ ସାଙ୍ଗକୁ ସବା ଶେଷରେ ନୋଟା ବଟନ ରହିବା ବ୍ୟବସ୍ଥା କରିଛନ୍ତି। ସେବେଠାରୁ ବିଭିନ୍ନ ନିର୍ବାଚନରେ ଭୋଟରଙ୍କୁ ନୋଟା ବିକଳ୍ପ ଉପଲବ୍ଧ ହେଉଛି।

### ପ୍ରମୁଖ ବିଜୟୀ ପ୍ରାର୍ଥୀ













### ଆନ୍ଧ୍ରରେ ଏନ୍‌ଡିଏର ବୃହତ ବିଜୟ

# ୱାଇଏସ୍‌ଆର୍ କଂଗ୍ରେସ ମୂଳପୋଛ

ଅମରାବତୀ, ୪।୬(ଏଜେନ୍ସି)



**୯ରେ ଚନ୍ଦ୍ରବାବୁ ନାଇଡୁଙ୍କ ଶପଥଗ୍ରହଣ**

**ଯୋଗଦେବେ ପ୍ରଧାନମନ୍ତ୍ରୀ ମୋଦୀ**

ତେଲୁଗୁ ଦେଶମ୍ ପାର୍ଟି(ଟିଡିପି) ସୁପ୍ରିମୋ ଚନ୍ଦ୍ରବାବୁ ନାଇଡୁ ଆସନ୍ତା ୯ତାରିଖରେ ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ତାଙ୍କ ଶପଥଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଉଥିବା ଖବର ମିଳିଛି। ୧୭୫ ଆସନ ବିଶିଷ୍ଟ ଆନ୍ଧ୍ର ପ୍ରଦେଶ ବିଧାନସଭାକୁ ଟିଡିପି ମେଣ୍ଟର ୧୫୮ ଜଣ ବିଧାୟକ ନିର୍ବାଚିତ ହୋଇଛନ୍ତି। ଚନ୍ଦ୍ରବାବୁଙ୍କ ଟିଡିପି ବିପୁଳ ବିଜୟ ହାସଲ କରିବା ନିଶ୍ଚିତ ଥିବା ଜାଣି ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଚନ୍ଦ୍ରବାବୁଙ୍କୁ ଫୋନ୍ କରି ଅଭିନନ୍ଦନ ଜଣାଇଛନ୍ତି। ଚନ୍ଦ୍ରବାବୁ ଚତୁର୍ଥ ଥର ପାଇଁ ଆନ୍ଧ୍ରର ମୁଖ୍ୟମନ୍ତ୍ରୀ ହେବେ। ୧୯୯୫ରୁ ୨୦୦୪ ଯାଏଁ ସେ ଅବିଭକ୍ତ ଆନ୍ଧ୍ରର ମୁଖ୍ୟମନ୍ତ୍ରୀ ଥିଲେ। ୨୦୧୪ରେ ଆନ୍ଧ୍ର ପ୍ରଦେଶ ବିଭାଜିତ ହୋଇ ନୂଆ ରାଜ୍ୟ ତେଲଙ୍ଗାନା ଗଠନ ହୋଇଛି। ୨୦୧୪ରେ ଆନ୍ଧ୍ର ବିଭାଜନ ଘଟି ତେଲଙ୍ଗାନା ଅଲଗା ହେବା ପରେ ଚନ୍ଦ୍ରବାବୁ ହୋଇଥିଲେ ଅବଶିଷ୍ଟ ଆନ୍ଧ୍ରର ପ୍ରଥମ ମୁଖ୍ୟମନ୍ତ୍ରୀ। ୨୦୧୯ରେ ଜଗନମୋହନ ରେଡ୍ଡିଙ୍କ ୱାଇଏସ୍‌ଆର୍ କଂଗ୍ରେସ ଚନ୍ଦ୍ରବାବୁଙ୍କ ଟିଡିପିକୁ ଗାଦିଚ୍ୟୁତ କରିଥିଲା। ୫ବର୍ଷ ବିରୋଧୀ ଦଳ ନେତା ଭାବେ କଟାଇବା ପରେ ଚନ୍ଦ୍ରବାବୁ ପୁଣି କ୍ଷମତାସୀନ ହେବାକୁ ଯାଉଛନ୍ତି। ଟିଡିପି ଏଥର ବିଜେପି ଓ ଅଭିନେତା-ରାଜନେତା ପବନ କଲ୍ୟାଣଙ୍କ ଜନ ସେନା ପାର୍ଟି(ଜେଏସ୍‌ପି) ସହ ମେଣ୍ଟ କରି ନିର୍ବାଚନ ଲଢ଼ିଥିଲା। ଏହି ରଣନୀତି ଗେମ୍ ଚେଞ୍ଜର୍ ସାବ୍ୟସ୍ତ ହୋଇଛି ଓ ଚନ୍ଦ୍ରବାବୁଙ୍କ ଟିଡିପି ଜଗନ ରେଡ୍ଡିଙ୍କ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟିକୁ ଆପାତତଃ ମୂଳପୋଛ କରି ବୃହତ ବିଜୟ ହାସଲ କରିଛି। ଆନ୍ଧ୍ର ପ୍ରଦେଶରେ ଟିଡିପି ୧୩୧ ଆସନ ଜିତିଥିବାରୁ ଏକାକୀ ସରକାର ଗଢ଼ିବାକୁ ସକ୍ଷମ। ଚନ୍ଦ୍ରବାବୁ ନାଇଡୁ ତାଙ୍କ ବିଧାନସଭା ନିର୍ବାଚନମଣ୍ଡଳୀ କୁପମ୍‌ରୁ ବୃହତ ଭୋଟ ବ୍ୟବଧାନରେ ଜିତିଛନ୍ତି। ୧୯୮୯ରୁ ସେ ଏହି ଆସନରୁ ଲଗାତାର ଜିତୁଛନ୍ତି। ତାଙ୍କ ପୁତ୍ର ଟିଡିପି ସାଧାରଣ ସମ୍ପାଦକ ନାରା ଲୋକେଶ ମଙ୍ଗଳାଗିରି ବିଧାନସଭା ଆସନରୁ ଜିତିଛନ୍ତି। ୨୦୧୯ ନିର୍ବାଚନରେ ଲୋକେଶ ମଙ୍ଗଳାଗିରି ଆସନରେ ଲଢ଼ି ପରାଜିତ ହୋଇଥିଲେ। ୨୦୧୯ ଆନ୍ଧ୍ର ପ୍ରଦେଶ ବିଧାନସଭା ନିର୍ବାଚନରେ ଟିଡିପିର ମାତ୍ର ୨୧ଜଣ ପ୍ରାର୍ଥୀ ଜିତିଥିଲେ। ଆନ୍ଧ୍ର ପ୍ରଦେଶର ୨୫ ଲୋକସଭା ଆସନରୁ ଟିଡିପି ମେଣ୍ଟ ୨୧ଟିରେ ଜିତିଥିବା ବେଳେ ୧୬ ଲୋକସଭା ଆସନରେ ଟିଡିପି ପ୍ରାର୍ଥୀ ଜିତିଛନ୍ତି।

## କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ବିଜୟୀ



ସିମଲା, ୪।୬(ଏଜେନ୍ସି): କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର ହିମାଚଳ ପ୍ରଦେଶର ହମିରପୁର ସଂସଦୀୟ କ୍ଷେତ୍ରରୁ ଲଗାତାର ପଞ୍ଚମ ଥର ପାଇଁ ବୃହତ ବିଜୟ ପାଇଛନ୍ତି। ଅନୁରାଗ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ସତପାଲ ରାଇଜାଦାଙ୍କୁ ୧ଲକ୍ଷ ୮୨ହଜାର ୩୫୭ ଭୋଟ ବ୍ୟବଧାନରେ ହରାଇଛନ୍ତି। ଅନୁରାଗଙ୍କୁ ୬ଲକ୍ଷ ୭ହଜାର ୬୮ ଖଣ୍ଡ ଭୋଟ ମିଳିଥିବା ବେଳେ ସତପାଲ ପାଇଛନ୍ତି ୪ଲକ୍ଷ ୨୪ହଜାର ୭୧୧ ଖଣ୍ଡ ଭୋଟ। ଅନୁରାଗ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀଙ୍କ ତତ୍ତ୍ୱାବଧାନରେ ଗତ ୧୦ ବର୍ଷରେ ଦେଶର କ୍ଷିପ୍ର ବିକାଶ ସାଧିତ ହୋଇଛି।




ସକାଳ
THE SAKALA


## ନିର୍ବାଚନ ଫଳାଫଳ ଅପ୍ରତ୍ୟାଶିତ

# ସାର୍ବଭୌମ ଜନାଦେଶର ଜୟ !

୨୦୨୪ ସାଧାରଣ ନିର୍ବାଚନର ବିଶାଳ ମହାଭାରତୀୟ ମଞ୍ଚରେ ଭୋଟ ଗଣତି ଫଳାଫଳ ଘୋଷଣା ପରେ ଆନୁଷ୍ଠାନିକ ସମାପ୍ତିର ପରଦା ନଇଁ ଆସିଛି । ସାରା ଦେଶରେ ଉତ୍ସାହ, ଉଦ୍ଦୀପନା ଓ ନୂତନ ଆଶା, ଆକାଂକ୍ଷାର ସ୍ୱର ମଧ୍ୟରେ ଆପାତତଃ ଶାନ୍ତିପୂର୍ଣ୍ଣ ଉପାୟରେ ନୂତନ ଜନାଦେଶ ମାଧ୍ୟମରେ ଶାସନ କ୍ଷମତା ହସ୍ତାନ୍ତରଣ ନିର୍ଧାର୍ଯ୍ୟ ହୋଇଛି । ଗୋଟିଏ ପଟେ ଲୋକସଭା ନିର୍ବାଚନରେ ଶାସକ ଏନ୍‌ଡିଏ ମେଣ୍ଟକୁ ଉଦୀୟମାନ ଇଣ୍ଡିଆ ମେଣ୍ଟ ସହିତ ଦୃଢ଼ ମୁକାବିଲାର ସମ୍ମୁଖୀନ ହେବାକୁ ପଡ଼ିଥିବା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ତୃତୀୟ ଥର ପାଇଁ କେନ୍ଦ୍ର ସରକାର ଗଠନ ହେବା ସୁନିଶ୍ଚିତ ହୋଇଛି । ଯେଉଁସବୁ ଉଲ୍ଲେଖନୀୟ ଘଟଣା ସାମ୍ନାକୁ ଆସିଛି, ସେଗୁଡ଼ିକ ହେଲା ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଜେପି ଲୋକସଭାରେ ନିଜସ୍ୱ ବଳରେ ବହୁମତ ହାସଲ କରିପାରିନାହିଁ । ଏହାଛଡ଼ା ଏନ୍‌ଡିଏ ମେଣ୍ଟର ଲୋକସଭାରେ ସଂଖ୍ୟା ଗରିଷ୍ଠତା ପୂର୍ବାକାଂକ୍ଷିତ ସ୍ତରରେ ପହଞ୍ଚି ପାରିନାହିଁ । ତେବେ ପ୍ରାକ୍ ନିର୍ବାଚନୀ ମେଣ୍ଟ ହିସାବରେ ଲୋକସଭା ଆସନରେ ସଂଖ୍ୟାଗରିଷ୍ଠତା ଦୃଷ୍ଟିରୁ ରାଷ୍ଟ୍ରପତି ଏନ୍‌ଡିଏର ମୁଖ୍ୟ ନରେନ୍ଦ୍ର ମୋଦୀଙ୍କୁ ହିଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବାକୁ ଆମନ୍ତ୍ରଣ ଦେବା ସ୍ୱାଭାବିକ ।

ଅନ୍ୟପକ୍ଷରେ ଦେଖିବାକୁ ଗଲେ ରାଷ୍ଟ୍ରୀୟ ରାଜନୀତିରେ ଏକ ନୂତନ ବିରୋଧୀ ସମୀକରଣର ସ୍ଥିତି ନିର୍ମାଣ ହୋଇଛି । ବହୁବର୍ଷ ଧରି ବିରୋଧୀ ଏକତା ମଞ୍ଚ ପାଇଁ ବିଭିନ୍ନ ରାଜନୈତିକ ଦଳମାନଙ୍କର ଯେଉଁ ଅଭିଯାନ ଚାଲିଥିଲା, ତାହାର ଅନେକାଂଶରେ ଏକ ପୂର୍ଣ୍ଣାଙ୍ଗ ରୂପ ଏବେ ସ୍ପଷ୍ଟ ହେବାରେ ଲାଗିଛି । ମୁଖ୍ୟତଃ ବିଜେପି ବିରୋଧୀ ଆଦର୍ଶରେ ଏହି ମଞ୍ଚର ପରିକଳ୍ପନା ହୋଇଥିଲା, ଯାହାକୁ କି 'ତୃତୀୟ ସାମ୍ମୁଖ୍ୟ'(ଥାର୍ଡ ଫ୍ରଣ୍ଟ) ନାମରେ ପ୍ରଥମେ ନାମିତ କରାଯାଉଥିଲା । କାରଣ ଦୀର୍ଘବର୍ଷ ଧରି ଜାତୀୟସ୍ତରରେ ବିଜେପିର ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଏଥିରେ ଯୋଗ ଦେଇ ନଥିଲା । ୨୦୧୪ ନିର୍ବାଚନ ପରେ କଂଗ୍ରେସ ଦଳ ବାଧ ହୋଇ ଏ ମଞ୍ଚକୁ ଆସିଥିଲା, କିନ୍ତୁ ଅଧିକାଂଶ ରାଜ୍ୟ ନିର୍ବାଚନରେ ଦୁଇପାକ୍ଷିକ ରାଜିନାମା ପ୍ରତି ବେଶି ଆଗ୍ରହ ଦେଖାଉଥିଲା । ତେବେ ୨୦୧୯ ଲୋକସଭା ନିର୍ବାଚନ ପରେ ବିଜେପି ଦଳ ଓ ଏନ୍‌ଡିଏ ମେଣ୍ଟର କ୍ରମବର୍ଦ୍ଧିଷ୍ଣୁ ପ୍ରଭାବକୁ ଦୃଷ୍ଟିରେ ରଖି କଂଗ୍ରେସ ସମେତ ମୁଖ୍ୟ ବିରୋଧୀ ଦଳର ନେତୃବର୍ଗ ଏକଜୁଟ୍ ହେବା ପାଇଁ ଏକରକମ ବାଧ ହୋଇଥିଲେ । ତଥାପି ପଞ୍ଜାବ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଓ କେରଳ ଆଦିରେ ଏହି ରାଷ୍ଟ୍ରୀୟ ସାମ୍ମୁଖ୍ୟର ପ୍ରାଦେଶିକ ସ୍ତରରେ କାର୍ଯ୍ୟାନ୍ୱୟନ ପାଇଁ ଅନେକ ପ୍ରତିବନ୍ଧକ ଦେଖାଯାଇଥିଲା । ଏହି ପୃଷ୍ଠଭୂମିରେ ଗତକାଲି ସାଧାରଣ ନିର୍ବାଚନର ଫଳାଫଳ ଘୋଷଣା ପରେ ଇଣ୍ଡିଆ ମେଣ୍ଟର ଅଂଶୀଦାରମାନେ ସୀମିତ ଏକତା ସତ୍ତ୍ୱେ ସାରା ଦେଶରେ ବିଜେପି ବିରୁଦ୍ଧରେ ଯେଭଳି ଜନମତ ହାସଲ କରିପାରିଛନ୍ତି ତାହା ନିଶ୍ଚୟ ଉଲ୍ଲେଖନୀୟ । ଏଥର ସେମାନେ ସରକାର ଗଠନ ପାଇଁ ସମକକ୍ଷ ନ ହେଲେ ମଧ୍ୟ ବିରୋଧୀ ନେତୃମଣ୍ଡଳୀରେ ଯେ ବିଜୟ ଉଲ୍ଲାସର ଚିହ୍ନ ସୁସ୍ପଷ୍ଟ ତାହା ଅନସ୍ୱୀକାର୍ଯ୍ୟ ।

ଓଡ଼ିଶା ବିଧାନସଭା ନିର୍ବାଚନ ଫଳାଫଳରେ ବିଜେପି ଦଳର ସଂଖ୍ୟାଗରିଷ୍ଠତା ହାସଲ ଅନେକଙ୍କ ପାଇଁ, ବିଶେଷକରି ଶାସକ ବିଜେପି ଦଳଙ୍କ ପାଇଁ ଏକ ଅପ୍ରତ୍ୟାଶିତ ତଥା ଆଶ୍ଚର୍ଯ୍ୟଜନକ ଘଟଣା ହୋଇଛି । ରାଜ୍ୟର ତଥା ଭାରତର ଅନେକ ଗମ୍ଭୀର ରାଜନୈତିକ ପର୍ଯ୍ୟବେକ୍ଷକମାନଙ୍କ ପାଇଁ ଏହା ଥିଲା କଳ୍ପନାତୀତ । ବିଜେଡି ମୁଖ୍ୟ ନବୀନ ବାବୁଙ୍କ ନେତୃତ୍ୱରେ ବିଗତ ୨୫ ବର୍ଷ ଧରି ସ୍ଥିର ଶାସନ ତଥା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ବିକାଶମୂଳକ ଯୋଜନା, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ସର୍ବାଧିକ ସାମାଜିକ ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଯୋଗାଯୋଗ ଆଦି ସଫଳତା ହାସଲ କରିଥିଲା । ତାହାସତ୍ତ୍ୱେ ଏଭଳି ନିର୍ବାଚନ ପରାଜୟ ଏକ ବିଡ଼ମ୍ବନା ବୋଲି ଧରାଯିବ । ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଭିନ୍ନ ସମୟରେ ବାରମ୍ବାର ନବୀନ ବାବୁଙ୍କ ନେତୃତ୍ୱ ଓ ଜନପ୍ରିୟ ସ୍ୱଭାବ ଉପରେ ଯେଉଁଭଳି ସକାରାତ୍ମକ ମନ୍ତବ୍ୟ ଦେଇ ଆସୁଥିଲେ ଏବଂ ସାଧାରଣ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣାର ଅଳ୍ପ କିଛି ସପ୍ତାହ ପୂର୍ବରୁ ବିଜେପି ଓ ବିଜେଡି ଦୁଇ ଦଳ ଭିତରେ ଏକ ସମ୍ଭାବ୍ୟ ମେଣ୍ଟକୁ ନେଇ ଯେଉଁଭଳି ଚର୍ଚ୍ଚା ଜୋର ଧରିଥିଲା ତାହା ବିଫଳ ହେବା ପରେ ବିଜେପି ଦଳ ପକ୍ଷରୁ ନିର୍ବାଚନ ଅଭିଯାନରେ କେତେକ ଅପ୍ରତ୍ୟାଶିତ କଟୁତା ଦେଖିବାକୁ ମିଳିଥିଲା । ଓଡ଼ିଆ ଅସ୍ମିତା ମଧ୍ୟ ଏକ ପ୍ରମୁଖ ନିର୍ବାଚନ ପ୍ରସଙ୍ଗ ହୋଇ ସାମ୍ନାକୁ ଆସିଥିଲା । ତେବେ ବିଜେଡି ଦଳ ନିର୍ବାଚନ ଫଳାଫଳରେ ଘୋଷିତ ଜନାଦେଶକୁ ସମ୍ମାନ ଓ କୃତଜ୍ଞତା ଜଣାଇଛି । ନିର୍ବାଚନରେ ସଫଳତା ପାଇଁ ଓଡ଼ିଶାରେ ପ୍ରଥମ ଥର ପାଇଁ ସ୍ୱତନ୍ତ୍ର ଭାବେ ସରକାର ଗଠନ କରିବାକୁ ଯାଉଥିବା ବିଜେପି ଦଳକୁ ମଧ୍ୟ ବିଜେଡି ଅଭିନନ୍ଦନ ଜଣାଇଛି । ଏଥିସହିତ ନବୀନ ବାବୁଙ୍କ ନେତୃତ୍ୱରେ ଗତ ୨୪ ବର୍ଷର ସ୍ଥିର ଓ ସଫଳ ଶାସନର ଏକ ଉଲ୍ଲେଖନୀୟ ଯୁଗର ଅବସାନ ଘଟିଲା ବୋଲି ରାଜନୈତିକ ସମୀକ୍ଷକ ମତ ଦେଇଛନ୍ତି । ସମ୍ପ୍ରତି ରାଜ୍ୟରେ ଗୋଟିଏ ଦୃଢ଼ ବିରୋଧୀ ଦଳର ଭୂମିକାରେ ବିଜେଡି ତାର ଦାୟିତ୍ୱ ସମ୍ପାଦନ କରିବ ବୋଲି ଦଳର ନେତୃବୃନ୍ଦ ସାମ୍ବାଦିକମାନଙ୍କ ଆଗରେ ପ୍ରକାଶ କରିଛନ୍ତି ।

ଗଣତନ୍ତ୍ର ଏକ ଉତ୍କୃଷ୍ଟ ଶାସନ ପ୍ରଣାଳୀ, କିନ୍ତୁ ଗଣତନ୍ତ୍ରର ପ୍ରକ୍ରିୟା କେବଳ ନିର୍ବାଚନରେ ସୀମିତ ନୁହେଁ । ନିର୍ବାଚନ ମାଧ୍ୟମରେ ଶାନ୍ତିପୂର୍ଣ୍ଣ ସାମ୍ବିଧାନିକ ପ୍ରକ୍ରିୟାରେ କ୍ଷମତା ହସ୍ତାନ୍ତରଣ ପରେ ସାର୍ବଭୌମ ଜନାଦେଶକୁ ଉପଯୁକ୍ତ ସମ୍ମାନ ଜଣାଇ ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ନିର୍ବାଚନ ଇସ୍ତାହାର ଅନୁସାରେ ବିକାଶ ଓ ଜନମଙ୍ଗଳ ଯୋଜନାଗୁଡ଼ିକ ହାତକୁ ନେବା ଓ ସାଧାରଣ ଗରିବ ଜନତା ତଥା ଦଳିତ ଓ ପଛୁଆ ବର୍ଗଙ୍କର ଉନ୍ନତି କଳ୍ପେ ଅନବରତ କାମ କରିବା ହିଁ ସଫଳ ଗଣତନ୍ତ୍ରର ପରିଚୟ । ଓଡ଼ିଶା ଶାସନ କ୍ଷମତାରେ ଅବତୀର୍ଣ୍ଣ ହେବାକୁ ଯାଉଥିବା ନୂତନ ଜନପ୍ରତିନିଧି ସରକାରକୁ ଆମେ ସ୍ୱାଗତ କରୁଛୁ ଏବଂ ରାଜ୍ୟ ବିକାଶରେ ସକ୍ରିୟ ସହଯୋଗର ଆଶା ରଖୁଛୁ । ଓଡ଼ିଆ ଅସ୍ମିତା ସମେତ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ଦିଗରେ ସମସ୍ତ ଉଦ୍ୟମକୁ ପ୍ରଭୁ ଶ୍ରୀଜଗନ୍ନାଥ ଆଶୀର୍ବାଦ କରନ୍ତୁ ।

# ସବୁଜ ଭବିଷ୍ୟତର ସ୍ୱପ୍ନ




ଡକ୍ଟର ସୁନ୍ଦର ନାରାୟଣ ପାତ୍ର
ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦


ଜାତିସଂଘର ଘୋଷଣା 'ଆମ ଭୂମି, ଆମର ଭବିଷ୍ୟତ' ଅନୁଯାୟୀ, ଜମି ପୁନଃସ୍ଥାପିତ କରିବା, ମରୁଭୂମିକୁ ମୁକାବିଲା କରିବା ଏବଂ ମରୁଡ଼ିର ପ୍ରତିରୋଧ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ଉପରେ ଆମେ ଗୁରୁତ୍ୱ ଦେଇଥାଉ । ମିଳିଥିବା ସୂଚନା ଅନୁସାରେ ବର୍ତ୍ତମାନ ବିଶ୍ୱର ପ୍ରାୟ ୪୦ ଶତକ ଭୂଅଞ୍ଚଳ ଅଧଃପତିତ, ଯାହା ୩୨୦ କୋଟି ବା ବିଶ୍ୱର ଜନସଂଖ୍ୟାର ଅର୍ଦ୍ଧେକ ଲୋକଙ୍କୁ ପ୍ରଭାବିତ କରିଛି । ଯଦି ଏଦିଗରେ ବିହିତ ପଦକ୍ଷେପ ନିଆ ନ ଯାଏ, ତେବେ ୨୦୫୦ ସୁଦ୍ଧା ବିଶ୍ୱର ଜନସଂଖ୍ୟାର ତିନି-ଚତୁର୍ଥାଂଶ ଲୋକେ କଠିନ ସମସ୍ୟାର ସମ୍ମୁଖୀନ ହେବା ଆଶଙ୍କା ରହିଛି । ଚଳିତ ବର୍ଷ ଡିସେମ୍ବର ମାସରେ ବ୍ରିଟେନରେ ମିଳିତ ଜାତିସଂଘ ମରୁଭୂମି ମୁକାବିଲା ସମ୍ମିଳନୀର ୧୬ ତମ ଅଧିବେଶନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହେଇଛି । ଏହି ପରିପ୍ରେକ୍ଷୀରେ ଆଜି(ଜୁନ୍ ୫) ଅନୁଷ୍ଠିତରେ ହେବାକୁ ଥିବା ବିଶ୍ୱ ପରିବେଶ ଦିବସ ଗୁରୁତ୍ୱପୂର୍ଣ୍ଣ ଅଟେ । ସାଉଦି ଆରବରେ ଅନୁଷ୍ଠିତ ହେଉଥିବା ବିଶ୍ୱସ୍ତରୀୟ ପରିବେଶ ଦିବସ ଅବସରରେ ଏକ ଆକର୍ଷଣୀୟ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି, ଯାହା ହେଉଛି 'ଏକ ସବୁଜ ଭବିଷ୍ୟତ ପାଇଁ ଯାତ୍ରା ।'

'ବିଶ୍ୱ ପରିବେଶ ଦିବସ' ହେଉଛି ପରିବେଶ ସଂରକ୍ଷଣ କ୍ଷେତ୍ରରେ ସଚେତନତା ଜାଗ୍ରତ କରିବା ପାଇଁ ସବୁଠାରୁ ବଡ଼ ଅନ୍ତର୍ଜାତୀୟ ଉଦ୍ୟମ । ୧୯୭୩ଠାରୁ ମିଳିତ ଜାତିସଂଘର ପରିବେଶ କାର୍ଯ୍ୟକ୍ରମ(ୟୁଏନଇପି) ଦ୍ୱାରା ପରିଚାଳିତ ପ୍ରତିବର୍ଷ ଏହାକୁ ସମଗ୍ର ବିଶ୍ୱରେ ଲକ୍ଷ ଲକ୍ଷ ଲୋକ ପାଳନ କରନ୍ତି । ଚଳିତ ବର୍ଷର ବିଷୟବସ୍ତୁ ହେଉଛି 'ଜମି ପୁନରୁଦ୍ଧାର, ମରୁଭୂମି ଏବଂ ମରୁଡ଼ି ମୁକାବିଲା' । ଏହି ବିଷୟ ଉପରେ ଧ୍ୟାନ ଦେଇ ବିଶ୍ୱସ୍ତରୀୟ 'ବିଶ୍ୱ ପରିବେଶ ଦିବସ' ଉତ୍ସବ ଚଳିତ ବର୍ଷ ସାଉଦି ଆରବରେ ଆୟୋଜିତ ହେବାକୁ ଯାଉଛି । ମିଳିତ ଜାତିସଂଘ ୨୦୨୧ ରୁ ୨୦୩୦କୁ ପରିସଂସ୍ଥା ପୁନରୁଦ୍ଧାର ଦଶନ୍ଧୀ ଭାବରେ ଏକ ଦଶବର୍ଷୀୟ ଯୋଜନା ହାତକୁ ନେଇଛି । ସମଗ୍ର ବିଶ୍ୱରେ ଇକୋସିଷ୍ଟମ ବା ପରିସଂସ୍ଥାର ସୁରକ୍ଷା ତଥା ପୁନରୁତ୍ଥାନ ପାଇଁ ଏହା ଏକ ବଡ଼ ଆହ୍ୱାନ, ଯାହା ନିରନ୍ତର ବିକାଶ ଲକ୍ଷ୍ୟ ହାସଲ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଅଟେ ।

ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ପାଇଁ ପ୍ରାକୃତିକ ଜଙ୍ଗଲ ଅପସାରଣ ହୁଏ । ଏହାର କ୍ଷତିଭରଣା ପାଇଁ ଅନ୍ୟତ୍ର ନୂତନ ଜଙ୍ଗଲ ସୃଷ୍ଟି କରାଯାଏ କିଛି ନିର୍ଦ୍ଦିଷ୍ଟ ଜାତିର ଚାରାରୋପଣ କରି । ଏହା ଜାଣି ରଖିବା ଉଚିତ ଯେ ଯେତେବେଳେ ପ୍ରାକୃତିକ ଜଙ୍ଗଲ ଅପସାରଣ କରିଦିଆଯାଏ ସେଥିରେ ରହିଥିବା ବିବିଧ ପ୍ରକାରର ଉଦ୍ଭିଦ, ପ୍ରାଣୀ ତଥା ଅଣୁଜୀବ ସମେତ ସମ୍ପୂର୍ଣ୍ଣ ଭାବରେ ସ୍ଥାନୀୟ କ୍ଷୁଦ୍ର ପରିସଂସ୍ଥା ନଷ୍ଟ ଭ୍ରଷ୍ଟ ହୋଇଯାଏ । ଏହା ଦୃଢ଼ ନିଶ୍ଚିତ ଯେ ଏହାର ଭରଣା ମାନବକୃତ ଜଙ୍ଗଲ ସୃଷ୍ଟି ଦ୍ୱାରା କଦାପି ହୋଇପାରିବ ନାହିଁ । ତେଣୁ ମାନବକୃତ ଜଙ୍ଗଲକୁ ଫମ୍ପା ଜଙ୍ଗଲ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହାର ଅର୍ଥ ବୃକ୍ଷ ରହିଛି, କିନ୍ତୁ ଜଙ୍ଗଲ ନାହିଁ । ପ୍ରାକୃତିକ ଜଙ୍ଗଲରେ ଛୋଟରୁ ବଡ଼ ପର୍ଯ୍ୟନ୍ତ ବିବିଧ ପ୍ରକାରର ଉଦ୍ଭିଦ ଏବଂ ପ୍ରାଣୀ ଏକ ଖାଦ୍ୟ ଶୃଙ୍ଖଳର ଅଂଶ ଅଟନ୍ତି । ଏହା ଜୈବ ବିବିଧତା ପରିସଂସ୍ଥାର ନମନୀୟତା ଏବଂ ସ୍ଥାୟିତ୍ୱ ପାଇଁ ନିତାନ୍ତ ଆବଶ୍ୟକ ।

ଜଙ୍ଗଲର ପ୍ରତ୍ୟକ୍ଷ ପରୋକ୍ଷ ଅବଦାନ ରହିଛି । ପ୍ରତ୍ୟକ୍ଷ ଅବଦାନ ହେଉଛି ଖାଦ୍ୟ ସାମଗ୍ରୀ, ଔଷଧୀୟ ବୃକ୍ଷ, ଲତା, ଗୃହ ଉପକରଣ ଇତ୍ୟାଦି । ତେବେ ଏହାର ପରୋକ୍ଷ ଅବଦାନ ଅନେକ ଗୁରୁତ୍ୱ ବହନ କରେ । ସେଗୁଡ଼ିକ ହେଉଛି ଇକୋସିଷ୍ଟମ ବା ପରିସଂସ୍ଥାୟ ସେବା ଯଥା ବାୟୁମଣ୍ଡଳର ତାପଜ ସନ୍ତୁଳନ, ଜଳଚକ୍ର ନିୟନ୍ତ୍ରଣ, ପରିବେଶ ସନ୍ତୁଳନ, ମୃତ୍ତିକା ସଂରକ୍ଷଣ, ପକ୍ଷୀ ଏବଂ ପଶୁମାନଙ୍କ ପାଇଁ ଆଶ୍ରୟ ପ୍ରଦାନ, ବୃଷ୍ଟିପାତ, ଅମ୍ଳଜାନ ସୃଷ୍ଟି, ଅଙ୍ଗାରକାମ୍ଳ ଶୋଷଣ ଏବଂ ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ସେବା ଦାନ । ମନୁଷ୍ୟକୃତ ଜଙ୍ଗଲ ଦ୍ୱାରା ପ୍ରଦତ୍ତ ଇକୋସିଷ୍ଟମ୍ ସେବା ପ୍ରାକୃତିକ ଜଙ୍ଗଲ ଇକୋସିଷ୍ଟମ୍ ତୁଳନାରେ ନଗଣ୍ୟ । ତେଣୁ ଏକ ସବୁଜ ଭବିଷ୍ୟତ ଯାତ୍ରା ପାଇଁ ପ୍ରାକୃତିକ ଜଙ୍ଗଲ ଅନିବାର୍ଯ୍ୟ ଅଟେ ।

କିଛିଦିନ ପୂର୍ବରୁ ଭାରତର ରାଜଧାନୀ ଦିଲ୍ଲୀ ସ୍ଥିତ ଆରାଭାଲ୍ଲୀ ରିଡ୍ଜ ଅଞ୍ଚଳରେ ଏଗାର ଫୁଟିଆ ରାସ୍ତା ନିର୍ମାଣ ପାଇଁ ନିରବଚ୍ଛିନ୍ନ ଭାବରେ ଅନେକବୃକ୍ଷ ଛେଦନ ହୋଇଥିବା ଘଟଣା ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମକୋର୍ଟର ନଜରକୁ ଆସିଥିଲା । ସୁପ୍ରିମକୋର୍ଟଙ୍କ ବାରଣ ସତ୍ତ୍ୱେ ଦିଲ୍ଲୀ ଡେଭେଲପମେଣ୍ଟ ଅଥରିଟିର ଏଭଳି ପଦକ୍ଷେପର ଘୋର ନିନ୍ଦା କରିବା ସହିତ ନ୍ୟାୟାଳୟ ଫରେଷ୍ଟ ସର୍ଭେ ଅଫ ଇଣ୍ଡିଆକୁ ନିର୍ଦ୍ଦେଶ ଦେଇଛନ୍ତି କେତେ ପରିମାଣର ବୃକ୍ଷ ଛେଦନ ହୋଇଛି ତା'ର ଏକ ଆକଳନ କରିବା ପାଇଁ । ଦିଲ୍ଲୀ ରିଡ୍ଜ ଅଞ୍ଚଳରେ ରହିଥିବା ଜଙ୍ଗଲ ଅଞ୍ଚଳକୁ ସଂରକ୍ଷିତ ଜଙ୍ଗଲ ଘୋଷଣା କରାଯାଇଛି । ଏହି ଅଞ୍ଚଳ ଦିଲ୍ଲୀ ନଗରାଞ୍ଚଳ ପାଇଁ 'ସବୁଜ ଫୁସଫୁସ' ଭାବରେ କାର୍ଯ୍ୟ କରେ । ଏଭଳି ଭାରତ ବର୍ଷର ଅନେକ ଅଞ୍ଚଳରେ ଅବିଚାରିତ ଭାବରେ ପ୍ରାକୃତିକ ଜଙ୍ଗଲ ଅପସାରଣ ହୋଇ ଚାଲିଛି ।

ଭାରତର ସମୁଦାୟ ଭୌଗୋଳିକ ଅଞ୍ଚଳ ହେଉଛି ୩୨, ୮୭, ୫୯୦ ବର୍ଗ କିମି, ଯାହା ପୃଥିବୀର ଭୂଭାଗର ୨.୪ ଶତାଂଶ ଅଟେ । ସୁଖର କଥା ଭାରତରେ ବିଶ୍ୱର ପ୍ରାୟ ୭ ରୁ ୮ ଶତାଂଶ ବିବିଧ ଉଦ୍ଭିଦ ଓ ପ୍ରାଣୀ ଦେଖିବାକୁ ମିଳେ । ୪୫ ହଜାର ଉଦ୍ଭିଦ ଜାତୀୟ ଏବଂ ୯୧, ୦୦୦ ପ୍ରାଣୀ ଜାତୀୟ । ସେଭଳି ଓଡ଼ିଶାରେ ବିଭିନ୍ନ ପ୍ରକଳ୍ପ ଯଥା ଖଣି, ଶିଳ୍ପ, କୃଷି ବିକାଶ, ରାସ୍ତା ନିର୍ମାଣ, ରେଳ ଲାଇନ୍ ସମ୍ପ୍ରସାରଣ, ପ୍ରତିରକ୍ଷା, ବିଦ୍ୟୁତ ଲାଇନ ଇତ୍ୟାଦି ୫୨୩ଟି ପ୍ରକଳ୍ପ ପାଇଁ ୨୦୨୧ ମାର୍ଚ୍ଚ ସୁଦ୍ଧା ୫୮, ୧୬୬ ହେକ୍ଟର ଜଙ୍ଗଲ ଜମି ଅପସାରଣ ହୋଇଥିବା ଜଣାଯାଏ । ଓଡ଼ିଶାର ଖଣିଜ ସମ୍ପଦ ଭାରତବର୍ଷର ପ୍ରାୟ ଏକ ପଞ୍ଚମାଂଶ ଅଟେ । ଗ୍ଲୋବାଲ ଫରେଷ୍ଟ ୱାଚ ରିପୋର୍ଟ ଅନୁଯାୟୀ, ୨୦୦୦ ପରେ ଭାରତରେ ୨୩.୩ ଲକ୍ଷ ହେକ୍ଟର ଜଙ୍ଗଲ ଜମି କ୍ଷୟ ହୋଇଛି । ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ସମସ୍ୟାର ଗମ୍ଭୀରତା ଦୃଷ୍ଟିରୁ 'ସର୍ଭେ ଅଫ ଇଣ୍ଡିଆ'କୁ ନିର୍ଦ୍ଦେଶ ଦେଇଛନ୍ତି ଭାରତବର୍ଷରେ ୨୦୦୦ ମସିହା ପରଠାରୁ କେତେ ପରିମାଣର ଜଙ୍ଗଲ ଅପସାରଣ ହୋଇଛି ଆକଳନ କରିବା ପାଇଁ । ଏ ସଂକ୍ରାନ୍ତରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ମଧ୍ୟ ନୋଟିସ ଜାରି କରିଛନ୍ତି ।

ଓଡ଼ିଶା ସମେତ ଭାରତର ବିଭିନ୍ନ ଅଞ୍ଚଳରେ ବର୍ତ୍ତମାନ ଗ୍ରୀଷ୍ମପ୍ରବାହ ଯେଭଳି ଜାରି ରହିଛି, ତାହାର ପ୍ରମୁଖ କାରଣ ହେଉଛି ଦ୍ରୁତ ପ୍ରାକୃତିକ ଜଙ୍ଗଲ ହ୍ରାସ । ଏକ ସମର୍ଥିତ ସୂତ୍ରରୁ ଜଣାଯାଏ ଯେ ଅତ୍ୟଧିକ ତାତି, ଜଳ ଉତ୍ସ ଶୁଷ୍କ କାରଣରୁ ଜଳାଭାବ ତଥା ବନାଗ୍ନି ହେତୁ ଚଳିତ ଗ୍ରୀଷ୍ମ ଋତୁରେ ବଣଜଙ୍ଗଲରୁ ପଶୁପକ୍ଷୀମାନେ ଜନବସତି ମୁହାଁ ହେଉଛନ୍ତି । ହାତୀ, ହରିଣ ଏପରିକି ବାଘ ମଧ୍ୟ ନିକଟସ୍ଥ ଗ୍ରାମ ଓ ସହର ମଧ୍ୟରେ ପଶି ଆତଙ୍କ ସୃଷ୍ଟି କରୁଛନ୍ତି । ହଠାତ୍ ଉତ୍ତାପର ପ୍ରକୋପ ହେତୁ ଜୈବ ବିବିଧତା ପ୍ରଭାବିତ ହେଉଛି । ଏପ୍ରିଲ୍ ମାସରେ ଦେଶରେ ପ୍ରାୟ ୨୮୦ ସ୍ଥାନରେ ବଡ଼ ଧରଣର ବନାଗ୍ନି ସୃଷ୍ଟି ହୋଇଥିବା ବେଳେ ସେଥିରୁ ଓଡ଼ିଶାରେ ୯୪ ଟି ରହିଛି । ଏତଦ୍‌ବ୍ୟତୀତ ଆହୁରି ଅନେକ ଛୋଟ ଧରଣର ବନାଗ୍ନି ମଧ୍ୟ ଜାରି ରହିଛି । ଏପ୍ରିଲ୍ ମାସର ତୃତୀୟ ସପ୍ତାହରେ ଓଡ଼ିଶାର ୬, ୧୦୪ ଜଙ୍ଗଲ ନିଆଁ ଚିହ୍ନଟ କରାଯାଇଥିଲା । ସାରା ଦେଶ ମଧ୍ୟରୁ ଓଡ଼ିଶାର ଜଙ୍ଗଲ ନିଆଁ ଅନ୍ୟାନ୍ୟ ରାଜ୍ୟ ତୁଳନାରେ ସର୍ବାଧିକ ବୋଲି ଆକଳନ ହୋଇଛି । ଓଡ଼ିଶାର ଏକମାତ୍ର ସଂରକ୍ଷିତ ଜୈବ ମଣ୍ଡଳ ଶିମିଳିପାଳରେ ବନାଗ୍ନି ଭୀଷଣ ରୂପ ଧାରଣ କରିଛି । ପ୍ରାୟ ଦୁଇଶହଟି ସ୍ଥାନରେ ନିଆଁ ଲାଗିଯିବା ହେତୁ ଅଣାୟତ୍ତ ହେବାରୁ ଡ୍ରୋନ କ୍ୟାମେରା ବ୍ୟବହାର କରି ଚିହ୍ନଟ କରାଗଲା ଏବଂ ବହୁ କଷ୍ଟରେ ନିୟନ୍ତ୍ରଣ କରାଗଲା ।

ମାନବକୃତ ସବୁଜ ଗୃହ ବାଷ୍ପ ଯଥା ଅଙ୍ଗାରକାମ୍ଳ, ଜବକ୍ଷାରଜାନାମ୍ଳ, ଗନ୍ଧକାମ୍ଳ, ମିଥେନ ଇତ୍ୟାଦିର ନିର୍ଗମନ ବିଶ୍ୱର ଉତ୍ତାପକୁ ପ୍ରାକ୍ ଶିଳ୍ପାୟନ ଯୁଗ ତୁଳନାରେ ପ୍ରାୟ ୧.୧ ଡିଗ୍ରୀ ସେଣ୍ଟିଗ୍ରେଡ ବଢ଼ାଇ ଦେଇଛି । ପରିବେଶ ପ୍ରଦୂଷଣ ଏବଂ ବିଶ୍ୱ ତାପନ ଯୋଗୁଁ ଜଳବାୟୁରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳୁଛି । ଆଶଙ୍କା କରାଯାଉଛି ଯେ ୨୦୪୯ ସୁଦ୍ଧା ବିଶ୍ୱ ଅର୍ଥନୀତିକୁ ଏଥିପାଇଁ ବାର୍ଷିକ ୩୮ ବିଲିୟନ ଡଲାର କ୍ଷତି ସହିବାକୁ ପଡ଼ିପାରେ । ଦ୍ରୁତ ଜଳବାୟୁ ପରିବର୍ତ୍ତନ ହେତୁ ଫସଲ ଅମଳ ଏବଂ ଶ୍ରମିକମାନଙ୍କ ଉତ୍ପାଦକତା ହ୍ରାସ ପାଉଛି ବୋଲି ଜର୍ମାନୀର ପଟ୍‌ସଡାମ ଇନଷ୍ଟିଚ୍ୟୁଟ ଫର କ୍ଲାଇମେଟ୍ ଇମ୍ପାକ୍ଟ ଗବେଷଣା ତରଫରୁ କୁହାଯାଇଛି । ତେଣୁ ବିଶ୍ୱ କଲ୍ୟାଣ ପାଇଁ ଏକ ସବୁଜ ଭବିଷ୍ୟତ ବିଷୟରେ ଚିନ୍ତା କରିବା ବେଳେ ଆମକୁ ଦେଖିବାକୁ ହେବ ଯେଭଳି ପ୍ରାକୃତିକ ଜଙ୍ଗଲ ପରିସଂସ୍ଥା ସୁରକ୍ଷିତ ରହିବ, ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ହେବ, ପ୍ରାକୃତିକ ସମ୍ପଦର ନ୍ୟାୟସଙ୍ଗତ ବିନିଯୋଗ ହେବ ଓ ଅଯଥା ମାନବୀୟ ହସ୍ତକ୍ଷେପ ହେବ ନାହିଁ, ମାନବ ସମାଜ ପରିବେଶ ଧର୍ମୀ ଜୀବନ ଶୈଳୀ ଅବଲମ୍ବନ କରିବ, ବୃତ୍ତାକାର ଅର୍ଥନୀତି ପାଳନ ହେବ ଏବଂ ଏଭଳି କୌଣସି କାର୍ଯ୍ୟକ୍ରମ ହେବନାହିଁ, ଯାହା ପ୍ରକୃତି ଏବଂ ପରିବେଶ ପ୍ରତି କ୍ଷତି ପହଞ୍ଚାଇବ ।

# ଗାନ୍ଧିଜୀଙ୍କ ପଦଯାତ୍ରା




ଡ. ପ୍ରଫୁଲ୍ଲ କୁମାର ସାହୁ
ଭଦ୍ରକ, ୬୩୭୧୬୪୨୪୬୪


ଆଧୁନିକ ପଦଯାତ୍ରାର ଜନକ ମହାମାନବ ମହାତ୍ମା ଗାନ୍ଧୀ । ତାଙ୍କ ପୂର୍ବରୁ ଯେ ପଦଯାତ୍ରା ହେଉ ନ ଥିଲା ତା' ନୁହେଁ, ମାତ୍ର ସେଥିରେ ନ ଥିଲା ସାମାଜିକ ସଂସ୍କାର ଆଣିବାର ଲକ୍ଷ୍ୟ ଓ ରାଜନୈତିକ ଦାବି ହାସଲ କରିବାର ଦୃଢ଼ତା । ଧର୍ମ ପ୍ରବର୍ତ୍ତକମାନେ ଶିଷ୍ୟମାନଙ୍କୁ ସାଙ୍ଗରେ ନେଇ ପଦଯାତ୍ରା କରୁଥିଲେ କେବଳ ନିଜ ଧର୍ମ ଦର୍ଶନର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ । ପ୍ରଥମକରି ପଦଯାତ୍ରାକୁ ଅହିଂସା ଆନ୍ଦୋଳନ ସହିତ ଯୋଡ଼ିଲେ ସତ୍ୟ ଓ ଅହିଂସାର ଆଜୀବନ ପୂଜାରୀ ମହାତ୍ମା ଗାନ୍ଧୀ । ପଦଯାତ୍ରା ପାଲଟିଗଲା ପ୍ରତିବାଦର ଏକ ଅସ୍ତ୍ର । ରାଜନୈତିକ ଦାବି ହାସଲର ମହତ୍ତର କୌଶଳ । ଗାନ୍ଧିଜୀଙ୍କ ମତରେ ନିରବ ପଦଯାତ୍ରା ହେଉଛି ଏକ ପ୍ରଚଣ୍ଡ ଧର୍ମ ଯାତ୍ରା । ପ୍ରତିବାଦ ଓ ଜନଜାଗରଣ ନିମନ୍ତେ ଏହି ଯାତ୍ରାର ରହିଛି ଏକ ବିସ୍ଫୋରକ ଶକ୍ତି, ଯାହା ସେ ପ୍ରମାଣ କରି ଦେଖାଇ ସାରିଥିଲେ ଦକ୍ଷିଣ ଆଫ୍ରିକା ରହଣି କାଳରେ । ଦକ୍ଷିଣ ଆଫ୍ରିକାରେ ସେ ଅନେକ ବାର ନିରବ ପଦଯାତ୍ରା କରି ସଫଳତା ପାଇଛନ୍ତି ଏବଂ ଡର୍ବାନରୁ ଜୋହାନ୍ସବର୍ଗ ଟଲଷ୍ଟୟ ଫାର୍ମ ପର୍ଯ୍ୟନ୍ତ ତିନିଶହ ମାଇଲ୍ ଦୂରତାର ଦୀର୍ଘଯାତ୍ରା( ୧୯୧୩ମସିହା ଅକ୍ଟୋବର ୨୫ତାରିଖ) ଥିଲା ସେଠାରେ ତାଙ୍କର ଶେଷ ପଦଯାତ୍ରା ।

କେବଳ ରାଜନୈତିକ ସ୍ୱାଧୀନତା ପାଇଁ ନୁହେଁ, ସାମାଜିକ ନ୍ୟାୟ ପ୍ରତିଷ୍ଠା ତଥା ଦେଶର କୋଟିକୋଟି ଅସହାୟ ଲୋକଙ୍କ ମୁହଁରେ ଟିକେ ହସ ଫୁଟେଇବା ଥିଲା ଗାନ୍ଧିଜୀଙ୍କ ଲକ୍ଷ୍ୟ । ସେଥିପାଇଁ ବିଶାଳ ସମୁଦ୍ର ବକ୍ଷରେ ସେହି ଲୁଣର ତରଳ ସମ୍ଭାର ତାଙ୍କ ମନରେ ତିଆରି କରିଥିଲା ମୁକ୍ତିର ଉନ୍ମାଦନା । ସେ ଜାଣିଥିଲେ ଧନୀ ହେଉକି ଗରିବ, ସମସ୍ତଙ୍କ ପାଇଁ ଲୁଣ ଏକ ଅତ୍ୟାବଶ୍ୟକ ସାମଗ୍ରୀ । କିନ୍ତୁ କମ୍ପାନୀ ସରକାରର ଲବଣ ଆଇନ(୧୯୧୪) ଭାରତୀୟଙ୍କଠାରୁ ଛଡ଼େଇ ନେଇଥିଲା ସମୁଦ୍ରରୁ ଲୁଣ ମାରିବାର ଅଧିକାର । କମ୍ପାନୀ ସରକାର ଆମ ଦେଶ ସୀମାରେ ଲୁଣ ମାରି ଆମକୁ ବିକ୍ରୟ କରୁଥିଲା ଏବଂ ସେଥିରୁ ଆଦାୟ କରୁଥିଲା ଅତ୍ୟଧିକ ଟିକସ । ଏଭଳି ଏକଚାଟିଆ ଆଇନର ପ୍ରତିବାଦ ପାଇଁ ଗାନ୍ଧିଜୀ ସଙ୍କଳ୍ପ ନେଲେ ଏବଂ ପଦଯାତ୍ରା ମାଧ୍ୟମରେ ଆରମ୍ଭ କଲେ ଲବଣ ସତ୍ୟାଗ୍ରହ ।

୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖ ସକାଳ ୬.୩୦ ମିନିଟରେ ୭୮ ଜଣ ସହଯୋଗୀ ସତୀର୍ଥଙ୍କୁ ନେଇ ସେ ସାବରମତୀରୁ ଆରମ୍ଭ କଲେ ଐତିହାସିକ ଦାଣ୍ଡିଯାତ୍ରା । ପଥପ୍ରାନ୍ତରେ ଧୂପ, ଦୀପ, ପୁଷ୍ପ ଓ ଅର୍ଘ୍ୟ ଥାଳି ଧରି ପଦଯାତ୍ରୀମାନଙ୍କୁ ବନ୍ଦାପନା କରୁଥିଲା ଭାବବିହ୍ୱଳ ଜନତା । ସନ୍ଧ୍ୟା ହେଲେ ରାସ୍ତାପାଖ ଗାଁରେ ସତ୍ୟାଗ୍ରହୀମାନେ ବିଶ୍ରାମ ନେଉଥିଲେ ଏବଂ ଲୋକଙ୍କୁ ବୁଝାଉଥିଲେ ନିଶା ନିବାରଣ, ଅସ୍ପୃଶ୍ୟତା ଦୂରୀକରଣ, ଖଦିର ପ୍ରସାର ଓ କୁଟୀରଶିଳ୍ପ ଆବଶ୍ୟକତା ଆଦି ଅନେକ କଥା । ୨୪୧ ମାଇଲ୍ ଯାତ୍ରାପରେ ଏପ୍ରିଲ ୬ ତାରିଖରେ ସମୁଦ୍ରରୁ ଲୁଣ ମାରିଲେ ହଜାର ହଜାର ସତ୍ୟାଗ୍ରହୀ । ୨୪ ଦିନ ବ୍ୟାପୀ ଏହି ପଦଯାତ୍ରା ଭାରତର କୋଟି କୋଟି ଜନତାଙ୍କୁ ସଂଗଠିତ କଲା ଏବଂ ତା'ର ପ୍ରଭାବରେ ଓଡ଼ିଶାର ଇଞ୍ଚୁଡ଼ି ଓ କୁହୁଡ଼ି ସମେତ ଦେଶରେ ବିଭିନ୍ନ ସ୍ଥାନରେ ଚାଲିଲା ଲବଣ ସତ୍ୟାଗ୍ରହ । ବ୍ରିଟିଶ ସାମ୍ରାଜ୍ୟରେ ସୃଷ୍ଟି ହେଲା କମ୍ପନ । ସତ୍ୟାଗ୍ରହକୁ ଦବେଇ ଦେବା ଲକ୍ଷ୍ୟରେ ମଇ ୪ ତାରିଖ ମଧ୍ୟରାତ୍ରିରେ ଗାନ୍ଧିଜୀଙ୍କୁ ଗିରଫ କଲା ଫିରିଙ୍ଗି ପୁଲିସ । ପରଦିନ ସକାଳେ ଏହି ଖବର ପ୍ରଚାର ହେବା ମାତ୍ରେ ଆନ୍ଦୋଳନ ଆହୁରି ଉଗ୍ରରୂପ ହେଲା ଏବଂ ଆଇନ୍ ଅମାନ୍ୟ କରି ପର୍ଯ୍ୟାୟକ୍ରମେ ଗିରଫ ହେଲେ ୬୦ ହଜାର ସତ୍ୟାଗ୍ରହୀ । ଫଳରେ ଗାନ୍ଧିଜୀଙ୍କୁ ଖଲାସ କରିବା ପାଇଁ ବାଧ ହେଲେ ସରକାର । ଶେଷରେ ଗାନ୍ଧୀ-ଇରୱିନ୍ ଚୁକ୍ତି ଅନୁଯାୟୀ ସରକାର ଭାରତୀୟଙ୍କ ଦାବି ମାନିନେବା ପରେ ପ୍ରତ୍ୟାହୃତ ହେଲା ଲବଣ ସତ୍ୟାଗ୍ରହ ।

ଭାରତବର୍ଷରେ ଅସ୍ପୃଶ୍ୟଙ୍କ ପାଇଁ ସ୍ୱତନ୍ତ୍ର ଭୋଟର ତାଲିକା ତିଆରି କରିବା ପାଇଁ ବ୍ରିଟିଶ ପାର୍ଲାମେଣ୍ଟ ବ୍ୟବସ୍ଥା ଖବର ପାଇ ବିଚଳିତ ହୋଇ ପଡିଥିଲେ ଗାନ୍ଧିଜୀ । କାରଣ ପରାଧୀନତାର ନିର୍ଯାତନା ତାଙ୍କୁ ଯେତିକି ଆଘାତ ଦେଇଥିଲା, ସେତିକି କଷ୍ଟ ଦେଇଥିଲା ଅସ୍ପୃଶ୍ୟତା ରୂପକ ସାମାଜିକ ବ୍ୟାଧି । ଏହି ବ୍ୟାଧିର ଉପଶମ ପାଇଁ ସେ ଉଦ୍ୟମ କରୁଥିବା ବେଳେ ଇଂରେଜମାନଙ୍କର ଚାଲ୍ ତାଙ୍କ ପାଇଁ ଥିଲା ଏକ ଆହ୍ୱାନ । ସେତେବେଳେ ଗାନ୍ଧିଜୀ ପୁନା ଜେଲରେ ଥିଲେ ଏବଂ ଏଭଳି ଏକ ବ୍ୟବସ୍ଥା ପ୍ରତିବାଦରେ ଘୋଷଣା କରିଥିଲେ ଆମରଣ ଅନଶନ ନିଷ୍ପତ୍ତି । ୧୯୩୩ ମସିହାରେ ସେ ଜେଲରୁ ଖଲାସ ହେବା ପରେ ଆରମ୍ଭ ହେଲା ହରିଜନ ପଦଯାତ୍ରା ପାଇଁ ପ୍ରସ୍ତୁତି । ଓଡ଼ିଶା ଥିଲା ଗାନ୍ଧୀଙ୍କ ପାଇଁ ତୀର୍ଥଭୂମି ତଥା ତାଙ୍କ ଆଦର୍ଶ ଓ ଚିନ୍ତନର ପ୍ରୟୋଗଶାଳା । ଓଡ଼ିଶାର ସାମାଜିକ ଚିତ୍ର, ଆର୍ଥିକ ସ୍ଥିତି ଓ ଧାର୍ମିକ ବ୍ୟବସ୍ଥାକୁ ସେ ପାଖରୁ ଦେଖିଥିଲେ, ଯାହା ତାଙ୍କୁ ବାଧ କରିଥିଲା ବାରମ୍ବାର ଓଡ଼ିଶା ଆସିବା ପାଇଁ । ସେଥିପାଇଁ ସେ ଓଡିଶାରୁ ଆରମ୍ଭ କରିଥିଲେ ଅସ୍ପୃଶ୍ୟତା ନିବାରଣ ଯାତ୍ରା । ପ୍ରଥମେ ସ୍ଥିର ହୋଇଥିଲା ବାରଦିନ ମଧ୍ୟରେ ସୀମିତ ରହିବ ଯାତ୍ରାର ଅବଧି । ସେହି ଅନୁସାରେ ଝାରସୁଗୁଡ଼ାରେ ପହଞ୍ଚି ହରିଜନ ବସ୍ତି ବୁଲିଥିଲେ ଏବଂ ସେଠାରୁ ମଟର କାରରେ ସମ୍ବଲପୁର ଆସି ଏକ ବିରାଟ ସାଧାରଣ ସଭାରେ ଭାଷଣ ଦେଇଥିଲେ ଅସ୍ପୃଶ୍ୟତା ନିବାରଣ ସଂପର୍କରେ । ତା'ପରେ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଗାନ୍ଧିଜୀ ଅନୁଗୁଳରୁ ରେଳ ଯୋଗେ ପୁରୀ ପହଞ୍ଚିଲା ବେଳକୁ ସହରସାରା ହାଉହାଉ । 'ଗାନ୍ଧୀ ହିନ୍ଦୁଧର୍ମର ଶତ୍ରୁ ଓ ଗାନ୍ଧୀ ଫେରିଯାଅ' ଇତ୍ୟାଦି ଲେଖା ହୋଇଥିଲା କାନ୍ଥବାଡ଼ରେ । ଅନେକ ମଠ ଉପରେ ବି ଉଡୁଥିଲା କଳା ପତାକା । ଏଭଳି ବିରୋଧ ଦେଖି ଚିନ୍ତିତ ହୋଇ ପଡ଼ିଥିଲେ ହରେକୃଷ୍ଣ ମହତାବ ଓ ଗୋପବନ୍ଧୁ ଚୌଧୁରୀ ପ୍ରମୁଖ ଆୟୋଜକ ମଣ୍ଡଳୀ । ପରିସ୍ଥିତିକୁ ଦୃଷ୍ଟିରେ ରଖି ଷ୍ଟେସନରେ ଜଗି ରହିଥିଲେ ବହୁ ସଂଖ୍ୟକ ପୁଲିସ୍ । ଯୋଜନା ଥିଲା ଘେର ଭିତରେ ରଖି ଗାନ୍ଧିଜୀଙ୍କୁ ନିଆଯିବ ନିର୍ଦ୍ଧାରିତ ରହଣିସ୍ଥଳ ଭାଗଲପୁର କୋଠି ପର୍ଯ୍ୟନ୍ତ । ଷ୍ଟେସନରେ ପହଞ୍ଚିବା ପୂର୍ବରୁ ଗାନ୍ଧିଜୀ ଏହାର ସୂଚନା ପାଇ ମନମନେ ତିଆରି କରି ସାରିଥିଲେ ଆନ୍ଦୋଳନର ଖସଡ଼ା । ରେଳ ଗାଡ଼ିରୁ ଗୋଡ଼ କାଢୁକାଢୁ କଡ଼ା ସୁରକ୍ଷା ବ୍ୟବସ୍ଥା ଦେଖି ଖୁବ୍ ଗମ୍ଭୀର ହୋଇ ପଚାରିଲେ-ହରିଜନ ଯାତ୍ରା ଭଳି ଏକ ଧର୍ମଯାତ୍ରାରେ ପୁଲିସ ମୁତୟନ କାହିଁକି? କଠୋରପନ୍ଥୀଙ୍କ ବିରୋଧ ସଂପର୍କରେ ଶୁଣି ସାରିବା ପରେ ସମସ୍ତଙ୍କୁ ଚକିତ କଲା ଭଳି କହିଲେ-ଗାଡ଼ିରେ ନୁହେଁ, ସେ ନିର୍ଦ୍ଧାରିତ ସ୍ଥାନକୁ ପାଦରେ ଚାଲି ଚାଲି ଯିବେ ଏବଂ ବିନା ପୁଲିସ ସହାୟତାରେ । ଗାନ୍ଧୀଙ୍କ ନିଷ୍ପତ୍ତିର ପ୍ରତିବାଦ କରିବ କିଏ? ନିରବରେ ବାଟକଢ଼େଇ ନେଲେ ଓଡ଼ିଶା କଂଗ୍ରେସର ତୁଙ୍ଗ ନେତାମାନେ । ଖୋଳ କରତାଳ ବଜେଇ ଶୋଭାଯାତ୍ରାରେ ଚାଲିଲେ ହଜାର ହଜାର ଲୋକ । ଗାନ୍ଧୀଙ୍କ ପଛେ ପଛେ ଚାଲିଲା ସାରା ସହର । କିଂକର୍ତ୍ତବ୍ୟବିମୂଢ଼ ହୋଇ ଚାହିଁ ରହିଲା ପୁଲିସ୍ ।

ପରଦିନ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗ ଦେବା ପୂର୍ବରୁ ଗାନ୍ଧିଜୀ ଘୋଷଣା କରିଦେଲେ ରେଳ ମଟରରେ ନୁହେଁ, ଅସ୍ପୃଶ୍ୟତା ନିବାରଣ ପାଇଁ ସେ ପାଦରେ ଚାଲି ଚାଲି ବୁଲିବେ ସାରା ଓଡ଼ିଶା । ହରିଜନ ଯାତ୍ରା ହେବ ହରିଜନ ପଦଯାତ୍ରା । ଗୋଡ଼ ଓ ଗାଡ଼ି ଆଧାରିତ ଯାତ୍ରାର ତଫାତ୍ ଦର୍ଶାଇବାକୁ ଯାଇ ସେ କହିଲେ ଗାଡ଼ିରେ ଗଲେ ବେଗ ଯେତିକି ବଢ଼େ, ସେତିକି କମେ ଆବେଗ । ଏଥିରେ ଜନସଂପର୍କର ଅନୁଭବ ରହେନି କି ମିଳେନି ଲୋକଙ୍କ ମନ ବଦଳେବାର ସୁଯୋଗ । ଏଥିପାଇଁ ପଦଯାତ୍ରା ହିଁ ଉପଯୋଗୀ । କିନ୍ତୁ ବୈଶାଖ ମାସ ମୁଣ୍ଡଫଟା ଖରାରେ ଉଚ୍ଚ ରକ୍ତଚାପ ଓ ଅଗ୍ନିମାନ୍ଦ୍ୟ ରୋଗରେ ପୀଡ଼ିତ ପଞ୍ଚଷଠି ବର୍ଷର ଜଣେ ଦୁର୍ବଳ ବୃଦ୍ଧଙ୍କ ପକ୍ଷେ ଦୀର୍ଘ ପଦଯାତ୍ରା କ'ଣ ସମ୍ଭବ? ଅନ୍ତର କହିଲା- ପାଦରେ ଯାଅ । ଆଉ ଅଟକେଇବ କିଏ?

ମଇ ୯ ତାରିଖ ପୁରୀ ସିଂହଦ୍ୱାରରୁ ଆରମ୍ଭ ହେଲା 'ହରିଜନ ପଦଯାତ୍ରା' । ଏହି ଯାତ୍ରା ଥିଲା କମ୍ ରାଜନୈତିକ, ବେଶି ଆଧ୍ୟାତ୍ମିକ । ସେଥିପାଇଁ ଗାନ୍ଧିଜୀ କହୁଥିଲେ ଏହା ଏକ ପ୍ରଚଣ୍ଡ ଧର୍ମଯାତ୍ରା । ମାତ୍ର ଶ୍ରୀକ୍ଷେତ୍ରରୁ ଯାତ୍ରା ଆରମ୍ଭ ହୋଇଥିବାରୁ ତା'ର ନାମକରଣ ହେଲା ପତିତପାବନ ପଦଯାତ୍ରା । ଦାଣ୍ଡିଯାତ୍ରା ବେଳେ ଗାନ୍ଧିଜୀ ଅନୁଭବ କରିଥିଲେ ଖାଲି ବାଟ ଚାଲିଲେ ପଦଯାତ୍ରା ହୁଏ ନାହିଁ, ସେଥିପାଇଁ ପାଇଁ ଲୋଡ଼ା ନିର୍ଦ୍ଦିଷ୍ଟ ଆଭିମୁଖ୍ୟ । ତେଣୁ ପଦଯାତ୍ରା ସହ ସେ ଯୋଡ଼ିଲେ ଗ୍ରାମ ସଫେଇ ଓ ହରିଜନଙ୍କ ସହ ପଙ୍କ୍ତି ଭୋଜନ ଓ ଅନେକ ରଚନାତ୍ମକ କାର୍ଯ୍ୟକ୍ରମ । ପ୍ରତ୍ୟେକ ରହଣି ସ୍ଥାନରେ ସଫେଇ କାର୍ଯ୍ୟ ସାଙ୍ଗକୁ ସକାଳେ ସଞ୍ଜେ ଅନୁଷ୍ଠିତ ହେଉଥିଲା ପ୍ରାର୍ଥନା ସଭା । ଦାଣ୍ଡମୁକୁନ୍ଦପୁର ସଭାରେ କହିଲେ ଅସ୍ପୃଶ୍ୟତା ହିନ୍ଦୁଧର୍ମର କଳଙ୍କ । ସେ କଳଙ୍କ ନ ଛଡ଼ାଇଲେ ନଷ୍ଟ ହୋଇଯିବ ହିନ୍ଦୁଧର୍ମ । ଚନ୍ଦନପୁର ସଭାରେ କହିଲେ ହିନ୍ଦୁଧର୍ମର ମସ୍ତକ ଉପରେ ଝୁଲୁଛି ଅସ୍ପୃଶ୍ୟତା ରୂପକ ତରବାରୀ । ବାଲକାଟି ସଭାରେ ତାଙ୍କ ବକ୍ତବ୍ୟର ସାରାଂଶ ଥିଲା ଅସ୍ପୃଶ୍ୟତା ପଛରେ ରହିଛି ପ୍ରଚଣ୍ଡ ଅହଂକାର । ବାଲିଅନ୍ତାରେ କହିଲେ ମନ୍ଦିର କେବଳ ଧର୍ମାନୁଷ୍ଠାନ ନୁହେଁ, ଏହା ନୈତିକତା ବିତରଣ କରୁଥିବା ଏକ ବିଦ୍ୟାଳୟ । ଯେଉଁ ମନ୍ଦିରରେ ଦଳିତଙ୍କ ପ୍ରବେଶ ମନା, ସେଠାରୁ ପ୍ରସ୍ଥାନ କରନ୍ତି ଈଶ୍ୱର ।

ଗାନ୍ଧିଜୀ ଜାଣିଥିଲେ ପଦଯାତ୍ରୀମାନଙ୍କ ରହିବା, ଖାଇବା ଗ୍ରାମବାସୀଙ୍କ ଉପରେ ବୋଝ ସଦୃଶ୍ୟ । ତେଣୁ ଏହା ଯେମିତି ବିଳାସପୂର୍ଣ୍ଣ ନ ହୁଏ ସେଥିପାଇଁ ସେ ଧ୍ୟାନ ଦେଇଥିଲେ ଏବଂ ନିଜେ କେଉଁଠି କିଆବାଡ଼ ପାଖରେ ବିଶ୍ରାମ ନେଉଥିଲେ ତ କେଉଁଠି ଖରାବେଳ କଟେଇ ଦେଉଥିଲେ ଆମ୍ବ ତୋଟାରେ । ଅତି ଆନନ୍ଦରେ ଖାଉଥିଲେ ସ୍ଥାନୀୟ ଅଞ୍ଚଳର ଫଳମୂଳ ଓ ଖାଦ୍ୟ । ପ୍ରଚଣ୍ଡ ରୌଦ୍ର ତାପ ସାଙ୍ଗକୁ ଖରାଦିନିଆ ବିଜୁଳି, ଘଡ଼ଘଡ଼ି, ବର୍ଷା କୁଆପଥର ମାଡ଼ ସମ୍ଭାଳି ନେଇ ଗୋଟିଏ ପରେ ଗୋଟିଏ ଅଞ୍ଚଳରେ ବୁଣି ଚାଲିଥିଲେ ସଦ୍ଭାବନାର ବୀଜମନ୍ତ୍ର । କଟକ, ଭେଡା, ମାଳ ସତ୍ୟଭାମାପୁର, ଶିଶୁଆ, ପାଟପୁର, ନିଶ୍ଚିନ୍ତକୋଇଲି, କେନ୍ଦ୍ରାପଡ଼ା, ବରୀମୂଳ, କାଇପଡ଼ା, ବରୀ, ନେଉଳା, ମଞ୍ଜୁରୀ, ଭଣ୍ଡାରିପୋଖରୀ ଓ ତୋଡଙ୍ଗା ବାଟ ଦେଇ ଜୁନ୍ ୫ ତାରିଖ ଦିନ ପହଞ୍ଚିଥିଲେ ଭଦ୍ରକ ଗରଦପୁର ସ୍ଥିତ କଲ୍ୟାଣଜୀଙ୍କ ଆଶ୍ରମରେ । ଏଠାରେ ତିନିଦିନ ରହଣି ମଧ୍ୟରେ ଲୋକଙ୍କୁ ପାଖରେ ବସେଇ ବତେଇ ଥିଲେ ଅସ୍ପୃଶ୍ୟତା ଦୂରୀକରଣ ଓ ସାଂପ୍ରଦାୟିକ ସଦ୍ଭାବନାର ସୂତ୍ର । ବୁଝେଇ ଥିଲେ ଗ୍ରାମ୍ୟ ଅର୍ଥନୀତିର ବିକାଶ ଦିଗରେ ଚାଷକାର୍ଯ୍ୟ, ଗୋପାଳନ ଓ ସୂତା କାଟିବା ଆଦିର ଭୂମିକା । ପ୍ରତିକୂଳ ପାଗ ଯୋଗୁଁ ଏଇଠି ବନ୍ଦ ରହିଲା ହରିଜନ ପଦଯାତ୍ରା । ମାତ୍ର ଏହି ବିରଳ ଯାତ୍ରା ଥିଲା ଓଡ଼ିଶା ସାମାଜିକ ଇତିହାସର ଏକ ମାଇଲ ଖୁଣ୍ଟ । ଏହାର ପ୍ରଭାବରେ ଓଡ଼ିଶାରେ ସୃଷ୍ଟିହେଲେ ହଜାରହଜାର ସତ୍ୟାଗ୍ରହୀ ଓ ରଚନାତ୍ମକ କର୍ମୀ । ଅନେକ ସ୍ଥାନରେ ସମ୍ଭବ ହେଲା ଦଳିତଙ୍କ ମନ୍ଦିର ପ୍ରବେଶ ।

ଗାନ୍ଧିଜୀଙ୍କ ତୃତୀୟ ପଦଯାତ୍ରା ଥିଲା ପୂର୍ବବଙ୍ଗର ନୂଆଖାଲିରେ । ୧୯୪୬ ମସିହାରେ ନୂଆଖାଲିର ହୋଇଥିବା ସାଂପ୍ରଦାୟିକ ଦଙ୍ଗା ଥିଲା ଖୁବ୍ ମର୍ମନ୍ତୁଦ । ଏହି ମୁସଲମାନ ବହୁଳ ଅଞ୍ଚଳରେ ହିନ୍ଦୁମାନଙ୍କ ଉପରେ ହୋଇଥିବା ଅକଥନୀୟ ଅତ୍ୟାଚାରରେ ସଂପର୍କରେ ଅବଗତ ହୋଇ ଖୁବ୍ ବିମର୍ଷ ହୋଇପଡିଲେ ଗାନ୍ଧିଜୀ । ତୁରନ୍ତ ଶାନ୍ତି ଫେରାଇ ଆଣିବା ପାଇଁ ସେଠାରେ ପହଞ୍ଚି ଆରମ୍ଭ କଲେ ପଦଯାତ୍ରା । ଗାଁ ଗାଁରେ ଆୟୋଜନ ହେଲା ସଦ୍ଭାବନା ସଭା । ସେଠାରେ ଗାନ କରାଗଲା ରାମଧୂନ୍ ଓ ରଘୁପତି ରାଜାରାମ୍-- ଆଦି ଗୀତ । ଦଙ୍ଗାବିଧ୍ୱସ୍ତ ଗ୍ରାମଗୁଡିକୁ ପଦଯାତ୍ରାରେ ଯାଇ ଗାନ୍ଧିଜୀ ଲୋକଙ୍କୁ କେବଳ ଗୋଟିଏ କଥା ବୁଝେଇଲେ- ସହିଷ୍ଣୁତା ଓ ଅହିଂସା ହେଉଛି ସବୁଧର୍ମର ସାରତତ୍ତ୍ୱ । ଗାନ୍ଧୀଙ୍କ ପଦଯାତ୍ରା ଯୋଗୁଁ ଦଙ୍ଗା ଥମିଲା ଓ ନୂଆଖାଲିରେ ଫେରି ଆସିଲା ଶାନ୍ତି । ସେଥିପାଇଁ ତାଙ୍କ ପଦଯାତ୍ରାକୁ କିଏ ତୀର୍ଥ ଯାତ୍ରା କହେ ତ କିଏ କହେ ମାନବବାଦ ଜୟଯାତ୍ରା ।


ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।



ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

### ଗଡ଼ା ଚାଲିଛି ତିନି ରଥ

## ଗୟଳ ଚିରଟ ଆରମ୍ଭ କଲେ କରତି ସେବକ



**ପୁରୀ,୪।୬(ସମିସ):** ପାଖେଇ ଆସୁଛି ରଥଯାତ୍ରା। ଏଥିପାଇଁ ରଥଖଳାରେ ମୁଖ୍ୟ ମହାରଣାଙ୍କ ତତ୍ତ୍ୱାଧାନରେ ତିନିରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ସୋମବାର ସୁଦ୍ଧା ତିନିରଥର ୩୪ଟି ଚକ ନିର୍ମାଣ ଶେଷ ହୋଇଥିଲା ଏବଂ ଦଣ୍ଡା ନିର୍ମାଣ ପାଇଁ ରଥଖଳାରେ ତିନି ରଥର ପାଞ୍ଚ ଦଣ୍ଡା କାଠ ପଡିଥିଲା। ମଙ୍ଗଳବାର ସୁଦ୍ଧା ତିନିରଥର ୨୧ଟି ଅଖର ଉଭୟ ପାର୍ଶ୍ୱ ଗୋଲେଇ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର ମୋଟ ୪୨ଟି ଯୋକା ନିର୍ମାଣ ସରିଛି। ସେହିପରି ନିର୍ମାଣ ଶେଷ ହୋଇଥିବା ୧୮ ଫୁଟିଆ ୪ଟି ଲେଖାଏଁ ଓରାର କାପ ବିନ୍ଧ ମଧ୍ୟ ସରିଛି। ତିନୋଟିଯାକ ରଥର ନିର୍ମାଣ ସରିଥିବା ୮ଟି ଲେଖାଏ ଖମ୍ବାର ସାଲ କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ହୋଇଛି। ରୂପକାର ସେବକମାନେ କୋଣଗୁଜଗୁଡିକରେ ସିଂହ ବିରଳ ରୂପ ଖୋଦେଇ କରୁଛନ୍ତି। ସେହିପରି ଖୋଦେଇ ଶେଷ ହୋଇଥିବା ରୂପଗୁଡ଼ିକର ପଲିସ କାର୍ଯ୍ୟ ସହ ରୂପରେ ଅଳଙ୍କାର ପକା କାର୍ଯ୍ୟ ମଧ୍ୟ ଜାରୀ ରଖିଛନ୍ତି। ରଥ ଖଳା ପାର୍ଶ୍ୱରେ ନିର୍ମିତ ଏକ ସ୍ୱତନ୍ତ୍ର ଚାଳିରେ କରତୀ ସେବକମାନେ ତାଳଧ୍ୱଜ ରଥର ପୋଲ ଗୟଳ ଚଉପଟ ପାଇଁ ଚିରଟ କାର୍ଯ୍ୟ ଆରମ୍ଭ କରିଛନ୍ତି। ଚିରଟ ପୂର୍ବରୁ ଏହି ୪୦ ଫୁଟିଆ ପୋଲ ଗୟଳ କାଠର ଉଭୟ ପାର୍ଶ୍ୱକୁ ବାରିସିରେ ହାଣି ସମତଳ କରିବା ପରେ ମଙ୍ଗଳବାର କରତି ସେବକ ଚିରଟ କାମ ଆରମ୍ଭ କରିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ତିନି ରଥର ଘଡି ମୁହଁ ଦଣ୍ଡା କଣ୍ଟା, ଦଣ୍ଡା ବିଡିଆ କଣ୍ଟା, ଅଗ ପାତେଳି କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

# ବଜ୍ରପାତ ନେଲା ୪ ଜୀବନ

**ମୈଦଲପୁର/ପାପଡ଼ାହାଣ୍ଡି/କୋଷାଗୁମୁଡ଼ା/ପାରଳାଖେମୁଣ୍ଡି/ତୁରୁମୁଙ୍ଗା, ୪।୬ (ସମିସ):** ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ୍ ମୈଦଲପୁର ଅଞ୍ଚଳରେ ବଜ୍ରପାତରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତି ଦ୍ୱୟ ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ୍ ମାଝୀଗୁଡ଼ା ପଞ୍ଚାୟତ ଗିର୍ଲିଗୁଡ଼ା ଗ୍ରାମର କୁମାର ହରିଜନ (୪୦) ଓ ମୈଦଲପୁର ଥାନା ଅନ୍ତର୍ଗତ ମୁଦୁଲିଆଗୁଡ଼ା ଗ୍ରାମର ଡମ୍ବୁ ଗୌଡ଼ ବୋଲି ଜଣାପଡ଼ିଛି। ଏଥିସହ ତାରାଗାଁର ହାଟରେ ବଜ୍ରପାତରେ ୭ ଗାଈଙ୍କ ମୃତ୍ୟୁ ଘଟିଛି।

ସୂଚନା ପ୍ରକାରେ, ମଙ୍ଗଳବାର ଅପରାହ୍ଣ ୪ଟା ସମୟରେ ମୃତ କୁମର ହରିଜନ ଆମ୍ବସଢ଼ା କାଢ଼ିବାକୁ ନିଜ ଘର ଛାତ ଉପରକୁ ଯାଇଥିଲେ। ସେହି ସମୟରେ ବର୍ଷା ହେବା ସହ ବଜ୍ରପାତ ହୋଇଥିଲା। ବଜ୍ରପାତ ଦ୍ୱାରା ଘଟଣା ସ୍ଥଳରେ କୁମାରଙ୍କ ମୃତ୍ୟୁ ଘଟିଛି। ସେହିପରି ମୁଦୁଲିଆଗୁଡ଼ାର ଡମ୍ବୁ ଗୌଡ଼ ୪ ଘଣ୍ଟା ସମୟରେ ଗାଈ ବଳଦ ନେଇ ଚରାଇବାକୁ ଯାଇଥିଲେ। ଏହି ସମୟରେ ବଜ୍ରପାତ ହେବା ଦ୍ୱାରା ସେହି ଜମିରେ ହିଁ ଡମ୍ବୁଙ୍କ ମୃତ୍ୟୁ ଘଟିଛି। ପରିବାର ଲୋକ ଖବର ପାଇ ଡମ୍ବୁଙ୍କ ଶବକୁ ଘରକୁ ଆଣିଥିଲେ। ଉଭୟ ପରିବାରଙ୍କ ସମ୍ପର୍କୀୟମାନେ ମୈଦଲପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ମୈଦଲପୁର ପୁଲିସ ଅଧିକ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି। ସେହିପରି ତାରାଗାଁର ହାଟରେ ବଜ୍ରପାତରେ ୭ ଗାଈଙ୍କ ମୃତ୍ୟୁ ଘଟିଛି। କୋଷାଗୁମୁଡ଼ା ବ୍ଲକର ତାରାଗାଁ ଗ୍ରାମରେ ମଙ୍ଗଳବାର ସାପ୍ତାହିକ ହାଟରେ ଅପରାହ୍ଣ ପ୍ରାୟ ୪ଟାରେ ହାଟକୁ ବିକ୍ରି କରିବାକୁ ଆଣିଥିବା ଶତାଧିକ ଗାଈରୁ କାଳବୈଶାଖୀ ବଜ୍ରପାତ ଦ୍ୱାରା ୭ ଗାଈଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ବଜ୍ରପାତକୁ ନେଇ ଜନଜୀବନ ପ୍ରତି ବିପଦକୁ ଏଡ଼ାଇବା ପାଇଁ ସରକାରଙ୍କ ତରଫରୁ ସଚେତନତା ସୃଷ୍ଟି କରାଯାଉଥିଲେ ସୁଦ୍ଧା ଲୋକେ ବିଭିନ୍ନ ସମୟରେ ଏଭଳି ପ୍ରାକୃତିକ ବିପତ୍ତିର ସମ୍ମୁଖୀନ ହେଉଛନ୍ତି।

**ଭୋଟଗଣତି କେନ୍ଦ୍ର ନିକଟରେ ବଜ୍ରପାତ, ଜଣେ ମୃତ**

ସେହିପରି ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ମଙ୍ଗଳବାର ଭୋଟ ଗଣନା ଜାରି ରହିଛି। ଭୋଟ ଗ୍ରହଣ କରାଯାଉଥିବା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡିଆରେ ବଜ୍ରପାତ ଘଟି ଜଣକର ମୃତ୍ୟୁ ହୋଇଥିଲେ। ମୃତକ ଜଣକ ହେଲେ ପାରଳାଖେମୁଣ୍ଡି ସହରର ଖଞ୍ଜାସାହିର ବି.ଆପାଲାସ୍ୱାମୀ(୫୫)। ଉଲ୍ଲେଖିତ ଖେଳ ପଡିଆରେ ଠିଆହୋଇ ରହିଥିବା ବେଳେ ବଜ୍ରପାତ ହୋଇଥିଲା। ତାଙ୍କୁ ତୁରନ୍ତ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ମଧ୍ୟାହ୍ନ ସମୟରେ କାଳ ବୈଶାଖୀ ପ୍ରଭାବରେ ହଠାତ ବଜ୍ରପାତ ସହ ବର୍ଷା ପବନ ହୋଇଥିଲା। ମୃତଦେହ ବ୍ୟବଛେଦ ପରେ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ସୂତ୍ରରୁ ପ୍ରକାଶ। ଏହି ଖେଳ ପଡିଆ ନିକଟରେ ମତଗଣନା ହେଉଥିବାରୁ ବହୁ ଲୋକେ ଉପସ୍ଥିତ ରହିଥିଲେ।

ଅପରପକ୍ଷେ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ଥାନା ଅନ୍ତର୍ଗତ ଗୋଡିପୋଖରୀ ଗ୍ରାମରେ ବଜ୍ରପାତରେ ଜଣେ ୬୫ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ହୋଇଛି ମଙ୍ଗଳବାର ଅପରାହ୍ଣ ରେ ସେ ଶୌଚ ହେବା ପାଇଁ ଗାଁ ନିକଟ ବନ୍ଧକୁ ଯାଇଥିବା ସମୟରେ ହଠାତ ବଜ୍ରପାତ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ୧୦୮ ସହାୟତା ରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ନିଆଯାଇଥିଲା ସେଠାରେ ଡାକ୍ତର ରିସିଭ ଡେଥ ଘୋଷଣା କରିଥିଲେ।

## ଟ୍ରକ୍ ଧକ୍କାରେ ଟାଭେରା ଚୂର୍‌ମାର୍; ୨ମୃତ

**ବାଲୁଗାଁ, ୪।୬ (ସମିସ):** ବାଲୁଗାଁ ଥାନା ନାଭାଲ ଫାଣ୍ଡି ନିକଟ ଛତ୍ରଗଡ ଛକ ଠାରେ ମଙ୍ଗଳବାର ଭୋର ସମୟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟି ୨ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଏକ ଟ୍ରକ୍ ଟ୍ରାଭେରା କାର୍‌କୁ ପଛ ପାର୍ଶ୍ୱରୁ ଧକ୍କା ଦେବା ଫଳରେ ଘଟଣାସ୍ଥଳେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକ ତଥା ଟ୍ରାଭେରା ମାଲିକ ମନୋରଂଜନ ପାଣିଗ୍ରାହୀ (୬୨) ଏବଂ ଡ୍ରାଇଭର ବିଦ୍ୟାଧର ବେହେରା (୪୨)। ତେବେ ଦୁର୍ଘଟଣା ସ୍ଥଳରୁ ଟ୍ରକ୍ ଡ୍ରାଇଭର ଓ ହେଲ୍‌ପର୍ ଫେରାର ହୋଇଯାଇଥିବା ଜଣାଯାଇଛି।

ଖବର ନେବାରେ ଜଣାଯାଇଛି ବେଲଗୁଣ୍ଠା ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକ ମନୋରଞ୍ଜନ ପାଣିଗ୍ରାହୀଙ୍କ ପୁଅ କଟକରେ ଡ଼ାକ୍ତର ଭାବେ କାର୍ଯ୍ୟକରନ୍ତି। ମନୋରଞ୍ଜନ ନିଜର ଟ୍ରାଭେରା ଗାଡ଼ି ନଂ ଓଡ଼ି୦୨ ୨୮୨୪ ଯୋଗେ ଡ୍ରାଇଭରକୁ ଧରି ପୁଅକୁ ଦେଖାକରିବାକୁ କଟକ ଯାଇ ଘରକୁ ଫେରୁଥିବା ବେଳେ ମଙ୍ଗଳବାର ଭୋର ସମୟରେ ନାଭାଲ ଫାଣ୍ଡିର ଅନତି ଦୂର ତଥା ୧୬ନଂ ଜାତୀୟ ରାଜପଥର ଛତ୍ରଗଡ଼ ଛକ ଠାରେ ଓଡ଼ି୧୬ ଜି ୦୨୭୭ନମ୍ବର ବିଶିଷ୍ଟ ଲୁହା ଗୁଣ୍ଡ ବୋଝେଇ ଆଇଚର ଟ୍ରକ୍ ଦ୍ରୁତ ଗତିରେ କାର୍‌ର ପଛ ପାର୍ଶ୍ୱକୁ ଧକ୍କା ଦେଇଥିଲା। ଫଳରେ କାର୍ ଭାରସାମ୍ୟ ହରାଇ ରୋଡ଼ ଡ଼ିଭାଇଡ଼ରରେ ପିଟି ଚୁରମାର ହୋଇଯାଇଥିଲା। କାରଟି ସଂପୂର୍ଣ୍ଣ ରୂପେ ଭାଙ୍ଗିରୁଜି ଯାଇଛି। ଗାଡ଼ି ମଧ୍ୟରେ ଉଭୟ ମାଲିକ ଓ ଡ୍ରାଇଭର ଚାପି ହୋଇ ମୃତ୍ୟୁବରଣ କରିଥିଲେ। ଖବର ପାଇ ଫାଣ୍ଡି ଅଧିକାରୀ ରବିନ୍ଦ୍ର ନାଥ ଗୌଡ଼ ସଦଳବଳେ ପହଞ୍ଚି କଟର ସାହାଯ୍ୟରେ କାରର ଭଙ୍ଗାରୁଜା ଯନ୍ତ୍ରାଂଶକୁ କାଟି ଦୁଇ ମୃତକଙ୍କୁ ଉଦ୍ଧାର କରିଥିଲେ। ପକେଟରୁ ମିଳିଥିବା ପରିଚୟ ପତ୍ରରୁ ଠିକଣା ପାଇ ପୁଲିସ୍ ତାଙ୍କ ପରିବାର ବର୍ଗଙ୍କୁ ଏସଂପର୍କରେ ସୂଚନା ଦେଇଥିଲେ। ବାଲୁଗାଁ ପୁଲିସ୍ ଏସଂକ୍ରାନ୍ତରେ କେଶ ନଂ ୧୮୯/୨୪ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି। ପୁଲିସ୍ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।

### ନିଟ୍ ୟୁଜି ପରୀକ୍ଷାଫଳ

## ସ୍ୱୟଂଶକ୍ତି ଓଡ଼ିଶା ଟପ୍ପର

**ଭୁବନେଶ୍ୱର, ୪।୬(ସମିସ):** ମେଡିକାଲ ପାଠ୍ୟକ୍ରମରେ ନାମଲେଖା ପାଇଁ ନିଟ୍ ୟୁଜି ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ତାମିଲନାଡୁର ପ୍ରଭଞ୍ଜନ ଜେ ଓ ଆନ୍ଧ୍ରପ୍ରଦେଶର ବୋରା ଭରୁନ୍ ଚକ୍ରବର୍ତ୍ତୀ ୯୯.୯୯ ପର୍‌ସେଣ୍ଟାଇଲ୍ ରଖି ଯୁଗ୍ମ ଭାବେ ଟପ୍ପର ହୋଇଛନ୍ତି। ଶ୍ରେଷ୍ଠ ୫୦ରେ ୧୦ଜଣ ଛାତ୍ରୀ ସ୍ଥାନ ପାଇଛନ୍ତି। ୪ର୍ଥ ରାଙ୍କରେ ଥିବା ପଞ୍ଜାବର ପ୍ରାଞ୍ଜଲ ଅଗ୍ରୱାଲ୍ ଛାତ୍ରୀଙ୍କ ମଧ୍ୟରେ ଟପ୍ପର ହୋଇଛନ୍ତି। ଅଷ୍ଟମ ରାଙ୍କରେ ଥିବା ସ୍ୱୟଂଶକ୍ତି ତ୍ରିପାଠୀ ଓଡ଼ିଶାର ଟପ୍ପର ହୋଇଛନ୍ତି। ସେହିପରି ୩୫ତମ ରାଙ୍କରେ ଥିବା ସୂର୍ଯ୍ୟ ପ୍ରତାପ ମିଶ୍ର ଓଡ଼ିଶାରୁ ଦ୍ୱିତୀୟ ଛାତ୍ର ଭାବେ ଶ୍ରେଷ୍ଠ ୫୦ରେ ସ୍ଥାନ ପାଇଛନ୍ତି।

ସୂଚନା ଅନୁଯାୟୀ, ପରୀକ୍ଷା ଦେବାପାଇଁ ସମୁଦାୟ ୨୦ ଲକ୍ଷ ୮୭ହଜାର ୪୬୨ଜଣ ପଞ୍ଜିକରଣ କରିଥିଲେ। ତହିଁରୁ ୨୦ ଲକ୍ଷ ୩୮ ହଜାର ୫୯୬ ଜଣ ପରୀକ୍ଷା ଦେଇଥିବାବେଳେ ୧୧ ଲକ୍ଷ ୪୫ ହଜାର ୯୭୬ ଜଣ କୃତକାର୍ଯ୍ୟ ହୋଇଛନ୍ତି। କୃତୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୩୫୦୮ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଥିବାବେଳେ ୫୨୧ଜଣ ବିଦେଶୀ, ୫୩୩ଜଣ ପ୍ରବାସୀ ଭାରତୀୟ ଓ ୫୨୩ ଜଣ ବିଦେଶରେ ରହୁଥିବା ଭାରତୀୟ ଛାତ୍ରଛାତ୍ରୀ ରହିଛନ୍ତି। ଚଳିତବର୍ଷ ଅଣସଂରକ୍ଷିତ ବର୍ଗର କଟ୍‌ଅଫ୍ ମାର୍କ ୭୨୦ରୁ ୧୩୭ ମାର୍କ ମଧ୍ୟରେ ଥିବାବେଳେ ୧୦ ଲକ୍ଷ ୧୪ ହଜାର ୩୭୨ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଓବିସି, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ବର୍ଗର କଟ୍‌ଅଫ୍ ୧୩୬ରୁ ୧୦୭ ମାର୍କ ଥିବାବେଳେ ଯଥାକ୍ରମେ ୮୮୫୯୨, ୨୯୯୧୮ ଓ ୧୨୪୩୭ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଅନୁରୂପ ଭାବେ ଓଡ଼ିଶାରୁ ୨୮ ହଜାର ୩୩୦ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ସୂଚନା ଦିଆଯାଇଛି।

**ଓଡ଼ିଶାରୁ ଉତ୍ତୀର୍ଣ୍ଣ ହେଲେ ୨୮,୩୩୦ ଛାତ୍ରଛାତ୍ରୀ**

## ଆଗରୁ କେମିତି ଜାଣୁଥିଲେ ନିର୍ବାଚନ ଫଳ?

**ଭୁବନେଶ୍ୱର,୪।୬(ସମିସ):** ସମ୍ପ୍ରତି ନିର୍ବାଚନ ଫଳାଫଳ ଜାଣିବାକୁ ସମସ୍ତଙ୍କ ମନରେ ଉତ୍କଣ୍ଠା ପ୍ରକାଶ ପାଉଛି। କେମିତି ଆଗ ଜାଣିବେ ସେନେଇ ତତ୍ପର ହେଉଛନ୍ତି। ଟିଭି, ମୋବାଇଲ୍, ଇଣ୍ଟରନେଟ୍‌ର ବହୁଳ ଉପଯୋଗ କରୁଛନ୍ତି। ସାମାଜିକ ଗଣମାଧ୍ୟମ ହ୍ୱାଟସ୍‌ଆପ୍, ଫେସ୍‌ବୁକ୍, ଏକ୍ସ, ଟେଲିଗ୍ରାମ୍‌ରେ କ୍ଷିପ୍ର ବେଗରେ ସୂଚନା ଆଦାନପ୍ରଦାନ କରୁଛନ୍ତି। ଖବରକୁ ଆଗ ଜାଣିବାର ସମସ୍ତ ମାଧ୍ୟମକୁ ଉପଯୋଗ କରୁଛନ୍ତି। ବିଗତ ୩ଟି ସାଧାରଣ ନିର୍ବାଚନକୁ ଅନୁଧ୍ୟାନ କଲେ ଦେଖାଯାଏ, ବହୁ ସଂଖ୍ୟାରେ ଲୋକମାନେ ନିର୍ବାଚନ ଫଳାଫଳ ଜାଣିବା ପାଇଁ ଟିଭି ଉପରେ ନିର୍ଭର କରୁଥିଲେ। ହେଲେ ସମୟ ବଦଳିବା ସହ ବୈଷୟିକ ଜ୍ଞାନକୌଶଳରେ ବିପ୍ଳବ ଆସିଛି। ଟିଭି, ମୋବାଇଲ୍ ସହ ଇଣ୍ଟରନେଟ୍‌ରେ ବହୁ ସଂଖ୍ୟାରେ ଲୋକ ନିର୍ବାଚନ କମିଶନଙ୍କ ତଥ୍ୟକୁ ଦେଖୁଛନ୍ତି। ମଙ୍ଗଳବାର ନିର୍ବାଚନ ଫଳ ଦେଖିବାକୁ ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରେ ପ୍ରବଳ ଭିଡ଼ ବା ଟ୍ରାଫିକ୍ ହୋଇଥିବା ଦେଖାଯାଇଛି। ଦେଶରେ ପ୍ରାୟ ୫୬ଲକ୍ଷ ଲୋକ କେବଳ ୱେବ୍‌ସାଇଟ୍‌ରେ ଫଳାଫଳ ଦେଖିଛନ୍ତି। ସମଗ୍ର ବିଶ୍ୱରେ ଏହାର ସଂଖ୍ୟା ବହୁ ଅଧିକ। ହେଲେ ମନରେ ପ୍ରଶ୍ନ ଆସେ ଏସବୁ ଜ୍ଞାନକୌଶଳ ବିକଶିତ ହେବା ପୂର୍ବରୁ ଲୋକମାନେ କେମିତି ଜାଣୁଥିଲେ ନିର୍ବାଚନ ଫଳ? ଗଣତି ସମୟରେ କେମିତି ସୂଚନା ଦିଆଯାଉଥିଲା? ୨୯ ବର୍ଷ ତଳକୁ ଫେରିଯାଇ ଅର୍ଥାତ ୧୯୯୫ ମସିହାର ନିର୍ବାଚନକୁ ଅନୁଧ୍ୟାନ କଲେ ବହୁ ରୋଚକ ତଥ୍ୟ ଜାଣିବାକୁ ପାଇବା। ରାଜ୍ୟର ଚୂଡାନ୍ତ ନିର୍ବାଚନ ଫଳ ପ୍ରକାଶ କରିବା ପାଇଁ ଭୁବନେଶ୍ୱର ସ୍ଥିତ ସୂଚନା ଭବନ ଠାରେ ଏକ ବୋର୍ଡ ଲାଗୁଥିଲା। ସେଥିରେ ବିଭିନ୍ନ ରାଜନୈତିକ ଦଳର ନାମ ଲେଖା ରହୁଥିବା ବେଳେ ସଂଖ୍ୟାକୁ ହାତରେ ପରିବର୍ତ୍ତନ କରାଯାଉଥିଲା। ଯେମିତି ଆଜିକାଲି କ୍ରିକେଟ୍ ମ୍ୟାଚ୍ ସମୟରେ ସ୍କୋର ବୋର୍ଡ ପରିବର୍ତ୍ତନ କରୁଥିବା ଦେଖାଯାଏ। କିଛି ପୁଲିସ୍ କର୍ମଚାରୀ ସେହି ବୋର୍ଡକୁ ସୁରକ୍ଷା ଦେଉଥିବାବେଳେ ରାସ୍ତାରେ ଲୋକଙ୍କ ଭିଡ଼ ଲାଗି ରହୁଥିଲା। ସେଠାରୁ ନିର୍ବାଚନର ଚୂଡାନ୍ତ ଫଳ ଜଣାପଡୁଥିଲା।

## ଜୀବନ ରକ୍ଷା କରିବ ଓଡ଼ିଶା ଟିକା / ଭାରତ ସମେତ ବିଶ୍ୱକୁ ରପ୍ତାନୀ ହେବ ୧୫ରୁ ଅଧିକ ପ୍ରକାର ଟିକା

**ଭୁବନେଶ୍ୱର, ୪।୬(ସମିସ):** ଭ୍ୟାକ୍ସିନ୍ ଅବା ଟିକା କେତେ ଉପାଦେୟ, ତାହା କୋଭିଡ୍ ମହାମାରୀ ଆସିବା ପରେ ଜଣାପଡ଼ିଲା। ଆଉ ସେହି କୋଭିଡ୍ ଟିକା ଏବେ ଓଡ଼ିଶାର ରାଜଧାନୀରେ ଉତ୍ପାଦନ ହେବ। କେବଳ ଏହି ଟିକା ନୁହେଁ, ଖୁବ୍ କମ୍ ଦିନ ଭିତରେ ଏଠାରେ ମ୍ୟାଲେରିଆ, କୋଲେରା ଭଳି ୧୫ ପ୍ରକାର ଘାତକ ରୋଗର ମୁକାବିଲା ପାଇଁ ଟିକା ପ୍ରସ୍ତୁତ ହେବ। ଏଠାରେ ପ୍ରସ୍ତୁତ ଟିକା କେବଳ ଭାରତ ନୁହେଁ, ବିଶ୍ୱର ବିଭିନ୍ନ ଦେଶକୁ ପଠାଯିବ। ଓଡ଼ିଶାରେ ପ୍ରସ୍ତୁତ ଟିକା ବିଶ୍ୱର କୋଟି କୋଟି ଲୋକଙ୍କ ଜୀବନ ରକ୍ଷା କରିବ। ଭୁବନେଶ୍ୱର ଉପକଣ୍ଠ ଅନ୍ଧାରୁଆସ୍ଥିତ ଭାରତ ବାୟୋଟେକ୍ ପାର୍କରେ ପ୍ରତିଷ୍ଠିତ ସାପିଜେନ୍ ବାୟୋଲୋଜିକ୍ସ କେନ୍ଦ୍ରରେ ଚଳିତ ମାସରୁ ଟିକା ଉତ୍ପାଦନ ଆରମ୍ଭ ହେବାକୁ ଯାଉଛି। ଓଡ଼ିଶାର 'ପ୍ରତିଟି ଜୀବନ ମୂଲ୍ୟବାନ' ଆହ୍ୱାନକୁ ଏହି ସାପିଜେନ୍ ବାୟୋଲୋଜିକ୍ସ ଭ୍ୟାକ୍ସିନ୍ ପ୍ଲାଣ୍ଟ ପ୍ରତିପାଦିତ କରୁଛି।

ସୂଚନାନୁସାରେ, ପ୍ରାୟ ୧୫୦୦ କୋଟି ଟଙ୍କା ବିନିଯୋଗରେ ପ୍ରତିଷ୍ଠିତ ଏହି ଟିକା ଉତ୍ପାଦନ କେନ୍ଦ୍ର ୧୫୦୦ ଲୋକଙ୍କୁ ସିଧାସଳଖ ନିଯୁକ୍ତି ପାଇଁ ବ୍ୟବସ୍ଥା ହୋଇଛି। ନିଯୁକ୍ତି କ୍ଷେତ୍ରରେ ଓଡ଼ିଶାବାସୀଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି କମ୍ପାନୀ ରାଜ୍ୟ ସରକାରଙ୍କୁ ପ୍ରତିଶ୍ରୁତି ଦେଇଛି। ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ କ୍ୟାବିନେଟ୍ ପାରିତ କରିଥିବା ବାୟୋଟେକ୍ନୋଲୋଜି ନୀତି ଏପରି ଶିଳ୍ପ ପ୍ରତିଷ୍ଠା ଦିଗରେ ବେଶ୍ ଉପାଦେୟ ସାବ୍ୟସ୍ତ ହେବ। ଓଡ଼ିଶାରେ ଭାରତ ବାୟୋଟେକ୍ ଭଳି କମ୍ପାନୀ ଟିକା ଉତ୍ପାଦନ କଲେ ତାହା ନିଶ୍ଚିତ ଭାବେ ଅନ୍ୟ ନିବେଶକମାନଙ୍କୁ ଓଡ଼ିଶା ଆସିବା ପାଇଁ ପ୍ରେରଣା ଦେବ। ବିଶେଷକରି ବାୟୋଟେକ୍ନୋଲୋଜି ସମ୍ପର୍କିତ ଶିଳ୍ପ ପ୍ରତିଷ୍ଠା ତ୍ୱରାନ୍ୱିତ ହେବ। ଆଗକୁ ଏହି କ୍ଷେତ୍ରରେ ଓଡ଼ିଶା ବଡ଼ ପୁଞ୍ଜିନିବେଶ ହାସଲ କରିବା ସହିତ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା ରହିଛି। ଭାରତ ସମେତ ସମଗ୍ର ବିଶ୍ୱକୁ ୧୫ରୁ ଅଧିକ ବର୍ଗର ଟିକା ରପ୍ତାନୀ କରି ଓଡ଼ିଶା ବାୟୋଟେକ୍ନୋଲୋଜି କ୍ଷେତ୍ରରେ ସ୍ୱତନ୍ତ୍ର ଖ୍ୟାତି ଅର୍ଜନ କରିବ।

**ଶୀଘ୍ର ଆରମ୍ଭ ହେବ ଉତ୍ପାଦନ**

ପ୍ରକଳ୍ପ କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚି ଥିବା ବେଳେ ଆସନ୍ତା ଚଳିତ ମାସ ସୁଦ୍ଧା ବାଣିଜ୍ୟିକ ଉତ୍ପାଦନ ଆରମ୍ଭ କରିବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଛି। ପ୍ରତିଦିନ ଏଠାରେ ବିଭିନ୍ନ ପ୍ରକାର ଟିକାର ୨.୪ କୋଟି ଡୋଜ୍ ପ୍ରସ୍ତୁତ ହୋଇପାରିବ। ଏହି ପ୍ଲାଣ୍ଟ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ଦେଶର ସର୍ବ ବୃହତ୍ ଟିକା ଉତ୍ପାଦନ କେନ୍ଦ୍ରରେ ପରିଣତ ହେବ। ବିଶ୍ୱ ଜନସଂଖ୍ୟାର ୧୦ ଗୁଣା ଅଧିକ ଟିକା ଉତ୍ପାଦନ ପାଇଁ ମଧ୍ୟ ଓଡ଼ିଶା ସାମର୍ଥ୍ୟ ବହନ କରିବ।

## ଅବଶିଷ୍ଟାଂଶ...

### ଏନ୍‌ଡିଏକୁ ବହୁମତ...

ବିଶେଷକରି ଉତ୍ତରପ୍ରଦେଶରେ ବିଜେପି ଅତ୍ୟନ୍ତ ଖରାପ ପ୍ରଦର୍ଶନ କରିବା ସହିତ ହରିୟାଣା ଏବଂ ରାଜସ୍ଥାନରେ ମଧ୍ୟ ଫଳାଫଳ ଦଳ ପାଇଁ ଖରାପ ରହିଛି। ସେହିପରି ପଶ୍ଚିମବଙ୍ଗ, କର୍ଣ୍ଣାଟକ ଆଦି ରାଜ୍ୟରେ ମଧ୍ୟ ବିଜେପି ଗତ ନିର୍ବାଚନ ତୁଳନାରେ ଭଲ ପ୍ରଦର୍ଶନ କରିବାକୁ ସମର୍ଥ ହୋଇ ନାହିଁ। ତେବେ ମଧ୍ୟପ୍ରଦେଶ, ଛତିଶଗଡ଼, ଓଡ଼ିଶା ,ବିହାର , ହିମାଚଳ ପ୍ରଦେଶ, ଦିଲ୍ଲୀ ଏବଂ ଉତ୍ତରାଖଣ୍ଡ ଆଦି ରାଜ୍ୟରେ ଦଳର ପ୍ରଦର୍ଶନ ଭଲ ରହିଛି। ଅନ୍ୟପକ୍ଷରେ କଂଗ୍ରେସର ସହଯୋଗୀ ଦଳ ସମାଜବାଦୀ ପାର୍ଟି ଉତ୍ତରପ୍ରଦେଶରେ ଯେଉଁଭଳି ସଫଳତା ହାସଲ କରିଛି ତାହା 'ଇଣ୍ଡି' ମେଣ୍ଟ ପାଇଁ ବଡ଼ ଫାଇଦା ସାବ୍ୟସ୍ତ ହୋଇଛି। ତେବେ କେନ୍ଦ୍ରରେ କେଉଁ ମେଣ୍ଟ ସରକାର ପ୍ରତିଷ୍ଠା କରିବ ତାହାକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି। ଏଥର ବିଜେପି ଏକାକୀ ସରକାର ଗଠନ କରିବାକୁ ସମର୍ଥ ହୋଇ ପାରି ନଥିବାରୁ ସହଯୋଗୀ ଦଳଙ୍କ ସମର୍ଥନରେ ସରକାର ଗଢିବାକୁ ପ୍ରସ୍ତୁତ ହେଉଛି। କିନ୍ତୁ କଂଗ୍ରେସ ମଧ୍ୟ ନିଜ ସହଯୋଗୀ ଦଳଙ୍କ ସହିତ ଅନ୍ୟ କିଛି ଦଳର ସମର୍ଥନରେ ସରକାର ପ୍ରତିଷ୍ଠା କରିବାକୁ ଉଦ୍ୟମ ଆରମ୍ଭ କରିଛି। ଏପରିକି ନିକଟରେ ଇଣ୍ଡିଆ ମେଣ୍ଟ ଛାଡି ଏନଡିଏରେ ଯୋଗ ଦେଇଥିବା ଜେଡିୟୁ ସୁପ୍ରିମୋ ନୀତୀଶ କୁମାରଙ୍କୁ ନିଜ ପକ୍ଷକୁ ଟାଣିବାକୁ କଂଗ୍ରେସ ପ୍ରୟାସ କରିଛି। ମଙ୍ଗଳବାର ନିର୍ବାଚନ ଫଳାଫଳ ପ୍ରକାଶ ପାଇବା କ୍ଷଣି କଂଗ୍ରେସର ବରିଷ୍ଠ ନେତାମାନେ ନୀତୀଶଙ୍କୁ ଯୋଗାଯୋଗ କରିଥିବା ଜଣାପଡ଼ିଛି। ନୀତୀଶଙ୍କ ନେତୃତ୍ୱରେ ଇଣ୍ଡିଆ ମେଣ୍ଟ ଗଠନ ହୋଇଥିଲା ବେଳେ ସେ ଏହାର ଆବାହକ ରହିଥିଲେ। ତାଙ୍କ ନେତୃତ୍ୱରେ ଅନ୍ୟ ବହୁ ଦଳକୁ ଇଣ୍ଡିଆ ମେଣ୍ଟରେ ସାମିଲ କରାଯାଇଥିଲା। ତେଣୁ ନୀତୀଶଙ୍କୁ ମନାଇ ପୁଣି ଇଣ୍ଡିଆ ମେଣ୍ଟ ଫେରାଇ ଆଣିବାକୁ କଂଗ୍ରେସ ଓ ଅନ୍ୟ ଦଳର ତୁଙ୍ଗ ନେତାମାନେ କସରତ୍ ଆରମ୍ଭ କରିଦେଇଛନ୍ତି। ନୀତୀଶଙ୍କ ବ୍ୟତୀତ ଟିଡିପି ସୁପ୍ରିମୋ ଚନ୍ଦ୍ରବାବୁ ନାଇଡୁଙ୍କୁ ମଧ୍ୟ ମନାଇ ଇଣ୍ଡିଆ ମେଣ୍ଟରେ ସାମିଲ କରି କେନ୍ଦ୍ରରେ ସରକାର ଗଠନ କରିବାକୁ କଂଗ୍ରେସ ନେତା ଉଦ୍ୟମ କରୁଥିବା ଚର୍ଚ୍ଚା ହେଉଛି।

### ରାଜ୍ୟରେ ବିଜେପିକୁ...

ଏକାକୀ ସମର୍ଥ ହୋଇଛି। ବିଧାନସଭାରେ ବିଜେପିଠାରୁ ବିଜେଡି ସାମାନ୍ୟ ଅଧିକ ଭୋଟ ପାଇଥିଲେ ହେଁ ତାହା ଆସନରେ ରୂପାନ୍ତରିତ ହୋଇନାହିଁ । ନିର୍ବାଚନରେ ବିଜେଡିର ୧୧ ଜଣ ମନ୍ତ୍ରୀ ପରାଜିତ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜର ପାରମ୍ପରିକ ଆସନ ହିଞ୍ଜିଳିରୁ ବିଜୟୀ ହୋଇଛନ୍ତି । ତେବେ କଣ୍ଟାବାଞ୍ଜିରେ ବିଜେପି ପ୍ରାର୍ଥୀ ଲକ୍ଷ୍ମଣ ବାଗଙ୍କଠାରୁ ପରାଜିତ ହୋଇଛନ୍ତି । ଅନୁରୂପ ଭାବରେ ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ପରି ଟାଣୁଆ ନେତାମାନେ ମଧ୍ୟ ନିର୍ବାଚନରେ ପରାଜୟର ମୁହଁ ଦେଖିବାକୁ ପଡ଼ିଛି । ବଣାଇଁ ଆସନରେ ସିପିଏମ୍‌ର ଲକ୍ଷ୍ମଣ ମୁଣ୍ଡା ବିଜୟୀ ହୋଇଥିବାବେଳେ ମାହାଙ୍ଗାରେ ସ୍ୱାଧୀନ ପ୍ରାର୍ଥୀ ଶାରଦା ପ୍ରଧାନ, ଧର୍ମଶାଳାରେ ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ ସ୍ୱାଇଁ ବିଜୟୀ ହୋଇଛନ୍ତି । ସେହିପରି ବଡ଼ମ୍ବାରେ ମଧ୍ୟ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଥିବା ସୂଚନା ମିଳିଛି।

### ସାମାଜିକ ଗଣମାଧ୍ୟମରେ...

ମାଣ୍ୟଗଣ୍ୟ ବ୍ୟକ୍ତି, ସାଧାରଣ ଲୋକ, ଛାତ୍ରଛାତ୍ରୀ ସାମାଜିକ ଗଣମାଧ୍ୟମରେ ଏପରି ଢ଼ଙ୍ଗରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି। ଏସବୁ ପୋଷ୍ଟରେ ଲେଖାଯାଇଛି ଯେ ୨୪ ବର୍ଷ ଧରି ଓଡ଼ିଶାକୁ ବିକାଶ ପଥରେ ଆଗେଇ ନେଇଥିବା ନବୀନ ବାବୁଙ୍କୁ ଅଶେଷ ଧନ୍ୟବାଦ। ଆପଣଙ୍କର ଏହି ଅବଦାନ ପାଇଁ ସର୍ବଦା ଚୀର ସ୍ମରଣୀୟ ରହିବେ। ସେହିପରି ଅନ୍ୟ ଜଣେ ଲେଖିଛନ୍ତି, ଯେବେ ଯେବେ ଓଡ଼ିଶାରେ ବାତ୍ୟା, ବନ୍ୟା ଆସିବ ସେତେବେଳେ ନବୀନ ବାବୁଙ୍କ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ମନେପଡିବ। ସାରା ଦୁନିଆକୁ ବିପର୍ଯ୍ୟୟ ମୁକାବିଲାର ମନ୍ତ୍ର ଦେଇଛନ୍ତି। ତାଙ୍କର ଅସାଧାରଣ ବ୍ୟକ୍ତିତ୍ୱ ଏବଂ ପାରିଦର୍ଶୀତା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ। ଆମ ପିଢ଼ୀ ଗର୍ବର ସହ କହି ପାରିବ ଯେ ନବୀନ ବାବୁ ଓଡ଼ିଶାକୁ କେଉଁଠାରୁ ଆଣି କେଉଁଠି ପହଞ୍ଚାଇ ଦେଲେ ବୋଲି ସେ ଉଲ୍ଲେଖ କରିଛନ୍ତି। ଆଉ ଜଣେ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି, ରାଜନୀତିରେ ପରିବର୍ତ୍ତନ ସ୍ୱାଭାବିକ। କିନ୍ତୁ ନବୀନ ବାବୁ କେବଳ ଓଡ଼ିଶା ନୁହେଁ ଜାତୀୟ ରାଜନୀତିରେ ବି ନିଜର ଅବିସ୍ମରଣୀୟ ଛାପ ଛାଡ଼ି ଯାଇଛନ୍ତି। ୨୪ ବର୍ଷର ଉତ୍ସର୍ଗୀକୃତ ସେବା ପାଇଁ ହୃଦୟରୁ ଧନ୍ୟବାଦ। ଅନ୍ୟ ଜଣଙ୍କ ମତରେ ଏକ ଅଭାବୀ ରାଜ୍ୟ ଆଜି ଆର୍ଥିକ ସ୍ୱଚ୍ଛଳ ରାଜ୍ୟ ହୋଇଛି। ଦେଶ ବିଦେଶରେ ଓଡ଼ିଶା ନିନ୍ଦା ଆଉ ଅପବାଦ ନୁହେଁ ବରଂ ସୁନାମ ପାଇଛି। ସବୁ କ୍ଷେତ୍ରରେ ଓଡ଼ିଶାର ଉତ୍କର୍ଷ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ହୋଇଛି। ଏସବୁ ସଫଳତା ପାଇଁ ପ୍ରତିଟି ଓଡ଼ିଶାବାସୀଙ୍କ ହୃଦୟରେ ସବୁବେଳେ ରହିଥିବେ ନବୀନ ବାବୁ। ଜଣେ ଅତ୍ୟନ୍ତ ଭଦ୍ର ଏବଂ ଗୁଣୀ ବ୍ୟକ୍ତିଭାବେ ନବୀନ ବାବୁ ନିଜର ଅଭୁଲା ଛାପ ଛାଡ଼ି ଯାଇଛନ୍ତି। ତାଙ୍କର କାର୍ଯ୍ୟଶୈଳୀ ଆଗାମୀ ପିଢ଼ୀଙ୍କୁ ସର୍ବଦା ପ୍ରେରଣା ଦେଉଥିବ।

### ଲୋପ ପାଉଛି ତାଳଗଛ

## ବଜ୍ରପାତ ନେଉଛି ଜୀବନ

**ଅସ୍ତରଙ୍ଗ, ୪।୬(ସମିସ):** ସଂରକ୍ଷିତ ଜଙ୍ଗଲ ଓ ବଜ୍ରପାତ ପ୍ରବଣ ଅଞ୍ଚଳରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଲଗାଯିବ ବ୍ୟାପକ ତାଳ ଗଛ। ଏନେଇ ଓଡ଼ିଶା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ କୃଷି ବିଭାଗ ମାଧ୍ୟମରେ ତାଳଗଛ ରୋପଣ କରାଯାଇ ବଜ୍ରପାତ ରୋକିବାକୁ ଓଡ଼ିଶା ସରକାର ନିଷ୍ପତି ନେଇଛନ୍ତି। କ୍ରମାଗତ ଭାବେ ଜଙ୍ଗଲ ଧ୍ୱଂସ ଯୋଗୁ ପାଣିପାଗରେ ଅହେତୁକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ସହର ଓ ଜନବସତି ବୃଦ୍ଧି ପାଇଁ ଗଛଲତା ଅକାଳରେ ବଳି ପଡୁଛନ୍ତି। କଂକ୍ରିଟ ଜଙ୍ଗଲ ବୃଦ୍ଧି ପାଉଥିବାବେଳେ ସବୁଜ ବଳୟ ଲୋପ ପାଇବାରେ ଲାଗିଛି। ଫଳରେ ତାପମାତ୍ରା ବୃଦ୍ଧି ସାଙ୍ଗକୁ ଅନିୟମିତ ବର୍ଷା ଜନିତ ପରିବେଶ ସନ୍ତୁଳନ ବିଗିଡ଼ିବା ଫଳରେ ପ୍ରାକୃତିକ ବିପର୍ଯ୍ୟୟକୁ ନିମନ୍ତ୍ରଣ କରୁଛି। ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟରେ ଏବେ ସବୁଠାରୁ ସମ୍ବେଦନଶୀଳ ଘଟଣା ହେଲା ଅସମୟରେ ବଜ୍ରପାତ ଘଟିବା। ରାଜ୍ୟରେ ବଜ୍ରପାତ ଯୋଗୁ ଅନେକ ଧନଜୀବନହାନୀ ଘଟୁଛି। ଓଡ଼ିଶା ଏକ ବାତ୍ୟା ବିପର୍ଯ୍ୟୟ ରାଜ୍ୟ ହୋଇଥିବା ବେଳେ ବଜ୍ରପାତରେ ମାତ୍ରାଧିକ ଶିକାର ହେଉଛନ୍ତି। ୨୦୨୧-୨୨ ମସିହାରେ ରାଜ୍ୟରେ ବଜ୍ରପାତ ମୃତ୍ୟୁ ସଂଖ୍ୟା ୨୮୧ ଥିବା ବେଳେ ବିଗତ ୧୧ ବର୍ଷରେ ମୃତ୍ୟୁ ସଂଖ୍ୟା ୩, ୭୯୦ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ପାଇଁ ଚିନ୍ତାର ବିଷୟ ପାଲଟିଛି। ୧୯୯୯ ମହାବାତ୍ୟାରେ ଉପକୂଳ ଅଞ୍ଚଳରେ ଲକ୍ଷ ଲକ୍ଷ ଗଛ ଭାଙ୍ଗି ଯାଇଥିଲା। ବର୍ତ୍ତମାନ ରାସ୍ତାଘାଟ ନିର୍ମାଣ ଓ ସମ୍ପ୍ରସାରଣ, କଳକାରଖାନା ନିର୍ମାଣ ଲାଗି ଗଛକଟା ଜାରି ରହିଛି। ଏଥିରୁ ତାଳଗଛ ବି ବାଦ୍ ପଡୁନାହିଁ। ଚାଷଜମି ଆଖପାଖ ଅଞ୍ଚଳ ଓ ଖୋଲା ପଡ଼ିଆରେ ପୂର୍ବରୁ ତାଳ ଗଛ ରୋପଣ କରାଯାଉଥିଲା। ଏହାର କାରଣ ଥିଲା ବଜ୍ରପାତରୁ ରକ୍ଷା ପାଇବା। ସେ ସବୁ ଲୋପ ପାଇଲାଣି। ପ୍ରାକୃତିକ ବିପର୍ଯ୍ୟୟରେ ଯେତିକି ତାଳଗଛ ନଷ୍ଟ ହୋଇ ନ ଥିଲା ତା'ଠାରୁ ଅଧିକ ଅନ୍ୟରାଜ୍ୟକୁ ଚୋରା ଚାଲାଣ ହେଉଛି। ବଜ୍ରପାତ ସାଧାରଣତଃ ତାଳଗଛ ଭଳି ଅଧିକ ଉଚ୍ଚତା ବିଶିଷ୍ଟ ଗଛରେ ପଡ଼ିଥାଏ। ଖୋଲା ସ୍ଥାନରେ ଥିବା ଏବଂ ଉଚ୍ଚତା ଅଧିକ ଥିବାରୁ ଏହା ବଜ୍ରପାତକୁ ଗ୍ରହଣ କରି ନେଇଥାଏ। ଏବେ ଚାଷଜମି କିମ୍ବା ଖୋଲା ସ୍ଥାନରେ ଆଉ ତାଳ ଗଛ ଦେଖିବାକୁ ମିଳୁନାହିଁ। ଫଳରେ ବଜ୍ରାଘାତଜନିତ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। କେବଳ ବଜ୍ରପାତ ଦୁର୍ଘଟଣା ନୁହେଁ, ତାଳଗଛରେ ରହୁଥିବା ବାଇ ଚଢ଼େଇ ଆଉ ଦେଖିବାକୁ ମିଳୁନାହିଁ କିମ୍ବା ସେମାନଙ୍କ ବସା ଆଉ ଦେଖିବାକୁ ମିଳୁନାହିଁ।



ଗୋଟିଏ ତାଳଗଛ ବଢ଼ିବାକୁ ୩୦ବର୍ଷ ଲାଗୁଥିବାରୁ ଏହି ଯୋଜନା ଶୀତଳ ଭଣ୍ଡାରରେ ରହିଗଲା। ତାଳଗଛର ଅବକ୍ଷୟ କେବଳ ବଜ୍ରପାତ ଜନିତ ମୃତ୍ୟୁ ବୃଦ୍ଧିରେ ସହାୟକ ହେଉନାହିଁ ବରଂ ଏହା ଏବେ ପକ୍ଷୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ଅସ୍ତରଙ୍ଗ ଅଞ୍ଚଳର ଅବସରପ୍ରାପ୍ତ ସେନା କର୍ମଚାରୀ କୃଷ୍ଣଚନ୍ଦ୍ର ବିଶ୍ୱାଳ ଓ ଶିକ୍ଷକ ବିଜୟ ଭଞ୍ଜ ଦୁଇ ଦଶନ୍ଧି ଧରି ନିରବଚ୍ଛିନ୍ନ ଭାବେ ଅସ୍ତରଙ୍ଗ ଉପକୂଳରେ ତାଳଗଛ ରୋପଣ ମାଧ୍ୟମରେ ତାଳ ଗଛ ଉପସ୍ଥିତିର ଗୁରୁତ୍ୱକୁ ସ୍ଥାନୀୟ ଲୋକେ ସଚେତନ ହୋଇଥିବା ବେଳେ ଉପକୂଳବର୍ତ୍ତୀ ଅଞ୍ଚଳର ଛାତ୍ର, ଯୁବକ ଓ ଶିକ୍ଷାବିତ୍ ମାନେ ମଧ୍ୟ ସକ୍ରିୟ ଭାବରେ ତାଳଗଛ ରୋପଣ ଅଭିଯାନରେ ଯୋଡ଼ି ହୋଇଛନ୍ତି। ଅନୁରୂପ ଭାବେ ଉଭୟ ପରିବେଶ କର୍ମୀ ନିଜ ଆୟରୁ ସଞ୍ଚୟ କରି ୨୪ ବର୍ଷ ପୂର୍ବେ ଆରମ୍ଭ କରିଥିବା ଏହି ଉଦ୍ୟମ ଆଜି ଉପକୂଳବର୍ତ୍ତୀ ଅଞ୍ଚଳରେ ସବୁଜ ବନ୍ଧ ଭାବେ ଠିଆ ହେବାରେ ଲାଗିଥିବା ବେଳେ ଲୋପ ଯାଇଥିବା ବାଇ ଚଢେଇଙ୍କ ପାଇଁ ବାସସ୍ଥାନ ଫେରିବାର ଆଶା ସଂଚାର ହୋଇଛି। ଆଗାମୀ ଦିନରେ ଏହି ଅବଦାନ ବାଲୁକା କ୍ଷୟ, ବାତ୍ୟା, ସୁନାମି ବିପର୍ଯ୍ୟୟକୁ ପ୍ରତିହତ କରିବାରେ ବିଶେଷ ଭୂମିକା ଗ୍ରହଣ କରିବ ବୋଲି ମିଳିତ ଜାତିସଂଘ ଭାରତର ଯୁବ ଅଧିବକ୍ତା ସୌମ୍ୟ ରଞ୍ଜନ ବିଶ୍ୱାଳ ମତବ୍ୟକ୍ତ କରିଛନ୍ତି।

**SALE**
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.
Ph.: 9437015112

**AFFIDAVIT**
I, Nargis Nigar Parween, W/o- Mirza Fahim Ali Baig,D/o Sayed Ayub Ali, Resident of Idgha Basti, Near Masjid, Chandini Chowk, Dist-Cuttack Urban, Odisha -753002, declare by this affidavit No.64AA 712053 dtd 04.06.2024 that now onwards I shall be known as **Nargish Nigar Perween** for all future purposes.

**AFFIDAVIT**
I, Lopamudra Khuntia, W/o-Gyanaranjan Khuntia & D/o-Bishnu Charan Sahu, resident of LIG-35, Brit Colony, Nayapalli, Po/Ps- Nayapalli, Dist-Khordha,Pin-751012,BBSR,Odisha declare by this affidavit No.325, dated-04/06/2024 that now onwards I shall be known as **LOPAMUDRA SAHU** for all future purposes.

# ନବନିର୍ବାଚିତ ବିଧାୟକ ଅରବିନ୍ଦଙ୍କୁ ସ୍ୱାଗତ



**ଡେରାବିଶ,୪।୬(ସମିସ):** ଚଳିତ ୨୦୨୪ ନିର୍ବାଚନର ଫଳାଫଳ ଆଜି ପ୍ରକାଶ ପାଇଛି। ଏହି ନିର୍ବାଚନରେ କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ୯୬-ପାଟକୁରା ନିର୍ବାଚନ ମଣ୍ଡଳୀ ପାଇଁ ବିଜୁ ଜନତା ଦଳର ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ବିଜୟୀ ହେବା ପରେ ଦଳୀୟ କର୍ମୀମହଲରେ ଅନନ୍ଦର ଲହରୀ ଖେଳିଯାଇଛି। ଅରବିନ୍ଦ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ବିଧାୟକ ପ୍ରାର୍ଥୀ ତେଜେଶ୍ୱର ପରିଡ଼ାଙ୍କ ଠାରୁ ୧୩ ହଜାର ୮୩୯ ଭୋଟ ବ୍ୟବଧାନରେ ବିଜୟଲାଭ କରିଛନ୍ତି। ଏ ନେଇ ଡେରାବିଶ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ଦଳୀୟ କର୍ମୀମାନଙ୍କ ଦ୍ୱାରା ଗାଁ ଦାଣ୍ଡ ଉତ୍ସବମୁଖର ହୋଇ ଉଠିଛି। ନିଜର ପ୍ରତିକ୍ରିୟାରେ ଅରବିନ୍ଦ ପାଟକୁରାର ଭୋଟର ଓ ବିଶେଷକରି ଦଳୀୟ କର୍ମୀଙ୍କୁ କୃତଜ୍ଞତା ଜଣାଇବା ସହ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନ୍ୟପକ୍ଷରେ ପାଟକୁରାର ବିକାଶ ପାଇଁ ସେ ନିଜର ସଂଗ୍ରାମ ଜାରି ରଖିବେ ବୋଲି ଅରିବନ୍ଦ କହିଛନ୍ତି। ଶ୍ରୀ ମହାପାତ୍ରଙ୍କୁ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଛି। ଆଜି ସନ୍ଧ୍ୟାରେ ବିଧାୟକ ଶ୍ରୀ ମହାପାତ୍ରଙ୍କୁ ଡେରାବିଶ ବ୍ଲକର ଚାନ୍ଦୋଳ ବଜାର ଠାରେ ଦାନପୁର ପଞ୍ଚାୟତ ସମିତିସଭ୍ୟା ପ୍ରିୟତମା ଦାଶ, ସମାଜସେବୀ ଶ୍ରୀକାନ୍ତ ସାହୁଙ୍କ ସମେତ ଶ୍ରୀ ମହାପାତ୍ରଙ୍କର ବହୁ ସମର୍ଥକମାନେ ସ୍ୱାଗତ କରିଥିଲେ। ତାଙ୍କ ଆଗମନରେ ଆତସବାଜି ଫୁଟାଇ ଫୁଲ ଚନ୍ଦନ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ।

# ଡ.ଦୁର୍ଗାପ୍ରସନ୍ନ ନାୟକ ବିଜୟୀ

## ହେଭିୱେଟ ଅତନୁ ସବ୍ୟସାଚୀ ନାୟକଙ୍କୁ ହରାଇଲେ



**ମହାକାଳପଡ଼ା,୪।୬(ସମିସ):** ମହାକାଳପଡ଼ା ବିଧାନସଭା ଆସନରେ ଭାଜପାର ଯୁବ ଚେହେରା ଡ.ଦୁର୍ଗା ପ୍ରସନ୍ନ ନାୟକ ବିଜୟୀ ହୋଇଛନ୍ତି। ସେ ବିଜେଡିର ହେଭିୱେଟ ନେତା ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ୩୩ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ହରାଇଛନ୍ତି। ଦୁର୍ଗାପ୍ରସନ୍ନଙ୍କୁ ୧ ଲକ୍ଷ ୭ହଜାର ୫୦୦ରୁ ଅଧିକ ଭୋଟ ମିଳିଥିବା ବେଳେ ଅତନୁ ସବ୍ୟସାଚୀ ନାୟକଙ୍କୁ ୭୩ ହଜାର ୯୦୦ ଭୋଟ ମିଳିଛି। କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଭୋଟଗଣତି ଚାଲିଥିବାବେଳେ ଗଣତିର ପ୍ରଥମ ରାଉଣ୍ଡରୁ ଭାଜପା ପ୍ରାର୍ଥୀ ଅଗ୍ରଣୀ ହୋଇଚାଲିଥିବା ଦେଖିବାକୁ ମିଳିଥିଲା।

# ବିଜୟ ପରେ ମା'ଙ୍କ ଆଶୀର୍ବାଦ ନେଲେ ସାରଦା ପ୍ରସନ୍ନ





**ଏରସମା,୪।୬(ସମିସ):** ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ବିଜେଡ଼ି ବିଧାୟକ ପ୍ରାର୍ଥୀ ସାରଦା ପ୍ରସନ୍ନ ଜେନା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସତ୍ୟ ସାରଥୀ ମହାନ୍ତିଙ୍କ ଠାରୁ ୨୫,୯୫୯ ଭୋଟରେ ବିଜୟ ଲାଭ କରିବା ପରେ ଏରସମାରେ ଆନନ୍ଦର ଲହରୀ ଖେଳି ଯାଇଛି। ଶ୍ରୀ ଜେନା ବିଜୟ ଲାଭ କରିବା ପରେ ତାଙ୍କ ମା'ଙ୍କୁ କୋଳାଗ୍ରତ କରିଥିଲେ। ଏଥିସହିତ ସେ ଏରସମାର ଅଧିଷ୍ଠାତ୍ରୀ ଦେବୀ ମା' ବୁଢି ଜାଗୁଳାଇ ମନ୍ଦିରକୁ ଯାଇ ଆଶୀର୍ବାଦ ଭିକ୍ଷା କରିଥିଲେ। ଶ୍ରୀ ଜେନା କହିଥିଲେ ଯେ ମୋର ପ୍ରଥମ ଲକ୍ଷ୍ୟ ଏରସମାରେ ଗଢ଼ି ଉଠିଥିବା ଶିଳ୍ପ ସଂସ୍ଥାରେ କିପରି ଯୁବପିଢ଼ିମାନେ ନିଯୁକ୍ତି ପାଇବେ। ବିଜେଡ଼ି ବ୍ଲକ ସଭାପତି ପୀତବାସ ଗୋଛାୟତ, ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ଯୁବ ବିଜେଡ଼ି ସଭାପତି ପାର୍ଥ ସାରଥୀ ରାଉତ, ବିଜେଡ଼ି ଉପସଭାପତି ବିଜୟ କୁମାର ସ୍ୱାଇଁ, ଲକ୍ଷ୍ମୀପ୍ରିୟା ମହାପାତ୍ର, ଏରସମାର ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ଅମ୍ବିକୀ ସରପଞ୍ଚ ରଞ୍ଜନ କୁମାର ଦେଓ, ନିତ୍ୟାନନ୍ଦ ମନ୍ତ୍ରୀ, ଯୁବ ନେତା ବରଦା ପ୍ରସନ୍ନ ରାଉତ ପ୍ରମୁଖ ଏରସମମାସ୍ଥିତ ଜେନାଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ଫୁଲ ତୋଡା ଓ ପୁଷ୍ପମାଲ୍ୟ ଅର୍ପଣ କରି ସମ୍ବର୍ଦ୍ଧିତ କରି ଥିଲେ। ଏରସମା ବଜାରରେ ଜେନାଙ୍କ ସମର୍ଥକମାନେ ଆନନ୍ଦିତ ହୋଇ ବାଣ ଫୁଟାଇଥିଲେ।

# ୨୦ ହଜାରରୁ ଅଧିକ ଭୋଟରେ ଜିତିଲେ ଧ୍ରୁବ ସାହୁ



**ରାଜନଗର,୪।୬(ସମିସ):** ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ଭାବେ ବିଜୁ ଜନତା ଦଳର ପ୍ରାର୍ଥୀ ଧ୍ରୁବ ସାହୁ ବିଜୟୀ ହୋଇଛନ୍ତି। ସାରା ଓଡିଶାରେ ମୋଦୀ ଲହର ସତ୍ତ୍ୱେ ବର୍ତମାନର ବିଧାୟକ ଧ୍ରୁବ ସାହୁ ୨ୟ ଥର ପାଇଁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଗତ ୨୦୧୯ ବିଧାନସଭା ନିର୍ବାଚନରେ ଧ୍ରୁବ ୧୮ ହଜାର ୪୦୮ ଭୋଟରେ ବିଜୟୀ ହୋଇଥିବା ବେଳେ ୨୦୨୪ରେ ୨୦ ହଜାରରୁ ଅଧିକ ଭୋଟରେ ବିଜୟଲାଭ କରିଛନ୍ତି। ବିଜେପି ପ୍ରାର୍ଥୀ ଲଳିତ କୁମାର ବେହେରା ୨ୟ ସ୍ଥାନରେ ଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଅଶୋକ କୁମାର ପ୍ରତିହାରୀ ୩ୟ ସ୍ଥାନରେ ରହିଛନ୍ତି। ଧ୍ରୁବ ସାହୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ ମଧ୍ୟ ରାଜନଗର ପୁଅ ତଥା ବିଜେଡିର କେନ୍ଦ୍ରାପଡା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ବିଜେପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କଠାରୁ ପରାଜିତ ହୋଇଛନ୍ତି।

# କୁଜଙ୍ଗରେ ଲବଣ ସତ୍ୟାଗ୍ରହ ସ୍ମାରକୀ ନିର୍ମାଣ ଦାବି ଜୋର ଧରିଲା

**କୁଜଙ୍ଗ,୪।୬(ସମିସ):** ଭାରତ ସ୍ୱାଧୀନତା ଆନ୍ଦୋଳନର ସ୍ୱତନ୍ତ୍ର ବାର୍ତ୍ତା ବହନ କରିଥିବା ପ୍ରସିଦ୍ଧ ଲବଣ ସତ୍ୟାଗ୍ରହ ଓଡିଶାର ଉପକୂଳ ଜିଲ୍ଲାମାନଙ୍କରେ ବେଶ୍ ଚର୍ଚ୍ଚାରେ ରହିଥିଲା। ସେଥିମଧ୍ୟରୁ ତତ୍କାଳୀନ ଅବିଭକ୍ତ କଟକ ଜିଲ୍ଲାର କୁଜଙ୍ଗଠାରେ ଲବଣ ସତ୍ୟାଗ୍ରହ ବା ଲୁଣମରା ଆନ୍ଦୋଳନ ଜୋରଦାର ହୋଇଥିଲା। କୁଜଙ୍ଗ, ପାରାଦୀପ, ଚଟୁଆ, ଏରସମା ଓ କାଳିଆପାଟରୁ ବହୁ ମହିଳା ଓ ପୁରୁଷ ସତ୍ୟାଗ୍ରହୀ ଲୁଣମାରି ବ୍ରିଟିଶ ରୋଷର ଶିକାର ହୋଇଥିଲେ। ଅନେକଙ୍କୁ ନିର୍ଯାତନା ସହିବାକୁ ପଡିଥିଲା ଓ କାରାଗାରରେ ବନ୍ଦୀ ହୋଇ ରହିଥିଲେ। କୁଜଙ୍ଗ ରାଣୀ ଭାବବତୀ ପାଟ ମହାଦେବୀ ଲବଣ ସତ୍ୟାଗ୍ରହରେ ଯୋଗ ଦେଇଥିଲେ। କୁଜଙ୍ଗରେ ଲୁଣମାରି ଓ ସତ୍ୟାଗ୍ରହରେ ସାମିଲ ହୋଇ କୁଜଙ୍ଗ ଗାନ୍ଧୀ ତଥା ଓଡିଶା ବିଧାନସଭା ପୂର୍ବତନ ଉପବାଚସ୍ପତି ନାରାୟଣ ବୀରବର ସାମନ୍ତ ବ୍ରିଟିଶ ସେନା ଦ୍ୱାରା ଧରାହୋଇ ହଜାରିବାଗ ଜେଲରେ ଦୀର୍ଘବର୍ଷ ବନ୍ଦୀ ହୋଇ ରହିଥିଲେ। ଓଡିଶା ଇତିହାସରେ ଏହି ଘଟଣା ଉଲ୍ଲେଖନୀୟ ବିଷୟ ହୋଇ ରହିଥିବା ବେଳେ କୁଜଙ୍ଗରେ ଏପର୍ଯ୍ୟନ୍ତ ଲବଣ ସତ୍ୟାଗ୍ରହ ସ୍ମାରକୀ ପୀଠଟିଏ ନାହିଁ। ଏଥିନିମନ୍ତେ କୌଣସି ରାଜନୈତିକ ଇଚ୍ଛାଶକ୍ତି ମଧ୍ୟ ଅଦ୍ୟାବଧି ପ୍ରକାଶ ପାଇନାହିଁ। ତେବେ ମହାତ୍ମା ଗାନ୍ଧୀଙ୍କ ଓଡିଶା ଆଗମନର ଶହେବର୍ଷ ପୂର୍ତ୍ତି ସରକାର ପାଳନ କରୁଥିବା ବେଳେ ଗାନ୍ଧିଜୀଙ୍କ ଆହ୍ୱାନରେ ଲବଣ ସତ୍ୟାଗ୍ରହ ସଂଗଠିତ ହୋଇଥିବାରୁ ଓ କୁଜଙ୍ଗରେ ସତ୍ୟାଗ୍ରହର ବିସ୍ଫୋରକ ଛିଟା ପଡିଥିବାରୁ ତୁରନ୍ତ ଏଠାରେ ପ୍ରସିଦ୍ଧ କୁଜଙ୍ଗ ଲବଣ ସତ୍ୟାଗ୍ରହ ସ୍ମାରକୀ ସ୍ତମ୍ଭ ନିର୍ମାଣ କରିବାକୁ ସାଧାରଣରେ ଦାବି ହୋଇଛି। ଏଥି ନିମନ୍ତେ କୁଜଙ୍ଗରେ ବୁଦ୍ଧିଜୀବୀମାନେ ବୈଠକ କରି ରାଜ୍ୟସରକାରଙ୍କ ସଂସ୍କୃତି ବିଭାଗକୁ ଦାବି ଜଣାଇବା ସହିତ ଜଗତସିଂହପୁର ଜିଲ୍ଲା ପ୍ରଶାସନକୁ ଅବଗତ କରାଇଥିବା ଜଣାପଡିଛି।

ସୂଚନାଯୋଗ୍ୟ ଯେ, ଗାନ୍ଧିଜୀଙ୍କ ଆହ୍ୱାନରେ ଓଡିଶାରେ ଲବଣ ସତ୍ୟାଗ୍ରହ ଆନ୍ଦୋଳନ ରୂପରେଖ ଜୋରଦାର ହୋଇଥିଲା। ଉପକୂଳ ଅବିଭକ୍ତ ଜିଲ୍ଲା ବାଲେଶ୍ୱରର ଇଞ୍ଚୁଡି, ପୁରୀର ଅସ୍ତରଙ୍ଗ, ଗଞ୍ଜାମର ହୁମ୍ମା ଓ କଟକର କୁଜଙ୍ଗରେ ଲବଣ ସତ୍ୟାଗ୍ରହ ହୋଇଥିବା ଐତିହାସିକମାନେ ଦର୍ଶାଇଛନ୍ତି। କୁଜଙ୍ଗ ଏବେ ଜଗତସିଂହପୁର ଜିଲ୍ଲାରେ ଅର୍ନ୍ତଭୁକ୍ତ। କୁଜଙ୍ଗର ଲୁଣମରା ଆନ୍ଦୋଳନର କେନ୍ଦ୍ରସ୍ଥଳ କାଳିଆପାଟ ଥିଲା। କାଳିଆପାଟରେ ପ୍ରଥମ କରି ପ୍ରାୟ ୧୦ହଜାର ମହିଳା ଲୁଣ ମାରିଥିଲେ ଓ ପାଞ୍ଚଶହ ବ୍ରିଟିଶ ସୈନିକଙ୍କୁ ଘେରା ବନ୍ଦୀରେ ରଖିଥିଲେ। ଲୁଣମରା ଆନ୍ଦୋଳନର ପ୍ରମୁଖ ଭୂମିକା ନେଇଥିଲେ କୁଜଙ୍ଗ ଷଣ୍ଢବଂଶର ରାଣୀ ଭାବବତୀ ପାଟ ମହାଦେବୀ। ଗାନ୍ଧିଜୀଙ୍କ ପ୍ରେରଣାରେ ରମାଦେବୀ, ସରଳାଦେବୀ ଓ ମାଳତୀ ଚୌଧୁରୀ କୁଜଙ୍ଗ ରାଜଭବନକୁ ଯାଇ ମହାରାଣୀଙ୍କୁ ଆନ୍ଦୋଳନ ପାଇଁ ପ୍ରଭାବିତ କରିଥିଲେ ଓ ଆନ୍ଦୋଳନ ସଫଳ ହୋଇଥିଲା। ମହାରାଣୀ ଲବଣ ସତ୍ୟାଗ୍ରହର ନେତୃତ୍ୱ ନେବାରୁ ଅସଂଖ୍ୟ ମହିଳା ଲୁଣମାରି ବ୍ରିଟିଶ ଛାତି ଦୋହଲାଇ ଦେଇଥିଲେ। ଖୁନ୍ଦ୍ର ଇଂରେଜ ସରକାର ବହୁ ନେତୃତ୍ୱଙ୍କୁ ଜେଲ ପଠାଇଥିଲେ। ଚଟୁଆର ବେଢିମଠ , ଏରସମା, ବାଲିକୁଦା ଓ ଉପକୂଳ ଅଞ୍ଚଳରେ ବହୁ ସ୍ଥାନରେ ଲୁଣମରା ହୋଇଥିଲା। ବିଶେଷ କରି କୁଜଙ୍ଗର ଲୁଣମରା ଆନ୍ଦୋଳନ ବେଶ୍ ଆଦୃତ ହୋଇଥିଲା।

ଏଠାରେ ସୂଚନା ଯୋଗ୍ୟ ଯେ, କୁଜଙ୍ଗର ଇତିହାସ , ସଂସ୍କୃତି ଓ ଐତିହାସିକ ଭିତ୍ତିଭୂମିକୁ ଏକାଠି କରି ଏକ ସଂଗ୍ରହାଳୟ କୁଜଙ୍ଗ ପୁରାତନ ରାଜାଙ୍କ କୋଠିରେ କରାଯାଉ ବୋଲି ଦାବି ହେବାରୁ ଏବେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ କୁଜଙ୍ଗରେ ରାଜାଙ୍କ ପୁରୁଣା କଚେରି ଘରେ ଜିଲ୍ଲା ସଂଗ୍ରହାଳୟ ସ୍ଥାପନ ହେବ ବୋଲି ନିଷ୍ପତି କରିଛି। ସରକାରଙ୍କ ଏହି ପ୍ରସ୍ତାବକୁ ପ୍ରଶଂସାର ସୁଅ ଛୁଟୁଥିବା ବେଳେ ସଂଗ୍ରହାଳୟ ସନ୍ନିକଟରେ ଲବଣ ସତ୍ୟାଗ୍ରହ ସ୍ମାରକୀ ସ୍ମୃତିସ୍ତମ୍ଭ ସ୍ଥାପନ କରିବାକୁ ଦାବି ହୋଇଛି। ପ୍ରିୟବନ୍ଧୁର ସଭାପତି ରଘୁନାଥ ସାହୁ, ଉପଦେଷ୍ଟା କବି ପିତାମ୍ବର ତରାଇ, ଜୀବନାନନ୍ଦ ଅଧିକାରୀ ଓ ବିଶିଷ୍ଟ କବି ତୁଳସୀ ଦାସ ସରକାରଙ୍କ ସଂସ୍କୃତି ବିଭାଗକୁ ଅବଗତ କରାଇଛନ୍ତି। ଜିଲ୍ଲା ସଂଗ୍ରହାଳୟ ସ୍ଥାପନ କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ ନେଇଥିବା ତତ୍କାଳୀନ ଜଗତସିଂହପୁର ଜିଲ୍ଲାପାଳ ସଂଗ୍ରାମକେଶରୀ ମହାପାତ୍ରଙ୍କୁ କୁଜଙ୍ଗବାସୀଙ୍କ ପକ୍ଷରୁ ଅବଗତ କରାଯାଇଥିଲା। କୁଜଙ୍ଗର ଗୌରବମୟ ଇତିହାସ ସହିତ ସଂଯୁକ୍ତ ଏହି ପ୍ରସଙ୍ଗକୁ ସରକାର ଗୁରୁତ୍ୱର ସହିତ ବିଚାର କରି ରାଜ୍ୟର ଅନ୍ୟାନ୍ୟ ସ୍ୱାଧୀନତା ସଂଗ୍ରାମ ସ୍ମୃତିପୀଠ ପରି କୁଜଙ୍ଗରେ ପ୍ରସିଦ୍ଧ ଲବଣସତ୍ୟାଗ୍ରହର ସ୍ମାରକୀ ନିର୍ମାଣ ଦାବି ହୋଇଛି।

# ଅଧପନ୍ତରିଆ ନଦୀବନ୍ଧ; ସତ୍ତା ହରାଇବ କୃଷି ଫାର୍ମ



**କୁଜଙ୍ଗ,୪।୬(ସମିସ):** କୁଜଙ୍ଗ ବ୍ଲକ୍‌ରେ ସ୍ୱାଧିନତାର ପ୍ରାକ୍ ସମୟରୁ ଯେଉଁ କେତକ ଲୋକାଭିମୂଖି କାର୍ଯ୍ୟ କରାଯାଇଥିଲା ତାହା କେବଳ ଗମନାଗମନ, ସ୍ୱାସ୍ଥ୍ୟସେବା, ଶିକ୍ଷା ମଧ୍ୟରେ ସୀମିତ ନଥିଲା ବରଂ କୁଜଙ୍ଗ ଅଞ୍ଚଳର କୃଷିର ଉନ୍ନତି ପାଇଁ ସେତେବେଳେ ମଧ୍ୟ ବଳିଷ୍ଠ ପଦକ୍ଷପ ଗ୍ରହଣ କରାଯାଇଥିଲା। ଏହି କ୍ରମରେ ସେତବେଳର ଇଂରେଜ ସରକାର କୃଷିକୁ ପ୍ରାଥମିକତା ଦେଇଥିବା ମନେହୁଏ। ୧୮୭୧ ମସିହାରେ ତାଳଦଣ୍ଡା କେନାଲ ଖନନ କରାଯାଇ ସେସମୟରୁ ଉଭୟ କୃଷି କାର୍ଯ୍ୟକୁ ଜଳ ଯୋଗାଣ ସହ ମାଲ ପରିବହନ ସହ ଗମନାଗମନର ମୁଖ୍ୟ ବ୍ୟବସ୍ଥା ରୂପେ ପରିଗଣିତ ହୋଇ ଆସୁଥିଲା। ୧୮୯୩ରେ ବର୍ତ୍ତମାନର କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୂର୍ବରୂପ ଉଦୟଚାନ୍ଦ ଡିସ୍‌ପେନ୍‌ସାରୀ ରୂପେ ମଧ୍ୟ ପ୍ରତିଷ୍ଠା କରାଯାଇଥିଲା। ସେହିପରି ୧୯୦୧ ମସିହାରେ ବନବିହାରୀ ଉଚ୍ଚ ବିଦ୍ୟାଳୟ ଓ ୧୯୨୮ରେ କୁଜଙ୍ଗ ଅଞ୍ଚଳରେ କୃଷିର ଉନ୍ନତି ପାଇଁ କୁଜଙ୍ଗ କୃଷି ଫାର୍ମ ପ୍ରତିଷ୍ଠା କରାଯାଇଥିଲା। ଏହି ସମସ୍ତ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ମଧ୍ୟରୁ ଅନ୍ୟତମ କୃଷିଫାର୍ମଟି ସମ୍ପ୍ରତି ପ୍ରକୃତିର ତାଣ୍ଡବ ଏବଂ ସରକାରୀ ଉଦାସୀନତା ଯୋଗୁ କ୍ରମଶଃ ସତ୍ତା ହରାଇବାକୁ ଯାଉଛି। ଯାହା ବିଭାଗୀୟ ଉଦାସୀନତାକୁ ହିଁ ମୁଖ୍ୟତଃ ଦାୟୀ କରାଯାଏ। କୁଜଙ୍ଗ ବଜାର ନିକଟସ୍ଥ କଟକ-ପାରାଦ୍ୱୀପ ରାଜ୍ୟ ରାଜପଥ ଓ ତତ୍‌ସଲଗ୍ନ ତାଳଦଣ୍ଡା କେନାଲର ଉତ୍ତର ପାଶ୍ୱର୍କୁ ଲାଗି ରହିଛି କୁଜଙ୍ଗ ସରକାରୀ କୃଷି ଫାର୍ମ। ଉପଯୁକ୍ତ ରକ୍ଷଣାବେକ୍ଷଣ ଏବଂ ସରକାରୀ ଉଦାସୀନତା ଯୋଗୁ ଏହା କ୍ରମଶ ମହାନଦୀରେ ଲୀନ ହେବାକୁ ଯାଉଛି। ଯାହା ଅତି ଦୟନୀୟ ଭାବରେ ମହାନଦୀ ବକ୍ଷକୁ ପାଦଖସାଇ ଖସାଇ ଚାଲିଛି। ଏପରିକି ଆଗାମୀ ପାଞ୍ଚ ସାତ ବର୍ଷ ମଧ୍ୟରେ ଏହି ଫାର୍ମଟି ମହାନଦୀରେ ସମ୍ପୂର୍ଣ୍ଣଭାବେ ଯେ ନିଶ୍ଚିହ୍ନ ହେବ ସେହି ଆଶଙ୍କା ଏଡାଇ ଦିଆଯାଇନପାରେ। ମହାନଦୀ କୂଳରେ ୩୩.୭୨ଏକର ଜମିରେ ସୃଷ୍ଟି କରାଯାଇଥିବା କୁଜଙ୍ଗ ଫାର୍ମରେ ପର୍ଯ୍ୟାୟକ୍ରମେ ୧୦ଶହ ନଡିଆଗଛ ରୋପଣ କରାଯାଇ ଏହାର ସୁରକ୍ଷା ମଧ୍ୟ କରାଯାଇଥିଲା ଏବଂ ଅବଶିଷ୍ଟ ଜମିରେ ଧାନ ଚାଷ କରାଯାଉଥିଲା। ଏହି ସବୁର ସମସ୍ତର ରକ୍ଷଣାବେକ୍ଷଣ ପାଇଁ ଫାର୍ମ ମଧ୍ୟରେ ଦୁଇଟି ଲମ୍ବା ଆଜବେଷ୍ଟ ଛାତଘର ନିର୍ମାଣ କରାଯାଇଥିଲା। ଯେଉଁଠି କୃଷିକାର୍ଯ୍ୟରେ ନିୟୋଜିତ ବଳଦଙ୍କ ପାଇଁ ଖାଦ୍ୟ ଏବଂ ଉତ୍ପାଦିତ ଶସ୍ୟ ଗଛିତ ରହିବାର ବ୍ୟବସ୍ଥା ଥିଲା। ମାତ୍ର ବିହନ ପ୍ରକ୍ରିୟାକରଣ କେନ୍ଦ୍ର ଏଠାରୁ ତିର୍ତ୍ତୋଲ ବ୍ଲକ୍‌ର ନିମକଣାକୁ ସ୍ଥାନାନ୍ତରିତ ହେବାପରେ ଏଠାରେ ଆଉ ପ୍ରାୟତଃ ଧାନଚାଷ କରାଯାଉନାହିଁ। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଆଜବେଷ୍ଟସ ଛାତ ଘରଗୁଡିକ ନଷ୍ଟ ହେବା ସହ କେତକକୁ ମଧ୍ୟ ନୂତନ ରୂପ ଦିଆଯାଇଛି। ଏହି ଘରେ ବ୍ୟବହୃତ ଲୁହା ସରଞ୍ଜାଗୁଡିକ ବିଭିନ୍ନ ସମୟରେ ଚୋରମାନେ ଚୋରିକରି ନେଉଛନ୍ତି। ଫାର୍ମର ଅନତି ଦୂରରେ ରହିଛି ଫାର୍ମ ଅଫିସ, ଏଠାରେ ଅଛନ୍ତି କୁଜଙ୍ଗ କୃଷି ଅଧିକାରୀଙ୍କ ସହ କୁଜଙ୍ଗର ନୂତନ କୃଷି କାର୍ଯ୍ୟାଳୟରେ ବିଭିନ୍ନ ଅଧିକାରୀଙ୍କ ସହ ବହୁ ଯନ୍ତ୍ରାଂଶ ମଧ୍ୟ ରହିଛି। ବିଭିନ୍ନ ସମୟରେ ଝଡବାତ୍ୟା ଏବଂ ରୋଗପୋକ ଲାଗି କିଛି କିଛି ନଡିଆଗଛ ନଷ୍ଟ ହେବା ସ୍ୱାଭାବିକ। ମାତ୍ର ୧୯୮୨ମସିହାରୁ ବିଭିନ୍ନ କାରଣ ଯୋଗୁ ମହାନଦୀର ଗତିପଥ ପରିବର୍ତ୍ତନ ଘଟି ତାହା କ୍ରମଶଃ ଫାର୍ମ ପାଇଁ କାଳ ସାଜିଛି। ବର୍ଷାଋତୁରେ ବନ୍ୟା ଆସିଲେ ପ୍ରତିବର୍ଷ ଫାର୍ମର କ୍ଷତି ଘଟୁଛି। ମୃତ୍ତିକା କ୍ଷୟ ସହ ନଡିଆଗଛ ଗୁଡିକ ମହାନଦୀରେ ଲିନ ହେବାରେ ଲାଗିଛି। ବର୍ତ୍ତମାନ ସୁଧା ଫାର୍ମରେ ୧୫ ଏକର ଚାଷଜମି ସହ ଶତାଧିକ ନଡିଆଗଛ ମହାନଦୀରେ ପର୍ଯ୍ୟୟକ୍ରମେ ବିଲୀନ ହୋଇସାରିଲେଣି। ଏବେ କେବଳ ୩୦ଟି ନଡିଆଗଛ ଅଛି। ଅତୀତରେ ପାରାଦୀପୀପର ବରିଷ୍ଠ ରାଜନେତା ସ୍ୱର୍ଗତ ଡା. ଦାମୋଦର ରାଉତ କୃଷିମନ୍ତ୍ରୀ ଥିବାବେଳେ ଏହି ଫାର୍ମର ଉନ୍ନତିକରଣ ପାଇଁ ବହୁ ଯୋଜନା ଘୋଷଣା କରିଥିଲେ ମଧ୍ୟ ତାହ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇନାହିଁ। ଅନ୍ୟପକ୍ଷରେ ବିଭାଗୀୟ କର୍ତ୍ତୃପକ୍ଷ ଅବଗତ ଥାଇ ମଧ୍ୟ ଆଖିବୁଜିଆ ପଦକ୍ଷେପ ନେଉନଥିବା ସ୍ଥାନୀୟ କୃଷକମାନଙ୍କୁ ବିଶେଷ ଭାବେ ବ୍ୟଥିତ କରିଛି। ମହାନଦୀର ଏହି କ୍ଷୟକ୍ଷତିକୁ ରୋକିବା ପାଇଁ ୧୪ ଲକ୍ଷଟଙ୍କା ବ୍ୟୟ ବରାଦରେ ତାରବାଡ଼ ନିର୍ମାଣ କରାଯାଇଛି। ଏପରିକି ବହୁବାର କୁଜଙ୍ଗ ପଞ୍ଚାୟତ ସମିତିର ସାଧାରଣ ଅଧିବେଶନରେ ଏହି କୃଷିଫାର୍ମର ରକ୍ଷଣାବେକ୍ଷଣ ପାଇଁ ଜନପ୍ରତିନିଧିମାନେ ଘୋର ଉଦ୍‌ବେଗ ପ୍ରକାଶ କରିଥିଲେ। ଏହିସବୁ ଅଭିଯୋଗପରେ ବିଭିନ୍ନ ସମୟରେ ଜଳସମ୍ପଦ ବିଭାର ଅଧିକାରୀମାନେ ଆସି ଏହି ଫାର୍ମକୁ ଅନୁଧ୍ୟାନ କରିଛନ୍ତି। ଏହିବିଷୟରେ ଏକ ସ୍ୱତନ୍ତ୍ର ବୈଷୟିକ କମିଟି ଅନୁଧ୍ୟାନକରି ୨୦୧୦ରେ ମହାନଦୀରେ ସ୍ପର ନିର୍ମାଣ ହେବାସହ ପଥର ପ୍ୟାକିଂ କରିବାପାଇଁ ସୁପାରିସ କରିଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ହୋଇନଥିବା ଅଭିଯୋଗ କରିଛନ୍ତି ମା' ରାମଚଣ୍ଡି ନାମମାତ୍ର କୃଷକ ସଂଘର ସଭାପତି ଶ୍ରୀନିବାସ ମହାନ୍ତି।

ଗତ ୨୦୦୧, ୨୦୦୩ ଓ ୨୦୦୮ ସହ ଚଳିତ ବର୍ଷ ବନ୍ୟା ସମୟରେ ମହାନଦୀରେ ଯେଉଁ ପ୍ରଳୟକାରୀ ବନ୍ୟା ଦେଖାଯାଇଥିଲା ସେଥିରେ ଫାର୍ମର ବ୍ୟାପକ କ୍ଷତି ହେବାସହ ବହୁ ଅଞ୍ଚଳ ମହାନଦୀରେ ବିଲୀନ ହୋଇଛି। ଯଦି ତୁରନ୍ତ ଏହାର ପ୍ରତିକାର ପାଇଁ କିଛି ପଦକ୍ଷପ ଗ୍ରହଣ କରାନଯାଏ ତେବେ ଆଗାମୀ ତିନି ଚାରି ବର୍ଷ ମଧ୍ୟରେ ଏହା ମହାନଦୀରେ ବିଲୀନ ହେବାସହ ମହାନଦୀର କୂଳ ତାଳଦଣ୍ଡା କେନାଲକୁ ଛୁଇଁବ ଯାହା ଭବିଷ୍ୟତରେ କୁଜଙ୍ଗ ବଜାର ସହ ସ୍ଥାନୀୟ ଅଞ୍ଚଳ ପାଇଁ ବିପଦର କାରଣ ହେବ ବୋଲି କୁଜଙ୍ଗର ପ୍ରାକ୍ତନ ସମିତି ସଭ୍ୟ ତଥା କୁଜଙ୍ଗ ଓକିଲ ସଂଘର ସମ୍ପାଦକ ଏଏନ୍‌ଡି ଯାଦବ ଅଭିଯୋଗ କରିଛନ୍ତି।



# ସାବିତ୍ରୀ ବ୍ରତ ପାଇଁ ଫଳ ଓ ଲୁଗା ଦୋକାନରେ ଭିଡ଼



**ଡେରାବିଶ,୪।୬(ସମିସ):** ଆସନ୍ତା ୬ ତାରିଖ ଦିନ ସାବିତ୍ରୀ ବ୍ରତ। ଏଥିପାଇଁ ଲୁଗା ଦୋକାନଠାରୁ ଫଳ ଦୋକାନ ଯାଏ ସବୁଠି ଭିଡ଼ ଲାଗି ରହିଛି। ଲୁଗା ଦୋକାନ ମାନଙ୍କରେ ମହିଳାମାନେ ଭିଡ଼ ଲଗାଇ ନୂଆ ଲୁଗା କିଣୁଥିବା ବେଳେ ଫଳ ଦୋକାନରେ ପୂଜା ପାଇଁ ଲୋକମାନେ ଫଳ କିଣୁଥିବା ଦେଖିବାକୁ ମିଳିଛି। ହିନ୍ଦୁ ନାରୀମାନେ ତାଙ୍କ ସ୍ୱାମୀଙ୍କର ଦୀର୍ଘଜୀବନ କାମନା କରି ପାଳନ କରୁଥିବା ଏହି ବ୍ରତରେ ଉପବାସ ରହି ନୂତନ ବସ୍ତ୍ର ପରିଧାନ କରି ପୂଜାର୍ଚ୍ଚନା କରିଥାନ୍ତି। ଏହି ପରିପ୍ରେକ୍ଷୀରେ ଏକ ସପ୍ତାହଧରି ଶାଢ଼ୀ ଦୋକାନ ଓ ଫଳ ଦୋକାନରେ ଭିଡ଼ ଲାଗିରହିଛି। ଖାଉଟିମାନଙ୍କର ଚାହିଦାକୁ ଦୃଷ୍ଟିରେ ରଖି ବଜାରରେ ବହୁ ଅସ୍ଥାୟୀ ଫଳ ଦୋକାନ ଖୋଲିଥିଲେ ମଧ୍ୟ ଫଳର ଦର କମୁନଥିବା ବହୁ ଗ୍ରାହକ ପ୍ରକାଶ କରିଛନ୍ତି। ଏପରିକି ଆମ୍ବ କେଜି ପ୍ରତି ୮୦ ଟଙ୍କା ରହିଥିବା ବେଳେ ପିଜୁଳି ୮୦ ଟଙ୍କା, କମଳା ୧୫୦ ଟଙ୍କା ସେଓ ୧୫୦ ଟଙ୍କା, ଅଙ୍ଗୁର ୧୦୦ ଟଙ୍କା, ଲିଚୁ କୋଳି ୧୬୦ ଟଙ୍କା, ସପୁରି ଗୋଟିକୁ ୧୦୦ ଟଙ୍କା, ପଣସ ଗୋଟିକୁ ୨୦୦ ଟଙ୍କା ଏପରିକି କଦଳୀ ଗୋଟିକୁ ୧୦ ଟଙ୍କା ଦରରେ ଗ୍ରାହକମାନେ କିଣୁଥିବା ଦେଖିବାକୁ ମିଳିଛି।



## ପାରାଦୀପରୁ ଜିତିଲେ ସମ୍ପଦ



**ପାରାଦୀପ, ୪।୬ (ସମିସ):** ପାରାଦୀପ ନିର୍ବାଚନମଣ୍ଡଳୀରେ ଭାରତୀୟ ଜନତା ପାର୍ଟି ବିଜୟ ଲାଭ କରିଛି। ଚଳିତ ୨୦୨୪ ନିର୍ବାଚନ ରଣାଙ୍ଗନରେ ଭାରତୀୟ ଜନତା ପାର୍ଟିର ବିଧାୟକ ପ୍ରାର୍ଥୀ ଭାବେ ସମ୍ପଦ ଚରଣ ସ୍ୱାଇଁ ୮୪ ହଜାର ୫୧୮ ଖଣ୍ଡ ଭୋଟ ପାଇ ବିଜୟ ଲାଭ କରିଛନ୍ତି। ସେ ବିଜୁ ଜନତା ଦଳରୁ ପ୍ରାର୍ଥୀ ହୋଇଥିବା ଗୀତାଞ୍ଜଳୀ ରାଉତରାୟଙ୍କଠାରୁ ୧୫ ହଜାର ୭୮୭ ଖଣ୍ଡ ଅଧିକ ଭୋଟ ପାଇ ବିଜୟ ଲାଭ କରିଛନ୍ତି। ବିଜେଡି ପ୍ରାର୍ଥିନୀ ଗୀତାଞ୍ଜଳୀ ରାଉତରାୟଙ୍କୁ ୬୮ ହଜାର ୭୩୧ ଖଣ୍ଡ ଭୋଟ ମିଳିଥିବା ବେଳେ ଜାତୀୟ କଂଗ୍ରେସ ପ୍ରାର୍ଥୀ ନିରଞ୍ଜନ ନାୟକଙ୍କୁ ୭ ହଜାର ୬୧୦ ଖଣ୍ଡ ଓ ବହୁଜନ ସମାଜ ପାର୍ଟିର ସୁଜାତା ମଲ୍ଲିକଙ୍କୁ ୫୦୧ ଖଣ୍ଡ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜିନ୍ମୟୀ ସାହାଣିଙ୍କୁ ୧୩୦୩ ଖଣ୍ଡ, ସ୍ୱାଧୀନ ପ୍ରାର୍ଥୀ ଅନୋଜ କୁମାର ରାଉତଙ୍କୁ ୧୯୭ ଖଣ୍ଡ, ଉମାକାନ୍ତ ଭରତଙ୍କୁ ୪୦୦ ଖଣ୍ଡ, ଓ କୃପାସିନ୍ଧୁ ଦାସଙ୍କୁ ୨୦୦ ଖଣ୍ଡ ଓ ନୋଟାରେ ୪୯୧ ଖଣ୍ଡ ଭୋଟ ମିଳିଥିବା ବେଳେ ୨୩୦ ଖଣ୍ଡ ଭୋଟ ନାକଚ ହୋଇଛି। ତେବେ ପାରାଦୀପ ବିଧାୟକ ଭାବେ ସମ୍ପଦ ଚରଣ ସ୍ୱାଇଁ ୧୫ ହଜାର ୭୮୭ ଖଣ୍ଡ ଭୋଟରେ ବିଜୟ ଲାଭ କରିଥିବା ନେଇ ଜଗତସିଂହପୁର ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଠାରୁ ସୂଚନା ମିଳିଛି। ସମ୍ପଦଙ୍କ ବିଜୟ ଖବର ପ୍ରଚାରିତ ହେବା ପରେ ବିଜେପି କର୍ମୀମାନେ ବାଜା ବଜାଇ, ବାଣ ଫୁଟାଇ ବିଜୟ ମନାଇଥିଲେ। ୨୦୧୯ ନିର୍ବାଚନରେ ୩୫ ହଜାର ଭୋଟ ପାଇ ତୃତୀୟ ସ୍ଥାନରେ ଥିବା ସମ୍ପଦ ଚଳିତ ନିର୍ବାଚନ ଜିତିବା ପାଇଁ ଦିନ ରାତି କଠିନ ପରିଶ୍ରମ କରିଥିଲେ।

## ବିଜୟ ପରେ ପ୍ରତାପ ଦେବଙ୍କ ରାଲି




**ଆଳି,୪।୬(ସମିସ):** ଆଳି ବିଧାନସଭା ଆସନକୁ ପୁନର୍ବାର ଦଖଲରେ ରଖିଛି ବିଜେଡି। ବିଜେଡି ପ୍ରାର୍ଥୀ ପ୍ରତାପ କେଶରୀ ଦେବ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଡାକ୍ତର ଦେବସ୍ମିତା ଶର୍ମାଙ୍କୁ ୧୯୬୨୮ ଖଣ୍ଡ ଭୋଟରେ ହରାଇ ବିଜୟ ଲାଭ କରିଛନ୍ତି। ପ୍ରତାପ କେଶରୀ ଦେବ ମୋଟ ୭୩୬୭୮ ଖଣ୍ଡ ଭୋଟ ପାଇଥିବା ବେଳେ କଂଗ୍ରେସର ଡାକ୍ତର ଦେବସ୍ମିତା ଶର୍ମା ୫୪୦୫୦ ଓ ଭାଜପା ପ୍ରାର୍ଥୀ ୪୪୮୫୨ ଖଣ୍ଡ ଭୋଟ ପାଇଥିବା ସୂଚନା ମିଳିଛି। ସେହିପରି ସ୍ୱାଧୀନ ପ୍ରାର୍ଥୀ ପର୍ଶୁରାମ ଦାସ ୨୭୨, ଶ୍ରୀରାମ ପାଣ୍ଡେ ୨୧୫ ଓ ବହୁଜନ ସମାଜ ପାର୍ଟିର ପ୍ରଶାନ୍ତ ସେଠୀ ୩୦୫ ଭୋଟ ପାଇଥିବା ଜଣାପଡିଛି। ଆଳିରେ ବିଜେଡି ପ୍ରାର୍ଥୀ ପ୍ରତାପ କେଶରୀ ଦେବ ବିଜୟ ଲାଭ କରିବା ପରେ ବିଜେଡି କର୍ମୀମାନେ ବାଣ ଫୁଟାଇ ଖୁସି ମନାଇବା ସହିତ ପତ୍ରପୁର ସେତୁ ନିକଟରୁ ଏକ ବିଶାଳ ଶୋଭାଯାତ୍ରାରେ ଆଳି ପର୍ଯ୍ୟନ୍ତ ଆଣିଥିଲେ।

# ବିଜେଡିର ଜିତିଲେ ୪, ବିଜେପି ନେଲା ୧













**କେନ୍ଦ୍ରାପଡ଼ା,୪।୬(ସମିସ):** କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରର ୫ ନିର୍ବାଚନ ମଣ୍ଡଳୀରୁ ବିଜେଡ଼ି ୪ଟି ବିଧାନସଭା ଆସନ ହାତେଇଛି। କେନ୍ଦ୍ରାପଡ଼ା ସାଂସଦ ଭାବେ ବୈଜୟନ୍ତ ପଣ୍ଡା ବିଜୟ ହୋଇଛନ୍ତି। ମାତ୍ର ଅଳ୍ପ ଭୋଟରେ ବିଜେଡ଼ି ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ପରାଜୟ ବରଣ କରିଛନ୍ତି। ସେହିଭଳି ଜିଲ୍ଲାର ମହାକାଳପଡ଼ା ବିଧାନସଭା ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ ବିଜେପି ପ୍ରାର୍ଥୀ ଦୂର୍ଗା ପ୍ରସନ୍ନ ନାୟକଙ୍କଠାରୁ ପରାଜୟ ହୋଇଥିବାବେଳେ କେନ୍ଦ୍ରାପଡ଼ାର ଗଣେଶ୍ୱର ବେହେରା, ଆଳିର ପ୍ରତାପକେଶରୀ ଦେବ, ରାଜନଗରର ଧ୍ରୁବ ଚରଣ ସାହୁ ଏବଂ ପାଟକୁରାର ଅରବିନ୍ଦ ମହାପାତ୍ର ବିଜେଡ଼ିରୁ ବିପୁଳ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ସାଂସଦ କ୍ଷେତ୍ରରେ ବିଜେଡ଼ି ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ପାଟକୁରାରୁ ୭୫ ହଜାର ୧୯୭, କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀରୁ ୬୯ ହଜାର, ଆଳିରୁ ୭୦ ହଜାର ୪୮୪, ରାଜନଗରରୁ ୯୦ ହଜାର ୧୫୪ ଏବଂ ମହାକାଳପଡ଼ା ରୁ ୭୨ ହଜାର ୨୩୧ଟଣ୍ଡ ଭୋଟ ମିଳିଛି। ସେହିପରି ବିଜୟୀ ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କୁ ପାଟକୁରାରୁ ୯୫ ହଜାର ୫୭୫, କେନ୍ଦ୍ରାପଡାରୁ ୭୫ ହଜାର ୯୩୭, ଆଳିରୁ ୭୪ ହଜାର ୧୨୬, ରାଜନଗରରୁ ୭୪୦୧୫ ଏବଂ ମହାକାଳପଡ଼ାରୁ ୧ ଲକ୍ଷ ୧୨ ହଜାର ୯୯୯ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି।

ସେହିଭଳି ବିଧାନସଭା କ୍ଷେତ୍ରରେ ପାଟକୁରାର ବିଜେଡ଼ି ପ୍ରାର୍ଥୀ ଅରବିନ୍ଦ ମହାପାତ୍ରଙ୍କୁ ପୋଷ୍ଟଲ ବାଲଟ ଭୋଟ ବିନା ୯୦ ହଜାର ୨୭୮ ଖଣ୍ଡ ମିଳିଥିବା ବେଳେ ବିଜେପି ପ୍ରାର୍ଥୀ ତେଜେଶ୍ୱର ପରିଡାଙ୍କୁ ୭୬ ହଜାର ୫୩୭ ଖଣ୍ଡ ଭୋଟ ମିଳିଛି। ୧୩ ହଜାର ୭୪୧ ଖଣ୍ଡ ଭୋଟରେ ଅରବିନ୍ଦ ବିଜୟୀ ହୋଇଛନ୍ତି। ସେହିଭଳି କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀର ବିଜେଡ଼ି ପ୍ରାର୍ଥୀ ଗଣେଶ୍ୱର ବେହେରାଙ୍କୁ ୮୯ ହଜାର ୫୭୪ ଖଣ୍ଡ ଭୋଟ ମିଳିଥିବାବେଳେ ବିଜେପି ପ୍ରାର୍ଥୀନୀ ଗୀତାଞ୍ଜଳି ସେଠୀ ୫୪ ହଜାର ୪୨୪ ଖଣ୍ଡ ଭୋଟ ପାଇ ୩୫ ହଜାର ୧୫୦ ଖଣ୍ଡ ଭୋଟରେ ପରାଜିତ ହୋଇଛନ୍ତି। ଆଳି ନିର୍ବାଚନ ମଣ୍ଡଳୀର ବିଜେଡ଼ି ପ୍ରାର୍ଥୀ ପ୍ରତାପ କେଶରୀ ଦେବ ୭୩ ହଜାର ୬୭୮ ଖଣ୍ଡ ଭୋଟ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥନୀ ଦେବସ୍ମିତା ଶର୍ମା ୫୪ ହଜାର ୪୯ ଖଣ୍ଡ ଭୋଟ ପାଇ ବିଜେଡ଼ି ପ୍ରାର୍ଥୀଙ୍କଠାରୁ ୧୯ ହଜାର ୬୨୯ ଖଣ୍ଡ ପରାଜୟ ହୋଇଛନ୍ତି। ରାଜନଗର ନିର୍ବାଚନ ମଣ୍ଡଳୀର ବିଜେଡ଼ି ଧ୍ରୁବ ସାହୁ ୮୦ ହଜାର ୫୨୦ ଖଣ୍ଡ ଭୋଟ ପାଇଥିବାବେଳେ ବିଜେପି କୃଷ୍ଣଚନ୍ଦ୍ର ପଣ୍ଡା ୬୨ ହଜାର ୫ ଶହ ଭୋଟ ପାଇଛନ୍ତି। ଧ୍ରୁବ ସାହୁ ୧୮ ହଜାର ୧୩୪ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି। ମହାକାଳପଡ଼ା ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ ୭୫ ହଜାର ୫୦୯ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପିର ଦୁର୍ଗାପ୍ରସନ୍ନ ନାୟକ ୧ ଲକ୍ଷ ୮ ହଜାର ୮୨୩ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି।

## ପାଇପ୍ ଫାଟି ନାଳକୁ ବୋହିଯାଉଛି ପିଇବା ପାଣି

**ବାଲେଶ୍ୱର, ୪।୬(ସମିସ):**

ପାଇପ ଲାଇନ ଫାଟିଯାଇ ପାଣି ବୋହି ଯାଉଛି। ସ୍ଥାନୀୟ ପରିବାର ଗୁଡିକ ଆବଶ୍ୟକ ଅନୁଯାୟୀ ପାନୀୟ ଜଳ ପାଉ ନାହାଁନ୍ତି। ଜନସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ ଏ ବାବଦରେ ଜାଣି ଥିଲେ ବି, ଫାଟି ଯାଇଥିବା ପାଇପ ବଦଳାଇ, ସେହି ସ୍ଥାନରେ ନୂତନ ପାଇପ ଲଗାଇବା ବ୍ୟବସ୍ଥା କରୁନଥିବା ଅଭିଯୋଗ ହେଉଛି। ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ଅଠର ନମ୍ବର ୱାର୍ଡର ସାରଥୀ ସଂଘ ହନୁମାନ ମନ୍ଦିର

**● ବିଭାଗୀୟ ଅଧିକାରୀ ଜାଣିବି ନିରବ**



ନିକଟରେ ଗତ ଆଠ ଦଶ ଦିନ ଧରି ପାଇପ ଲାଇନ ଫାଟି ଯାଇ ଡ୍ରେନକୁ ପାଣି ବହି ଯାଉଛି। ସ୍ଥାନୀୟ ଅଞ୍ଚଳର ପରିବାର ଗୁଡିକୁ ପୂର୍ବରୁ ଯେମିତି ପାନୀୟ ଜଳ ଯାଉଥିଲା, ପାଇପ ଫାଟିଯାଇ ପାଣି ବାହାରି ଯିବା ପରେ ଆଉ ପୂର୍ବ ଭଳି ପାନୀୟ ଜଳ ସମ୍ପୃକ୍ତ ପରିବାର ଗୁଡିକୁ ଯାଉ ନ ଥିବା ଅଭିଯୋଗ ହେଉଛି। ପାଇପ ଫାଟି ଯାଇଥିବା ବାବଦରେ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଜନ ସ୍ୱାସ୍ଥ୍ୟ ବିଭାଗକୁ ଜଣାଇ ଥିଲେ। ହେଲେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଲୋକଙ୍କ ଅଭିଯୋଗ ପାଇ ମଧ୍ୟ ଫାଟି ଯାଇଥିବା ସ୍ଥାନରେ ନୂଆ ପାଇପ ଯୋଡିବା ପୂର୍ବକ ମରାମତି କରୁ ନାହାନ୍ତି। ଏ ବାବଦରେ ଜନ ସ୍ୱାସ୍ଥ୍ୟ ବିଭାଗର ଯନ୍ତ୍ରୀ ହୀରାଲାଲ ବାବୁଙ୍କୁ ତାଙ୍କ ମୋବାଇଲ ଫୋନରେ ଯୋଗାଯୋଗ କରିବାରୁ ସେ କହିଲେ, ଆମକୁ ଖବର ମିଳିଛି। ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ନୂଆ ପାଇପ ସେଠାରେ ଲଗାଇ ଦିଆଯିବ ବୋଲି ଯନ୍ତ୍ରୀ କହିଛନ୍ତି। ଏହା ମଧ୍ୟରେ କିଛିଦିନ ବିତି ଯାଇଥିଲେବି, ଫାଟି ଯାଇଥିବା ପାଇପ ବଦଳାଇ ନୂଆ ପାଇପ ଯୋଡ଼ାଯାଇ ନାହିଁ। ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀ ମାନଙ୍କ ମଧ୍ୟରେ କର୍ମ ତତ୍ପରତା ନଥିବା ଯୋଗୁ ଏହିଭଳି ସହରର ଭିନ୍ନଭିନ୍ନ ସ୍ଥାନରେ ପାନୀୟ ଜଳର ସମସ୍ୟା ଦେଖାଦେଉଛି। ସାରଥୀ ସଂଘ ହନୁମାନ ମନ୍ଦିରଠାରେ ଫାଟି ଯାଇଥିବା ପାଇପରୁ ପାଣି ନାଳକୁ ବୋହିଯିବା ଏବଂ ଖବର ପାଇବି ବିଭାଗ ପକ୍ଷରୁ ନୂଆ ପାଇପ ଯଥା ଶୀଘ୍ର ସଂଯୋଗ କରାଯାଉ ନଥିବାନେଇ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ପ୍ରକାଶ ପାଉଛି।

## ପୂର୍ବତନ ବ୍ଲକ ଅଧକ୍ଷ ବ୍ରହ୍ମାନନ୍ଦ ସାମଲଙ୍କ ପରଲୋକ

**ପଟ୍ଟାମୁଣ୍ଡାଇ,୪।୬(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକର ପୂର୍ବତନ ଅଧକ୍ଷ ବ୍ରହ୍ମାନନ୍ଦ ସାମଲଙ୍କ ୮୩ବର୍ଷ ବୟସରେ ପରଲୋକ ଘଟିଛି। ସେ ୧୯୮୪-୮୯ ପର୍ଯ୍ୟନ୍ତ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ଭାବେ କାର୍ଯ୍ୟ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ପୂର୍ବତନ ବ୍ଲକ ଅଧକ୍ଷ ମାନସ ରଞ୍ଜନ ସାମଲ, ମନୋରଞ୍ଜନ ସାମଲ, ଚିତ୍ତ ରଞ୍ଜନ ସାମଲ, ରଞ୍ଜିତ ରଞ୍ଜନ ସାମଲ ଓ ପୁଷ୍ପ ରଞ୍ଜନ ସାମଲ, ପୁତ୍ର ବଧୂ, ଝିଅ ଜ୍ୱାଇଁ ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ



ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଜ୍ୟେଷ୍ଠପୁତ୍ର ମନୋରଞ୍ଜନ ସାମଲ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ କେନ୍ଦ୍ରାପଡ଼ା ବିଧାୟକ ପୂର୍ବତନମନ୍ତ୍ରୀ ଗଣେଶ୍ୱର ବେହେରା, ଆଳି ବିଧାୟକ ପୂର୍ବତନମନ୍ତ୍ରୀ ପ୍ରତାପ କେଶରୀ ଦେବ, ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

# ବାଲିକୁଦାରୁ ସାରଦା, ତିର୍ତ୍ତୋଲରୁ ଜିତିଲେ ରମାକାନ୍ତ

**ଜଗତସିଂହପୁର,୪।୬(ସମିସ):** ଜଗତସିଂହପୁର ଜିଲ୍ଲାରେ ଶାନ୍ତି ଓ ଶୃଙ୍ଖଳାର ସହିତ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଅନୁଷ୍ଠିତ ଭୋଟ ଗଣତିରେ ଜଗତସିଂହପୁରରୁ ସାଂସଦ ପ୍ରାର୍ଥୀ ଭାବେ ବିଜେପିର ବିଭୁ ପ୍ରସାଦ ତରାଇ ବିଜୟ ଲାଭ କରିଛନ୍ତି। ସେହିପରି

**ପାରାଦୀପରୁ ସମ୍ପିତ, ଅମରେନ୍ଦ୍ର ଜଗତ୍‌ସିଂହପୁରରୁ ବିଜୟୀ**

**ସାଂସଦ ଭାବେ ଜିତିଲେ ବିଭୂ**









ଏରସମା - ବାଲିକୁଦା ବିଧାନସଭା ଆସନରୁ ସାରଦା ପ୍ରସନ୍ନ ଜେନା ଜିତିଥିବାବେଳେ ତିର୍ତ୍ତୋଲ ଆସନରୁ ରମାକାନ୍ତ ଭୋଇ ବିଜୟଲାଭ କରିଥିବା ଭୋଟ ଗଣନା ଫଳାଫଳ ଅନୁସାରେ ଘୋଷଣା କରାଯାଇଛି। ପାରାଦୀପ ବିଧାନସଭା ଆସନରୁ ବିଜେପି ପ୍ରାର୍ଥୀ ସମ୍ପଦ ସ୍ୱାଇଁ ବିଜୟଲାଭ କରିଥିବା ସମୟରେ ଜଗତସିଂହପୁର ବିଧାନସଭା ଆସନରୁ ବିଜେପି ପ୍ରାର୍ଥୀ ଅମରେନ୍ଦ୍ର ଦାସ ବିଜୟୀ ହୋଇଥିବା ସୂଚନା ମିଳିଛି।

ଜଗତସିଂହପୁର ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାରାଦୀପ, ତିର୍ତ୍ତୋଲ, ବାଲିକୁଦା-ଏରସମା ଓ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୮୫୪ଟି ସ୍ଥାନରେ ପ୍ରସ୍ତୁତ ୧୦୫୧ଟି ବୁଥରେ ଶନିବାର ସକାଳେ ଏକକାଳୀନ ଭୋଟ ଗ୍ରହଣ ହୋଇଥିଲା। ମତଦାନ ପରେ ସମସ୍ତ ଇଭିଏମ୍‌କୁ ଏସଭିଏମ କଲେଜ ଷ୍ଟ୍ରଂଗ ରୁମରେ ସଂରକ୍ଷିତ କରାଯିବାପରେ ଆଜି ସକାଳେ ଭୋଟ ଗଣତି କେନ୍ଦ୍ରରେ କଡା ସୁରକ୍ଷା ମଧ୍ୟରେ ଭୋଟ ଗଣନା ଆରମ୍ଭ ହୋଇଥିଲା। ଭୋଟ ଗଣତି ଫଳାଫଳ ଅନୁସାରେ ବିଜେପିର ସାଂସଦ ପ୍ରାର୍ଥୀ ବିଭୁପ୍ରସାଦ ତରାଇ ଜଗତସିଂହପୁର ଜିଲ୍ଲାରୁ ଗଣତିର ୨୨ ତଥା ଶେଷ ରାଉଣ୍ଡରେ ୮୫, ୩୫୩ ଖଣ୍ଡ ଭୋଟ ପାଇ ବିଜୟଲାଭ କରିଛନ୍ତି। ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ରାଜଶ୍ରୀ ମଲ୍ଲିକ ୭୦, ୪୬୫ ଓ କଂଗ୍ରେସ ପ୍ରାର୍ଥୀ ରବିନ୍ଦ୍ର ସେଠୀ ୧୦,୭୮୬ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି। ଅନ୍ୟପକ୍ଷରେ ଏହି ଲୋକସଭା ଆସନ ଅଧିନରେ ଜଗତସିଂହପୁର ଜିଲ୍ଲାକୁ ବାଦ ଦେଇ ଅନ୍ୟ ତିନୋଟି ବିଧାନସଭା କ୍ଷେତ୍ର ରହିଥିବା ସମୟରେ ସେଠାରୁ ପ୍ରାର୍ଥୀଙ୍କୁ ମିଳିଥିବା ଭୋଟର ପରିମାଣ ସମ୍ପର୍କରେ ସର୍ବଶେଷ ସୂଚନା ଜଗତସିଂହପୁର ଜିଲ୍ଲା ପ୍ରଶାସନକୁ ମିଳିନଥିବାରୁ ଏହା ପ୍ରକାଶ କରାଯାଇ ପାରୁନାହିଁ।

ସେହିପରି ଜଗତସିଂହପୁର ବିଧାନସଭା ଆସନରୁ ବିଜେପି ପ୍ରାର୍ଥୀ ଅମରେନ୍ଦ୍ର ଦାସ ବିଜୟଲାଭ କରିଛନ୍ତି। ଶେଷ ରାଉଣ୍ଡରେ ସେ ୯୧,୬୫୦ ଖଣ୍ଡ ଭୋଟ ପାଇଥିବା ସମୟରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ପ୍ରଶାନ୍ତ ମୁଦୁଲି ୬୯, ୯୬୭ ଖଣ୍ଡ ଭୋଟ ପାଇଥିବା ସମୟରେ, କଂଗ୍ରେସ ପ୍ରାର୍ଥୀ ପ୍ରତିମା ମଲ୍ଲିକ୫,୮୭୬ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି ତିର୍ତ୍ତୋଲରୁ ବିଜୁ ଜନତାଦଳର ପ୍ରାର୍ଥୀ ରମାକାନ୍ତ ଭୋଇ ୮୩, ୧୫୫ ଖଣ୍ଡ ଭୋଟ ପାଇ ବିଜୟ ଲାଭ କରିଛନ୍ତି। ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ବିଜେପିର ରାଜକିଶୋର ବେହେରା ୫୪, ୮୧୪ ଖଣ୍ଡ ଭୋଟ ଓ କଂଗ୍ରେସର ହିମାଂଶୁ ଭୂଷଣ ମଲ୍ଲିକ ୪୨, ୫୭୦ ଖଣ୍ଡ ଭୋଟ ପାଇ ପରାଜୟ ବରଣ କରିଛନ୍ତି । ସେହିପରି ପାରାଦୀପ ନିର୍ବାଚନ କ୍ଷେତ୍ରରୁ ବିଜେପି ପ୍ରାର୍ଥୀ ସମ୍ପଦ ସ୍ୱାଇଁ ୮୪,୦୯୭ ଖଣ୍ଡ ଭୋଟ ପାଇ ବିଜୟ ଲାଭ କରିଛନ୍ତି। ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡିର ଗୀତାଞ୍ଜଳୀ ରାଉତରାୟ ୬୮, ୪୭୮ ଖଣ୍ଡ ଭୋଟ ଓ କଂଗ୍ରେସର ନିରଞ୍ଜନ ନାୟକ ୭,୫୫୯ ଖଣ୍ଡ ଭୋଟ ପାଇ ପରାଜୟ ବରଣ କରିଛନ୍ତି। ସେହିପରି ବାଲିକୁଦା ଏରସମାରୁ ବିଜେଡି ପ୍ରାର୍ଥୀ ସାରଦା ପ୍ରସନ ଜେନା ୯୨, ୯୮୪ ଖଣ୍ଡ ଭୋଟ ପାଇ ବିଜୟଲାଭ କରିଛନ୍ତି। ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ବିଜେପିର ସତ୍ୟ ସାରଥି ମହାନ୍ତି ୬୭,୦୮୦ ଖଣ୍ଡ ଭୋଟ ଓ କଂଗ୍ରେସର ନଳିନୀ କୁମାର ସ୍ୱାଇଁ ୨୭,୭୮୪ ଖଣ୍ଡ ଭୋଟ ପାଇ ପରାଜୟ ବରଣ କରିଛନ୍ତି।

ସକାଳ THE SAKALA



# ତାଳଚେରରେ ବାଜିମାରିଲେ ବିଜେଡି ପ୍ରାର୍ଥୀ ବ୍ରଜକିଶୋର



**ତାଳଚେର ସଦର, ୪।୬ (ସମିସ):** ତାଳଚେର ୬୦ ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ଠାରେ ଗଣତି ପ୍ରକ୍ରିୟା କରାଯିବା ସହ ୨୦୨ ବୁଥରେ ମତଦାନ କରିଥିବା ୧ ଲକ୍ଷ ୨୭ ହଜାର ୯୩୦ ଭୋଟରଙ୍କ ଭୋଟ ଗଣତି ଆଜି ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ସାଂସଦ ପ୍ରାର୍ଥୀ ପାଇଁ ୧୨ଟି ଟେବୁଲ ଏବଂ ବିଧାୟକ ପ୍ରାର୍ଥୀ ପାଇଁ ୧୨ଟି ଟେବୁଲ୍ ବ୍ୟବସ୍ଥା କରାଯାଇଥିଲା। ଏହି ୨୦୨ ବୁଥର ଭୋଟ ଫଳାଫଳ ୧୭ ରାଉଣ୍ଡ ଗଣତି କାର୍ଯ୍ୟକ୍ରମ ରହିଥିଲା। ଭୋଟଗଣତି ପାଇଁ ୮୦ କର୍ମଚାରୀ ନିୟୋଜିତ ହୋଇଥିଲେ ଓ ପ୍ରତି ଟେବୁଲ ପାଇଁ ଦୁଇ କର୍ମଚାରୀ ଓ ଜଣେ ମାଇକ୍ରୋ ପର୍ଯ୍ୟବେକ୍ଷକ ନିୟୋଜିତ କରାଯାଇଥିଲା। ପ୍ରତି ରାଉଣ୍ଡର ଫଳାଫଳକୁ ପ୍ରଶାସନ ପକ୍ଷରୁ ମାଇକ ଯୋଗେ ଘୋଷଣା କରାଯାଇଥିଲା। ସକାଳ ୭ଘଟିକା ଠାରୁ କଲେଜରେ ରଖାଯାଇଥିବା ଷ୍ଟ୍ରଙ୍ଗ ରୁମରୁ ଇଭିଏମ ଗୁଡ଼ିକ ଗଣତି ପାଇଁ ଅଣାଯାଇ ପ୍ରଥମେ ପୋଷ୍ଟାଲ ବାଲଟ ପେପରର ଗଣତି କରାଯାଇଥିଲା। ସାଢ଼େ ୮ଟାରୁ ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କର ଇଭିଏମ ଗଣତି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଚଳିତ ୨୦୨୪ ନିର୍ବାଚନରେ ସର୍ବୋମୋଟ ତାଳଚେର ବିଧାନସଭା ପାଇଁ ୧୦ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ସେଥି ମଧ୍ୟରୁ ବିଜେଡିର ବ୍ରଜ କିଶୋର ପ୍ରଧାନ, ବିଜେପିର କାଳନ୍ଦୀ ସମାଲ, କଂଗ୍ରେସର ପ୍ରଫୁଲ୍ଲ ଦାସ ସମେତ ଅନ୍ୟାନ୍ୟ ଦଳ ଓ ସ୍ୱାଧୀନ ପ୍ରାର୍ଥୀ ୭ଜଣ ରହିଥିଲେ। ଆଜିର ଫଳାଫଳରୁ ବିଜେଡି ପ୍ରାର୍ଥୀ ବ୍ରଜକିଶୋର ପ୍ରଧାନ ୧୭ରାଉଣ୍ଡ ପର୍ଯ୍ୟନ୍ତ ୭୪ହଜାର ୮୩୫ ଭୋଟ ପାଇଥିବା ବେଳେ ତାଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ବିଜେପି ୪୨ ହଜାର ୮୮୭ ଭୋଟ ପାଇଥିବା କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ତେବେ ମୋଟାମୋଟି ଭାବେ ବ୍ରଜକିଶୋର ପ୍ରଧାନ ୩୧ ହଜାର ୯୪୮ ଖଣ୍ଡ ଭୋଟରେ କାଳନ୍ଦୀ ସାମଲଙ୍କଠାରୁ ଆଗୁଆ ରହିଥିବା ବେଳେ ତାଙ୍କ ବିଜୟ ସୁନିଶ୍ଚିତ ବୋଲି କୁହାଯାଇଛି। ସେହିଭଳି ନୋଟାକୁ ୯୬୧ ଖଣ୍ଡ ଭୋଟ ଯାଇଥିବା ସହ କଂଗ୍ରେସର ପ୍ରଫୁଲ ଚନ୍ଦ୍ର ଦାସ ୫ହଜାର ୯୭୭, ବହୁଜନ ସମାଜପାର୍ଟିର ସର୍ବେଶ୍ୱର ନାୟକ ୩୩୮, ପ୍ରହଲ୍ଲାଦ ଚନ୍ଦ୍ର ସାହୁ, କମ୍ୟୁନିଷ୍ଟ ୪୪୨, ବିଜୟ କୁମାର ନାଏକ ଆମ୍ବେଦକର ପାର୍ଟି ୩୦୦, ମନୋଜ ଜେନା ଅଲଇଣ୍ଡିଆ ଫରୱାର୍ଡ ବ୍ଲକ ୧୫୯, ଭୂପେନ ଥମ୍ବ ସ୍ୱାଧୀନ ପ୍ରାର୍ଥୀ ୨୭୯, ରୂପକ କୁମାର ପାଣି ସ୍ୱାଧୀନ ପ୍ରାର୍ଥୀ ୩୬୨, ସନ୍ତୋଷ ସାହୁ ସ୍ୱାଧୀନ ପ୍ରାର୍ଥୀ ୩୮୧ ଖଣ୍ଡ ଭୋଟ ପାଇଥିବା ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ସେହିଭଳି ଢେଙ୍କାନାଳ ଲୋକସଭା ଆସନ ପାଇଁ ୧୦ ଜଣ ପ୍ରାର୍ଥୀ ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ମୁଖ୍ୟତଃ ବିଜେପି ପକ୍ଷରୁ ରୁଦ୍ରନାରାୟଣ ପାଣି, ବିଜେଡି ପକ୍ଷରୁ ଅଭିନାଶ ସାମଲ ଓ କଂଗ୍ରେସ୍ ପ୍ରାର୍ଥୀଭାବେ ଇଂ ସସ୍ମିତା ବେହେରାଙ୍କ ସମେତ ୭ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଏଥିରେ ବିଜେପି ପ୍ରାର୍ଥୀ ବିଜୟୀ ହୋଇଥିବା ଜଣାପଡ଼ିଛି।

## ଆଠମଲ୍ଲିକରେ ବିଜେଡି ପ୍ରାର୍ଥୀ ନଳିନୀକାନ୍ତ ବିଜୟୀ



**ଆଠମଲ୍ଲିକ, ୪।୬(ସମିସ):** ଆଠମଲ୍ଲିକ ୬୩ ବିଧାନସଭାରେ ବିଜୁ ଜନତା ଦଳ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ଭୋଟ ଗଣତି ପରେ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି । ନଳିନୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ସଂଜୀବ କୁମାର ସାହୁଙ୍କୁ ୧୬,୧୫୩ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ନଳିନୀ ସମୁଦାୟ ୯୩,୯୫୭ ( ପୋଷ୍ଟାଲ ଭୋଟ ମିଶି ) ଖଣ୍ଡ ଭୋଟ ପାଇଥିବା ବେଳେ ସଂଜୀବ ସମୁଦାୟ ୭୭,୮୦୪(ପୋଷ୍ଟାଲ ଭୋଟ ମିଶି ) ଖଣ୍ଡ ଭୋଟ ପାଇଛନ୍ତି। କଂଗ୍ରେସ ପ୍ରାର୍ଥୀ ହିମାଂଶୁ ଶେଖର ଚାଉଳିଆ ସମୁଦାୟ ୫,୧୨୬ ଖଣ୍ଡ ଭୋଟ ପାଇଥିବା ବେଳେ ଏସୟୁସିଆଇ ପ୍ରାର୍ଥୀ ରମଣୀ ରଞ୍ଜନ ପ୍ରଧାନ ସମୁଦାୟ ୯୭୦ ଖଣ୍ଡ ଭୋଟ ପାଇଛନ୍ତି । ୧୬୩୦ ଖଣ୍ଡ ଭୋଟ ନୋଟରେ ଯାଇଛି । ଆଠମଲ୍ଲିକ ୬୩ ବିଧାନସଭା ପାଇଁ ସମୁଦାୟ ଭୋଟର ସଂଖ୍ୟା ୨,୦୯,୬୫୯ ମଧ୍ୟରୁ ୧,୭୯,୬୫୯ ମତଦାନ ହୋଇଥିଲା। ଭୋଟର ହାର ଥିଲା ୮୫.୬୯ ପ୍ରତିଶତ। ଏତଦ ବ୍ୟତୀତ ପୋଷ୍ଟାଲ ବ୍ୟାଲଟର ସଂଖ୍ୟା ଥିଲା ୭୦୮ । ତନ୍ମଧ୍ୟରୁ ବିଜୁ ଜନତା ଦଳ ପ୍ରାର୍ଥୀ ନଳିନୀ ଙ୍କୁ ୩୦୪ ଖଣ୍ଡ, ଭାରତୀୟ ଜନତା ପାର୍ଟି ପ୍ରାର୍ଥୀ ସଂଜୀବଙ୍କୁ ୩୬୧ ଟି ଓ କଂଗ୍ରେସ ପ୍ରାର୍ଥୀ ହିମାଂଶୁଙ୍କୁ ୪୩ ଟି ଭୋଟ, ରମଣୀଙ୍କୁ ୩ ଟି ଓ ନୋଟାରେ ୧ଟି ଭୋଟ ମିଳିଛି।

## 'ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀବାସୀଙ୍କ ପାଖରେ ମୁଁ ଚିର ଋଣୀ'



**ବଇଣ୍ଡା, ୪।୬ (ସମିସ):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡିର ନଳିନୀକାନ୍ତ ପ୍ରଧାନ ବିଜୟୀ ହେବା ପରେ ତାଙ୍କୁ ବିଭିନ୍ନ ଅଞ୍ଚଳରୁ ଶୁଭେଚ୍ଛାର ସୁଅ ଛୁଟିଛି। ବିଶେଷ କରି ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀବାସୀ ଙ୍କ ଠାରେ ମୁଁ ସଦାସର୍ବଦା ଚିର ଋଣୀ ବୋଲି ନଳିନୀ ପ୍ରଧାନ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ବିଗତ ୫ ବର୍ଷ ମଧ୍ୟରେ ମୁଁ କୌଣସି ପଦ ପଦବିରେ ନଥାଇ ସବୁ ବେଳେ ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀର ବିକାଶ କଥା ଚିନ୍ତା କରିଛି। ଅନେକ ଗ୍ରାମକୁ ନୂତନ ରାସ୍ତା ସହ ପୋଲ, ସେତୁ ନିର୍ମାଣ କରାଯାଇଛି। ସେହିପରି ବିଭିନ୍ନ ମଠ, ମନ୍ଦିର ଉନ୍ନତି କରାଯିବା ସହ ସେମାନଙ୍କର ବିଭିନ୍ନ ସମସ୍ୟା ସମାଧାନ କରାଯାଇଛି। ଲୋକଙ୍କ ସହ ଦୀର୍ଘ ୫ ବର୍ଷ ହେବ ଥିବା ବେଳେ ସେମାନଙ୍କ ସୁଖ ଦୁଃଖରେ ସାମିଲ ହୋଇଥିଲି। ଯାହା ଫଳରେ ଲୋକେ ଆମ ଦଳକୁ ଭରସା କରି ମୋତେ ଭୋଟ ଦେଇଛନ୍ତି। ସେମାନଙ୍କର ଗୋଟିଏ ଗୋଟିଏ ଭୋଟ ହିଁ ମୋତେ ବିଜୟୀ କରିଛି। ଆଗକୁ ଆଠମଲ୍ଲିକ ଉପଖଣ୍ଡରେ କିଭଳି ଚାଷୀଙ୍କ ପାଇଁ ଜଳସେଚନ ପ୍ରକଳ୍ପ ନିର୍ମାଣ ହେବା ସହ ବିଭିନ୍ନ ଗ୍ରାମ ଉନ୍ନତି ହେବ, ସେଥିପ୍ରତି ଅଧିକ ଗୁରୁତ୍ୱ ଦେବି ବୋଲି ସେ କହିଛନ୍ତି। ତାଙ୍କ ଦ୍ୱାର ସାଧାରଣ ଲୋକଙ୍କ ପାଇଁ ୨୪ ଘଣ୍ଟା ଖୋଲା ବୋଲି ସେ ପ୍ରକାଶ କରିଛନ୍ତି।

## ବଇଣ୍ଡାରେ ଭାଜପାର ବିଜୟ ଉତ୍ସବ

**ବଇଣ୍ଡା, ୪।୬ (ସମିସ):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ବଇଣ୍ଡା ଠାରେ ଭାଜପା କର୍ମୀମାନଙ୍କ ପକ୍ଷରୁ ବିଜୟ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ସାରା ଓଡ଼ିଶାରେ ଭାଜପା ଅନେକ ସିଟ୍ରେ ବିଜୟୀ ହେବା ସହ ବିଶେଷ କରି ସମ୍ବଲପୁର ଲୋକସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଜୟୀ ହୋଇଥିବା ଯୋଗୁଁ ଖୁସିର ଲହରୀ ଖେଳିଯାଇଛି। ଭାଜପା କର୍ମୀମାନେ ବାଣ ଫୁଟାଇବା ସହ ଲୋକଙ୍କୁ ମିଠା ବଣ୍ଟନ କରିଥିଲେ। ଏଥିରେ ଭାଜପା କର୍ମୀ ରାଜେନ୍ଦ୍ର ସାହୁ, ବିଷ୍ଣୁଚରଣ ସାହୁ, ଦୀପକ ବେହେରା, ଚକ୍ରଧର ବେହେରା, ସୁନିଲ ବେହେରା, ଦିନେଶ ମହାପାତ୍ର, ଦୀପକ ସାହୁ, ବଂଶୀଧର ବେହେରାଙ୍କ ସମେତ ବହୁ ଭାଜପା ନେତା ଉପସ୍ଥିତ ଥିଲେ।

## ବିଜେପି ପ୍ରାର୍ଥୀ ଅଗସ୍ତି ବେହେରା ବିଜୟୀ



**ଛେଣ୍ଡିପଦା, ୪।୬ (ସମିସ):** ମଙ୍ଗଳବାର ବିଧାନସଭା ଓ ଲୋକସଭା ନିର୍ବାଚନ ଫଳ ପ୍ରକାଶ ପାଇଛି। ଛେଣ୍ଡିପଦା ୬୨ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଫଳ ପ୍ରକାଶ ପାଇଛି। ଏଥିରେ ଭାଜପା ପ୍ରାର୍ଥୀ ଅଗସ୍ତି ବେହେରା ୧୪୮୨୩ ଭୋଟରେ ବିଜେଡି ପ୍ରାର୍ଥୀ ସୁଶାନ୍ତ କୁମାର ବେହେରାଙ୍କୁ ହରାଇ ବିଜୟୀ ହୋଇଛନ୍ତି। ଲଗାତାର ୨୦୦୦ ମସିହାରୁ ଛେଣ୍ଡିପଦାରେ ବିଜେଡି ଜିତି ଆସୁଥିବା ବେଳେ ଚଳିତ ବିଧାନସଭା ନିର୍ବାଚନରେ ଭାଜପା ପ୍ରାର୍ଥୀ ଅଗସ୍ତି ବେହେରା ବିଜୟୀ ହୋଇଛନ୍ତି। ସୁଶାନ୍ତ ୭୮୩୧୮ ଭୋଟ ପାଇଥିବା ବେଳେ ଅଗସ୍ତି ୯୩୧୪୧ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେହିପରି କଂଗ୍ରେସର ନରୋତ୍ତମ ନାଏକ ୩୬୩୯ ଭୋଟ ପାଇଛନ୍ତି।

## ୭୫୬୩ ଭୋଟରେ ବାଜିମାରିଲେ ଅଶୋକ



**ପାଲଲହଡ଼ା, ୪।୬ (ସମିସ):** ଅନୁଗୋଳ ଜିଲ୍ଲା ପାଲଲହଡ଼ା ନିର୍ବାଚନ ମଣ୍ଡଳୀରେ ବିଜେପି ପ୍ରାର୍ଥୀ ଅଶୋକ ମହାନ୍ତି ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ମୁକେଶ ପାଲଙ୍କୁ ୭୫୬୩ ଖଣ୍ଡ ଭୋଟରେ ପରାଜିତ କରି ପାଲଲହଡ଼ା ମାଟିରେ ଦୀର୍ଘ ୨୦ ବର୍ଷ ପରେ ବିଜୟ ମୁକୁଟ ପିନ୍ଧିଛନ୍ତି। ସାରା ରାଜ୍ୟରେ ବିଜେପି ଖୁସିରେ ଉତ୍ସବ ମନାଉଥିବା ବେଳେ ପାଲଲହଡ଼ା ବିଜେପି ମଧ୍ୟ ଉତ୍ସବମୁଖର ହୋଇପଡିଛି। ବିଜୟୀ ଘୋଷଣା ପରେ ଦଳ ପକ୍ଷରୁ ଅଶୋକ ମହାନ୍ତିଙ୍କୁ କର୍ମୀଙ୍କ ପକ୍ଷରୁ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ବିକାଶର ନୂଆ ଦିଗ ଦେଖିବ ବୋଲି ଶ୍ରୀଯୁକ୍ତ ମହାନ୍ତି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ।

## ଅନୁଗୋଳରେ ବିଜେପି ପ୍ରାର୍ଥୀ ପ୍ରତାପ ପ୍ରଧାନ ବିଜୟୀ



**ଅନୁଗୋଳ, ୪।୬ (ସମିସ):** ମଙ୍ଗଳବାର ବିଧାନସଭା ଓ ଲୋକସଭା ନିର୍ବାଚନ ଫଳ ପ୍ରକାଶ ପାଇଛି। ଅନୁଗୋଳ ୬୧ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଫଳ ପ୍ରକାଶ ପାଇଛି। ଏଥିରେ ବିଜେଡି ପ୍ରାର୍ଥିନୀ ସଂଯୁକ୍ତା ସିଂହଙ୍କୁ ୧୭୨୮୫ ଖଣ୍ଡ ଭୋଟରେ ପରାସ୍ତ କରି ବିଜେପି ପ୍ରାର୍ଥୀ ପ୍ରତାପ ପ୍ରଧାନ ବିଜୟୀ ହୋଇଛନ୍ତି। ଯାହା ଫଳରେ ଲଗାତାର ୨୦୦୦ ମସିହାରୁ ଅନୁଗୋଳରେ ବିଜେଡି ଜିତି ଆସୁଥିବା ବେଳେ ଚଳିତ ବିଧାନସଭା ନିର୍ବାଚନରେ ବିଜେପି ପ୍ରାର୍ଥୀ ପ୍ରତାପ ପ୍ରଧାନ ବିଜେଡି ପ୍ରାର୍ଥିନୀ ସଂଯୁକ୍ତା ସିଂହଙ୍କୁ ପରାସ୍ତ କରି ବିଜୟୀ ହୋଇଛନ୍ତି। ବିଜେପି ପ୍ରାର୍ଥୀ ପ୍ରତାପ ପ୍ରଧାନ ୮୮୪୬୯ ଭୋଟ ପାଇଥିବା ବେଳେ ବିଜେଡି ପ୍ରାର୍ଥିନୀ ସଂଯୁକ୍ତା ସିଂହ ୭୧୧୮୪ ଭୋଟ ପାଇଛନ୍ତି। ସେହିପରି କଂଗ୍ରେସର ଅମ୍ବିକା ପ୍ରସାଦ ଭଞ୍ଜ ୬୫୯୯ ପାଇଛନ୍ତି। ପରେ ବିଜେପି କର୍ମୀମାନେ ବିଭିନ୍ନ ଅଞ୍ଚଳରେ ବିଜୟ ଉସବ ପାଳନ କରିଥିଲେ। ପ୍ରତାପଙ୍କ ଏହି ବିଜୟ ପାଇଁ ତାଙ୍କୁ ଅନୁଗୋଳ ଜିଲ୍ଲା ଟ୍ରକ ମାଲିକ ସଙ୍ଘ ଉପସଭାପତି ଅମରେଶ ସ୍ୱାଇଁ, କୋଷାଧ୍ୟକ୍ଷ ରଜତ ମହାପାତ୍ର, ଆଡଭୋକେଟ ପ୍ରଦୀପ ଦେବତା, ଅନୁଗୋଳ ଓକିଲ ସଙ୍ଘର ପୂର୍ବତନ ସଭାପତି ଦିଲୀପ ଦାସ, ପୂର୍ବତନ ନଗରପାଳ ଭକ୍ତିପ୍ରସାଦ ଦାସ, ବିଜେପି ନେତା ଦୁଃଖବନ୍ଧୁ ସାହୁ, ବିଜେପି ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ଦିଲୀପ ପ୍ରଧାନ, ଉପନଗରପାଳ ଅନୁପମା ସାହୁ, କାଉନସିଲର ଶକୁନ୍ତଳା ଦାସ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

### ସାବିତ୍ରୀ ଯୋଗୁଁ ଆକାଶଛୁଆଁ ଫଳ ଦର

## ସେଓ କେଜି ୨୨୦କୁ ଡାଳିମ୍ବ ୨୫୦ ଟଙ୍କା



**ଅନୁଗୋଳ,ତାଳଚେର ସଦର, ୪।୬ (ସମିସ):** ତାଳଚେର ସହର ଓ ଏହାର ଆଖପାଖ ଅଞ୍ଚଳରେ ଅସାଧୁ ଫଳ ବେପାରୀ ଫଳର ଦରଦାମ ବଢ଼ାଇ ବେଶ୍ ମାଲେମାଲ ହେଉଛନ୍ତି। ତାଳଚେର ଅଞ୍ଚଳରେ ଏହାର ଘୋର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଆଗକୁ ସାବିତ୍ରୀ ବ୍ରତ ଆସୁଥିବାବେଳେ ଏହାକୁ ନଜରରେ ରଖି ଶିଳ୍ପ ନଗରୀ ତାଳଚେର ଅଞ୍ଚଳରେ କିଛି ଅସାଧୁ ଫଳ ବେପାରୀ ଆଜିଠାରୁ ଚଢ଼ା ଦରରେ ଫଳ ବିକ୍ରିକରିବା ଘଟଣା ପ୍ରଶାସନକୁ କିପରି ଭାବରେ ଦେଖାଯାଉନାହିଁ, ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଫଳଦର ଉଚ୍ଚା ରହିଥିଲେ ବି ତାଳଚେରରେ ସାବିତ୍ରୀ ପାଇଁ ଫଳ କିଣିବାକୁ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି। ସାବିତ୍ରୀରେ ବିଭିନ୍ନ ଫଳ ଭୋଗ ହେବାର ପରମ୍ପରାରକୁ ଦେଖି ଦୋକାନୀ କରିଛନ୍ତି ଉଚ୍ଚା ଦର। ସାବିତ୍ରୀ ପୂର୍ବରୁ ଫଳ ବଜାରରେ ନିଆଁ ଲାଗିଛି। ଆମ୍ବକୁ ଛାଡିଲେ ଦେଢ଼ସହ ପାର କରିଛି ଅନ୍ୟ ଫଳ ମୂଳର ଦର। ଓଡ଼ିଆ ସଧବା ନାରୀମାନଙ୍କର ବଡ଼ ବ୍ରତ ସାବିତ୍ରୀ। ଆଗକୁ ସାବିତ୍ରୀ ଥିବାରୁ ଫଳ ବଜାରରେ ଭିଡ଼ ଦେଖିବାକୁ ମିଳିଛି। ସାବିତ୍ରୀ ବ୍ରତ ପାଇଁ ବିଭିନ୍ନ ଫଳ ଆବଶ୍ୟକ ହେଉଥିବାରୁ ଦର ଉଚ୍ଚ ଥିଲେ ମଧ୍ୟ ବିଧି ରକ୍ଷା ପାଇଁ ଫଳ କିଣି ସନ୍ତୁଷ୍ଟ ହେଉଥିବା କହିଛନ୍ତି। ଏପଟେ ସାବିତ୍ରୀ ପାଇଁ ସବୁ ଫଳର ଚାହିଦା ରହିଥିବାରୁ ଗୋଦାମରୁ ଉଚ୍ଚା ରେଟରେ କିଣି ଉଚ୍ଚା ରେଟରେ ବିକ୍ରି କରିବାକୁ ପଡୁଛି ବୋଲି କହିଛନ୍ତି ଖୁଚୁରା ଫଳ ବ୍ୟବସାୟୀ। ଆଜି ଫଳ ବଜାରରେ ଆମ୍ବ କିଲୋ ପ୍ରତି ୧୦୦ଟଙ୍କା ଥିବା ବେଳେ ପ୍ରାୟସବୁ ଫଳ ୧୫୦ ପାର କରିଛି। ସେହିଭଳି କଦଳୀ ଡର୍ଜନ ପିଛା ୮୦ – ୧୦୦ ଟଙ୍କା ରହିଛି। ଲିଚୁକୋଳି ଦର କିଲୋ ପିଛା ୧୮୦ ଥିବା ବେଳେ ସେଓ ୨୨୦ ରହିଛି କମଳା ୧୫୦ ଡାଳିମ୍ବ କିଲୋ ୨୫୦ ସେହିଭଳି ଅଙ୍ଗୁର କିଲୋ ପ୍ରତି ୧୨୦ ରହିଥିବା ଜଣାପଡିଛି। ମାତ୍ର ୬ ତାରିଖ ପୂଜା ଦିନ ଏହିଦର ଆହୁରି ବୃଦ୍ଧିପାଇବ ବୋଲି କିଛି ଗ୍ରାହକ ପ୍ରକାଶ କରିଛନ୍ତି। ସାବିତ୍ରୀ ବ୍ରତକୁ ନଜରେ ରଖି ବଜାରରେ ଆବଶ୍ୟକ ଠାରୁ ଅଧିକ ଫଳ ବ୍ୟବସାୟୀମାନେ ରଖି ବେଶ ଉଚ୍ଚଦରରେ ବିକି ମାଲେମାଲ ହେଉଥିବା ଅଭିଯୋଗ ହେଉଛି। ତେବେ ପ୍ରଶାସନ ପକ୍ଷରୁ କାହିଁକି ଯେ ଏହି ଅସାଧୁ ବ୍ୟବସାୟଙ୍କ ଉପରେ ରୋକ୍ ଲଗାଯାଉ ନାହିଁ, ତାହା ସମସ୍ତଙ୍କୁ ଅଡୁଆରେ ପକାଇଛି।

## କନ୍ତପଡ଼ା ଉଚ୍ଚ ବିଦ୍ୟାଳୟରେ ପରିବେଶ ସମ୍ବନ୍ଧୀୟ ପ୍ରତିଯୋଗିତା




**ଅନୁଗୋଳ, ୪।୬ (ସମିସ):** ବିଶ୍ୱ ପରିବେଶ ଦିବସ ପାଳନ ଉପଲକ୍ଷେ ଗୋପିନାଥ ଜୀଉ ଉଚ୍ଚ ବିଦ୍ୟାଳୟ କନ୍ତପଡ଼ାଠାରେ ପରିବେଶ ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ପକ୍ଷରୁ ଚିତ୍ରାଙ୍କନ ଓ ଜଣା ଅଜଣା ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ବିଭସ୍ୱ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସହକାରୀ ପରିବେଶ ବିଜ୍ଞାନୀ ପ୍ରଫୁଲ କୁମାର ବେହେରା ଏବଂ ସୌମ୍ୟରଂଜନ କୁଅଁର, ପରିବେଶବିତ୍ ପ୍ରସନ୍ନ କୁମାର ବେହେରା, ସୁଶୀଲ କୁମାର ପ୍ରଧାନ, ଆଇନଜୀବୀ ଭଗବାନ ବେହେରା, ସମାଜସେବୀ ରାଜେନ୍ଦ୍ର ସାହୁ, ସୌରଚନ୍ଦ୍ର ସାହୁ ସହକାରୀ ଶିକ୍ଷକ ସୁରେଶ ଚନ୍ଦ୍ର ସାହୁ, ବନ ବିହାରୀ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶାରୀରିକ ଶିକ୍ଷା ଶିକ୍ଷକ ବିରେନ୍ କୁମାର ପ୍ରଧାନ ଜଣାଅଜଣା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀମାନେ ଦୈନନ୍ଦିନ ଜୀବନଯାପନ ଶୈଳୀରେ ପରିବେଶଧର୍ମୀ ହେବା ସହ ଚାରାରୋପଣ କରି ଯତ୍ନ ନେବାକୁ ପରାମର୍ଶ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ପରିସରର୍ ପଲଥିନ୍ ବ୍ୟବହାରରୁ ନିବୃତ୍ତ ରହିବା ପାଇଁ ଏବଂ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ନେଇ ଛାତ୍ରଛାତ୍ରୀ ମାନେ ଶପଥପାଠ କରିଥିଲେ। ନିୟୁଜ୍ ଅନୁଷ୍ଠାନର ସଂଯୋଜକ ପ୍ରିୟବ୍ରତ ବେହେରା, ବିନୟ କୁମାର ସାହୁ, ବନ ବିହାରୀ ପଣ୍ଡା, ସନ୍ତୋଷ କୁମାର ମିଶ୍ର କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ

**ବଇଣ୍ଡା, ୪।୬ (ସମିସ):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼, କୃତୀବାସପୁର, ଆମ୍ବସରମୁଣ୍ଡା, ମଇମୁରା, ପାଇକସାହି, ସାପଘର , ସାନହୁଲା, ଆଦି ପଞ୍ଚାୟତରେ କିଛି ଦିନ ହେବ ଅଘୋଷିତ ବିଦ୍ୟୁତ କାଟ ହେଉଛି। ଯାହା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। କିଛିଦିନ ହେବ ତାତି ବଢୁଥିବା ବେଳେ ବିଦ୍ୟୁତ କାଟ ବୃଦ୍ଧି ପାଇବାରେ ଲାଗିଛି। ପ୍ରତେକ ଦିନ ୧୦/୧୨ ଥର ବିନା କାରଣରେ ବିଦ୍ୟୁତ କାଟ କରାଯାଉଛି। ଏହି ଅଞ୍ଚଳକୁ ଜାମୁନାଳୀ ଗ୍ରୀଡକୋରୁ ୩୩ କେଭି ବିଦ୍ୟୁତ ଯାଇଛି। ହେଲେ ଲୋକଙ୍କୁ ସଠିକ ଭାବରେ ୨୪ ଘଣ୍ଟିଆ ବିଦ୍ୟୁତ ସେବା ମିଳୁନାହି। ଏହି ଅଞ୍ଚଳରେ ଅନେକ ସ୍ଥାନରେ ପୁରୁଣା ବିଦ୍ୟୁତ ଖୁଣ୍ଟ ସହ ପୁରୁଣା ବିଦ୍ୟୁତ ତାର ଗୁଡିକରେ ସେବା ଯୋଗାଇ ଦିଆଯାଉଛି। ବିଶେଷ କରି ଟାଟା ବିଦ୍ୟୁତ ଦାୟିତ୍ୱ ନେବା ପରଠାରୁ ଲୋକଙ୍କୁ ସେବା ଯୋଗାଇ ଦେବାରେ ବିଫଳ ହୋଇଛି। ଏହି ପଞ୍ଚାୟତଗୁଡିକର ଅନେକ ଗାଁ ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳ ଥିବା ବେଳେ ସାମାନ୍ୟ ବର୍ଷା ପବନ ହେଲେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ ହେଉଛି। ଏଥିସହ ପ୍ରତେକ ଦିନ ରାତିରେ ୪ ରୁ ୫ ଘଣ୍ଟା ହାତୀ ଯାତାୟାତ ପାଇଁ ବିଦ୍ୟୁତ କାଟ କରାଯାଉଛି। ଏ ଭଳି ବିଦ୍ୟୁତ କାଟ ଯୋଗୁଁ ଛାତ୍ରୀଛାତ୍ରମାନେ ପାଠ ପଢ଼ିପାରୁ ନଥିବା ବେଳେ ଠାକୁରଗଡ଼, ପାଇକସାହି ମେଡିକାଲରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇ ପଡୁଛି। ବିଦ୍ୟୁତ ବିଭାଗ କର୍ମଚାରୀମାନେ ବିଦ୍ୟୁତ ବିଲ ଆଦାୟ କରିବାରେ ଯେତିକି ତତ୍ପର ହେଉଛନ୍ତି, ସେବା ଯୋଗାଇ ଦେବାରେ ସେତିକି ସଫଳ ହେଉନାହାନ୍ତି। ତୁରନ୍ତ ବିଦ୍ୟୁତ କାଟ ବନ୍ଦକରିବା ପାଇଁ ସାଧାରଣରେ ଦାବି ହୋଇଛି।

### ଚିତ୍ରକୂଟ ପୋଖରୀର ପୁନରୁଦ୍ଧାର

# ୧୦ ବର୍ଷ ବିତିଲା, ମାଟି ମୁଠାଏ ଉଠିଲାନି



**ତାଳଚେର ସଦର, ୪।୬ (ସମିସ):** ତାଳଚେର ଫାଷ୍ଟଗେଟସ୍ଥିତ ଏନଟିପିସିର ସର୍ବପୁରାତନ ଚିତ୍ରକୂଟ ପୋଖରୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାମ ଭୂମିପୂଜାରେ ସୀମିତ ରହିଛି। ଦୀର୍ଘ ୧୦ ବର୍ଷ ହେଲା ଭୂମିପୂଜା ହୋଇଥିଲେ ହେଁ ଆଜି ସୁଦ୍ଧା ଏହାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇପାରିନି। କଣିହାଁସ୍ଥିତ ତାଳଚେର ସୁପର ଥର୍ମାଲ୍ ପ୍ରକଳ୍ପ ଦ୍ୱାରା ୩୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଉକ୍ତ ପୁରାତନ ପୋଖରୀର ପୁନରୁଦ୍ଧାର କରାଯିବାକୁ ନିଷ୍ପତ୍ତି ହୋଇଥିଲା। ୨୦୧୪ ମସିହା ଜାନୁୟାରୀ ୧୪ ତାରିଖରେ ତରବରିଆ ଭାବେ ଭୂମିପୂଜା କରାଯାଇଥିଲା। ତତ୍କାଳୀନ ଢେଙ୍କାନାଳ ସାଂସଦଙ୍କ ସମେତ ବିଧାୟକ, ନଗରପାଳ ଓ ଏନଟିପିସିର ତତ୍କାଳୀନ ନିର୍ବାହୀ ନିର୍ଦ୍ଦେଶକ ଭି.ବି. ପଦ୍ମଭିସଙ୍କ ଉପସ୍ଥିତିରେ ଭୂମିପୂଜା ହୋଇଥିଲା। ଭୂମିପୂଜନ ପରେ କେବଳ ଫଳକ ଲଗେଇ ଦେଇ ତା'ର ପରବର୍ତ୍ତୀ ଅବସ୍ଥାରେ ଏନଟିପିସି କିମ୍ବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ପୋଖରୀର ସୌନ୍ଦର୍ଯ୍ୟକରଣ ଓ ପୁନରୁଦ୍ଧାର କରାଯିବ ବୋଲି କେବଳ ପ୍ରତିଶ୍ରୁତି ଦିଆଯାଉଛି। ଇତିମଧ୍ୟରେ ଦୁଇଟି ନିର୍ବାଚନ ଅତିକ୍ରାନ୍ତ ହୋଇଯାଇଛି। ହେଲେ ଆଜି ସୁଦ୍ଧା କାର୍ଯ୍ୟ ଆରମ୍ଭ ହୋଇନି।ଏହି ପୋଖରୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ହେଲେ ଅଞ୍ଚଳବାସୀ ଉପକୃତ ହେବା ସହ ସହରର ସୌନ୍ଦର୍ଯ୍ୟ ବୃଦ୍ଧିରେ ସହାୟକ ହୋଇପାରନ୍ତା। ପୋଖରୀର ପୁନରୁଦ୍ଧାର କାର୍ଯ୍ୟ କେବେ ଆରମ୍ଭ ହେବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଲଗାଯାଇଥିବା ଫଳକ ଭାଙ୍ଗିରୁଜି ଯାଇଛି। ଏହାର ନିର୍ମାଣ କାର୍ଯ୍ୟ ଓ ରକ୍ଷଣାବେକ୍ଷଣ କିଏ କରିବ, ସେନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ନାହିଁ। ଏହି ପୋଖରୀର ଦଳ ସଫା ଓ ମାଟି ଉଠା ପାଇଁ ରାଜ୍ୟ ସରକାର ଓ ପୌରପାଳିକା ପକ୍ଷରୁ ପ୍ରାୟ ୭ରୁ ୮ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ବର୍ତ୍ତମାନ ପୋଖରୀରେ ଦଳ ଭର୍ତ୍ତିହେବା ସହ ମାଟିପଡ଼ି ପୋତି ହୋଇଗଲାଣି। ପୂର୍ବରୁ ପ୍ରାୟ ୩ ଏକରରୁ ଊର୍ଦ୍ଧ୍ୱ ପରିମିତ ଜାଗାରେ ରହିଥିବା ଚିତ୍ରକୂଟ ପୋଖରୀ ତାଳଚେର ପୌରାଞ୍ଚଳର ୯. ୧୦, ୧୧, ୧୩ ନମ୍ବର ୱାର୍ଡର ବସ୍ତିବାସିନ୍ଦାମାନେ ଦୈନନ୍ଦିନ କାର୍ଯ୍ୟ ପାଇଁ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିଲେ। ବର୍ତ୍ତମାନ ଏହି ପୋଖରୀ ପରିତ୍ୟକ୍ତ ଅବସ୍ଥାରେ ଥିବାରୁ ବସ୍ତିବାସିନ୍ଦାମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୋଖରୀ ଚତୁଃପାର୍ଶ୍ୱ ବନ୍ଧ ହୁଡ଼ା ଜବର ଦଖଲକାରୀଙ୍କ କବ୍ଜାରେ ରହିଥିବା ଅଭିଯୋଗ ହେଉଛି। ତୁରନ୍ତ ଚିତ୍ରକୂଟ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଏନଟିପିସି ପକ୍ଷରୁ ଆରମ୍ଭ କରାନଗଲେ ଆଗାମୀ ଦିନରେ ହାଟତୋଟା ରାସ୍ତା ଦେଇ ଯାଉଥିବା ଏନଟିପିସିର କୋଇଲା ଟ୍ରେନକୁ ଛଡ଼ାଯିବ ନାହିଁ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୫୪ • ପାଉଣ୍ଡ ୧୦୬.୮୯
- ୟୁରୋ ୯୯.୪୨ • ୟେନ୍ ୦.୫୩

**ସୁନା, ରୁପା ଦର**

୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୫,୫୦୦ (ଭୁବନେଶ୍ୱର)
- ରୁପା : ୯୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୨,୦୭୯.୦୦
- ନିଫ୍ଟି ୨୧,୮୮୧.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

# ନିର୍ବାଚନ ଫଳାଫଳ: ସେୟାର ବଜାରରେ ସୁନାମି

- ୬ ହଜାରରୁ ଅଧିକ ପଏଣ୍ଟ ଖସିଲା ସେନ୍‌ସେକ୍ସ
- ନିଫ୍ଟିରେ ୧୯୮୨ ପଏଣ୍ଟ ହ୍ରାସ
- ମହାମାରୀ ପରେ ବୃହତ୍ ଦିନିକିଆ ହ୍ରାସ
- ନିବେଶକଙ୍କର ବୁଡ଼ିଗଲା ୪୫ ଲକ୍ଷ କୋଟି
- ସେନ୍‌ସେକ୍ସ ଏବଂ ନିଫ୍ଟିରେ ପ୍ରାୟ ୧୩ ପ୍ରତିଶତ ହ୍ରାସ ରେକର୍ଡ






ମୁମ୍ବଇ,୪।୬(ଏଜେନ୍ସି)

ଆଜି ଦେଶରେ ଲୋକସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ସେୟାର ବଜାରରେ ଏକ ବୃହତ୍ ହ୍ରାସ ଦେଖିବାକୁ ମିଳିଛି। ଭୋଟ ଗଣତି ଚାଲୁ ରହିଥିବାବେଳେ ଏନ୍‌ଡିଏର ଆସନ ସଂଖ୍ୟା ୩୦୦ ତଳକୁ ଖସିଆସିବାର ସିଧାସଳଖ ପ୍ରଭାବ ସେୟାର ବଜାର ଉପରେ ପଡ଼ିଛି। ସାଧାରଣ ନିର୍ବାଚନର ଅପ୍ରତ୍ୟାଶିତ ଫଳାଫଳ ଘରୋଇ ପୁଞ୍ଜି ବଜାରରେ ନିବେଶକଙ୍କ ମଧ୍ୟରେ ଏକ ଭୟର ବାତାବରଣ ସୃଷ୍ଟି କରିଛି। ଏଥିଯୋଗୁ ୬ ହଜାର ପଏଣ୍ଟରୁ ଅଧିକ ପଏଣ୍ଟ ଖସିଛି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ସେନ୍‌ସେକ୍ସ। ତେବେ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ମଧ ୧୯୮୨ ପଏଣ୍ଟ ହ୍ରାସ ହୋଇଛି। କୋଭିଡ୍ ମହାମାରୀ ପରେ ଶେୟରେ ବଜାରରେ ଏହାକୁ ବୃହତ୍ ଦିନିକିଆ ହ୍ରାସ କୁହାଯାଉଛି। ଏଭଳି ସ୍ଥିତିରେ ଆଜି ଗୋଟିଏ ଦିନର ବଜାର କାରବାରରେ ନିବେଶକଙ୍କର ୪୫ ଲକ୍ଷ କୋଟି ଟଙ୍କା ଡୁବିଯାଇଛି। ମଙ୍ଗଳବାର କାରବାରରେ ସେନ୍‌ସେକ୍ସ ଏବଂ ନିଫ୍ଟି ପ୍ରାୟ ୧୩ ପ୍ରତିଶତ ହ୍ରାସ ରେକର୍ଡ।

ମଙ୍ଗଳବାର ୩୦ ସେୟାର ବିଶିଷ୍ଟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସରେ ୪୩୮୯.୭୩ ପଏଣ୍ଟ ବା ୫.୭୪ ପ୍ରତିଶତ ହ୍ରାସ ଘଟି ୭୨୦୭୯.୦୫ ପଏଣ୍ଟରେ କାରବାର ଶେଷ ହୋଇଥିଲା। ଦିନର କାରବାର ମଧ୍ୟରେ ଏଥିରେ ରେକର୍ଡ ୬୨୩୪.୩୫ ପଏଣ୍ଟ ବା ୮.୧୫ ପ୍ରତିଶତ ହ୍ରାସ ଘଟି ପାଖାପାଖି ୫ ମାସର ସର୍ବନିମ୍ନ ସ୍ତର ୭୦,୨୩୪.୪୩ ପଏଣ୍ଟରେ ବନ୍ଦ ହୋଇଥିଲା। ସେହିପରି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ବୃହତ୍ ୧୯୮୨.୪୫ ପଏଣ୍ଟ ବା ୮.୫୨ ପ୍ରତିଶତ ହ୍ରାସ ଘଟି ୨୧,୨୮୧.୪୫ ପଏଣ୍ଟରେ କାରବାର ବନ୍ଦ ହୋଇଥିଲା। ବିଗତ ୪ ବର୍ଷ ମଧ୍ୟରେ ଘରୋଇ ପୁଞ୍ଜିବଜାରରେ ମାତ୍ର ଗୋଟିଏ ଦିନରେ ଏହା ସବୁଠାରୁ ବଡ଼ ହ୍ରାସ। ଗତ ୬ଥର ମଧ୍ୟରେ ୨ଥର ଏପରି ହୋଇଛି, ଯେତେବେଳେ କି ନିର୍ବାଚନ ଫଳାଫଳ ଦିନ ସେୟାର ବଜାରରେ ହ୍ରାସ ଦେଖିବାକୁ ମିଳିଛି। ୨୩ ମେ' ୨୦୧୯ରେ ଭୋଟ୍ ଗଣତି ଦିନ ସେନସେକ୍ସ ୦.୭ ପ୍ରତିଶତ ହ୍ରାସ ପାଇଥିଲା। ଆଜିର କାରବାରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶେୟାର ମୂଲ୍ୟରେ ପାଖାପାଖି ୧୪ ପ୍ରତିଶତ ହ୍ରାସ ଘଟିଛି। ପାୱାର ଗ୍ରୀଡ୍‌ରେ ୧୨.୧୭ ପ୍ରତିଶତ ଏବଂ ଏଲଆଣ୍ଡଟିରେ ୧୧.୫୨ ପ୍ରତିଶତ ହ୍ରାସ ସହ ବନ୍ଦ ହୋଇଛି। ସେନସେକ୍ସ ହ୍ରାସରେ ସବୁଠାରୁ ବଡ଼ କ୍ଷତି ହୋଇଛି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର। ଏହାପଛକୁ ଏଚଡିଏଫସି ୫୨୧ ପଏଣ୍ଟ, ଆଇସିଆଇସିଆଇ ବ୍ୟାଙ୍କ ୫୦୨ ପଏଣ୍ଟ, ଏଲଆଣ୍ଡଟି ୪୩୭ ପଏଣ୍ଟ, ଷ୍ଟେଟ ବ୍ୟାଙ୍କ ୩୯୯ ପଏଣ୍ଟ ହ୍ରାସ ଘଟିଛି।

## ୫ ବର୍ଷରେ ସେମିକଣ୍ଡକ୍ଟରରେ ସୃଷ୍ଟି ହେବ ୧୦ ଲକ୍ଷ ନିଯୁକ୍ତି

**ନୂଆଦିଲ୍ଲୀ,୪।୬(ଏଜେନ୍ସି):** ସେମିକଣ୍ଡକ୍ଟର କ୍ଷେତ୍ରରେ ଆଗାମୀ ୫ ବର୍ଷରେ ଭାରତରେ ସୃଷ୍ଟି ହେବ ୧୦ ଲକ୍ଷ ନିଯୁକ୍ତି। ବର୍ତ୍ତମାନ ସମୟରେ ସାରା ବିଶ୍ୱରେ କୃତ୍ରିମ ବୁଦ୍ଧିମତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ବ୍ୟବହାର ବଢ଼ିଥିବାବେଳେ ଅତ୍ୟାଧୁନିକ ଜ୍ଞାନକୌଶଳ ବିଶିଷ୍ଟ ସେମିକଣ୍ଡକ୍ଟରର ଚାହିଦା ମଧ ବଢ଼ିବାରେ ଲାଗିଛି। ତେଣୁ ସେମିକଣ୍ଡକ୍ଟର କ୍ଷେତ୍ରରେ ଦକ୍ଷ ଶ୍ରମଶକ୍ତିର ଆବଶ୍ୟକତା ପଡୁଛି। ସେଥିପାଇଁ କେନ୍ଦ୍ର ସରକାର ଦେଶରେ ସେମିକଣ୍ଡକ୍ଟରର ବିକାଶକୁ ଗୁରୁତ୍ୱ ଦେଉଛନ୍ତି।




ଏହାକୁ ଦେଖିଲେ ଆଗାମୀ ୫ ବର୍ଷରେ ସେମିକଣ୍ଡକ୍ଟର କ୍ଷେତ୍ରରେ ଦେଶରେ ୧୦ ଲକ୍ଷ ନିଯୁକ୍ତି ସୃଷ୍ଟି କରିବ ବୋଲି ଆକଳନ କରାଯାଉଛି। ଏକ ରିପୋର୍ଟ ମୁତାବକ, ବିଶ୍ୱ ସେମିକଣ୍ଡକ୍ଟର ଟ୍ୟାଲେଣ୍ଟ କ୍ଷେତ୍ରରେ ଆମେରିକା ଓ ଚୀନ ୫୦ ପ୍ରତିଶତ ଯୋଗଦାନ ଦେଉଛନ୍ତି। ଏହା ବାଦ କାନାଡ଼ା, ଫ୍ରାନ୍ସ, ସ୍ପେନ, ଜର୍ମାନୀ, ଜାପାନ, ତାଇୱାନ ଆଦି ରାଷ୍ଟ୍ର ଏହି କ୍ଷେତ୍ରରେ ନିଜର ଉପସ୍ଥିତି ଜାହିର କରିଛନ୍ତି । ଏହି ସବୁ ଦେଶମାନଙ୍କରେ ଏହି କ୍ଷେତ୍ରରେ ୨୩ ଲକ୍ଷ ପ୍ରଫେସନାଲ କାର୍ଯ୍ୟ କରୁଛନ୍ତି। ଆସନ୍ତା ୨୦୨୬ ମସିହା ବେଳକୁ ଭାରତୀୟ ସେମିକଣ୍ଡକ୍ଟର ବଜାର ୫୫ ବିଲିୟନ ଡଲାର ଛୁଇଁବାର ସମ୍ଭାବନା ରହିଛି। ସ୍ମାର୍ଟଫୋନ, ୱେୟାରଲେସ, ଅଟୋମୋବାଇଲ, କମ୍ପ୍ୟୁଟିଂ ଓ ଡାଟା ଷ୍ଟୋରେଜ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଯୋଗୁଁ ସେମିକଣ୍ଡକ୍ଟର କ୍ଷେତ୍ରରେ ଅଭିବୃଦ୍ଧି ଘଟୁଛି। ତେବେ ବିଶ୍ୱ ବାଣିଜ୍ୟ କ୍ଷେତ୍ରରେ ଭାରତ ମାତ୍ର ୧ ପ୍ରତିଶତ ଯୋଗଦାନ ଦେଉଛି। ଘରୋଇ ବଜାରରେ ଦକ୍ଷ ପ୍ରତିଭା ରହିଥିଲେ ବି ଭାରତ ବିନିର୍ମାଣରେ ସେତେଟା ଆଗରେ ନାହିଁ । ଆଗାମୀ ୨-୩ ବର୍ଷରେ ଏହି କ୍ଷେତ୍ରରେ ଭାରତରେ ୨-୩ ଲକ୍ଷ ନିଯୁକ୍ତି ସୃଷ୍ଟି ହେବାର ସମ୍ଭାବନା ରହିଛି। ଆଗାମୀ ୫ ବର୍ଷରେ ପାଖାପାଖି ୧୦ ଲକ୍ଷ ନିଯୁକ୍ତ ସୃଷ୍ଟି ହେବ ବୋଲି ଅନୁମାନ କରାଯାଉଛି।

**ସ୍ୱତନ୍ତ୍ର କୋର୍ଟଙ୍କ ମନ୍ତବ୍ୟ**

## କେନ୍ଦ୍ରୀୟ ଏଜେନ୍ସିର ବିଫଳତା ପାଇଁ ଖସିଗଲେ ମାଲ୍ୟା, ମୋଦି, ଚୋକସି

ନୂଆଦିଲ୍ଲୀ,୪।୬(ଏଜେନ୍ସି)

ନିକଟରେ ମୁମ୍ବାଇର ଏକ ସ୍ୱତନ୍ତ୍ର ଅଦାଲତ କହିଛନ୍ତି ଯେ ବହୁ କୋଟି ଡଲାର ସ୍କାମରେ ସମ୍ପୃକ୍ତ ଥିବା ନୀରବ ମୋଦୀ, ମେହୁଲ ଚୋକସି ଏବଂ ବିଜୟ ମାଲ୍ୟା ଦେଶ ଛାଡି ପଳାଇବାରେ ସଫଳ ହୋଇଥିଲେ କାରଣ ଅନୁସନ୍ଧାନକାରୀ ସଂସ୍ଥା ସେମାନଙ୍କୁ ଠିକ୍ ସମୟରେ ଗିରଫ କରିବାରେ ବିଫଳ ହୋଇଥିଲା। ମନି ଲଣ୍ଡରିଂ ଆଇନ (ପିଏମଏଲଏ) ଅନୁଯାୟୀ ଅଭିଯୁକ୍ତଙ୍କ ଜାମିନ ସର୍ତ୍ତରେ ପରିବର୍ତ୍ତନ ଆଣିବାକୁ ଏକ ଆବେଦନ ଶୁଣାଣିବେଳେ ସ୍ୱତନ୍ତ୍ର ବିଚାରପତି ଏମଜି ଦେଶପାଣ୍ଡେ ଏହି ମନ୍ତବ୍ୟ ଦେଇଛନ୍ତି। ମେ ୨୯ରେ ଅର୍ଥ ହେରଫେର ମାମଲାରେ ଅଭିଯୁକ୍ତ ଭାୟୋମେଶ ଶାହାଙ୍କ ଆବେଦନକୁ କୋର୍ଟ ଗ୍ରହଣ କରିଥିଲେ, ଯେଉଁଥିରେ ସେ ବିଦେଶ ଯାତ୍ରା ପାଇଁ କୋର୍ଟଙ୍କ ଅନୁମତି ନେବାକୁ ଜାମିନ ସର୍ତ୍ତ ପ୍ରତ୍ୟାହାର କରିବାକୁ ଅନୁରୋଧ କରିଥିଲେ। ଏହି ପ୍ରସଙ୍ଗରେ ଏକ ବିସ୍ତୃତ ଆଦେଶ ନିକଟରେ ଉପଲବ୍ଧ କରାଯାଇଥିଲା।



ଏଥିରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଯୁକ୍ତି ଦର୍ଶାଇଥିଲା ଯେ ଶାହାଙ୍କ ଆବେଦନକୁ ଅନୁମତି ଦେବା ଦ୍ୱାରା ନୀରବ ମୋଦୀ, ବିଜୟ ମାଲ୍ୟା ଏବଂ ମେହୁଲ ଚୋକସିଙ୍କ ଭଳି ମାମଲା ସୃଷ୍ଟି ହେବ। ଅନୁସନ୍ଧାନକାରୀ ଏଜେନ୍ସିର ଯୁକ୍ତିକୁ ଖଣ୍ଡନ କରି ବିଚାରପତି କହିଛନ୍ତି ଯେ, ସେ ଏହି ଯୁକ୍ତିକୁ ବିଚାର କରିଛନ୍ତି ଏବଂ ଏହା ମନେ ରଖିବା ଆବଶ୍ୟକ ଯେ ଏହି ସମସ୍ତ ବ୍ୟକ୍ତି ଆର୍ଥିକ ଅପରାଧ ଘଟାଇ ଦେଶ ଛାଡି ବିଦେଶ ପଳାୟନ କରିଛନ୍ତି। କାରଣ ସମ୍ପୃକ୍ତ ଅନୁସନ୍ଧାନକାରୀ ସଂସ୍ଥାଗୁଡିକ ସେମାନଙ୍କୁ ଠିକ୍ ସମୟରେ ଗିରଫ କରିପାରି ନ ଥିଲେ। କୋର୍ଟ କହିଛନ୍ତି ଯେ ଶାହାଙ୍କ ମାମଲାକୁ ନୀରବ ମୋଦୀ, ବିଜୟ ମାଲ୍ୟା, ମେହୁଲ ଚୋକସି ଆଦି ମାମଲା ସହ ତୁଳନା କରାଯାଇପାରିବ ନାହିଁ। ପିଏନ୍‌ବି ଦୁର୍ନୀତି ମାମଲାରେ ହୀରା ବ୍ୟବସାୟୀ ନିରବ ମୋଦୀ ଏବଂ ତାଙ୍କ ମାମୁଁ ମେହୁଲ ଚୋକସି ମୁଖ୍ୟ ଅଭିଯୁକ୍ତ। ତାଙ୍କ ମାମୁଁ ଆଣ୍ଟିଗୁଆରେ ରହୁଥିବାବେଳେ ନିରାଭ ମୋଦୀ ବର୍ତ୍ତମାନ ବ୍ରିଟେନରେ ଜେଲ ଦଣ୍ଡ ଭୋଗୁଛନ୍ତି। ମାଲ୍ୟା ବର୍ତ୍ତମାନ ବ୍ରିଟେନରେ ଅଛନ୍ତି ଏବଂ ୯୦୦ କୋଟିରୁ ଅଧିକ ଟଙ୍କାର ଋଣ ଠକେଇ ମାମଲାରେ ମୁଖ୍ୟ ଅଭିଯୁକ୍ତ। ଯାହାର ତଦନ୍ତ ଇଡି ଏବଂ କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ (ସିବିଆଇ) ଦ୍ୱାରା କରାଯାଉଛି।

**ଗ୍ରାହକଙ୍କୁ ଜୋମାଟୋର ନିବେଦନ**

## ଖରାବେଳେ ଖାଦ୍ୟ ଅର୍ଡର କରନ୍ତୁ ନାହିଁ

ନୂଆଦିଲ୍ଲୀ,୪।୬(ଏଜେନ୍ସି)

ତୀବ୍ର ଗ୍ରୀଷ୍ମ ପ୍ରବାହକୁ ନଜରରେ ରଖି ଫୁଡ୍ ଡେଲିଭରୀ କମ୍ପାନୀ ଜୋମାଟୋ ଏହାର ଗ୍ରାହକମାନଙ୍କୁ ଏକ ଭାବ ପ୍ରବଣଭରା ନିବେଦନ କରିଛି। କମ୍ପାନୀ କହିଛି ଯେ, ଦୟାକରି ପ୍ରଚଣ୍ଡ ଖରା ସମୟରେ ଖାଦ୍ୟ ଅର୍ଡର କରନ୍ତୁନାହିଁ। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ରାସ୍ତାଘାଟରେ, ଚାଲୁ ଚାଲୁ ଲୋକଙ୍କର ଜୀବନ ଚାଲିଯାଇଛି। ତେଣୁ ନିଜ କର୍ମଚାରୀଙ୍କ ସୁରକ୍ଷା ପାଇଁ ଜମାଟୋ ଗ୍ରାହକମାନଙ୍କୁ ଏଭଳି ନିବେଦନ କରିଛି। ଅତି ଆବଶ୍ୟକ ନ ପଡ଼ିଲେ ଦ୍ୱିପ୍ରହ ସମୟରେ ଖାଦ୍ୟ ଅର୍ଡର କରନ୍ତୁ ନାହିଁ। କାରଣ ଦ୍ୱିପ୍ରହରରେ ଖାଦ୍ୟ ଅର୍ଡର କଲେ ଡେଲିଭରି କର୍ମଚାରୀଙ୍କୁ ଅର୍ଡର ଦେବା ପାଇଁ ପ୍ରବଳ ଖରାପ ଗରମର ସମ୍ମୁଖୀନ ହେବାକୁ ପଡୁଛି। ଶନିବାର ସୋସିଆଲ୍ ମିଡିଆ ସାଇଟ ଏକ୍ସରେ ଏକ ପୋଷ୍ଟ ଜରିଆରେ ଗ୍ରାହକଙ୍କୁ ଏପରି ନିବେଦନ କରିଛି ଜୋମାଟୋ।

ବର୍ତ୍ତମାନ ଦେଶରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପ୍ରବଳ ଗରମ ଯୋଗୁ ଦେଶର ବିଭିନ୍ନ ରାଜ୍ୟରେ ଲୋକେ ପ୍ରାଣ ହରାଉଛନ୍ତି। କିଛି ଲୋକ ମଧ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଜାତୀୟ ରାଜଧାନୀ ଦିଲ୍ଲୀରେ ତାପମାତ୍ରା ପାଖାପାଖି ୫୦ ଡିଗ୍ରୀ ହୋଇଛି। ଓଡ଼ିଶା ବିହାର, ରାଜସ୍ଥାନ, ଉତ୍ତର ପ୍ରଦେଶ, ଝାଡଖଣ୍ଡ ଏବଂ ଦିଲ୍ଲୀରେ ହିଟ୍ ୱେଭ୍ ଯୋଗୁ ଏକାଧିକ ଲୋକଙ୍କର ମୃତ୍ୟୁ ହୋଇଛି। ବେସରକାରୀ ଭାବେ ମୃତ୍ୟୁ ସଂଖ୍ୟା ୧୦୦ ପାର୍ ହୋଇଥିବାବେଳେ ସରକାର ଆକଳନ ଅନୁସାରେ ଏହା ୫୬କୁ ବୃଦ୍ଧି ପାଇଛି। ଏ ନେଇ ରବିବାର(ଜୁନ ୨) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୈଠକ କରି ଦେଶରେ ଗ୍ରୀଷ୍ମ ପ୍ରବାହର ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ଯେଉଁ ରାଜ୍ୟଗୁଡ଼ିକ ଅଧିକ ପ୍ରଭାବିତ ସେଠି ଉପଯୁକ୍ତ ବ୍ୟବସ୍ଥା କରିବା ସହ ସତର୍କତା ଅବଲମ୍ବନ କରିବାକୁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।




**ଭାରତରେ ମେଟାର ବଡ଼ କାର୍ଯ୍ୟାନୁଷ୍ଠାନ**

## ଫେସ୍‌ବୁକ୍-ଇନ୍‌ଷ୍ଟାଗ୍ରାମ୍‌ରୁ ୧୭ ନିୟୁତ ପୋଷ୍ଟ ହଟିଲା

ନୂଆଦିଲ୍ଲୀ,୪।୬(ଏଜେନ୍ସି)

ଭାରତରେ ପ୍ରମୁଖ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ମେଟା ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମରୁ ଲକ୍ଷ ଲକ୍ଷ ଖରାପ ପୋଷ୍ଟ ହଟାଇଦେଇଛି। ଏପ୍ରିଲ ୨୦୨୪ ପାଇଁ ଅନୁପାଳନ ରିପୋର୍ଟ ପ୍ରକାଶ କରିବାବେଳେ ମେଟା ଏହି ସୂଚନା ଦେଇଛି। ନୀତି ଉଲ୍ଲଂଘନ ହେତୁ ଫେସବୁକରେ ୧୧.୬ ମିଲିୟନ ପୋଷ୍ଟ ଡିଲିଟ କରିଛି ବୋଲି ମେଟା କହିଛି। ଏଥିସହିତ କମ୍ପାନୀ ଇନଷ୍ଟାଗ୍ରାମରୁ ୫.୪ ନିୟୁତ ପୋଷ୍ଟ ହଟାଇ ଦେଇଛି। ଏପ୍ରିଲ ମାସରେ ଫେସବୁକରେ ୧୩ ଏବଂ ଇନଷ୍ଟାଗ୍ରାମରେ ୧୨ଟି ନୀତି ଉଲ୍ଲଂଘନ ମାମଲା ରୁଜୁ ହୋଇଥିଲା। ମେଟା କହିଛି ଯେ, ଏପ୍ରିଲ ମାସରେ ଭାରତୀୟ ଅଭିଯୋଗ ମେକାନିଜିମ ମାଧ୍ୟମରେ ଫେସବୁକରେ ୧୭,୧୨୪ଟି ଅଭିଯୋଗ ଆସିଛି, ସେଥିମଧ୍ୟରୁ ୯,୯୭୭ଟି ମାମଲା ସମାଧାନ ହୋଇଛି। ସୋସିଆଲ ମିଡିଆ ପ୍ଲାଟଫର୍ମ ଆଇଟି ନିୟମ ୨୦୨୧ ଅନୁଯାୟୀ ଏପ୍ରିଲରେ ନିଆଯାଇଥିବା କାର୍ଯ୍ୟର ମାସିକ ରିପୋର୍ଟ ପ୍ରକାଶ କରିଛି।




**ଆଜିଠାରୁ ଏମ୍‌ପିସି ବୈଠକ**

## ଖୁବ୍ ଶୀଘ୍ର ଆର୍‌ବିଆଇ ନେବ ସୁଧ ହାର ନିଷ୍ପତ୍ତି

ମୁମ୍ବଇ,୪।୬(ଏଜେନ୍ସି)

ଚଳିତମାସ ୫ରେ ବସିବାକୁ ଯାଉଛି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ)ର ମୁଦ୍ରାନୀତି ସମୀକ୍ଷା (ଏମ୍‌ପିସି) ବୈଠକ। ଏହି ବୈଠକ ଜୁଡ଼ ୭ ତାରିଖ ଯାଏ ଚାଲିବ। ତେବେ ମୁଦ୍ରାସ୍ଫୀତିର ଆହ୍ୱାନ ମଧ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଆଗାମୀ ମୁଦ୍ରାନୀତି କମିଟି ବୈଠକରେ ରେପୋ ହାର ହ୍ରାସ କରିବା ଆଶା କ୍ଷୀଣ ହୋଇଛି। ଏବେ ଅର୍ଥନୀତିଜ୍ଞମାନେ ଏହି ମତ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଲୋକସଭା ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ ତୁରନ୍ତ ମୁଦ୍ରା ନୀତି କମିଟି (ଏମପିସି) ବୈଠକ ଜୁନ୍ ୫ରୁ ୭ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ବିଶେଷଜ୍ଞମାନେ କହିଛନ୍ତି ଯେ, ଅର୍ଥନୈତିକ ଅଭିବୃଦ୍ଧି ବଢୁଥିବାରୁ ଏମପିସି ସୁଧ ହାର ହ୍ରାସକୁ ଏଡାଇ ଦେଇପାରେ। ଫେବୃଆରୀ ୨୦୨୩ ଠାରୁ ରେପୋ ହାର ୬.୫ ପ୍ରତିଶତ ରହିଛି। ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏମପିସି ବୈଠକର ନିଷ୍ପତ୍ତି ଜୁନ ୭ରେ ଘୋଷଣା କରାଯିବ। ଜୁନ ୭ରେ ସୁଧ ହାରରେ କୌଣସି ପରିବର୍ତ୍ତନ କରାଯାଇ ନ ଥାଏ, ତେବେ ସୁଧ ହାର ବଜାୟ ରଖିବା ପାଇଁ ଏହା ଅଷ୍ଟମ ସୁଯୋଗ ହେବ। ବ୍ୟାଙ୍କ ଅଫ ବରୋଦାର ମୁଖ୍ୟ ଅର୍ଥନୀତିଜ୍ଞ ମଦନ ସାବନାଭିସଙ୍କ ମତାନୁସାରେ ପୂର୍ବ ନୀତି ପରଠାରୁ ଅର୍ଥନୈତିକ ସ୍ଥିତି ପ୍ରାୟତଃ ଅପରିବର୍ତ୍ତିତ ରହିଛି। ସେହିପରି ମୁଦ୍ରାସ୍ଫୀତିକୁ ନେଇ ଚିନ୍ତା ରହିଛି ଏବଂ ଗ୍ରୀଷ୍ମ ପ୍ରବାହ ପନିପରିବା ମୂଲ୍ୟ ଉପରେ ବିଶେଷ ପ୍ରଭାବ ପକାଇଛି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଇଣ୍ଡଷ୍ଟ୍ରିଆଲ ଚାମ୍ବର ଆସୋଚାମର ସଭାପତି ସଞ୍ଜୟ ନାୟାର କହିଛନ୍ତି, ଖୁଚୁରା ମୁଦ୍ରାସ୍ଫୀତି ଧାର୍ଯ୍ୟ ଲକ୍ଷ୍ୟଠାରୁ ୪% ଅଧିକ ରହିଥିବାରୁ ଆସନ୍ତା ଏମପିସି ବୈଠକରେ ରେପୋ ହାର ଅପରିବର୍ତ୍ତିତ ରହିବ ବୋଲି ଆଶା କରାଯାଉଛି। ଯଦିଓ ମୁଦ୍ରାସ୍ଫୀତି ହ୍ରାସ ପାଇବାରେ ଲାଗିଛି। ସେପ୍ଟେମ୍ବରରେ ମୌସୁମୀ ଅଧିବେଶନ ଶେଷ ହେବା ପରେ ମାକ୍ରୋ-ଅର୍ଥନୈତିକ ସ୍ଥିତି ସ୍ପଷ୍ଟ ହୋଇପାରେ। ଆଇସିଆରଏର ମୁଖ୍ୟ ଅର୍ଥନୀତିଜ୍ଞ ଅଦିତି ନାୟାର କହିଛନ୍ତି ଯେ, ସମ୍ପ୍ରତି ମୁଦ୍ରାସ୍ଫୀତି ତଥ୍ୟ ଏବଂ ଖାଦ୍ୟ ମୂଲ୍ୟର ପୂର୍ବାନୁମାନ ସୂଚାଇ ଦେଉଛି ଯଥାସ୍ଥିତି ରହିବ। ସେ କହିଛନ୍ତି ଯେ, ମୋଟ ଘରୋଇ ଉତ୍ପାଦ (ଜିଡିପି) ଆକଳନ ଏହି ତଥ୍ୟକୁ ସୁନିଶ୍ଚିତ କରିଛି।




**ରେପୋ ହାର ହ୍ରାସ ସମ୍ଭାବନା କ୍ଷୀଣ**

**ଇଏମ୍‌ଆଇ କମିବା ଆଶା କ୍ଷୀଣ**

## ଆମାଜନ୍ ଡଟ୍ ଇନ୍ ପକ୍ଷରୁ କ୍ରିଏଟର୍ ୟୁନିଭର୍ସିଟି ଓ କ୍ରିଏଟର୍ କନେକ୍ଟ ଶୁଭାରମ୍ଭ

**ନୂଆଦିଲ୍ଲୀ,୪।୬:** ଆମାଜନ ଡଟ୍ ଇନ୍ ପକ୍ଷରୁ କ୍ରିଏଟର ୟୁନିଭର୍ସିଟି ଏବଂ କ୍ରିଏଟର କନେକ୍ଟ ଶୁଭାରମ୍ଭ କରାଯାଇଛି। କ୍ରିଏଟର ୟୁନିଭର୍ସିଟି ହେଉଛି ଏକ ଶିକ୍ଷା କାର୍ଯ୍ୟକ୍ରମ ଯାହା କଣ୍ଟେଣ୍ଟ ନିର୍ମାତାଙ୍କୁ ଅର୍ଥନୈତିକ ଦୃଶ୍ୟପଟରେ ସମୃଦ୍ଧ କରିବା ପାଇଁ ଆବଶ୍ୟକ ଉପକରଣ ଏବଂ ଜ୍ଞାନ ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି କାର୍ଯ୍ୟକ୍ରମ ଉଭୟ ପ୍ରତିଷ୍ଠିତ ଏବଂ ଆଶାୟୀ କ୍ରିଏଟରମାନଙ୍କୁ ଅନ୍ତର୍ଭୁକ୍ତ କରିବ। ଏହି କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀମାନଙ୍କୁ ଆମାଜନ ବଜାରରେ ଏକ ସ୍ଥାୟୀ ବ୍ୟବସାୟ ବିକଶିତ କରିବା ପାଇଁ ମୌଳିକ ଜ୍ଞାନ ଏବଂ ବ୍ୟବହାରିକ ରଣନୀତି ପ୍ରଦାନ କରିବ। କ୍ରିଏଟର କନେକ୍ଟ ହେଉଛି ଆମାଜନରେ କ୍ରିଏଟରମାନଙ୍କ ପାଇଁ ସଂଯୋଗ, ଶିକ୍ଷଣ ଏବଂ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରସ୍ତୁତ କରାଯାଇଥିବା ଏକ କାର୍ଯ୍ୟକ୍ରମ। ଏହାର ଦୁଇଟି ଲକ୍ଷ୍ୟ ରହିଛି, ଆଗାମୀ ପ୍ରଚାର ପାଇଁ ଉତ୍ସାହ ସୃଷ୍ଟି କରିବା ଏବଂ ଆମାଜନ ଇନଫ୍ଲୁଏନ୍ସର ପ୍ରୋଗ୍ରାମକୁ ନୂତନ କ୍ରିଏଟରମାନଙ୍କୁ ଆକୃଷ୍ଟ କରିବା। କ୍ରିଏଟର କନେକ୍ଟ ପ୍ରଭାବଶାଳୀମାନଙ୍କ ନେତୃତ୍ୱରେ କର୍ମଶାଳା, ଆମାଜନ ଲିଡର ଏବଂ ପ୍ରତିଷ୍ଠିତ କ୍ରିଏଟର୍ସଙ୍କ ସହ ସାକ୍ଷାତ କରିବାର ସୁଯୋଗ, ଉତ୍ପାଦ ପ୍ରଦର୍ଶନ, ଟ୍ରେଣ୍ଡ ଆଲୋଚନା ଏବଂ ଆହୁରି ଅନେକ ପ୍ରକାରର ଭାବ ବିନିମୟ ଅନୁଭୂତି ପ୍ରଦାନ କରୁଛି। କ୍ରିଏଟର ୟୁନିଭର୍ସିଟି ଏବଂ କ୍ରିଏଟର କନେକ୍ଟ ହେଉଛିଆମାଜନରେ ବିକଶିତ ହେବା ପାଇଁ ଆବଶ୍ୟକ ଉପକରଣ ଏବଂ ଜ୍ଞାନ ସହିତ ଉଭୟପ୍ରତିଷ୍ଠିତ ଏବଂ ଆଶାୟୀ ଏହି ନିର୍ମାତାମାନଙ୍କୁ ସଶକ୍ତ କରିବାର ଆମର ଉପାୟ। ଏହିକାର୍ଯ୍ୟକ୍ରମ ମାଧ୍ୟମରେ, କ୍ରିଏଟରମାନେ ମୂଲ୍ୟବାନ ସମ୍ବଳ ହାସଲ କରିବେ, ଶିଳ୍ପ ଲିଡରଙ୍କ ସହଯୋଡ଼ି ହେବେ ଏବଂ ଆମ ପ୍ଲାଟଫର୍ମରେ ଏକ ସ୍ଥାୟୀ ବ୍ୟବସାୟ ନିର୍ମାଣ କରିବେ। ଆମେଏକ ସହଯୋଗୀ ସମୁଦାୟକୁ ପ୍ରୋତ୍ସାହିତ କରିବାକୁ ପ୍ରତିଶ୍ରୁତିବଦ୍ଧ, ଯେଉଁଠାରେନିର୍ମାତାମାନେ ପରସ୍ପରଠାରୁ ଶିଖିପାରିବେ ଏବଂ ଆମ ଗ୍ରାହକଙ୍କ ପାଇଁ ଅବଗତ କ୍ରୟ ନିଷ୍ପତ୍ତି ନେଇପାରିବେ ବୋଲି ଆମାଜନର ଇଣ୍ଡିଆ ଆଣ୍ଡ ଇମର୍ଜିଂ ମାର୍କେଟସର ସପିଂ ଏକ୍ସପିରିଏନ୍ସ ନିର୍ଦ୍ଦେଶକ କିଶୋର ଥୋଟା କହିଛନ୍ତି।

ସମ୍ପୂର୍ଣ୍ଣା

ସକାଳ THE SAKALA www.sakalaepaper.com

# ବିଶ୍ୱ ପରିବେଶ ଦିବସ

## ଗଛଟିଏ ଲଗାନ୍ତୁ



କୁହାଯାଏ ପ୍ରକୃତି ବିନା ଜୀବନ ସମ୍ଭବ ନୁହେଁ। ନିଜର ସୁଖ, ସ୍ୱାଚ୍ଛନ୍ଦ୍ୟ ପାଇଁ ପ୍ରତିମୁହୂର୍ତ୍ତରେ ମଣିଷ ପ୍ରକୃତିକୁ ଦଳି ପକାଇ ଚାଲିଛି। ପରିଣତି ସ୍ୱରୂପ ପ୍ରକୃତି ଏବେ ମଣିଷ ଉପରେ ଦାଉ ସାଧିବା ଆରମ୍ଭ କରିଛି। ତଥାପି ମଣିଷର ଚେତା ପଶୁନାହିଁ। ଏଭଳି ସ୍ଥିତିରେ ପ୍ରକୃତିର ସୁରକ୍ଷା ସହିତ ସାରା ଜୀବଜଗତ ପାଇଁ ଏକ ସୁସ୍ଥ ପରିବେଶ ବଜାୟ ରଖିବାକୁ ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ଭାବେ ପାଳନ କରାଯାଉଛି। ବିଶ୍ୱ ସ୍ତରରେ ପରିବେଶ ପ୍ରତି ରାଜନୈତିକ ତଥା ସାମାଜିକ ଜାଗରଣ ସୃଷ୍ଟି କରିବା ନିମନ୍ତେ ବିଶ୍ୱ ପରିବେଶ ଦିବସ ପାଳନ କରିବା ପାଇଁ ମିଳିତ ଜାତିସଂଘ ୧୯୭୨ ମସିହାରେ ଘୋଷଣା କରିଥିଲା। ମିଳିତ ଜାତିସଂଘର ସାଧାରଣ ସଭା ଦ୍ୱାରା ୧୯୭୨ ମସିହା ଜୁନ୍ ୫ ତାରିଖରୁ ଜୁନ୍ ୧୬ ଯାଏଁ ଆୟୋଜିତ ବିଶ୍ୱ ପରିବେଶ ସମ୍ମିଳନୀରେ ଆଲୋଚନା ପରେ ଏହା ଘୋଷଣା କରାଯାଇ ଥିଲା। ୧୯୭୪ ମସିହା ଜୁନ୍ ୫ ତାରିଖରେ ପ୍ରଥମ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା। ପରିବେଶ ପ୍ରତି ସଚେତନତା ସୃଷ୍ଟି କରିବା ଓ ପରିବେଶ ସୁସ୍ଥ ରହିଲେ ହିଁ କିପରି ଏ ଜୀବଜଗତ ତିଷ୍ଠି ରହିବ, ସେଥିପ୍ରତି ଲୋକଙ୍କୁ ସଚେତନ କରାଇବା ଆଶାରେ ଏହି ଦିବସଟିକୁ ବିଶ୍ୱ ପରିବେଶ ଦିବସ ରୂପେ ପ୍ରତିବର୍ଷ ପାଳନ କରାଯାଏ। ବିଶ୍ୱର ପ୍ରାୟ ୧୪୩ଟି ରାଷ୍ଟ୍ରରେ ଏହି ଦିବସ ପାଳନ କରାଯାଇଥାଏ। ମଣିଷ ନିଜର ଉନ୍ନତି କରୁକରୁ ନିଜ ଅଜାଣତରେ ପରିବେଶ ପ୍ରତି ଅନେକ ଅନ୍ୟାୟ କରିଛି। ଗଛ କାଟିବା, କଳକାରଖାନାରୁ ନିର୍ଗତ ଧୂଆଁ ଓ ଯାନବାହନର ବହୁଳ ବ୍ୟବହାର ଯୋଗୁଁ ପରିବେଶ ପ୍ରଦୂଷଣ ବହୁମାତ୍ରାରେ ବଢ଼ିଛି।

ସେହିପରି ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ହିଁ ପରିବେଶ ପ୍ରଦୂଷଣ ଅନ୍ୟ ଏକ କାରଣ ହୋଇ ଛିଡ଼ାହୋଇଛି। ମୁଖ୍ୟତଃ ବଞ୍ଚିବାକୁ ହେଲେ ନିର୍ମଳ ବାୟୁ, ସ୍ୱଚ୍ଛ ଜଳ ଏବଂ ବୃକ୍ଷର ଆବଶ୍ୟକତା ନିହାତି ଜରୁରୀ। ମଣିଷ ଯଦି ନିଜ ପରିବେଶକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବାକୁ ଯଥାସାଧ ପ୍ରଯତ୍ନ କରେ, ତେବେ ପ୍ରକୃତିରାଣୀ ହସିଉଠିବ। ଅନ୍ୟଥା ଏହା ମଣିଷର ପ୍ରତିଟି ପରିବେଶ ପ୍ରତିକୂଳ ପଦକ୍ଷେପର ହିସାବ ନେବ ଏବଂ ପ୍ରତିକ୍ରିୟା ପ୍ରକାଶ କରିବ । ଏ ପ୍ରତିକ୍ରିୟା ସାମାନ୍ୟ ନୁହେଁ, ବରଂ ଅତ୍ୟନ୍ତ ଭୟଙ୍କର ହେବ, ଯାହା ଜଳବାୟୁ ପରିବର୍ତ୍ତନକୁ ଅସ୍ୱାଭାବିକତା ଭାବେ ବିକୃତ କରିପକାଇବ । ପରିଶେଷରେ ଏହା ବନ୍ୟା, ବାତ୍ୟା, ଭୂମିକମ୍ପ, ମରୁଡ଼ି, ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଭଳି ମାନବ ବିଧ୍ୱଂସକାରୀ ଘଟଣାକୁ ବହୁଗୁଣିତ କରିଦେବ। ବିଶ୍ୱ ପରିବେଶ ଦିବସରେ ଆମେ ଏ ଦିଗଗୁଡ଼ିକୁ ଆଉଥରେ ବିଚାର କରି ପ୍ରକୃତି ଓ ପରିବେଶ ସୁରକ୍ଷିତ ରଖିବା ପାଇଁ ବଦ୍ଧପରିକର ହେବା ଜରୁରୀ ।

# ବ୍ରେକ୍‌ଅପ୍ ଖବରକୁ ଗୁଜବ କହିଲେ ମଲାଇକାଙ୍କ ମ୍ୟାନେଜର୍



ବଲିଉଡ୍ ଅଭିନେତ୍ରୀ ମଲାଇକା ଅରୋରା ଏବଂ ଅଭିନେତା ଅର୍ଜୁନ କପୁରଙ୍କ ସମ୍ପର୍କକୁ ନେଇ ପ୍ରାୟତଃ ଚର୍ଚ୍ଚା ହୋଇଥାଏ। ପ୍ରଥମେ ପ୍ରଥମେ ଉଭୟ ସମ୍ପର୍କକୁ ନେଇ ଚୁପ୍ ରହୁଥିବା ବେଳେ ଏବେ ଉଭୟ ଏବାବଦରେ ଅନେକ ସମୟରେ ନିଜ ମତ ରଖୁଥିବା ଦେଖାଯାଉଛି। କେବଳ ସେତିକି ନୁହେଁ ଉଭୟଙ୍କୁ କେତେବେଳେ ବିଦେଶରେ ଛୁଟି କାଟୁଥିବାର ତ କେତେବେଳେ ବଲିଉଡ୍‌ରେ ପାର୍ଟି କରୁଥିବାର ଦେଖାଯାଇଛି। ନିକଟରେ ଉଭୟଙ୍କର ବ୍ରେକ୍‌ଅପ୍ ଖବର ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାରେ ଲାଗିଥିଲା। ଇତିମଧ୍ୟରେ ମଲାଇକାଙ୍କ ମ୍ୟାନେଜର୍ ଏସମ୍ପର୍କରେ ଗଣମାଧ୍ୟମରେ ମତ ରଖିଛନ୍ତି। ଏସବୁ କେବଳ ଗୁଜବ ବୋଲି ସେ କହିଛନ୍ତି। ଏଥିରୁ ଉଭୟଙ୍କ ମଧ୍ୟରେ ସମ୍ପର୍କ ଭଲ ଅଛି ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି। ତେବେ ଏହା ପୂର୍ବରୁ ମଧ୍ୟ ଅନେକ ଥର ମଲାଇକା ଓ ଅର୍ଜୁନ୍‌ଙ୍କ ବ୍ରେକ୍‌ଅପ୍ ଖବର ବେଶ୍ ଭାଇରାଲ ହୋଇଛି।

# ଏସିରୁ ହୋଇପାରେ ହୃଦ୍‌ରୋଗ



ଆଜିକାଲି ଅଫିସ୍, ଘର, ମଲ୍ ଆଦିରେ ଏୟାର୍ କଣ୍ଡିସନର ସୁବିଧା ଲୋକଙ୍କୁ ମିଳୁଛି। ଏବେ ଯେମିତି ପ୍ରବଳ ଗରମ ଅନୁଭୂତ ହେଉଛି ଲୋକେ ଏସି ଘରୁ ବାହାରିବାକୁ ଚାହୁଁ ନାହାନ୍ତି। ତା'ସହ ଅଫିସ୍‌ରେ ଲୋକଙ୍କୁ ନିତିଦିନ ଏସିରେ ଦୀର୍ଘ ସମୟ ବସି ରହି କାମ କରିବାକୁ ପଡ଼ିଥାଏ। ତେବେ ଏସି କିନ୍ତୁ ଶରୀର ପାଇଁ ଭଲ ନୁହେଁ। ଏସିରେ ଘଣ୍ଟାଏ ବସି ରହିବା ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସାମ୍ନା କରିବାକୁ ପଡ଼ିଥାଏ। ବିଏମ୍‌ସି ପବ୍ଲିକ୍ ହେଲ୍‌ଥରେ ପ୍ରକାଶିତ ଏକ ଆଲେଖ୍ୟରୁ ଜଣାପଡ଼ିଛି ଯେ, ଏୟାର୍ କଣ୍ଡିସନର ଶରୀର ଉପରେ ପ୍ରଭାବ ପକାଇଥାଏ। ଏହାଦ୍ୱାରା ହୃଦ୍ ଏବଂ କିଡ୍‌ନୀ ଜନିତ ରୋଗ ହୋଇପାରେ। ଏହାବାଦ୍ ଶ୍ୱାସକ୍ରିୟାରେ ସମସ୍ୟା ଭୋଗିବାକୁ ପଡ଼ିଥାଏ। କେବଳ ସେତିକି ନୁହେଁ, ଶ୍ୱାସନଳୀରେ ଯନ୍ତ୍ରଣା ଏବଂ ସଂକ୍ରମଣ ଆଶଙ୍କା ଅଧିକ ଅଛି।

ସେହିପରି ଏସିରେ ଅଧିକ ସମୟ ବସି ରହିବା ଦ୍ୱାରା ତ୍ୱଚା ଶୁଷ୍କ ହୋଇଥାଏ। ଏପରିକି ତ୍ୱଚାର ଆର୍ଦ୍ରତା ହ୍ରାସ ପାଏ। ବେଶି ସମୟ ଏସିରେ ବସି ରହିଲେ ମୁଣ୍ଡବିନ୍ଧା, ଅସ୍ଥିରେ ଯନ୍ତ୍ରଣା ଆରମ୍ଭ ହୋଇଥାଏ। ଏହାବାଦ୍ ଥଣ୍ଡା ଘରୁ ପଦାକୁ ବାହାରିଲେ ଥଣ୍ଡା-ଜ୍ୱର ବି ହୋଇଥାଏ। ତେବେ ଅଧିକ ସମୟ ଏସିରେ ରହିବା ଦ୍ୱାରା ଡିହାଇଡ୍ରେସନ, ଆଲର୍ଜି, ଆଜମା ସମସ୍ୟା ମଧ୍ୟ ଦେଖା ଦେଇପାରେ।

## ଆଜିର ଇତିହାସ

- ୧୬୫୯ - ମୋଗଲ ସମ୍ରାଟ୍ ଔରଙ୍ଗଜେବ ଦିଲ୍ଲୀ ସିଂହାସନ ଆରୋହଣ କଲେ।
- ୧୯୧୨- ଆମେରିକା ନୌସେନା କ୍ୟୁବା ଉପରେ ତୃତୀୟ ଥର ପାଇଁ ଆକ୍ରମଣ କଲା।
- ୧୯୬୭ - ଇସ୍ରାଏଲ ମିଶର ଉପରେ ଆକ୍ରମଣ କରି ୪୦୦ ବିମାନ ନଷ୍ଟ କରିଦେଲା।
- ୧୯୮୯ - 'ତ୍ରିଶୂଳ' ମିସାଇଲ୍‌ର ସଫଳ ପରୀକ୍ଷଣ।
- ୨୦୦୫- ତାଇୱାନ୍ ତା'ର ପ୍ରଥମ କ୍ରୁଜ୍ ମିସାଇଲ୍‌ର ସଫଳ ପରୀକ୍ଷା କଲା।
- ୨୦୧୩- ନୱାଜ୍ ସରିଫ୍ ପାକିସ୍ତାନର ପ୍ରଧାନମନ୍ତ୍ରୀ ହେଲେ।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଆର୍ଥିକ ମାମଲାରେ ଉନ୍ନତି ହେବ। ଅଫିସ୍‌ରେ କର୍ମଚାରୀଙ୍କ ସହଯୋଗ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପରିବାରରେ ସୁଖଶାନ୍ତି ଲାଗି ରହିବ।

**ବୃଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ମିଳିବ। ମାନ ସମ୍ମାନ ବୃଦ୍ଧି ପାଇବ। ଆର୍ଥିକ ମାମଲା ପାଇଁ ଦିନଟି ଭଲ। ସତ କହି ହଇରାଣରେ ପଡ଼ିପାରନ୍ତି। ବନ୍ଧୁଙ୍କ ସହ ସାକ୍ଷତ ହେବ।

**ମିଥୁନ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ମହିଳାମାନଙ୍କୁ କାମ ଚାପ ରହିବ। କୋର୍ଟ କଚେରୀ ମାମଲାରେ ସଫଳ ହୋଇପାରନ୍ତି। ଆଧ୍ୟାତ୍ମିକ ପରିବେଶରେ ଯୋଗଦେବେ। ମାନ ସମ୍ମାନ ବୃଦ୍ଧି ପାଇବ।

**କର୍କଟ:** ଧନବୃଦ୍ଧି ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ନୂତନ ଦାୟିତ୍ୱ ପାଇପାରନ୍ତି। ପ୍ରେମ ବ୍ୟାପାରରେ ସଫଳ ହେବେ। ଜୀବନରେ ସୁଖ-ସମୃଦ୍ଧି ବୃଦ୍ଧି ପାଇବ। ଆର୍ଥିକ ସ୍ଥିତି ଠିକ୍ ରହିବ।

**ସିଂହ:** ନୂତନ ଯାନବାହନ କ୍ରୟ ଯୋଗ ରହିଛି। ଗୁରୁଜନଙ୍କ ଆଶୀର୍ବାଦ ମିଳିବ। ଖୁସି ଖବର ପାଇପାରନ୍ତି। ଛାତ୍ରଛାତ୍ରୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ।

**କନ୍ୟା:** ସମସ୍ୟାରେ ପଡ଼ିପାରନ୍ତି। ସତର୍କତା ସହିତ କାମ କରନ୍ତୁ। ଅଧିକ ଚିନ୍ତା କରନ୍ତୁନି। ଦୀର୍ଘ ଦିନରୁ ଅପେକ୍ଷା କରିଥିବା ଖବର ପାଇ ଖୁସି ହେବେ। ପୂଜାର୍ଚ୍ଚନା କରନ୍ତୁ।

**ତୁଳା:** ପରିଶ୍ରମର ଫଳ ମିଳିବ। ଶିକ୍ଷାକ୍ଷେତ୍ରରେ ଯଶସ୍ୱୀ ହେବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିବ। ଯାନବାହନ ଚଳାଚଳ ସମୟରେ ସତର୍କ ରୁହନ୍ତୁ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ବିଛା:** ଅଯଥା ଯୁକ୍ତି କରନ୍ତୁନି। ପତ୍ନୀଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟରେ କ୍ଷତି ସହିବେ। ଖର୍ଚ୍ଚ ବଢ଼ିବ। ପିଲାମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ।

**ଧନୁ:** କୌଣସି କଥାକୁ ନେଇ ଚିନ୍ତା କରିବେ। ପରିବାରଲୋକଙ୍କ ସହଯୋଗ ମିଳିବ। ବନ୍ଧୁଙ୍କୁ ଉପହାର ପ୍ରଦାନ କରିବେ। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ। ଅତିଥି ସତ୍କାର କରିପାରନ୍ତି।

**ମକର:** ଆଳସ୍ୟତା ଅନୁଭବ କରିପାରନ୍ତି। ମନରେ ନକାରାତ୍ମକ ଚିନ୍ତା ଆସିପାରେ। ବ୍ୟବସାୟରେ ସମସ୍ୟା ଉପୁଜିପାରେ। ଚିଡ଼ିଚିଡ଼ାପଣ ଦେଖାଦେବ। ସାମାଜିକ କାର୍ଯ୍ୟରେ ସମୟ ବିତାଇବେ।

**କୁମ୍ଭ:** କର୍ମକ୍ଷେତ୍ରରେ କଠିନ ପରିସ୍ଥିତି ଦେଇ ଗତି କରିବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। ବିଦ୍ୟାର୍ଥୀମାନେ ପଢ଼ାମନସ୍କ ହେବେ। ଉଧାର ମାଗିପାରନ୍ତି।

**ମୀନ:** ଆୟ-ବ୍ୟୟ ସମାନ ରହିବ। କର୍ମକ୍ଷେତ୍ରରେ କାମଚାପ ବଢ଼ିବ। ପରିବାରରେ ସୁଖସମୃଦ୍ଧି ବୃଦ୍ଧି ପାଇବ । ଶିକ୍ଷାକ୍ଷେତ୍ରରେ ସଫଳ ହେବେ। ବହୁ ଦିନରୁ ଅଟକି ଥିବା କାର୍ଯ୍ୟ ପୂରା କରିବେ।

# ଅଫିସ୍ କାମ ଏମିତି ହେବ ସହଜ



**ଅନେକ ସମୟରେ କର୍ମଚାରୀମାନେ ଅଫିସ୍ କାମ କିଭଳି ସହଜ ଏବଂ ବ୍ୟବସ୍ଥିତ ଢ଼ଙ୍ଗରେ ହେବ, ତା'କୁ ନେଇ ଚିନ୍ତାରେ ରହନ୍ତି। ତେବେ କାମକୁ ସହଜ କରିବା ସହ ଏଥିରେ ଉନ୍ନତି ଆଣିବାକୁ ଚାହୁଁଥିଲେ, ନିମ୍ନ ପ୍ରଦତ୍ତ କିଛି ଅଭ୍ୟାସକୁ ଆପଣାଇବା ଉଚିତ।**

- ଗୋଟିଏ ସମୟରେ ଅଧିକ କାମ କରିବାର ଅଭ୍ୟାସକୁ ଆପଣାନ୍ତୁ।
- ବିରକ୍ତିଜନକ ପରିସ୍ଥିତି ସହ ଅଭ୍ୟସ୍ତ ହୋଇଯିବା ପରେ କାମ ବିରକ୍ତିକର ଲାଗେ ନାହିଁ।
- ଏକାକୀ କିମ୍ବା ଅନ୍ୟମାନଙ୍କ ସହ ମିଶି କାମ କରିବାକୁ ଭଲ ଲାଗେ କି ନାହିଁ, ପ୍ରଥମେ ସେ ସମ୍ପର୍କରେ ଜାଣନ୍ତୁ।
- ଯେଉଁ କାର୍ଯ୍ୟ ଦ୍ୱାରା ଧ୍ୟାନ ଭଙ୍ଗ ହେଉଛି, ସେ ଦିଗରେ ଗୁରୁତ୍ୱ ଦିଅନ୍ତୁ।
- କୌଣସି କାମକୁ ବିଭିନ୍ନ ଭାଗରେ ବାଣ୍ଟି, ସେହି ହିସାବରେ କରନ୍ତୁ। ଏପରି କରିବା ଦ୍ୱାରା କାମ ସହଜ ହୁଏ।
- ଲଗାତାର କାମ ନ କରି, ମଝିରେ ମଝିରେ କାମରୁ ବ୍ରେକ୍ ନିଅନ୍ତୁ।
- ଗୁରୁତ୍ୱପୂର୍ଣ୍ଣ କାମର ନିର୍ଣ୍ଣୟ ପ୍ରଥମେ ନିଅନ୍ତୁ।
- କେବଳ ନିଜ ଭୁଲ୍ ନୁହେଁ, ବରଂ ନିଜ ସଫଳତାରୁ ଶିକ୍ଷା ଲାଭ କରନ୍ତୁ।

# ଚୁଇଙ୍ଗମ୍ ଖାଇ ପଢ଼ିବା କେତେ ଭଲ



ଯୁବପିଢ଼ିଙ୍କଠାରେ ଚୁଇଙ୍ଗମ୍ ଖାଇବା ଏକ ଟ୍ରେଣ୍ଡ ପାଲଟିଛି। ସ୍କୁଲ, ବସ୍, କଲେଜ୍, ଯାତ୍ରା ଆଦି ସମୟରେ ମୁଖ୍ୟତଃ ଯୁବପିଢ଼ିମାନେ ଚୁଇଙ୍ଗମ୍ ଚୋବାଇକୁ ପସନ୍ଦ କରନ୍ତି। ତେବେ ଚୁଇଙ୍ଗମ୍ ଖାଇ ବା ଚୋବାଇ ପଢ଼ିବା ଦ୍ୱାରା ପାଠ ଭଲ ହୋଇଥାଏ। ଏକଥା ଏକ ଅଧ୍ୟୟନରୁ ଜଣାପଡ଼ିଛି। ସେଣ୍ଟ ଲରେନ୍ସ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀ ପ୍ରଫେସର ସର୍ଜ ଓନିପର ଏହି ଗବେଷଣା କରିଥିଲେ। ଏଥିରୁ ଦେଖାଯାଇଥିଲା, ଯେଉଁ ଛାତ୍ର ପରୀକ୍ଷା ଦେବା ପୂର୍ବରୁ ପାଞ୍ଚ ମିନିଟ୍ ପର୍ଯ୍ୟନ୍ତ ଚୁଇଙ୍ଗମ୍ ଚୋବାଇ ଥିଲେ, ସେମାନେ ଚୁଇଙ୍ଗମ୍ ଖାଇ ନ ଥିବା ଛାତ୍ରଙ୍କ ତୁଳନାରେ ପରୀକ୍ଷାରେ ଭଲ ପ୍ରଦର୍ଶନ କରିଥିଲେ। ତେବେ ଚୁଇଙ୍ଗମ୍ ଚୋବାଇବା ଦ୍ୱାରା ମସ୍ତିଷ୍କରେ ରକ୍ତ ପ୍ରବାହ ବୃଦ୍ଧି ପାଏ । ଯାହାକି ମସ୍ତିଷ୍କକୁ ଗରମ ରଖିବାରେ ସାହାଯ୍ୟ କରେ। ଏହି ଛୋଟ ପ୍ରଭାବ ପରୀକ୍ଷଣ ପୂର୍ବର ୨୦ ମିନିଟ୍ ବା ତା'ଠୁ ଅଧିକ ସମୟ ରହେ। ଏହା ଦୀର୍ଘ ସମୟ ପର୍ଯ୍ୟନ୍ତ ରହି ନ ଥାଏ। ଚୁଇଙ୍ଗମ୍‌ର ଅନେକ ଉପକାରିତା ଅଛି।

# ସମ୍ଭାବନା



## ଗେଟ୍ ପରୀକ୍ଷାରେ ଅସଫଳ ଛାତ୍ରଙ୍କ ପାଇଁ କ୍ୟାରିୟର୍ ବିକଳ୍ପ

**ଗେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଆଦୌ ସହଜ ନୁହେଁ। ଏଥିରେ ପାସ୍ ବିଦ୍ୟାର୍ଥୀଙ୍କ ପାଇଁ ଯଦିଓ ଅନେକ ସୁବିଧା ରହିଛି, ତଥାପି ଅଫସଳ ଛାତ୍ରଛାତ୍ରୀଙ୍କ ପାଇଁ କ୍ୟାରିୟର ବିକଳ୍ପର ଅଭାବ ନାହିଁ। ବିଦ୍ୟାର୍ଥୀ ନିରାଶ ନ ହୋଇ ନିମ୍ନ ପ୍ରଦତ୍ତ କ୍ୟାରିୟର ବିକଳ୍ପକୁ ଆପଣାଇପାରିବେ।**

- ଗେଟ୍ ପରୀକ୍ଷା ପାସ୍ ନ କରି ମଧ୍ୟ ଏମ୍‌ଟେକ୍ ପାଠ୍ୟକ୍ରମ କରିପାରିବେ।
- ଛାତ୍ରଛାତ୍ରୀ ବିଦେଶରେ ପଢ଼ିବା ପାଇଁ ଚିନ୍ତା କରିପାରିବେ। ଜର୍ମାନୀ, ସିଙ୍ଗାପୁର, କାନାଡ଼ାର ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ମାଷ୍ଟର୍ ଅଫ୍ ସାଇନ୍ସ (ଏମ୍‌ଏସ୍) ଡିଗ୍ରୀ ହାସଲ କରିପାରିବେ। ଭାରତ ସରକାର ମଧ୍ୟ ବିଦେଶରେ ଉଚ୍ଚ ଅଧ୍ୟୟନ ପାଇଁ ଅନେକ ସ୍କଲାରସିପ୍ ଯୋଜନାକୁ ପରିଚାଳିତ କରୁଛନ୍ତି। କମ୍ ଖର୍ଚ୍ଚରେ ଏହାର ଲାଭ ଉଠାଇ ବିଦେଶରେ ପଢ଼ିପାରିବେ।
- ନିଜସ୍ୱ ଷ୍ଟାର୍ଟଅପ୍ କରିବା ନେଇ ଚିନ୍ତା କରିପାରିବେ। ଏନେଇ ଭାରତ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ମଧ୍ୟ ମିଳୁଛି।
- ପରୀକ୍ଷାରେ ଅସଫଳତାକୁ ନେଇ ନିରାଶ ହେବା ଅନୁଚିତ। ନିଜର କୌଶଳ ବିକାଶ ଉପରେ ଦୃଷ୍ଟି ଦେଇ ଫ୍ରିଲାନ୍ସିଂ ଅବସର ଉପରେ ଗୁରୁତ୍ୱ ଦିଅନ୍ତୁ।



# ୟୁଟ୍ୟୁବ୍‌ରୁ ବଦଳିଲା ଭାଗ୍ୟ

**ଆଜିର ସମୟରେ ଝାଡ଼ଖଣ୍ଡର ମନୋଜ ଦେଙ୍କ ପରିଚୟ ଦେବାର ଆବଶ୍ୟକତା ନାହିଁ। ସେ ଜଣେ ସଫଳ ୟୁଟ୍ୟୁବ୍‌ର। ତେବେ ତାଙ୍କ ସଫଳତାର ଯାତ୍ରା ଆଦୌ ସହଜ ନ ଥିଲା। ଏକଦା ତାଙ୍କର ତିନିଟି ୟୁଟ୍ୟୁବ୍ ଚ୍ୟାନେଲ୍ ବିଫଳ ହୋଇଥିଲା। ଫଳରେ ସେ ନିରାଶ ହୋଇଯାଇଥିଲେ, କିନ୍ତୁ ହାର୍ ମାନି ନ ଥିଲେ। ଦୃଢ଼ ଇଚ୍ଛାଶକ୍ତି ଏବଂ ମନୋବଳ ହିଁ ତାଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇଛି। ଏବେ ମନୋଜ ତାଙ୍କ ପରି ଅନ୍ୟ ଯୁବିପିଢ଼ିଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।**



ମନୋଜଙ୍କ ଜନ୍ମ ଝାଡ଼ଖଣ୍ଡ ଧନବାଦ ଜିଲ୍ଲାର ଗୋଟିଏ ଗରିବ ପରିବାରରେ ହୋଇଥିଲା। ତାଙ୍କ ବାପା ସାଇକଲ ମରାମତି କାମ କରି ଘର ଚଳାଉ ଥିଲେ। ଏଥିରୁ ଯାହା କିଛି ରୋଜଗାର ହୁଏ ସେଥିରେ ତାଙ୍କ ୬ ପ୍ରାଣୀ ଚଳନ୍ତି। ଗାଁ ସରକାରୀ ଉଚ୍ଚବିଦ୍ୟାଳୟରେ ମନୋଜ ପଢ଼ିଥିବା ବେଳେ ଆଇଟିଆଇ କରିଛନ୍ତି। ପ୍ରଥମେ ସେ ଗୁଜରାଟର ଏକ ଫ୍ୟାକ୍ଟ୍ରିରେ କାମ କଲେ। ସେଠାରେ କିଛିଦିନ କାମ କରିବା ପରେ ମନୋଜ ଝାଡଖଣ୍ଡ ଫେରିଲେ। ଏଠାରେ ସେ ସାଇବର କାଫେରେ କାମ କରିବା ସହ ପିଲାଙ୍କୁ ଟ୍ୟୁସନ କଲେ। କାଫେରେ କାମ କରିବା ସମୟରେ ୟୁଟ୍ୟୁବ୍‌ରୁ ରୋଜଗାର ହେଉଥିବା ଜାଣିଲେ। ସେଇଠୁ ସେ ୟୁଟ୍ୟୁବ୍‌ରୁ ନିଜେ ରୋଜଗାର କରିବା କଥା ଚିନ୍ତା କଲେ।

ତେବେ ପ୍ରାରମ୍ଭିକ ପର୍ଯ୍ୟାୟରେ ଏନେଇ ତାଙ୍କୁ ବହୁ ସମସ୍ୟାର ସାମ୍ନା କରିବାକୁ ପଡ଼ିଥିଲା। ପ୍ରଥମେ ତାଙ୍କର ତିନିଟି ୟୁଟ୍ୟୁବ୍ ଚ୍ୟାନେଲ ଚାଲି ନ ଥିଲା। ସମ୍ପୂର୍ଣ୍ଣ ଭାବେ ସେଥିରେ ସେ ଅସଫଳ ହୋଇଥିଲେ। ବିଶେଷକରି ତାଙ୍କର ସିଙ୍ଗିଙ୍ଗ୍ ଓ କମେଡି ଚ୍ୟାନେଲ ଚାଲି ନ ଥିଲା। ସେହିପରି ଟେକ୍ ଚ୍ୟାନେଲରୁ ୮୦ ଡଲାର ରୋଜଗାର କରିଥିଲେ ବି ଆକାଉଣ୍ଟଟି ଡିସେବଲ ହୋଇଗଲା। ଅବଶ୍ୟ ମନୋଜଙ୍କୁ ଚ୍ୟାନେଲ ସମ୍ପର୍କିତ ନୀତି ପ୍ରଥମେ ଜଣା ନ ଥିଲା। ସେଥିପାଇଁ ସେ ସମ୍ପୂର୍ଣ୍ଣ ଭାବେ ୟୁଟ୍ୟୁବ୍‌କୁ ନେଇ ନିରାଶ ହୋଇଥିଲେ। ଶେଷରେ ସେ 'ମନୋଜ ଦେ' ନିଜ ନାଁରେ ୟୁଟ୍ୟୁବ୍ ଚ୍ୟାନେଲ ଖୋଲିଲେ। ତାଙ୍କ କ୍ରିଏଟିଭ୍ କଣ୍ଟେଣ୍ଟ୍ ଲୋକଙ୍କୁ ପସନ୍ଦ ଆସିଲା। ମୁଖ୍ୟତଃ ସେ ତାଙ୍କ ଜୀବନଶୈଳୀକୁ ଦେଖାଇଲେ। ତେବେ ୟୁଟ୍ୟୁବ୍‌ରେ ତାଙ୍କ ଚ୍ୟାନେଲ ମନିଟାଇଜେସନ ଯେତେବେଳେ ହେଲା, ତାଙ୍କର ସବ୍‌ସ୍କ୍ରାଇବରଙ୍କ ସଂଖ୍ୟା ଥିଲା ୩୩ ହଜାର। ପ୍ରଥମେ ଏଥିରୁ ତାଙ୍କୁ ୧୪ ହଜାର ଟଙ୍କା ମିଳିଥିଲା। ଏହାପରେ ତାଙ୍କ ଚ୍ୟାନେଲ ଧୀରେ ଧୀରେ ଆଗକୁ ବଢ଼ିଲା।

ଆଜିର ସମୟରେ ତାଙ୍କ ଚ୍ୟାନେଲର ୬.୧୨ ମିଲିଅନ ସବ୍‌ସ୍କ୍ରାଇବର ଅଛନ୍ତି। କେବଳ ସେତିକି ନୁହେଁ, ଏବେ ସେ ୟୁଟ୍ୟୁବ୍‌ର ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଏହା ଯୋଗୁଁ ସେ ଝାଟିମାଟି ଘର ବଦଳରେ ଏବେ ଭଲ ଘରେ ରହୁଛନ୍ତି। ଏହାସହ ତାଙ୍କ ପରିବାରର ଜୀବନଶୈଳୀ ବି ବଦଳି ଯାଇଛି। ଏପରିକି ଭାରତର ଟପ୍ ୟୁଟ୍ୟୁବର୍‌ଙ୍କ ତାଲିକାରେ ସେ ସାମିଲ ଅଛନ୍ତି।

### ପ୍ୟାରିସ୍ ଅଲିମ୍ପିକ୍ସ

## ବାଲାଜୀଙ୍କୁ ସାଥି କଲେ ବୋପାନ୍ନା



**ନୂଆଦିଲ୍ଲୀ,୪।୬(ଏଜେନ୍ସି):** ଆଗାମୀ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଭାରତୀୟ ଅଭିଜ୍ଞ ପୁରୁଷ ଯୁଗଳ ଖେଳାଳି ରୋହନ ବୋପାନ୍ନା ତାଙ୍କ ସାଥି ଖୋଜି ପାଇଛନ୍ତି। ୪୪ ବର୍ଷୀୟ ବୋପାନ୍ନା ଅଲିମ୍ପିକ୍ସରେ ନିଜ ଦେଶର ଏନ୍ ଶ୍ରୀରାମ ବାଲାଜୀଙ୍କୁ ସହ ଟେନିସ କୋର୍ଟକୁ ଓହ୍ଲାଇବେ। ଚଳିତ ଫ୍ରେଞ୍ଚ୍ ଓପନ୍‌ରେ ବାଲାଜୀ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି ଓ ବୋପାନ୍ନାଙ୍କ ଆସ୍ଥାଭାଜନ ହୋଇଛନ୍ତି। ସର୍ବ ଭାରତୀୟ ଟେନିସ ମହାସଂଘ (ଏଆଇଟିଏ) ମଧ୍ୟ ଏ ନେଇ ବୋପାନ୍ନାଙ୍କୁ ସମର୍ଥନ ଜଣାଇବା ସହ ତାଙ୍କ ନିଷ୍ପତ୍ତିକୁ ପ୍ରଶଂସା କରିଛନ୍ତି। ଏହା ପୂର୍ବରୁ ବୋପାନ୍ନା ଏଆଇଟିଏ ଓ ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍(ଟପ୍ସ)କୁ ମେଲ୍ କରି ନିଜ ଇଚ୍ଛା ଜଣାଇଥିଲେ। ବୋପାନ୍ନା ବିଶ୍ୱ ଏଟିପି ଯୁଗଳ ମାନ୍ୟତାରେ ଚତୁର୍ଥ ସ୍ଥାନରେ ରହିଥିବା ବେଳେ ବାଲାଜୀ ୮୪ତମ ସ୍ଥାନରେ ରହିଛନ୍ତି। ଚଳିତ ଫ୍ରେଞ୍ଚ୍ ଓପନ୍ ପୁରୁଷ ଯୁଗଳ ଟୁର୍ଣ୍ଣାମେଣ୍ଟରେ ବାଲାଜୀ ଦମ୍‌ଦାର ପ୍ରଦର୍ଶନ ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ସେ ଓ ତାଙ୍କ ମେକ୍ସିକୋ ସାଥି ଏମ୍‌ଏ ରେୟେସ- ଭାରେଲା ମାର୍ଟିନେଜ ୭-୬, ୩-୬, ୬-୭ ସେଟ୍‌ରେ ଦ୍ୱିତୀୟ ସିଡ୍ ବୋପାନ୍ନା ଓ ଅଷ୍ଟ୍ରେଲିଆର ମାଥ୍ୟୁ ଏବଡେନଙ୍କଠାରୁ ପରାସ୍ତ ହୋଇଥିଲେ। ଉଲ୍ଲେଖଥାଉ କି, ବୋପାନ୍ନା ରିଓ ଅଲିମ୍ପିକ୍ସରେ ମିଶ୍ରିତ ଯୁଗଳରେ ନିଜ ଦେଶର ସାନିଆ ମିର୍ଜାଙ୍କୁ ସାଥି କରି କାଂସ୍ୟ ପଦକ ମ୍ୟାଚ୍‌ରେ ଚେକ୍ ଗଣରାଜ୍ୟ ଯୋଡି ରଡିକ ଷ୍ଟିପାନେକ ଓ ଲୁସି ହ୍ରାଡେକାଙ୍କଠାରୁ ପରାସ୍ତ ହୋଇ ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ। ଜୁନ୍ ୧୦ ସୁଦ୍ଧା ଏଟିପି/ ଡବ୍ଲ୍ୟୁଟିଏ ମାନ୍ୟତାକୁ ଭିତ୍ତି କରି ଅଲିମ୍ପିକ୍ସ ଏଣ୍ଟ୍ରିଜ ସ୍ଥିରିକୃତ ହୋଇଛି। ଜୁନ୍ ୧୯ ସୁଦ୍ଧା ଜାତୀୟ ଅଲିମ୍ପିକ୍ସ କମିଟି (ଏନ୍‌ଓସି) ଗୁଡିକ ଅନ୍ତର୍ଜାତୀୟ ଟେନିସ ମହାସଂଘ (ଆଇଟିଏଫ୍)କୁ ସେମାନଙ୍କ ଏଣ୍ଟ୍ରିଗୁଡିକ ନେଇ ନିଶ୍ଚିତ କରିବା ନିହାତି ଜରୁରୀ। ଜୁଲାଇ ୮ ସୁଦ୍ଧା ଆଇଟିଏଫ୍ କୋଟ ସ୍ଥାନଗୁଡିକ ନିଶ୍ଚିତ କରିବ।

### ଫ୍ରେଞ୍ଚ୍ ଓପନ୍ ଟେନିସ୍

# ସ୍ୱିଆଟେକ-ଗଫ୍ ସେମିଫାଇନାଲ



**ପ୍ୟାରିସ୍,୪।୬(ଏଜେନ୍ସି)**

ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ୍ ଓପନ୍ ମଙ୍ଗଳବାର ୧୦ମ ଦିବସରେ ପହଞ୍ଚିଛି। ମହିଳା ଏକକ ଟୁର୍ଣ୍ଣାମେଣ୍ଟରେ ଦୁଇ ତାରକା ଖେଳାଳି ପୋଲାଣ୍ଡରଇଗା ସ୍ୱିଆଟେକ ଓ ଆମେରିକାକୋକୋ ଗଫ୍ ପରସ୍ପରକୁ ସେମିଫାଇନାଲରେ ଭେଟିବା ସ୍ପଷ୍ଟ ହୋଇଛି। ଟପ୍ ସିଡ୍ ତଥା ଗତଥରର ଚାମ୍ପିଅନ ସ୍ୱିଆଟେକ କ୍ୱାର୍ଟର ଫାଇନାଲରେ ୫ମ ସିଡ୍ ଚେକ ଗଣରାଜ୍ୟର ମାର୍କେଟା ଭୋନ୍ଦ୍ରୋଉଶୋଭାଙ୍କୁ ୬-୦, ୬-୨ ସିଧାସଳଖ ସେଟ୍‌ରେ ଅତି ସହଜରେ ପରାସ୍ତ କରି ସେମିକୁ ଉଠିଛନ୍ତି। ଏଥର ସଫଳ ହେଲେ ସ୍ୱିଆଟେକ କ୍ୟାରିୟରର ତୃତୀୟ ଫ୍ରେଞ୍ଚ୍ ଓପନ୍ ଓ ଚତୁର୍ଥ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିବେ। ସେ ପୂର୍ବରୁ ୨୦୨୦, ୨୦୨୨, ୨୦୨୩ରେ ଫ୍ରେଞ୍ଚ୍ ଓପନ୍ ଜିତିଥିଲେ। ସେହିପରି ସେ ୨୦୨୨ରେ ୟୁଏସ୍ ଓପନ ଟାଇଟଲ ହାସଲ କରିଥିଲେ। ସେହିପରି ମଙ୍ଗଳବାର ଅନୁଷ୍ଠିତ ଅନ୍ୟଏକ ମହିଳା ଏକକ କ୍ୱାର୍ଟର ଫାଇନାଲ ମୁକାବିଲାରେ ଗଫ୍ ୪-୬, ୬-୨, ୬-୩ ସେଟ୍‌ରେ ଅଷ୍ଟମ ସିଡ୍ ଟ୍ୟୁନିସିଆ ଖେଳାଳି ଓନ୍ସ ଜାବେଉରଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲରେ ବୁଧବାର ଚତୁର୍ଥ ସିଡ୍ ଏଲିନା ରିବାକିନା ଓ ଇଟାଲୀର ଜାସମିନ ପାଓଲିନ୍ ଏବଂ ଦ୍ୱିତୀୟ ସିଡ୍ ବେଲାରୁଷର ଅରିନା ସାବାଲେଙ୍କା ଓ ୧୭ ବର୍ଷୀୟା ରୁଷିଆ ଖେଳାଳି ମୀରା ଆଣ୍ଡ୍ରିଭା ପରସ୍ପରକୁ ଭେଟିବେ।

### ସେମିରେ ସିନର, କ୍ୱାର୍ଟରରେ ଜ୍ୱେରେଭ

ଫ୍ରେଞ୍ଚ ଓପନ ପୁରୁଷ ଏକକରେ ଦ୍ୱିତୀୟ ସିଡ୍ ଖେଳାଳି ଇଟାଲୀର ଜାନିକ ସିନର ପ୍ରଥମ ଖେଳାଳି ଭାବେ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ସେ ୬-୨, ୬-୪, ୭-୬ ସେଟ୍‌ରେ ୧୦ମ ସିଡ ବୁଲଗେରିଆ ଗ୍ରିଗର ଡିମିଟ୍ରୋଭଙ୍କୁ ହରାଇ ସେମି ଟିକଟ ହାସଲ କରିଛନ୍ତି। ସେହିପରି ଚତୁର୍ଥ ସିଡ୍ ଖେଳାଳି ଜର୍ମାନୀ ଆଲେକଜାଣ୍ଡର ଜ୍ୱେରେଭ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଜ୍ୱେରେଭ ମଙ୍ଗଳବାର ଅନୁଷ୍ଠିତ ଚତୁର୍ଥ ରାଉଣ୍ଡ ମୁକାବିଲାରେ ୧୩ତମ ସିଡ୍ ଡେନ୍‌ମାର୍କର ହୋଲଗାର ରୁନ୍‌ଙ୍କୁ ୪-୬, ୬-୧, ୫-୭, ୭-୬, ୬-୨ ମାରାଥନ୍ ସେଟ୍‌ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ବିଜୟୀ ହେବାକୁ ଜ୍ୱେରେଭଙ୍କୁ ୪ ଘଣ୍ଟା ୧୧ ମିନିଟ୍ ସମୟ ଆବଶ୍ୟକ ହୋଇଥିଲା ଓ ତାଙ୍କୁ ବେଶ୍ କଷ୍ଟ କରିବାକୁ ପଡିଥିଲା। କ୍ୱାର୍ଟରରେ ସେ ଏବେ ୧୧ତମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କୁ ଭେଟିବେ।

### କ୍ୱାର୍ଟର ଫାଇନାଲରେ ବୋପାନ୍ନା-ଏବଡେନ

ଅଭିଜ୍ଞ ଭାରତୀୟ ଟେନିସ ଖେଳାଳି ରୋହନ ବୋପାନ୍ନା ଫ୍ରେଞ୍ଚ୍ ଓପନ ପୁରୁଷ ଯୁଗଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ୪୩ ବର୍ଷୀୟ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ସାଥି ମାଥ୍ୟୁ ଏବଡେନ୍ ୬-୭, ୬-୩, ୭-୬ ସେଟ୍‌ରେ ଅନ୍ୟତମ ଭାରତୀୟ ଖେଳାଳି ଏନ୍ ଶ୍ରୀରାମ ବାଲାଜୀ ଓ ମିଗୁଏଲ ଆଞ୍ଜେଲ ରେୟେସ-ଭାରେଲାଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। କ୍ୱାର୍ଟରରେ ବୋପାନ୍ନା ଓ ଏବଡେନ୍ ୧୦ମ ସିଡ୍ ବେଲଜିୟମ ଯୋଡି ସାଣ୍ଡର ଗିଲେ ଓ ଜୋରାନ ଭିଲେଗେନଙ୍କୁ ଭେଟିବେ।

### ଓହରିଲେ ଆହତ ଜୋକୋଭିଚ୍

ଡିଫେଣ୍ଡିଂ ଚାମ୍ପିଅନ ସର୍ବିୟା ଟେନିସ ସୁପରଷ୍ଟାର ନୋଭାକ ଜୋକୋଭିଚ୍ ଚଳିତ ଫ୍ରେଞ୍ଚ୍ ଓପନ ଟେନିସ ଟୁର୍ଣ୍ଣାମେଣ୍ଟରୁ ଓହରିଯାଇଛନ୍ତି। ଆଣ୍ଠୁରେ ଦେଖାଦେଇଥିବା ଆଘାତ ସମସ୍ୟା କାରଣରୁ ସେ ଏହି ନିଷ୍ପତ୍ତି ନେଇଛନ୍ତି ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ଜୋକୋଭିଚ୍ ବୁଧବାର କ୍ୱାର୍ଟର ଫାଇନାଲରେ ନରୱେର ୧୩ତମ ସିଡ୍ ଖେଳାଳି କାସ୍ପେର ରୁଡ୍‌ଙ୍କୁ ଭେଟିବାର କାର୍ଯ୍ୟକ୍ରମ ଥିଲା। ୩୭ ବର୍ଷୀୟ ଜୋକୋଭିଚ ଓହରିଯିବାରୁ ରୁଡ୍ ୱାକ୍‌ଓଭର ପାଇ ସିଧାସଳଖ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଜୋକୋଭିଚ୍‌ଙ୍କ ଡାହାଣ ଆଣ୍ଠୁର ସ୍କାନ କରାଯାଇଥିଲା। ଏଥିରେ ସେ ଆହତ ଥିବା ସ୍ପଷ୍ଟ ହୋଇଥିଲା। ଏଥର ସଫଳ ହୋଇଥିଲେ ସେ ୨୫ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ବିଶ୍ୱ ରେକର୍ଡ ସ୍ଥାପନ କରିଥାନ୍ତେ। ଜୋକୋଭିଚ୍ ଏପର୍ଯ୍ୟନ୍ତ ୩ଥର (୨୦୧୬, ୨୦୨୧, ୨୦୨୩) ଫ୍ରେଞ୍ଚ୍ ଓପନ୍ ଟାଇଟଲ ଜିତିଛନ୍ତି।

### ଇଣ୍ଡୋନେସିଆ ଓପନ୍ ବ୍ୟାଡ୍‌ମିଣ୍ଟନ

# ଦ୍ୱିତୀୟ ରାଉଣ୍ଡରେ ଲକ୍ଷ୍ୟ



**ଜାକର୍ତ୍ତା,୪।୬(ଏଜେନ୍ସି)**

ସ୍ଥାନୀୟ ଇସ୍ତୋରା ଗେଲୋରା ବୁଙ୍ଗ କାର୍ଣ୍ଣୋ ଷ୍ଟାଡିୟମରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ଇଣ୍ଡୋନେସିଆ ଓପନ୍ ସୁପର ୧୦୦୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ। ପାଖାପାଖି ୧୦ କୋଟି ୮୫ ଲକ୍ଷ ୩୫ ହଜାର ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଯୁବ ତାରକା ଲକ୍ଷ୍ୟ ସେନ୍ ପୁରୁଷ ଏକକ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଲକ୍ଷ୍ୟ ପ୍ରଥମ ରାଉଣ୍ଡ ମୁକାବିଲାରେ ଜାପାନର ୨୧-୧୨, ୨୧-୧୭ରେ ଜାପାନର କାଣ୍ଟା ସୁନେୟାମାଙ୍କୁ ମାତ୍ର ୪୦ ମିନିଟ୍‌ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଲକ୍ଷ୍ୟ ଫ୍ରେଞ୍ଚ୍ ଓପନ୍ ଓ ଅଲ୍ ଇଂଲଣ୍ଡ ଚାମ୍ପିଅନସିପ୍‌ର ସେମିଫାଇନାଲରେ ପ୍ରବେଶ କରି ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଏବେ ସେ ଦ୍ୱିତୀୟ ରାଉଣ୍ଡରେ ଅନ୍ୟତମ ଜାପାନ ଖେଳାଳି କେଣ୍ଟା ନିଶିମୋଟୋଙ୍କୁ ଭେଟିବେ। ସେହିପରି ଅନ୍ୟତମ ଭାରତୀୟ ଖେଳାଳି କିରନ ଜର୍ଜ ପୁରୁଷ ଏକକ ପ୍ରଥମ ରାଉଣ୍ଡ ମୁକାବିଲାରେ ଚୀନ୍‌ର ହଙ୍ଗ ୟାଙ୍ଗ୍ ୱେଙ୍ଗଙ୍କଠାରୁ ୨୧-୧୧, ୧୦-୨୧, ୨୦-୨୨ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଅନ୍ୟଏକ ପୁରୁଷ ଏକକ ମୁକାବିଲାରେ ପ୍ରିୟାଂଶୁ ରାଜାୱତ୍ ୨୧-୧୭, ୨୧-୧୨ ଅଭିଜ୍ଞ ଏଚ୍‌ଏସ୍ ପ୍ରଣୟଙ୍କୁ ପରାସ୍ତ କରି ବିପର୍ଯ୍ୟୟ ଘଟାଇବା ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

### ତ୍ରିଶା- ଗାୟତ୍ରୀ, ସୁମିତ-ଏନ୍ ସିକ୍କିଙ୍କ ଅଗ୍ରଗତି

ମିଶ୍ରିତ ଯୁଗଳରେ ଭାରତୀୟ ଯୋଡି ବି ସୁମିତ ରେଡ୍ଡୀ ଓ ଏନ୍ ସିକ୍କି ରେଡ୍ଡୀ ପ୍ରଥମ ରାଉଣ୍ଡରେ ଆମେରିକୀୟ ଯୋଡି ଭିନସନ ଚିଉ ଓ ଜେନିଏ ଗାଇଙ୍କୁ ୧୮-୨୧, ୨୧-୧୬, ୨୧-୧୭ରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏହି ଯୋଡି ଏବେ ଟପ୍ ସିଡ୍ ଚୀନ୍ ଯୋଡି ସି ୱେଇ ଝେଙ୍ଗ୍ ଓ ୟା କିଅଙ୍ଗ୍ ହୁଆଙ୍ଗଙ୍କୁ ଭେଟିବେ। ଅନ୍ୟପଟେ ମହିଳା ଯୁଗଳ ଇଭେଣ୍ଟରେ ଭାରତୀୟ ଯୋଡି ତ୍ରିଶା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ୨୧-୧୫, ୨୧-୧୧ରେ ଚାଇନିଜ ତାଇପେ ଯୋଡି ଚେଙ୍ଗ ୟୁ-ପେଇ ଓ ସୁନ ୟୁ-ସିଙ୍ଗଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି।

# ରିଅଲ ମାଦ୍ରିଦ୍‌ରେ ଏମ୍‌ବାପ୍ପେ ୯ ନଂ ଜର୍ସି ପିନ୍ଧିବେ



**ମାଦ୍ରିଦ୍,୪।୬(ଏଜେନ୍ସି):** ଫ୍ରାନ୍ସ ଫୁଟବଲ ସୁପରଷ୍ଟାର କିଲିଆନ ଏମ୍‌ବାପ୍ପେ ସ୍ପାନିଶ କ୍ଲବ ରିଅଲ ମାଦ୍ରିଦ୍‌ରେ ଯୋଗ ଦେଇଛନ୍ତି। ତାଙ୍କର ଏହି ନୂଆ କ୍ଲବ୍‌ରେ ୨୫ ବର୍ଷୀୟ ଏମ୍‌ବାପ୍ପେ କିନ୍ତୁ ୯ ନଂ ଜର୍ସି ପିନ୍ଧିବେ। କରିମ ବେଞ୍ଜେମାଙ୍କ ପରେ ସେ ପ୍ରଥମଥର ପାଇଁ ୯ ନଂ ଜର୍ସି ପିନ୍ଧିବେ। ବେଞ୍ଜେମା ପୂର୍ବରୁ ୨୦୨୩ରେ ସାଉଦି ପ୍ରିମିୟର ଲିଗ୍ କ୍ଲବ ଅଲ- ଇତିହାଦରେ ଯୋଗ ଦେବା ପରେ ୯ ନଂ ଜର୍ସି କୌଣସି ଖେଳାଳିଙ୍କୁ ପ୍ରଦାନ କରାଯାଇ ନଥିଲା। ଏହା ପୂର୍ବରୁ ଏମ୍‌ବାପେ ସେ ପ୍ୟାରିସ ସେଣ୍ଟ ଜର୍ମେନ (ପିଏସ୍‌ଜି) ତରଫରୁ ପ୍ରତିନିଧିତ୍ୱ କରିଥିଲେ ଓ ତାଙ୍କ ଜର୍ସି ନଂ ୭ ଥିଲା। ୯ ନଂ ଜର୍ସି ତାଙ୍କ ପାଇଁ ଭାଗ୍ୟଶାଳୀ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।

### ୫ ବର୍ଷ ରିଅଲ ମାଦ୍ରିଦ ସହିତ ଜଡିତ ରହିବେ

୧୫ଥର ଚାମ୍ପିଅନ୍ସ ଲିଗ୍ ଟାଇଟଲ ହାସଲ କରିଥିବା ଏମ୍‌ବାପ୍ପେ ଏବେ ଆଗାମୀ ୫ ବର୍ଷ ପାଇଁ ମାଦ୍ରିଦ ତରଫରୁ ଖେଳିବେ। ପିଏସ୍‌ଜିରୁ ସେ ଫ୍ରି ଟ୍ରାନ୍‌ଫର ମାଧ୍ୟମରେ ମାଦ୍ରିଦରେ ସୋମବାର ଯୋଗ ଦେଇଥିଲେ। ଦୀର୍ଘ ୭ ବର୍ଷ ପିଏସ୍‌ଜି ପାଇଁ ଖେଳିବା ପରେ ସେ ଗତ ମାର୍ଚ୍ଚ ୧୦ରେ ଦଳ ଛାଡିବେ ବୋଲି ଘୋଷଣା କରିଥିଲେ। ଆସନ୍ତାମାସ ଅର୍ଥାତ ଜୁଲାଇରେ ସେ ବିଧିବଦ୍ଧ ଭାବେ ମାଦ୍ରିଦରେ ଯୋଗ ଦେବେ। ଜୁନ୍ ୩୦ରେ ହିଁ ପିଏସ୍‌ଜି ସହିତ ତାଙ୍କ ଚୁକ୍ତି ସମାପ୍ତ ହୋଇଥିଲାର। ଏବେ ୨୦୨୪ ୟୁରୋକପ୍ ଆରମ୍ଭ ହେବା ପୂର୍ବରୁ ମାଦ୍ରିଦ ତାଙ୍କୁ ଲଞ୍ଚ୍ କରିବ।

### ପିଏସ୍‌ଜି ସହ ସୃଷ୍ଟି କରିଥିଲେ ଏକାଧିକ ରେକର୍ଡ

୨୦୧୮ ରେ ଫ୍ରାନ୍ସ ପାଇଁ ଫିଫା ବିଶ୍ୱକପ୍ ଜିତିଥିବା ଏମ୍‌ବାପ୍ପେ ପିଏସ୍‌ଜି ତରଫରୁ ପ୍ରତିନିଧିତ୍ୱ କରି ଏକାଧିକ ରେକର୍ଡ କରିଥିଲେ। ସେ ଏହି କ୍ଲବ ପାଇଁ ୬ଥର ଲିଗ୍-୧ ଓ ୪ଥର ଫ୍ରେଞ୍ଚ୍ କପ୍ ଜିତିଥିଲେ। ସେ ମଧ୍ୟ ପିଏସ୍‌ଜି ତରଫରୁ ୧୨୬ଟି ଗୋଲ୍ ସ୍କୋର କରି ସର୍ବାଧିକ ସ୍କୋରର ବିବେଚିତ ହୋଇଥିଲେ। ୨୧୪ ମିଲିଅନ ଆମେରିକୀୟ ଡଲାର ବିନିମୟରେ ସେ ପିଏସ୍‌ଜିରେ ଯୋଗ ଦେଇ ପୂର୍ବତନ ପିଏସ୍‌ଜି ସୁପରଷ୍ଟାର ନେମାର ଜୁନିୟରଙ୍କ ପରେ ବିଶ୍ୱର ଦ୍ୱିତୀୟ ଦାମୀ ଖେଳାଳି ବିବେଚିତ ହୋଇଥିଲେ। ୨୦୧୨ରୁ ମାଦ୍ରିଦ୍ ଏମ୍‌ବାପ୍ପେଙ୍କୁ ସାମିଲ କରିବା ପାଇଁ ନିରନ୍ତର ପ୍ରୟାସ କରିଆସୁଥିଲା। ଆଗାମୀ ଜୁଲାଇ-ଅଗଷ୍ଟରେ ଆୟୋଜନ ହେବାକୁ ଯାଉଥିବା ପ୍ୟାରିସ ଅଲିମ୍ପିକ୍ସ ପାଇଁ ଏମ୍‌ବାପ୍ପେ ଫ୍ରାନ୍ସ ଦଳରେ ସାମିଲ ହୋଇନାହାନ୍ତି। ଅଲିମ୍ପିକ୍ସ ଖେଳିବାକୁ ଇଚ୍ଛା ପ୍ରକାଶ କରିଥିଲେ ମଧ୍ୟ ତାଙ୍କୁ ଦଳରେ ସାମିଲ କରାଯାଇନାହିଁ।

## ହନୁମାଙ୍କୁ ମିଳିଲା ସବୁଜ ସଙ୍କେତ



**ହାଇଦରାବାଦ୍, ୪।୬ (ଏଜେନ୍ସି):** କ୍ରିକେଟର୍ ହନୁମା ବିହାରୀଙ୍କୁ ତାଙ୍କ ଘରୋଇ ରାଜ୍ୟ ଆନ୍ଧ୍ର କ୍ରିକେଟ୍ ଆସୋସିଏସନ (ଏସିଏ) ପକ୍ଷରୁ ମଙ୍ଗଳବାର ନୋ ଅବଜେସନ ସାର୍ଟିଫିକେଟ୍ (ଏନ୍‌ଓସି) ବା ଆପତ୍ତିବିହୀନ ପତ୍ର ପ୍ରଦାନ କରିଛି। ଦୁଇ ମାସ ତଳେ ହନୁମା ଏନ୍‌ଓସି ପାଇଁ ରାଜ୍ୟ କ୍ରିକେଟ୍ ସଂଘକୁ ଆବେଦନ କରିଥିଲେ। ଏବେ ତାଙ୍କୁ ଏନ୍‌ଓସି ମିଳିଯାଇଛି। ଫଳରେ ସେ ଆଗାମୀ ଘରୋଇ କ୍ରିକେଟ୍ ସିଜନରେ ଅନ୍ୟ ରାଜ୍ୟରୁ ପ୍ରତିନିଧିତ୍ୱ କରିବା ସ୍ପଷ୍ଟ ହୋଇଛି। ଯେଉଁ କ୍ରିକେଟର୍ ନିଜ ରାଜ୍ୟ ଛାଡ଼ି ଅନ୍ୟ ରାଜ୍ୟ ପକ୍ଷରୁ ଖେଳିବାକୁ ଇଚ୍ଛା ପ୍ରକାଶ କରିଥାନ୍ତି ତାଙ୍କୁ ଏହି ଏନ୍‌ଓସି ପ୍ରଦାନ କରାଯାଇଥାଏ। ଭାରତୀୟ କ୍ରିକେଟ ଦଳର ଏହି ମଧ୍ୟକ୍ରମ ବ୍ୟାଟର ଓ ଏସିଏ ମଧ୍ୟରେ ଗତ କିଛି ମାସ ହେବ ସମ୍ପର୍କରେ ତିକ୍ତତା ଦେଖାଦେଇଥିଲା। ଗତ ରଣଜୀ ଟ୍ରଫି ସମୟରେ ୩୦ ବର୍ଷୀୟ ହନୁମାଙ୍କୁ ଆନ୍ଧ୍ରପ୍ରଦେଶ କ୍ରିକେଟ୍ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଥିଲା। ଏହାପରେ ଜଣେ ଖେଳାଳିଙ୍କ ସହ ଯୁକ୍ତିତର୍କଙ୍କୁ ନେଇ ତାଙ୍କୁ ପ୍ରଥମ ମ୍ୟାଚ୍ ପରେ ଅଧିନାୟକ ପଦରୁ ହଟାଇ ଦିଆଯାଇଥିଲା। ଯେଉଁ କ୍ରିକେଟରଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା ସେହି ଖେଳାଳିଙ୍କ ପିତା ଆନ୍ଧ୍ରପ୍ରଦେଶର ଶାସକ ୱାଇଏସ୍‌ଆର୍ ପାର୍ଟିର ଜଣେ ପ୍ରଭାବୀଶାଳି ନେତା ଥିଲେ। ଏହାପରେ ହନୁମା ସମ୍ପୂର୍ଣ୍ଣ ରଣଜୀ ସିଜନ ଖେଳିସାରିବା ପରେ ଆନ୍ଧ୍ର ଦଳ ଛାଡ଼ିବା ନେଇ ଘୋଷଣା କରିଥିଲେ। ଭାରତୀୟ ଦଳ ପକ୍ଷରୁ ସେ ୧୬ ଟେଷ୍ଟ ଖେଳି ୩୩.୫୬ ହାରରେ ୮୩୯ ରନ କରିଛନ୍ତି।

**● ଚାମ୍ପିଅନ୍ସ ଲିଗ୍ ଫୁଟବଲ**

## ରିଅଲ ମାଦ୍ରିଦ୍ ସଫଳତମ ଦଳ




**ଲଣ୍ଡନ,୪।୬(ଏଜେନ୍ସି):** ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫୁଟବଲ ଲିଗ୍ ଭାବେ ପରିଗଣିତ ହେଉଥିବା ୟୁନିୟନ ଅଫ୍ ୟୁରୋପିଆନ ଫୁଟବଲ ଆସୋସିଏସନ (ୟୁଇଏଫ୍‌ଏ) ଚାମ୍ପିଅନ୍ସ ଲିଗ୍‌ରେ ଏଥର ରିଅଲ ମାଦ୍ରିଦ ଏଥର ବାଜି ମାରିଛି। ସ୍ଥାନୀୟ ୱିମ୍ବ୍ଲି ଷ୍ଟାଡିୟମରେ ଅନୁଷ୍ଠିତ ଲିଗ୍‌ର ଫାଇନାଲ ମୁକାବିଲାରେ ମାଦ୍ରିଦ୍ ୨-୦ ଗୋଲରେ ବୋରୁସିଆ ଡର୍ଟମଣ୍ଡକୁ ପରାସ୍ତ କରି ଟାଇଟଲ ହାସଲ କରିଛି। ଏଥିସହ ମାଦ୍ରିଦ ରେକର୍ଡ ୧୫ଥର ଟାଇଟଲ ଜିତି ଏହି ହାଇପ୍ରୋଫାଇଲ ଲିଗରେ ସଫଳତମ ଦଳ ବିବେଚିତ ହୋଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା ଓ ଗୋଲ ସମ୍ଭବ ହୋଇ ନଥିଲା। କିନ୍ତୁ ଦ୍ୱିତୀୟାର୍ଦ୍ଧରେ ଡର୍ଟମଣ୍ଡ ରକ୍ଷଣଭାଗକୁ ଭେଦ କରି ମାଦ୍ରିଦ ଦୁଇଟି ଗୋଲ ସ୍କୋର କରି ବାଜି ମାରିଥିଲା। ୭୪ତମ ମିନିଟ୍‌ରେ ଡାନି କାର୍ଭଜାଲ ଓ ୮୩ତମ ମିନିଟ୍‌ରେ ଭିନିସିଅସ ଜୁନିଅର ଗୋଲ ଦେଇ ମାଦ୍ରିଦ୍‌କୁ ଜିତାଇଥିଲେ। ଲିଗ୍‌ରେ ବେୟର୍ଣ୍ଣ ମ୍ୟୁନିକ୍‌ର ହାରୀ କେନ୍ ଓ ପ୍ୟାରିସ ସେଣ୍ଟ ଜର୍ମେନର କିଲିଆନ ଏମ୍‌ବାପ୍ପେ ୮ଟି ଲେଖାଏ ଗୋଲ ଦେଇ ସର୍ବାଧିକ ଗୋଲ ସ୍କୋରର ବିବେଚିତ ହୋଇଛନ୍ତି। ମାଦ୍ରିତ ଏହା ପୂର୍ବରୁ ସେମିଫାଇନାଲରେ ବେୟର୍ଣ୍ଣ ମ୍ୟୁନିକ୍‌କୁ ଏଗ୍ରିଗେଟ ୪-୩ ଗୋଲରେ ହରାଇ ଫାଇନାଲକୁ ଉଠିଥିଲା। ସେହିପରି ଡର୍ଟମଣ୍ଡ ୨-୦ରେ ଏଗ୍ରିଗେଟ୍‌ରେ ପ୍ୟାରିସ ସେଣ୍ଟ ଜର୍ମେନକୁ ହରାଇ ଫାଇନାଲ ଟିକଟ ହାସଲ କରିଥିଲା। ଏସି ମିଲାନ ୭ଥର ଟାଇଟଲ ହାସଲ କରି ଦ୍ୱିତୀୟ ଓ ବେୟର୍ଣ୍ଣ ମ୍ୟୁନିକ୍ ୬ଥର ଚାମ୍ପିଅନ ହୋଇ ତୃତୀୟ ସଫଳତମ ଦଳ ବିବେଚିତ ହେଉଛି। ପୂର୍ବରୁ ମାଦ୍ରିତ ମଧ୍ୟ ୩ଥର ରନର୍ସଅପ୍ ହୋଇଛି।

# ରାଜନୀତି ମଇଦାନରେ କ୍ରିକେଟର୍‌ଙ୍କ ବାଜିମାତ୍

**ନୂଆଦିଲ୍ଲୀ, ୪।୬ (ଏଜେନ୍ସି)**

ସବୁ କଳ୍ପନାଜଳ୍ପନାର ଅନ୍ତ ଘଟି ମଙ୍ଗଳବାର ଭାରତୀୟ ଗଣତନ୍ତ୍ର ସବୁଠୁ ବଡ଼ ପର୍ବ ସାଧାରଣ ନିର୍ବାଚନର ଫଳାଫଳ ପ୍ରକାଶ ପାଇଛି। ଏଥିରେ ଭାରତୀୟ କ୍ରିକେଟ୍ ଦଳର ଦୁଇ ପ୍ରାକ୍ତନ ଖେଳାଳି ୟୁସୁଫ୍ ପଠାନ ଓ କ୍ରିର୍ତ୍ତୀ ଆଜାଦ ସାଂସଦ ଭାବେ ବିଜୟୀ ହୋଇଛନ୍ତି। ତେବେ ଭାରତୀୟ ହକି ଦଳର ପ୍ରାକ୍ତନ ଖେଳାଳି ଦିଲ୍ଲୀପ ତିର୍କୀଙ୍କୁ ଓଡ଼ିଶାର ସୁନ୍ଦରଗଡ଼ ଲୋକସଭା ଆସନରୁ ଏବଂ ସିକ୍କିମ ବିଧାନସଭା ନିର୍ବାଚନରେ ମଇଦାନକୁ ଓହ୍ଲାଇଥିବା ଭାରତୀୟ ଫୁଟ୍‌ବଲ ଦଳର ପ୍ରାକ୍ତନ ଅଧିନାୟକ ବାଇଚୁଙ୍ଗ ଭୂଟିଆଙ୍କୁ କିନ୍ତୁ ପରାଜୟ ସାମ୍ନା କରିବାକୁ ପଡ଼ିଥିଲା। ଫଳରେ ରାଜନୀତି ମଇଦାନରେ କ୍ରିକେଟର୍‌ଙ୍କ ବାଜିମାତ୍ ହୋଇଥିବା ଚର୍ଚ୍ଚା ହେଉଛି।

### ୟୁସୁଫ ପଠାନ



ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଦଳରୁ ବରହାମପୁର ଆସନରୁ ନିର୍ବାଚନ ଲଢ଼ି ବିଜୟ ଲାଭ କରିଛନ୍ତି। ସେ କଂଗ୍ରେସର ୫ଥରର ସାଂସଦ ତଥା ଜଣାଶୁଣା ଚେହେରା ଅଧୀର ରଞ୍ଜନ ଚୌଧୁରୀଙ୍କୁ ୬୪ ହଜାରରୁ ଉର୍ଦ୍ଧ୍ୱ ଭୋଟ୍ ବ୍ୟବଧାନରେ ପରାସ୍ତ କରି ସାଂସଦ ହୋଇଛନ୍ତି। ୟୁସୁଫଙ୍କୁ ୪ଲକ୍ଷ ୨୩ ହଜାର ୪୫୧ ଭୋଟ ମିଳିଛି। ସେହିଭଳି ଅଧୀରଙ୍କ ଖାତାରେ ୩,୫୯,୩୬୭ ଭୋଟ ପଡ଼ିଛି। ୪୧ ବର୍ଷୀୟ ୟୁସୁଫ୍ ଭାରତ ପାଇଁ ୫୭ ଏକଦିବସୀୟ ଓ ୨୨ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ୨୦୦୭ ଟି-୨୦ ଓ ୨୦୧୧ ଏକଦିବସୀୟ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ସେ ସଦସ୍ୟ ରହିଥିଲେ।



### କିର୍ତ୍ତୀ ଆଜାଦ

୧୯୮୩ ବିଶ୍ୱକପ୍ ବିଜେତା ଆଜାଦ ମଧ୍ୟ ଟିଏମ୍‌ସିର ଦ୍ୱିତୀୟ ସାଂସଦ ଭାବେ ବିଜୟ ଲାଭ କରିଛନ୍ତି। ସେ ବର୍ଦ୍ଧମାନ-ଦୁର୍ଗାପୁର ଲୋକସଭା ଆସନରୁ ଲଢ଼ି ଏକ ଲକ୍ଷ ୩୭ ହଜାରରୁ ଉର୍ଦ୍ଧ୍ୱ ଭୋଟ୍ ବ୍ୟବଧାନରେ ବିଜେପିର ଦିଲ୍ଲୀପ ଘୋଷଙ୍କୁ ପରାସ୍ତ କରିଛନ୍ତି। ୬୫ ବର୍ଷୀୟ ଆଜାଦ ଭାରତ ପାଇଁ ୭ ଟେଷ୍ଟ ଓ ୨୫ ଏକଦିବସୀୟ ମ୍ୟାଚ୍ ଖେଳିଛନ୍ତି।

### ଦିଲ୍ଲୀପ ତିର୍କୀ

ଭାରତୀୟ ହକି ଦଳ ପକ୍ଷରୁ ସର୍ବାଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ଦିଲ୍ଲୀପ ତିର୍କୀଙ୍କୁ କିନ୍ତୁ ଓଡ଼ିଶାର ସୁନ୍ଦରଗଡ଼ ଲୋକସଭା ଆସନରୁ ପରାସ୍ତ ହେବାକୁ ପଡ଼ିଛି। ବିଜେଡି ଟିକଟ୍‌ରୁ ଲଢ଼ିଥିବା ୪୬ ବର୍ଷୀୟ ଦିଲ୍ଲୀପ ୧୩୮,୮୦୮ ଖଣ୍ଡ ଭୋଟରେ ବିଜେପିର ଜୁଏଲ୍ ଓରାମଙ୍କ ନିକଟରୁ ହାରିଯାଇଛନ୍ତି। ୨୦୧୨ରେ ସେ ବିଜେଡିରୁ ରାଜ୍ୟସଭାକୁ ମନୋନୀତ ହୋଇଥିବାବେଳେ ୨୦୧୪ ସାଧାରଣ ନିର୍ବାଚନରେ ଏହି ସୁନ୍ଦରଗଡ଼ ଆସନରୁ ସାଂସଦ ଭାବେ ବିଜୟ ଲାଭ କରିଥିଲେ।

### ବାଇଚୁଙ୍ଗ ଭୂଟିଆ

ବିଶ୍ୱକପ୍ ବିଜେତା ଆଜାଦ ମଧ୍ୟ ଟିଏମ୍‌ସିର ଦ୍ୱିତୀୟ ସାଂସଦ ଭାବେ ବିଜୟ ଲାଭ କରିଛନ୍ତି। ସେ ବର୍ଦ୍ଧମାନ-ଦୁର୍ଗାପୁର ଲୋକସଭା ଆସନରୁ ଲଢ଼ି ଏକ ଲକ୍ଷ ୩୭ ହଜାରରୁ ଉର୍ଦ୍ଧ୍ୱ ଭୋଟ୍ ବ୍ୟବଧାନରେ ବିଜେପିର ଦିଲ୍ଲୀପ ଘୋଷଙ୍କୁ ପରାସ୍ତ କରିଛନ୍ତି। ୬୫ ବର୍ଷୀୟ ଆଜାଦ ଭାରତ ପାଇଁ ୭ ଟେଷ୍ଟ ଓ ୨୫ ଏକଦିବସୀୟ ମ୍ୟାଚ୍ ଖେଳିଛନ୍ତି।




ସକାଳ
THE SAKALA
ବୁଧବାର
୫ ଜୁନ୍ ୨୦୨୪
www.sakalaepaper.com

# ଆୟର୍ଲାଣ୍ଡ ବିପକ୍ଷରୁ ଭାରତର ଅଭିଯାନ ଆଜି






ନ୍ୟୁୟର୍କ,୪।୬(ଏଜେନ୍ସି)

ଚଳିତ ଟି-୨୦ ବିଶ୍ୱକପ୍‌ରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବୁଧବାର ଅଭିଯାନ ଆରମ୍ଭ କରିବ। ସ୍ଥାନୀୟ ନାସାଉ କାଉଣ୍ଟି ଅନ୍ତର୍ଜାତୀୟ ଷ୍ଟାଡିୟମରେ ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ପଲ ଷ୍ଟିର୍ଲିଂଙ୍କ ଆୟର୍ଲାଣ୍ଡକୁ ଭେଟିବ। ଟି-୨୦ରେ ଆୟର୍ଲାଣ୍ଡ ଏକ ବିପଜ୍ଜନକ ଦଳ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ହୃଦୟଙ୍ଗମ କରିଥିବ। ତେଣୁ ଭାରତ ପାଇଁ ନିଶ୍ଚିତ ଭାବେ ଏହି ମ୍ୟାଚ୍‌ରେ ଚ୍ୟାଲେଞ୍ଜ ରହିଛି। ଶେଷଥର ପାଇଁ ଦୁଇ ଦଳ ୨୦୨୩ ପରସ୍ପରକୁ ଭେଟିଥିଲେ। ସବୁ ବିଭାଗରେ ଭାରତ ଅପେକ୍ଷାକୃତ ଶକ୍ତିଶାଳୀ ମନେ ହେଉଛି। ଏହି ବିଶ୍ୱକପ୍ ପରେ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡଙ୍କ କାର୍ଯ୍ୟକାଳ ଶେଷ ହେବ। ତେଣୁ ତାଙ୍କ ତତ୍ତ୍ୱାବଧାନରେ ଭାରତ ଏହି ମ୍ୟାଚ ସହ ସାରା ବିଶ୍ୱକପ୍‌ରେ ଦମ୍‌ଦାର ପ୍ରଦର୍ଶନ କରିବାକୁ ପ୍ରୟାସ କରିବ।

ଭାରତ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟି-୨୦ ମାନ୍ୟତାର ଶୀର୍ଷ ସ୍ଥାନରେ ରହିଥିବା ବେଳେ ଆୟର୍ଲାଣ୍ଡ ୧୧ତମ ସ୍ଥାନରେ ରହିଛି। ପୁଣି ଆୟର୍ଲାଣ୍ଡ ଭାରତ ବିପକ୍ଷରେ ଖେଳିଥିବା ସବୁ ୭ଟି ଯାକ ମ୍ୟାଚ୍‌ରେ ପରାସ୍ତ ହୋଇଛି। ତେଣୁ ରେକର୍ଡ ଭାରତ ସପକ୍ଷରେ ଶତ ପ୍ରତିଶତ ରହିଛି। ଭାରତ ମଧ୍ୟ ଟି-୨୦ ବିଶ୍ୱକପ୍ ଅତିକମ୍‌ରେ ୪ଥର ସେମିଫାଇନାଲରେ ପ୍ରବେଶ କରିଛି। ପୁଣି ଭାରତ ତା'ର ଗତ ୧୪ଟି ମ୍ୟାଚ୍‌ରେ ମାତ୍ର ଦୁଇଥର ପରାସ୍ତ ହୋଇଛି। ଅନ୍ୟପଟେ ଆୟର୍ଲାଣ୍ଡ ଗତ ୧୪ଟି ମ୍ୟାଚରୁ ୮ଟିରେ ପରାସ୍ତ ହୋଇଛି। ତେଣୁ ଭାରତ ଏହି ମ୍ୟାଚ୍‌ରେ ଫେବରାଇଟ ବିବେଚିତ ହେଉଛି। ପୁଣି ଜୁନ୍ ୯ରେ ଭାରତ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ରେକର୍ଡ, ଦକ୍ଷତା ଦୃଷ୍ଟିକୋଣରୁ ଭାରତ ଯଥେଷ୍ଟ ଆଗରେ ରହିଛି। ପୁଣି ଆମେରିକାର ବହୁ ବର୍ଷ ପରେ ପ୍ରଥମଥର ପାଇଁ ଖେଳିବାକୁ ଯାଉଥିବାରୁ ଭାରତ ଏହି ମ୍ୟାଚ୍‌କୁ ଆଦୌ ହାଲକା ଭାବେ ନେବ ନାହିଁ। ପାକିସ୍ତାନ ସମେତ ଆଗକୁ କେତୋଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ରହିଥିବାରୁ ଭରାତ ଏହି ମ୍ୟାଚ୍‌ରେ ପରିବେଶ ସହ ଖାପ ଖୁଆଇବା ସହ ତା'ର ପ୍ରସ୍ତୁତିକୁ ଜୋରଦାର କରିବା ଲକ୍ଷ୍ୟରେ ରହିଛି। ଭାରତୀୟ ବ୍ୟାଟିଂ ଲାଇନ ଜବରଦସ୍ତ ରହିଛି। ଫଳରେ ଭାରତ କିଭଳି ଏହି ମ୍ୟାଚ୍‌ରୁ ଅଭିଯାନ ଆରମ୍ଭ କରୁଛି ତାହା ଦେଖିବାକୁ ବାକି ରହିଲା।

ଏହି ମ୍ୟାଚ୍‌ରେ ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି, ୩୬୦ ଡିଗ୍ରୀ ବ୍ୟାଟର ସୂର୍ଯ୍ୟକୁମାର ଯାଦବ, ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା, ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା, ସ୍ପିନର କୁଲଦୀପ ଯାଦବଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଅପରକ୍ଷର ଆୟର୍ଲାଣ୍ଡର ବୋଲିଂ ଅଲରାଉଣ୍ଡର ମାର୍କ ଆଡେର, ଦ୍ରୁତ ବୋଲର ବେରୀ ମ୍ୟାକାର୍ଥୀ, ମଧ୍ୟକ୍ରମ ବ୍ୟାଟର ହ୍ୟାରୀ ଟେକ୍ଟର ଭାରତକୁ ସମସ୍ୟାରେ ପକାଇବେ ବୋଲି ଆଶା କରାଯାଉଛି।

**ଟି-୨୦ ବିଶ୍ୱକପ୍**
**ଆଜିର ମ୍ୟାଚ୍**
**ଭାରତ-ଆୟର୍ଲାଣ୍ଡ**
**ସ୍ଥାନ-ନ୍ୟୁୟର୍କ, ସମୟ-** ରାତି ୮ଟା
**- ପ୍ରସାରଣ -**
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଡିଜ୍‌ନୀ ହଟ୍‌ଷ୍ଟାର

ନାସାଉ ଷ୍ଟାଡିୟମର ଏହି ପିଚ୍ ବେଶ ସନ୍ତୁଳିତ ମନେ ହେଉଛି। ଅର୍ଥାତ ଏହି ପିଚ୍ ଉଭୟ ବ୍ୟାଟର ଓ ବୋଲରଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି କରିବ। ଟସ୍ ବିଜୟୀ ଦଳ ପ୍ରଥମେ ଫିଲ୍ଡିଂ କରିବାକୁ ପସନ୍ଦ କରିବ। ନ୍ୟୁୟର୍କ ପାଗ ବୁଧବାର ସଫା ରହିବ ବୋଲି ଆଶା କରାଯାଉଛି।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଋଷଭ ପନ୍ତ, ସଞ୍ଜୁ ସାମସନ, ଶିବମ ଦୁବେ, ରବୀନ୍ଦ୍ର ଜଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ଅର୍ଶଦୀପ ସିଂ, ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜ।

**ଆୟର୍ଲାଣ୍ଡ ଦଳ:** ପଲ୍ ଷ୍ଟିର୍ଲିଂ (ଅଧିନାୟକ), ମାର୍କ ଆଡେର, ରସ ଆଡେର, ଆଣ୍ଡ୍ରୁ ବାଲବିର୍ଣ୍ଣି, କର୍ଟିସ କାମ୍ଫର, ଗାରେଥ ଡେଲାନୀ, ଜର୍ଜ ଡକରେଲ, ଗ୍ରାହମ ହ୍ୟୁମ, ଜୋଶ ଲିଟଲ, ବେରୀ ମ୍ୟାକଗ୍ରାଥ, ନେଲ ରକ, ହ୍ୟାରୀ ଟେକ୍ଟର, ଲର୍କାନ ଟକ୍କର, ବେନ ହ୍ୱାଇଟ୍ ଓ କ୍ରେଗ୍ ୟଙ୍ଗ୍।

## ଅର୍ଦ୍ଧଶତକ ଧାରା ବଜାୟ ରଖିବା ଲକ୍ଷ୍ୟରେ କୋହଲି




**ନ୍ୟୁୟର୍କ, ୪।୬ (ଏଜେନ୍ସି):** ପ୍ରଥମ ସଂସ୍କରଣ ବିଜେତା ଭାରତୀୟ କ୍ରିକେଟ୍ ଦଳ ଚଳିତ ଟି-୨୦ ବିଶ୍ୱକପ୍‌ରେ ବୁଧବାର ଆୟର୍ଲାଣ୍ଡ ବିପକ୍ଷରୁ ଖେଳି ଅଭିଯାନ ଆରମ୍ଭ କରିବ। ଗ୍ରୁପ୍-ଏ'ର ଏହି ମ୍ୟାଚ୍ ସ୍ଥାନୀୟ ନାସାଉ କାଉଣ୍ଟି ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବ। ଏହି ମ୍ୟାଚରେ ଯଦି ତାରକା ଖେଳାଳି ବିରାଟ କୋହଲି ଭାରତ ପାଇଁ ପ୍ରଥମେ ଅର୍ଦ୍ଧଶତକ ହାସଲ କରନ୍ତି ତେବେ ଏକ ବିରଳ କୀର୍ତ୍ତିମାନକୁ ବଜାୟ ରଖିବେ। ଟି-୨୦ ବିଶ୍ୱକପ୍‌ର ୨୦୧୨ ସଂସ୍କରଣଠାରୁ ପ୍ରତି ଟି-୨୦ ବିଶ୍ୱକପ୍‌ରେ କୋହଲି ଭାରତ ପାଇଁ ପ୍ରଥମ ଅର୍ଦ୍ଧଶତକ ହାସଲ କରିଛନ୍ତି। ଅର୍ଥାତ୍ ଏହି ସମୟ ମଧ୍ୟରେ ଖେଳାଯାଇଥିବା ୫ଟି (୨୦୧୨, ୨୦୧୪, ୨୦୧୬, ୨୦୨୧, ୨୦୨୨) ଟି-୨୦ ବିଶ୍ୱକପ୍ ଉପରେ ନଜର ପକାଇଲେ ପ୍ରତି ଟୁର୍ଣ୍ଣାମେଣ୍ଟରେ ଭାରତ ପାଇଁ ପ୍ରଥମ ଅର୍ଦ୍ଧଶତକ କୋହଲିଙ୍କ ବ୍ୟାଟରୁ ଆସିଛି। ଏଥିପୂର୍ବରୁ ୨୦୦୭ ବିଶ୍ୱକପ୍‌ରେ ରବିନ ଉଥାପ୍ପା ପାକିସ୍ତାନ ବିପକ୍ଷରେ ୩୯ ବଲରେ ୫୦, ୨୦୦୯ରେ ଗୌତମ ଗମ୍ଭୀର ବାଂଲାଦେଶ ବିପକ୍ଷରେ ୪୬ ବଲରେ ୫୦ ଓ ୨୦୧୦ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ସୁରେଶ ରାଇନା ଭାରତ ପାଇଁ ପ୍ରଥମ ଅର୍ଦ୍ଧଶତକ ହାସଲ କରିଥିଲେ।

## ବଳବତ୍ତର ରହିଲା ଦୂତୀଙ୍କ ବାସନ୍ଦ

**ନୂଆଦିଲ୍ଲୀ, ୪।୬(ଏଜେନ୍ସି):** ଦୂତୀ ଚାନ୍ଦଙ୍କୁ ଆଣ୍ଟି-ଡୋପିଙ୍ଗ୍ ଡିସପ୍ଲିନାରୀ ପ୍ୟାନେଲ (ଏଡିଡିପି) ପକ୍ଷରୁ କରାଯାଇଥିବା ୪ ବର୍ଷର ବାସନ୍ଦ ବଳବତ୍ତର ରହିବ। ନିଜ ଉପରୁ ବାସନ୍ଦ ଉଠାଇବା ଲାଗି ଦୂତୀ ଆଣ୍ଟି ଡୋପିଙ୍ଗ୍ ଆପିଲ ପ୍ୟାନେଲ (ଏଡିଏପି) ନିକଟରେ ଯେଉଁ ଆବେଦନ କରିଥିଲେ ତାହା ଖାରଜ ହୋଇଯାଇଛି। ଏହା ଫଳରେ ପୂର୍ବ ନିଷ୍ପତ୍ତି ଅନୁଯାୟୀ ବାସନ୍ଦ ବ୍ୟବସ୍ଥା ଥିବାଯାଏ କୌଣସି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ନାହିଁ। ଅନୁବନ୍ଧିତ ଡ୍ରଗ୍ସ ସେବନ କରି ଧରାପଡ଼ିବା ପରେ ଗତ ଅଗଷ୍ଟ ୨୦୨୩ରେ ଡିସ୍‌ପ୍ଲିନାରୀ ପ୍ୟାନେଲ ତାଙ୍କୁ ୪ ବର୍ଷ ଲାଗି ବାସନ୍ଦ କରିଥିଲା। ଏହା ବିରୋଧରେ ସେ ଆପିଲ ପ୍ୟାନେଲ ନିକଟରେ ଆବେଦନ କରିଥିଲେ। ତାଙ୍କ ଆବେଦନକୁ ବିଚାରକୁ ନେବା ପରେ ଦୂତୀଙ୍କ ଉପରୁ ବାସନ୍ଦ ଉଠାଇବାର କୌଣସି କାରଣ ଦେଖାଯାଉନାହିଁ ବୋଲି ଆପିଲ ପ୍ୟାନେଲ ପକ୍ଷରୁ କୁହାଯାଇଥିଲା। ଯାହା ଫଳରେ ଏହି ବାସନ୍ଦ ବ୍ୟବସ୍ଥା ପୂର୍ବପରି ବଳବତ୍ତର ରହିଛି। ଦୂତୀ ୨୦୧୮ ଏସିଆନ ଗେମ୍ସରେ ୨ଟି ରୌପ୍ୟ ପଦକ ଜିତି ଦେଶକୁ ଗୌରବ ମଣ୍ଡିତ କରାଇଥିଲେ। ଏହାଛଡ଼ା ସେ ଭାରତର ପ୍ରଥମ ଆଥ୍‌ଲେଟ୍ ଭାବେ ୨୦୧୯ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ୧୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏବେ ମଧ୍ୟ ମହିଳା ୧୦୦ ମିଟର ଦୌଡ଼ରେ ସେ ଜାତୀୟ ରେକର୍ଡର ଅଧିକାରୀ। କିନ୍ତୁ ୨୦୨୨ରେ ତାଙ୍କର ୩ଥର ଭିନ୍ନ ସ୍ଥାନରୁ ଡୋପ୍ ଟେଷ୍ଟ ଲାଗି ସାମ୍ପଲ ନିଆଯାଇଥିଲା। ଏହା ମଧ୍ୟରୁ ୨ଟି ସାମ୍ପଲରେ ଟେଷ୍ଟ ପଜିଟିଭ୍ ହୋଇଥିଲା। ସେ ଶକ୍ତିବର୍ଦ୍ଧକ ଭିଟାମିନ୍ ତାଙ୍କ ଫିଜିଓଥେରାପିଷ୍ଟଙ୍କ ପରାମର୍ଶକ୍ରମେ ଖାଇଥିଲେ ବୋଲି ପ୍ୟାନେଲକୁ କହିଥିଲେ। କିନ୍ତୁ ଏପରି ଭିଟାମିନ୍ ବିଶ୍ୱରେ କେହି ବ୍ୟବହାର କରିବାକୁ ଅନୁମତି ଦେଇ ନ ଥିବା ଜଣାପଡ଼ିବା ପରେ ତାଙ୍କୁ ବାସନ୍ଦ କରାଯାଇଥିଲା। ଅଗଷ୍ଟ ୩, ୨୦୨୩ରୁ ଏହି ବାସନ୍ଦ ଲାଗୁ ହୋଇଛି।

## ନେପାଳର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ



ଡଲାସ୍,୪।୬(ଏଜେନ୍ସି)

ଚଳିତ ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣରେ ମଙ୍ଗଳବାର ୭ମ ମ୍ୟାଚ୍‌ରେ ନେପାଳ ଓ ନେଦରଲାଣ୍ଡସ ପରସ୍ପରକୁ ଭେଟିଛନ୍ତି। ସ୍ଥାନୀୟ ଗ୍ରାଣ୍ଡ ପ୍ରେଇର ଷ୍ଟାଡିୟମରେ ଟସ୍ ଜିତି ନେଦରଲାଣ୍ଡ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଛି। ନେପାଳ ପ୍ରଥମେ ବ୍ୟାଟିଂ କରି ୫୨ ରନରେ ୪ ୱିକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ଶିକାର ହୋଇଛି। ରିପୋର୍ଟ ଲେଖା ହେବା ବେଳକୁ ନେପାଳ ୧୮ ଓଭରରେ ୭ ୱିକେଟ ହରାଇ ୯୬ ରନ ସଂଗ୍ରହ କରିଛି। ଅଧିନାୟକ ରୋହିତ ପୌଡେଲ ୩୫ ଓ ଦୀପେନ୍ଦ୍ର ସିଂ ଅଇରି ୧ ରନକରି ପ୍ୟାଭିଲିଅନ ଫେରିଛନ୍ତି। ଓପନର କୁଶଲ ଭୁର୍ତ୍ତେଲ ୭, ଆସିଫ ଶେଖ ୪, ଅନିଲ ଶାହ ୧୧, କୁଶଲ ମଲ୍ଲ ୯ ରନକରି ଆଉଟ ହୋଇଛନ୍ତି। ବୋଲିଂରେ ନେଦରଲାଣ୍ଡସ ତରଫରୁ ଟିମ ପ୍ରିଙ୍ଗଲ ୩, ଲୋଗାନ ଭାନ ବିକ ଓ ପଲ ଭାନ ମିକେରେନ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଛନ୍ତି।

### ୨୦୧୪ରେ ନେପାଳ ପଦାର୍ପଣ କରିଥିଲା

ଭାରତ ଓ ଚୀନ ମଧ୍ୟରେ ହିମାଳୟର କୋଳରେ ଥିବା ଦେଶ ନେପାଳ କିନ୍ତୁ ୨୦୧୪ରେ ଟି-୨୦ ବିଶ୍ୱକପ୍‌ରେ ପଦାର୍ପଣ କରିଥିଲା। ଇତିମଧ୍ୟରେ ୧୦ ବର୍ଷ ବିତିଯାଇଛି ଓ ନେପାଳରେ କ୍ରିକେଟର ଲୋକପ୍ରିୟତା ଆଶାତୀତ ବୃଦ୍ଧି ପାଇଛି। ନେପାଳରେ ମଧ୍ୟ ପ୍ରଶଂସକମାନେ କ୍ରିକେଟକୁ ନେଇ ବେଶ୍ ପାଗଳ ରହିଛନ୍ତି। ୨୦୧୮ରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦିନିକିଆ ମାନ୍ୟତା ପ୍ରଦାନ କରିଥିଲା। ଆଇସିସି ଦିନିକିଆ ମାନ୍ୟତାରେ ନେପାଳ ଏବେ ୧୭ତମ ସ୍ଥାନରେ ରହିଛି। ସେହିପରି ଟି-୨୦ ମାନ୍ୟତାରେ ମଧ୍ୟ ୧୭ତମ ସ୍ଥାନରେ ରହିଛି। ଏକଦା ନେପାଳ ଦିନିକିଆରେ ୧୪ ଓ ଟି-୨୦ରେ ୧୧ତମ ସ୍ଥାନରେ ରହି ଶ୍ରେଷ୍ଠ ମାନ୍ୟତା ହାସଲ କରିଥିଲା।

## ଇଂଲଣ୍ଡ-ସ୍କଟଲାଣ୍ଡ ମ୍ୟାଚ୍ ବର୍ଷା ଲାଗି ବିଳମ୍ବ



ବାର୍ବାଡସ୍, ୪।୬ (ଏଜେନ୍ସି)

ଚଳିତ ଟି-୨୦ ବିଶ୍ୱକପ୍‌ରେ ମଙ୍ଗଳବାର ଇଂଲଣ୍ଡ ଓ ସ୍କଟ୍‌ଲାଣ୍ଡ ମଧ୍ୟରେ ଏଠାରେ ଖେଳାଯାଇଥିବା ଗ୍ରୁପ୍-ବି'ର ଏକ ମ୍ୟାଚ୍ ବର୍ଷା ଲାଗି ବାଧକ ହୋଇଛି। କେନିଙ୍ଗଟନ୍ ଓଭାଲରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ସ୍କଟଲାଣ୍ଡ ୬.୨ ଓଭରରେ କୌଣସି ୱିକେଟ୍ ନ ହରାଇ ୫୧ ରନ କରିଥିବାବେଳେ ବର୍ଷା ହୋଇଥିଲା। ଫଳରେ ଖେଳ ବାଧାପ୍ରାପ୍ତ ହେବା ସହ ଖବର ଲେଖା ହେଲାବେଳକୁ ଆରମ୍ଭ ହୋଇପାରି ନ ଥିଲା।

ଗ୍ରୁପ୍-ବି'ର ଏହି ମ୍ୟାଚରେ ସ୍କଟଲାଣ୍ଡ ଅଧିନାୟକ ରିଚି ବେରିଙ୍ଗଟନ ଟସ୍ ଜିତିବା ପରେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ପ୍ରତିପକ୍ଷ ଶକ୍ତିଶାଳୀ ଇଂଲଣ୍ଡ ଦଳ ସଦ୍ୟ ପାକିସ୍ତାନ ବିପକ୍ଷ ଟି-୨୦ ସିରିଜକୁ ଏକତରଫା ଭାବେ ଜିତିଥିବାରୁ ଏଠାରେ ଭଲ ପ୍ରଦର୍ଶନ କରିବ ବୋଲିଂ ଆଶା କରାଯାଉଥିଲା। କିନ୍ତୁ ସ୍କଟଲାଣ୍ଡର ଦୁଇ ଓପନର୍ ଜର୍ଜ ମୁନସୀ ଓ ମାଇକେଲ ଜୋନ୍ସ ପାୱାର-ପ୍ଲେ'ରେ ଇଂଲଣ୍ଡ ବୋଲରଙ୍କ ବିପକ୍ଷରେ ଦମ୍‌ଦାର ଆରମ୍ଭ କରିଥିଲେ। ଉଭୟ ୬.୨ ଓଭରରେ ୮ରୁ ଊର୍ଦ୍ଧ୍ୱ ହାରରେ ୫୧ ରନ ସଂଗ୍ରହ କରିଥିବାବେଳେ ବର୍ଷା ହେବାରୁ ଖେଳ ବନ୍ଦ ରହିଥିଲା। ଏହି ସମୟରେ ମୁନସୀ ୧୯ ବଲରେ ୧୮ ଓ ଜୋନ୍ସ ୨୦ ବଲରେ ୩୦ ରନ କରି ଅପରାଜିତ ରହିଥିଲେ। ଜୋନ୍ସ ତାଙ୍କ ପାଳିରେ ୩ ଚୌକା ଓ ଗୋଟିଏ ଛକା ମାରିଥିଲେ। ଇଂଲଣ୍ଡ ପକ୍ଷରୁ ମାର୍କ ଉଡ୍, ଜୋଫ୍ରା ଆର୍ଚରର ୨ ଓଭର ଲେଖାଏ ଏବଂ ମୋଇନ ଅଲି ୧.୨ ଓ କ୍ରିସ୍ ଜୋର୍ଦାନ ଗୋଟିଏ ଓଭର ବୋଲିଂ କରିଥିଲେ ମଧ୍ୟ ୱିକେଟ୍ ଶୂନ୍ୟ ରହିଥିଲେ।

ଟି-୨୦ ବିଶ୍ୱକପ୍

## ଅତିରିକ୍ତ ଟିକଟ ଜାରି କଲା ଆଇସିସି

**ଦୁବାଇ,୪।୬(ଏଜେନ୍ସି):** ଚଳିତ ଟି-୨୦ ବିଶ୍ୱକପ୍‌ର ଲୋକପ୍ରିୟତା ଦୃଷ୍ଟିରେ ରଖି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଅତିରିକ୍ତ ଟିକଟ ଜାରି କରିଛି। ଭାରତ- ପାକିସ୍ତାନ ମ୍ୟାଚ୍ ସମେତ କେତୋଟି ହାଇଭୋଲ୍ଟେଜ ମ୍ୟାଚ୍‌ର ଗୁରୁତ୍ୱକୁ ଉପଲକ୍ଷୀ କରି ଆଇସିସି ଏହି ନିଷ୍ପତ୍ତି ନେଇଛି। ଜୁନ୍ ୯ରେ ଭାରତ ଓ ପାକିସ୍ତାନ ପରସ୍ପରକୁ ନ୍ୟୁୟର୍କର ନାସାଉ ଷ୍ଟାଡିୟମରେ ଭେଟିବେ। ନ୍ୟୁୟର୍କ ସମେତ ଟେକ୍ସାସର ଗ୍ରାଣ୍ଡ ପ୍ରେଇର କ୍ରିକେଟ ଷ୍ଟାଡିୟମ ଓ ଫ୍ଲୋରିଡାର ବ୍ରୋୱାର୍ଡ କାଉଣ୍ଟି ଷ୍ଟାଡିୟମରେ ଖେଳାଯିବାକୁ ଥିବା କେତୋଟି ମ୍ୟାଚ୍ ପାଇଁ ଆଇସିସି ଅତିରିକ୍ତ ଟିକଟ ଜାରି କରିଛି। ଉଲ୍ଲେଖଥାଉ କି, ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ର ଟିକଟ ମାତ୍ର କେତେ ଘଣ୍ଟା ମଧ୍ୟରେ ବିକ୍ରି ହୋଇଥିଲା ଓ ଟିକଟ ଗୁଡିକର ଦାମ ଆଶାତୀତ ରହିଥିଲା।

## ଦୂରଦର୍ଶନରେ ଭାରତୀୟ ମ୍ୟାଚ୍‌ର ସିଧା ପ୍ରସାରଣ

**ନୂଆଦିଲ୍ଲୀ,୪।୬(ଏଜେନ୍ସି):** ଦେଶ ବିଦେଶରେ ଭାରତୀୟ କ୍ରୀଡ଼ାର ସିଧାସଳଖ ପ୍ରସାରଣ କରିବା ଲାଗି ଜାତୀୟ ଟେଲିଭିଜନ ସଂସ୍ଥା ଦୂରଦର୍ଶନ ପକ୍ଷରୁ ସ୍ଥିର କରାଯାଇଛି। ଏହି କ୍ରମରେ ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଚାଲିଥିବା ଟି-୨୦ ବିଶ୍ୱକପ୍‌ର ଭାରତ ଖେଳୁଥିବା ସମସ୍ତ ମ୍ୟାଚ୍‌ର ସିଧା ପ୍ରସାରଣ ଦୂରଦର୍ଶନ ପକ୍ଷରୁ କରାଯିବ ବୋଲି ପ୍ରସାର ଭାରତୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଗୌରବ ଦ୍ୱିବେଦୀ ସୂଚନା ଦେଇଛନ୍ତି। ଟି-୨୦ ବିଶ୍ୱକପ୍‌ରେ ଭାରତ ଜୁନ୍ ୫ରେ ଆୟର୍ଲାଣ୍ଡ, ୯ରେ ପାକିସ୍ତାନ, ୧୨ରେ ଆମେରିକା ଓ ୧୫ରେ କାନାଡା ସହ ଖେଳିବ। ଏହି ମ୍ୟାଚ୍‌ଗୁଡ଼ିକ ଭାରତୀୟ ସମୟ ରାତି ୮ଟାରୁ ଆରମ୍ଭ ହେବ। ଏହା ବ୍ୟତୀତ ଭାରତ ବିଶ୍ୱକପ୍ ପରେ ଜିମ୍ବାୱେ ଓ ଶ୍ରୀଲଙ୍କା ଗସ୍ତରେ ଯିବ। ଏହି ମ୍ୟାଚ୍ ଗୁଡିକର ସିଧାସଳଖ ପ୍ରସାରଣ ମଧ୍ୟ କରାଯିବ। ଏ ସମସ୍ତ ମ୍ୟାଚ୍ ଡିଡି ସ୍ପୋର୍ଟ୍ସ ଚ୍ୟାନେଲରେ ପ୍ରସାରିତ ହେବ।

## ଉଗାଣ୍ଡାକୁ ୧୨୫ ରନ୍‌ରେ ହରାଇଲା ଆଫଗାନିସ୍ତାନ

ଗୁୟାନା, ୪।୬ (ଏଜେନ୍ସି)




ଚଳିତ ଆଇସିସି ଟି-୨୦ ବିଶ୍ୱକପ୍‌ରେ ଆଫଗାନିସ୍ତାନ ଦମ୍‌ଦାର ବିଜୟ ସହ ଏହାର ଅଭିଯାନ ଆରମ୍ଭ କରିଛି। ମଙ୍ଗଳବାର ସ୍ଥାନୀୟ ପ୍ରୋଭିଡେନ୍ସ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ସି'ର ଏକ ମ୍ୟାଚରେ ଆଫଗାନିସ୍ତାନ ୧୨୫ ରନର ବଡ଼ ବ୍ୟବଧାନରେ ଉଗାଣ୍ଡାକୁ ହରାଇଦେଇଛି। ବାମହାତୀ ଦ୍ରୁତ ବୋଲର ଫଜଲହକ୍ ଫାରୁକି ୪ ଓଭରରେ ମାତ୍ର ୯ ରନ ବ୍ୟୟରେ ୫ ୱିକେଟ୍ ନେଇ ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏଥିସହ ଏହି ଏସୀୟ ଦେଶ ୨ ପଏଣ୍ଟ ପାଇ ଖାତା ଖୋଲିଛି।

ଏହି ଗ୍ରୁପ୍-ସି ମ୍ୟାଚରେ ଟସ୍ ଜିତି ଉଗାଣ୍ଡା ଅଧିନାୟକ ବ୍ରାଏନ ମସାବା ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇ ଆଫଗାନିସ୍ତାନ ଓପନିଂ ୱିକେଟ୍ ଭାଗୀଦାରିରେ ୮୭ ବଲରୁ ୧୫୪ ରନ ସଂଗ୍ରହ କରିଥିଲା। ଦୁଇ ଓପନର୍ ରହମନଉଲ୍ଲା ଗୁର୍‌ବାଜ ଓ ଇବ୍ରାହିମ ଜର୍ଦାନ ଅର୍ଦ୍ଧଶତକ ହାସଲ କରି ଦଳକୁ ଦୃଢ଼ ଆରମ୍ଭ ଦେଇଥିଲେ। ତେବେ ମାତ୍ର ୨ ରନ ବ୍ୟବଧାନରେ ଏହି ଦୁଇ ଖେଳାଳିଙ୍କୁ ଆଉଟ୍ କରି ଉଗାଣ୍ଡା ଯୋଡ଼ି ଭାଙ୍ଗିଥିଲା। ଗୁର୍‌ବାଜ ୪ଟି ଲେଖାଏ ଛକା ଓ ଚୌକା ସହାୟତାରେ ୪୫ ବଲରେ ୭୬ ଓ ଜର୍ଦାନ ୪୬ ବଲରେ ୭୦ ରନ କରିଥିଲେ। ଏହାପରେ ବଳକା ୫ ଓଭରରେ ଆଉ କୌଣସି ଆଫଗାନ ବ୍ୟାଟର୍ ବଡ଼ ପାଳି ଖେଳି ନ ପାରିବାରୁ ଦଳ ୫ ୱିକେଟ୍ ହରାଇ ୧୮୩ ରନ କରିବାକୁ ସମର୍ଥ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ନବୀ ୧୪ ଓ ଅଧିନାୟକ ରଶିଦ ଖାନ ୨ ରନ କରି ଅପରାଜିତ ରହିଥିଲେ। ଗୁଲାବଦିନ ନବି ୪ ଓ ଆଜମତୁଲ୍ଲା ଓମାରଜାଇ ୫ ରନ କରି ଆଉଟ୍ ହୋଇଥିଲେ। ବୋଲିଂରେ ଉଗାଣ୍ଡା ପାଇଁ କୋସମାସ୍ କେୟୁତା ଓ ଅଧିନାୟକ ବ୍ରାଏନ ମାସବା ୨ଟି ଲେଖାଏ ୱିକେଟ୍ ନେଇଥିଲେ।

### ଫାରୁକିଙ୍କ ବିଧ୍ୱଂସୀ ବୋଲିଂ

ଜବାବରେ ୧୮୪ ରନର ଏକ ଚ୍ୟାଲେଞ୍ଜପୂର୍ଣ୍ଣ ଲକ୍ଷ୍ୟକୁ ପିଛା କରିଥିବା ଉଗାଣ୍ଡା ବାମହାତୀ ଦ୍ରୁତ ବୋଲର ଫଜଲହକ୍ ଫାରୁକିଙ୍କୁ ବିଧ୍ୱଂସୀ ବୋଲିଂକୁ ସାମ୍ନା କରି ନ ପାରି ୧୬ ଓଭରରେ ମାତ୍ର ୫୮ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ କେବଳ ଦୁଇ ଜଣ ଖେଳାଳି ରିଆଜତ୍ ଅଲି ଶାହ (୧୧ ରନ) ଓ ରବିନସନ ଓବୁୟା (୧୪) ଦୁଇଅଙ୍କ ଛୁଇଁପାରିଥିଲେ। ଫାରୁକି ୪ ଓଭରରେ ୯ ରନ ଦେଇ ୫ ୱିକେଟ୍ ସଫଳତା ପାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନବୀନ ଉଲ୍ ହକ୍ ଓ ରଶିଦଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA